# ଧରିତ୍ରୀ
# DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧୦/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, January 10/2023 | Page 16 | ₹ 7.00

୪୯ଶ ଭାଗ ୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 48 | ମୂଲ୍ୟ ₹୭/-




**ଅଟୋ-ଟ୍ରକ୍ ଧକ୍କା: ୭ ମୃତ**

ବିହାର କଟିହାରରେ ଟ୍ରକ୍ ସହିତ ଅଟୋ ଧକ୍କା ହେବା ଫଳରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଓ ୨ ଜଣ ମହିଳା ସାମିଲ ଅଛନ୍ତି। ଅଟୋଟି ଖେରିଆରୁ କଟିହାର ଅଭିମୁଖେ ଯାଉଥିବାବେଳେ ନିୟନ୍ତ୍ରଣ ହରାଇ ସାମ୍ନାକୁ ଆସୁଥିବା ଟ୍ରକ୍ ସହ ପିଟି ହୋଇଥିଲା। ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ଥିବାବେଳେ ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ମାଟିରେ ମିଶିଲା ୫ ମହଲା କୋଚିଂ ସେଣ୍ଟର

**ଜୟପୁର, ୯।୧:** ରାଜସ୍ଥାନ ଜୟପୁର ଉନ୍ନୟନ ପରିଷଦ (ଜେଡିଏ) ସୋମବାର ଏକ ୫ ମହଲା ବିଶିଷ୍ଟ କୋଚିଂ ସେଣ୍ଟର ବିଲ୍ଡିଂକୁ ଭାଙ୍ଗି ମାଟିରେ ମିଶାଇଦେଇଛି। କୋଚିଂ ସେଣ୍ଟରକୁ ବେଆଇନ୍ ଭାବେ ନିର୍ମାଣ କରାଯାଇଥିବାରୁ ଜେଡିଏ ପକ୍ଷରୁ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ଦିଆଯାଇଥିବା କୁହାଯାଇଛି। ପୂର୍ବରୁ ଏ ନେଇ ବିଲ୍ଡିଂ ମାଲିକ ଅନିଲ ଅଗ୍ରୱାଲ, କୋଚିଂ ସେଣ୍ଟର ଅପରେଟର ସୁରେଶ ଡାକା, ଭୂପେନ୍ଦ୍ର ସରନ, ଧର୍ମେନ୍ଦ୍ର ଚୌଧୁରୀଙ୍କୁ ନୋଟିସ କରାଯାଇଥିଲା। କିନ୍ତୁ ସେମାନଙ୍କଠାରୁ ସନ୍ତୁଷ୍ଟଜନକ ଉତ୍ତର ନ ମିଳିବା ଯୋଗୁ ପରିଷଦ ପକ୍ଷରୁ କୋଚିଂ ସେଣ୍ଟର ଭାଙ୍ଗିବା ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପକ୍ଷେ ରାଜ୍ୟରେ ଗ୍ରେଡ୍-୨ ଶିକ୍ଷକ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ କୋଚିଂ ସେଣ୍ଟର ଅପରେଟର୍ଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଏ ମାମଲାରେ ମୋଟ ୫୫ ଜଣଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୭ ଜଣ ପରୀକ୍ଷାର୍ଥୀ ରହିଛନ୍ତି।

### ସ୍ତ୍ରୀଙ୍କୁ ହତ୍ୟା ପରେ ଆତ୍ମହତ୍ୟା କଲେ ଯବାନ

**ଚଣ୍ଡିଗଡ଼, ୯।୧:** ପଞ୍ଜାବ ଫିରୋଜପୁରରେ ରହୁଥିବା ଆର୍ମି ଲ୍ୟୁଟନାଣ୍ଟ କୋଲୋନେଲ ନିଶାନ୍ତ ତାଙ୍କ ସ୍ତ୍ରୀ ଡିମ୍ପଲଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନିକଟରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ କଳିଗୋଳ ଲାଗି ରହିଥିବାବେଳେ ଏ ନେଇ ସେମାନଙ୍କର କାଉନ୍ସେଲିଂ ଚାଲିଥିଲା ବୋଲି ନିଶାନ୍ତ ନୋଟ୍ରେ ଉଲ୍ଲେଖ କରିଛନ୍ତି। ସ୍ଥାନୀୟ ପୋଲିସ ଓ ଆର୍ମି ପକ୍ଷରୁ ଘଟଣାର ତଦନ୍ତ ଚାଲିଛି।

### ଗୁଟ୍ଖା ପାଉଚ୍ରୁ ମିଳିଲା ୪୦ ହଜାର ଡଲାର

**କୋଲକାତା,୯।୧:** କୋଲକାତା ବିମାନବନ୍ଦରରେ ସୀମାଶୁଳ୍କ ଅଧିକାରୀମାନେ ସିଲ୍ ହୋଇଥିବା ଶତାଧିକ ଗୁଟ୍ଖା ପାଉଚ୍ରୁ ୪୦ ହଜାର ଡଲାର (ପ୍ରାୟ ୩୨ ଲକ୍ଷ ଟଙ୍କା) ଜବତ କରିଛନ୍ତି। ଅଫିସରମାନେ ଗୁଟ୍ଖା ଜରି ଖୋଲୁଥିବାବେଳେ ସେଥିରୁ ୧୦ ଡଲାର ଲେଖାଏ ବାହାରୁଥିବାର ଭିଡିଓ ସାମ୍ନାକୁ ଆସିଛି। ସେଗୁଡ଼ିକୁ ଭାଙ୍ଗି ସ୍ୱଚ୍ଛ ପ୍ଲାଷ୍ଟିକ୍ରେ ଗୁଡ଼ାଯାଇ ପାନ ମସଲା ପାଉଚ୍ରେ ସିଲ୍ କରାଯାଇଥିଲା। ଏକ ବଡ଼ ଟ୍ରଲିବ୍ୟାଗରେ ଏହି ଗୁଟ୍ଖା ପ୍ୟାକେଟ ଆସିଥିଲା। ଏୟାର ଇଣ୍ଟେଲିଜେନ୍ସ ୟୁନିଟ୍ ଅଫିସରଙ୍କଠାରୁ ସୂଚନା ପାଇ କୋଲକାତା ସୀମାଶୁଳ୍କ ବିଭାଗ ଅଧିକାରୀମାନେ ଯାତ୍ରୀଜଣକୁ ପିଛା କରିଥିଲେ। ସେ ଏତେ ପରିମାଣରେ ଡଲାର ଲୁଚାଇ ବ୍ୟାଙ୍କକ୍ ନେବାକୁ ଉଦ୍ୟମ କରୁଥିଲେ।

### ଟ୍ରେନ୍ରେ କଟିଗଲା ମହିଳାଙ୍କ ଦୁଇ ଗୋଡ଼

**ସୁଲତାନପୁର, ୯।୧:** ଉତ୍ତର ପ୍ରଦେଶ କୋଟ୍ୱାଲିରେ ମହିଳାଙ୍କ ଉପରେ ଟ୍ରେନ୍ ଚଢ଼ିଯିବା କାରଣରୁ ତାଙ୍କ ଦୁଇଗୋଡ଼ କଟିଯାଇଛି। ୪୦ ବର୍ଷୀୟା ସତନା ନିଶାଦ ରେଳଧାରଣା ପାର୍ ହେଉଥିବାବେଳେ ଟ୍ରେନ୍ ତାଙ୍କ ଉପାର ଚଢ଼ିଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘନ କୁହୁଡ଼ି ଯୋଗୁ ରେଳଧାରଣାରେ ଟ୍ରେନ୍ ଆସୁଥିବାର ସେ ଦେଖିପାରି ନ ଥିବା ପୋଲିସ କହିଛି।

# ସରକାରଙ୍କ ଉଦାସୀନତା ଦାୟୀ

## ୨୦୦୧ରେ ସତର୍କ କରାଯାଇଥିଲା: ବିଶେଷଜ୍ଞ



ଜୋଷୀମଠରେ ଫାଟ

**ନୂଆଦିଲ୍ଲୀ,୯।୧**

ଜୋଷୀମଠ ଓ ଏହାର ଆଖପାଖ ଅଞ୍ଚଳ ବିପଦପୂର୍ଣ୍ଣ ଜୋନ୍ରେ ଥିବା ନେଇ ଉତ୍ତରାଖଣ୍ଡ ସରକାରଙ୍କୁ ୨୦୦୧ରେ ରିପୋର୍ଟ ଦିଆଯାଇଥିଲା ବୋଲି ପରିବେଶ ବିଜ୍ଞାନୀ ଚଣ୍ଡି ପ୍ରସାଦ ଭଟ୍ଟ କହିଛନ୍ତି। ରିମୋଟ୍ ସେନ୍ସିଂ ଏବଂ ଜିଓଗ୍ରାଫିକ୍ ଇନ୍ଫର୍ମେଶନ ସିଷ୍ଟମ୍ (ଜିଆଇଏସ୍) ବ୍ୟବହାର କରାଯାଇ ଏହି ଅଧ୍ୟୟନ ହୋଇଥିଲା। ଏଥିରେ ନ୍ୟାଶନାଲ ରିମୋଟ ସେନ୍ସିଂ ଏଜେନ୍ସି ସମେତ ୧୨ଟି ପ୍ରମୁଖ ବିଜ୍ଞାନ ସଂଗଠନ ସାମିଲ ହୋଇଥିଲେ। ଜୋଷୀମଠର ୧୨୪.୫୪ ବର୍ଗ କିଲୋମିଟର ଅଞ୍ଚଳକୁ ଜୋନ୍ ଅନୁଯାୟୀ ମ୍ୟାପିଙ୍ଗ୍ କରାଯାଇଥିଲା ଏବଂ ଏହାର ୯୯ ପ୍ରତିଶତ ଅଞ୍ଚଳ ଭୂସ୍ଖଳନ ପ୍ରବଣ ବୋଲି ସତର୍କ କରିଦିଆଯାଇଥିଲା। ସେଥିରୁ ୩୯ ପ୍ରତିଶତ ସବୁଠୁ ବିପଜ୍ଜନକ ଜୋନ୍ରେ ଥିବାବେଳେ ୨୮ ପ୍ରତିଶତ ମଧ୍ୟମ ଓ ୨୯ ପ୍ରତିଶତ କମ୍ ବିପଦପୂର୍ଣ୍ଣ ବୋଲି ଦର୍ଶାଯାଇଥିଲା। ତେବେ ସରକାରୀ ଉଦାସୀନତା ଯୋଗୁ ଉକ୍ତ ଅଞ୍ଚଳର ସୁରକ୍ଷା ଲାଗି କୌଣସି ପଦକ୍ଷେପ ନିଆଯାଇପାରି ନ ଥିଲା। ୨୦୧୩ରେ କେଦାରନାଥରେ ପ୍ରଳୟଙ୍କର ବର୍ଷାରେ ବହୁ ଲୋକଙ୍କ ଜୀବନ ଯିବା ପରେ ସରକାର ସମାଲୋଚିତ ହୋଇଥିଲେ। ସରକାର ଯଦି କାର୍ଯ୍ୟ ନ କରନ୍ତି, ତେବେ ଅଧ୍ୟୟନ ପରେ ଅଧ୍ୟୟନ କରାଗଲେ ମଧ୍ୟ କିଛି ଫଳ ହେବ ନାହିଁ ବୋଲି ଭଟ୍ଟ କହିଛନ୍ତି।

ବୃହତ୍ ଉନ୍ନୟନମୂଳକ ପ୍ରକଳ୍ପ ଯୋଗୁ ଉତ୍ତରାଖଣ୍ଡ ଜୋଷୀମଠ ଭୂମି ଦବୁଥିବା କୁହାଯାଉଛି। ତେବେ ସରକାର ପୂର୍ବ ରିପୋର୍ଟଗୁଡ଼ିକୁ ଅଣଦେଖା କରିଥିଲେ ବୋଲି ବିଶେଷଜ୍ଞମାନେ କହିଛନ୍ତି। ହିମାଳୟ ଅଞ୍ଚଳରେ ଅବସ୍ଥିତ ଏହି ସହରର ବିଭିନ୍ନ ଘରେ ଓ ରାସ୍ତାରେ ବିଶାଳ ଫାଟ ସୃଷ୍ଟି ହେବା ପରେ ବିଶେଷଜ୍ଞମାନେ ଏହାର କାରଣ ଖୋଜିବାରେ ଲାଗିପଡ଼ିଛନ୍ତି। ଜୋଷୀମଠ ଦବିବା ନେଇ ବହୁ ଦଶନ୍ଧି ପୂର୍ବରୁ ସତର୍କ କରାଯାଇଥିଲା। ଜଳରସାୟନ ଅଧ୍ୟୟନରୁ ସହର ଦବିବା ସମ୍ପର୍କରେ ମୂଳ ତଥ୍ୟ ଜାଣିବାରେ ସହାୟକ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଗତବର୍ଷଠାରୁ ଜୋଷୀମଠରେ ଫାଟ ଦେଖାଦେଲାଣି। ଡେରାଡୁନ୍ର ୱାଡିଆ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହିମାଳୟାନ ଜିଓଲୋଜିର ଭୂତତ୍ତ୍ୱବିଜ୍ଞାନୀ ଡ. ମନୀଷ ମେହେଟ୍ଟାଙ୍କ କହିବା ଅନୁଯାୟୀ ୧୯୭୬ରେ ପ୍ରକାଶିତ ଜୋଷୀମଠ ରିପୋର୍ଟରେ କୁହାଯାଇଥିଲା ପର୍ବତ ଉପରୁ ଖସିଥିବା ମାଟି ଓ ଶିଳାଖଣ୍ଡରେ ଜୋଷୀମଠ ଗଠିତ ହୋଇଛି। ସେହି ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ନ କରିବାକୁ ମିଶ୍ର କମିଟି ରିପୋର୍ଟରେ କୁହାଯାଇଥିଲା। ଏକାଦଶ ଏବଂ ଦ୍ୱାଦଶ ଶତାବ୍ଦୀରେ ଜୋଷୀମଠ ପ୍ରତିଷ୍ଠା ହୋଇଥିଲା। ଏହା ଦୁଇଟି ଡ୍ରେନେଜ୍ ଏଟି କମ୍ପାନୀ ନାଲା ଏବଂ ସିଙ୍ଗଧର ନାଲା ମଧ୍ୟଭାଗରେ ଅବସ୍ଥିତ। ଏହା ତଳେ ଧୂଳି ଓ ଭଗ୍ନାବଶେଷ ରହିଛି। ଏଥିସହିତ ସେଠାରେ କାଦୁଅ ଥିବାରୁ ବହୁବର୍ଷ ପୂର୍ବେ ଏହାର ମାଟି ତଳେ ଗ୍ଲାସିୟର ଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି। ଜୋଷୀମଠ ସହର ଉପଯୁକ୍ତ ଯୋଜନାରେ ନିର୍ମାଣ ହୋଇ ନ ଥିବାରୁ ସେଠାରେ ଡ୍ରେନେଜ୍ ବ୍ୟବସ୍ଥା ନାହିଁ। ଏନ୍ଟିପିସି ସୁଡଙ୍ଗ ମାଟି ଦବିବାର କାରଣ ହୋଇପାରେ ବୋଲି ଚର୍ଚ୍ଚା ହେଉଥିବାବେଳେ ଜିଏସ୍ଆଇ, ଆଇଆଇଟି ରୁର୍କୀ, ଡବ୍ଲ୍ୟୁଆଇଏଚ୍ଜିର ବିଶେଷଜ୍ଞମାନେ ଏନେଇ କୌଣସି ମନ୍ତବ୍ୟ ଦେଇନାହାନ୍ତି।

### ବିପଦସଙ୍କୁଳ ବିଲ୍ଡିଂ ଚିହ୍ନଟ କଲା ପ୍ରଶାସନ

ଉତ୍ତରାଖଣ୍ଡ ଚମୋଲି ଜିଲାର ଜୋଷୀମଠରେ ଜିଲା ପ୍ରଶାସନ ପକ୍ଷରୁ ବିଦପସଙ୍କୁଳ ବିଲ୍ଡିଂ ଚିହ୍ନଟ କରାଯାଇ ସେଗୁଡ଼ିରେ ନାଲିଛକି ଚିହ୍ନ ଦିଆଯାଇଛି। ଯେଉଁ କୋଠାରେ ରହିବା ବିପଜ୍ଜନକ ସେଠାକାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସିନ୍ଧି ଗାନ୍ଧୀନଗର ଏବଂ ମନୋହର ବାଗର କିଛି ବିଲ୍ଡିଂକୁ ବିପଦସଙ୍କୁଳ ବୋଲି ଚିହ୍ନଟ କରାଯାଇଥିବା ଜିଲାପାଳ ହିମାଂଶୁ ଖୁରାନା କହିଛନ୍ତି। ଘର କାନ୍ଥ ଫାଟିବା ଏବଂ ରାସ୍ତା ମାଟି ତଳକୁ ଧସେଇ ହେବା ଯୋଗୁ ଜୋଷୀମଠକୁ ଭୂସ୍ଖଳନ ପ୍ରବଣ ଜୋନ୍ ଭାବେ ଘୋଷଣା କରାଯାଇଛି। ଜୋଷୀମଠ ସ୍ଥିତି ଉପରେ କେନ୍ଦ୍ର ସରକାରଙ୍କ ନଜର ରହିଛି। ଦେଶର ପ୍ରମୁଖ ୭ ଅର୍ଗାନାଇଜେଶନ୍ର ଏକ୍ସପର୍ଟମାନଙ୍କୁ ନେଇ ଏକ ଟିମ୍ ଗଠନ କରିଛି କେନ୍ଦ୍ର, ଯାହା ଜୋଷୀମଠର ସ୍ଥିତି ସମୀକ୍ଷା କରିବ।

#### ସବୁ ପ୍ରୋଜେକ୍ଟ ବନ୍ଦ କରିବାକୁ କଂଗ୍ରେସର ଦାବି

ଅନ୍ୟପକ୍ଷେ ଜୋଷୀମଠକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବା ସହ ସହରରେ ଚାଲିଥିବା ସମସ୍ତ ନିର୍ମାଣାଧୀନ ପ୍ରୋଜେକ୍ଟକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଛି ବିରୋଧୀ କଂଗ୍ରେସ। ଜୋଷୀମଠ ସ୍ଥିତିକୁ ନେଇ ସାରା ଦେଶ ଚିନ୍ତିତ ଥିବା କଂଗ୍ରେସ ସଭାପତି ମଲିକାର୍ଜ୍ଜୁନ ଖାର୍ଗେ କହିଛନ୍ତି।



### କୁଇନ୍ କନସର୍ଟ କାମିଲା ଜଣେ ଭିଲେନ: ହ୍ୟାରି



କାମିଲା

**ମାଡ୍ରିଡ୍, ୯।୧**

ବ୍ରିଟେନ୍ ରାଜକୁମାର ହ୍ୟାରି ନିଜର ଅଟୋବାୟୋଗ୍ରାଫି 'ସ୍ପେୟାର'ରେ ସାବତ ମା' ତଥା ବ୍ରିଟେନ୍ର କୁଇନ୍ କନସର୍ଟ କାମିଲାଙ୍କୁ ଭିଲେନ ବୋଲି କହିଛନ୍ତି। ହ୍ୟାରି ଓ ତାଙ୍କ ବଡ଼ଭାଇ ୱିଲିୟମ୍ ବର୍ତ୍ତମାନର ରାଜା ଚାର୍ଲ୍ସତୃତୀୟଙ୍କୁ କାମିଲାଙ୍କୁ ବିବାହ ନ କରିବାକୁ ଅନୁରୋଧ କରିଥିଲେ। ହ୍ୟାରିଙ୍କ ମା' ଡାଏନାଙ୍କ ମୃତ୍ୟୁ ପରେ କାମିଲା ଚାର୍ଲ୍ସଙ୍କୁ ବାହା ହେବା ଲାଗି ଷଡ଼ଯନ୍ତ୍ର କରିଥିଲେ। କିଙ୍ଗ୍ ଚାର୍ଲ୍ସ, ୱିଲିୟମ୍ ଓ ପରିବାରକୁ ଭଲପାଇବା ସହ ଭବିଷ୍ୟତରେ ସେମାନେ ଏକାଠି ହେବେ ବୋଲି ହ୍ୟାରି ଆଶା ରଖିଥିବା କହିଛନ୍ତି।

### ଇରାନ୍ରେ ଆଉ ୩ଙ୍କୁ ଫାଶୀ

**ତେହେରାନ, ୯।୧**

ଇରାନ ହିଜାବ ବିରୋଧୀ ଆନ୍ଦୋଳନର ଆଉ ତିନି ସମର୍ଥକଙ୍କୁ ଫାଶୀଦଣ୍ଡ ଦିଆଯାଇଛି। ଆନ୍ଦୋଳନ ସମୟରେ ତିନି ସୁରକ୍ଷାକର୍ମୀଙ୍କୁ ହତ୍ୟା କରିଥିବା ଅଭିଯୋଗ ସେମାନଙ୍କ ବିରୋଧରେ ଥିଲା। ଇରାନର ମହସା ଅମିନି ଠିକ୍ ଭାବେ ହିଜାବ ପିନ୍ଧି ନ ଥିବାରୁ ତାଙ୍କୁ ଇରାନ୍ର ରକ୍ଷଣଶୀଳ ପୋଲିସ ଗିରଫ କରିଥିଲା। ପରେ ହାଜତରେ ଅମିନିଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ବିରୋଧ କରି ଦେଶରେ ଜନ ଆନ୍ଦୋଳନ ଆରମ୍ଭ ହୋଇଥିଲା। ତିନିମାସ ଧରି ଏହି ଆନ୍ଦୋଳନ ଚାଲିଥିଲା। ହିଜାବ ବିରୋଧୀ ଆନ୍ଦୋଳନ ସମର୍ଥକଙ୍କୁ ଦିଆଯାଉଥିବା ମୃତ୍ୟୁଦଣ୍ଡକୁ ପୋପ୍ ଫ୍ରାନ୍ସିସ୍ ନିନ୍ଦା କରିଛନ୍ତି। ପୋପ୍ କହିଛନ୍ତି ଯେଉଁ ଦେଶରେ ଲୋକଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉଛି, ସେଠାରେ ସାଧାରଣ ନାଗରିକଙ୍କ ଜୀବନ ବିପଦରେ।

# ଅଭିଭାଷଣ ଅଧାରୁ ରାଜ୍ୟପାଳଙ୍କ କକ୍ଷତ୍ୟାଗ

**ଚେନ୍ନାଇ,୯।୧**



ଆର୍.ଏନ୍. ରବି



ଏମ୍.କେ. ଷ୍ଟାଲିନ୍

ତାମିଲନାଡୁ ବିଧାନସଭାରେ ସୋମବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ରାଜ୍ୟପାଳ ଓ ସରକାରଙ୍କ ମଧ୍ୟରେ ବିବାଦ ତୀବ୍ରତର ହୋଇଥିଲା। ସରକାରଙ୍କ ପ୍ରସ୍ତୁତ ଅଭିଭାଷଣକୁ ସାଧାରଣତଃ ରାଜ୍ୟପାଳ ବିଧାନସଭାରେ ପଢ଼ିଥାନ୍ତି। କିନ୍ତୁ ରାଜ୍ୟପାଳ ଆର୍.ଏନ୍. ରବି ଉକ୍ତ ଅଭିଭାଷଣକୁ ବାଦ୍ ଦେଇ ନିଜ ମନରୁ ଭାଷଣ ଦେବାରୁ ଏହା ବିରୋଧରେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପ୍ରସ୍ତାବ ଆଣିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରାଜ୍ୟପାଳ ଅଭିଭାଷଣ ଅଧାରୁ କକ୍ଷତ୍ୟାଗ କରିଥିଲେ। ରାଜ୍ୟପାଳ ସରକାରୀ ପ୍ରସ୍ତୁତ ଭାଷଣରୁ ଯେତିକି ପଢ଼ିଛନ୍ତି, କେବଳ ସେତିକିକୁ ବିଧାନସଭାରେ ରେକର୍ଡ କରିବାକୁ ଓ ନିଜ ମନରୁ ଯାହା କହିଛନ୍ତି, ତାହାକୁ ବାଦ୍ ଦେବା ଲାଗି ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ପ୍ରସ୍ତାବ ଆଣିଥିଲେ ଏବଂ ବିଧାନସଭାରେ ଏହା ଗୃହୀତ ହୋଇଥିଲା। ବିରୋଧୀ ଦଳ ଏଆଇଏଡିଏମ୍କେ, ଭାଜପାକୁ ବାଦ୍ ଦେଇ ଡିଏମ୍କେ ଏବଂ ଏହାର ସହଯୋଗୀ କଂଗ୍ରେସ, ଭିସିକେ, ଏମ୍ଡିଏମ୍କେ, ବାମଦଳ, ଏମ୍ଏମ୍କେ, ଟିଭିକେ ପ୍ରସ୍ତାବକୁ ସମର୍ଥନ କରିଥିଲେ।

- ତାମିଲନାଡୁ ବିଧାନସଭାରେ ଅଭାବନୀୟ ଦୃଶ୍ୟ
- ସରକାରଙ୍କ ପ୍ରସ୍ତୁତ ଭାଷଣକୁ ବାଦ୍ ଦେଇଥିଲେ ରାଜ୍ୟପାଳ
- ତାଙ୍କ ବିରୋଧରେ ପ୍ରସ୍ତାବ ଆଣିଥିଲେ ମୁଖ୍ୟମନ୍ତ୍ରୀ

ରାଜ୍ୟପାଳ ବିଧାନସଭାରେ ପାଖାପାଖି ୫୦ ମିନିଟ ଭାଷଣ ଦେଇଥିଲେ। ତାଙ୍କ ଭାଷଣର ତାମିଲ ଭର୍ସନକୁ ବାଚସ୍ପତି ପଢ଼ିଥିଲେ। ସରକାର ରାଜ୍ୟପାଳଙ୍କ ପାଖକୁ ଠିଠା ଅଭିଭାଷଣ ପଠାଇଥିଲେ ଏବଂ ଏହାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିଲେ। ଏହା ଛପାଯାଇ ସବୁ ସଦସ୍ୟଙ୍କ ଟାବ୍ରେ ରଖାଯାଇଥିଲା ଏବଂ ଯେଉଁମାନେ ହାର୍ଡକପି ଚାହିଁଥିଲେ, ସେମାନଙ୍କୁ ଯୋଗାଇ ଦିଆଯାଇଥିଲା। ସରକାରଙ୍କ ଦ୍ରାବିଡୀୟ ମଡେଲ୍ ନୀତିରେ ବିରୋଧୀ ରାଜ୍ୟପାଳଙ୍କ କାର୍ଯ୍ୟ ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ କହିଛନ୍ତି। ଆମେ ବିଧାନସଭାର ନୀତିନିୟମକୁ ଅନୁପାଳନ କରିଥିଲୁ ଏବଂ ରାଜ୍ୟପାଳଙ୍କ ଭାଷଣ ଆରମ୍ଭରୁ ବିରୋଧ କରି ନ ଥିଲୁ। ସାମ୍ବିଧାନିକ ନିୟମ ଅନୁଯାୟୀ ଗୃହକୁ ଉଦ୍ବୋଧନ ଦେବାକୁ ଆସୁଥିବା ରାଜ୍ୟପାଳଙ୍କ ପ୍ରତି ଶାସକ ଦଳର ପୂର୍ଣ୍ଣ ସମ୍ମାନ ରହିଛି। ତେବେ ରାଜ୍ୟପାଳ ସରକାର ପ୍ରସ୍ତୁତ ଭାଷଣକୁ ନ ପଢ଼ିବା ଦୁଃଖଦାୟକ ଓ ବିଧାନସଭା ପରମ୍ପରାର ଉଲ୍ଲଂଘନ ବୋଲି ଷ୍ଟାଲିନ୍ କହିଛନ୍ତି।

### ବ୍ୟାଙ୍କ ଋଣ ଜାଲିଆତି

## କୋଚ୍ଚର ଦମ୍ପତିଙ୍କୁ ଜାମିନ ଦେଲେ ହାଇକୋର୍ଟ

**ନୂଆଦିଲ୍ଲୀ,୯।୧**

ଭିଡିଓକନ୍ ଗ୍ରୁପ୍ ଅଫ୍ କମ୍ପାନୀକୁ ଋଣ ପ୍ରଦାନରେ ଜାଲିଆତି ନେଇ ଗିରଫ ହୋଇଥିବା ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚ୍ଚର ଏବଂ ତାଙ୍କ ସ୍ୱାମୀ ଦୀପକ କୋଚ୍ଚରଙ୍କୁ ବମ୍ବେ ହାଇକୋର୍ଟ ସୋମବାର ଜାମିନ ମଞ୍ଜୁର କରିଛନ୍ତି। ବିଚାର ବିଭାଗୀୟ ହାଜତରେ ଥିବା କୋଚ୍ଚର ଦମ୍ପତି ସେମାନଙ୍କୁ ବେଆଇନ ଭାବେ ଗିରଫ କରାଯାଇଥିବା ଜାମିନ ଆବେଦନରେ ଦର୍ଶାଇଥିଲେ। ସେମାନଙ୍କୁ ଲକ୍ଷେ ଟଙ୍କା ଲେଖାଏ ଜାମିନ ଅର୍ଥ ଓ ସିଓରିଟି ଜମା କରିବାକୁ ଜଷ୍ଟିସ ରେବତୀ ମୋହିତେ ଡେରେ ଏବଂ ପି.କେ. ଚଭନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପାସ୍ପୋର୍ଟ ସମର୍ପଣ କରିବା ଏବଂ ତଦନ୍ତରେ ସହଯୋଗ କରିବା ଲାଗି ସେମାନଙ୍କୁ କୋର୍ଟ କହିଛନ୍ତି। ଆଇନ ଅନୁଯାୟୀ ଆବେଦନକାରୀଙ୍କୁ ଗିରଫ କରାଯାଇ ନ ଥିବାରୁ ସେମାନଙ୍କୁ ମୁକ୍ତ କରିବାକୁ ପଡ଼ିବ ବୋଲି ହାଇକୋର୍ଟ କହିଥିଲେ।

# ଜେଲ୍ ଗଲେ ୬ ଅଭିଯୁକ୍ତ

**ନୂଆଦିଲ୍ଲୀ,୯।୧**

ଦିଲ୍ଲୀ ମହିଳା ଅଞ୍ଜଳି ସିଂଙ୍କୁ କାର୍ରେ ଧକ୍କା ଦେଇ ୧୩ କିଲୋମିଟର ପର୍ଯ୍ୟନ୍ତ ଘୋଷାଡ଼ିନେବା ଘଟଣାର ୬ ଅଭିଯୁକ୍ତଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କୁ ଜେଲ୍ ହାଜତକୁ ଅଣାଯାଇ ଭିଡିଓ କନ୍ଫରେନ୍ସ ଜରିଆରେ ରୋହିଣୀ କୋର୍ଟରେ ହାଜର କରାଯାଇଥିଲା। ଆଶୁତୋଷ ନାମକ ଅଭିଯୁକ୍ତ ଜାମିନ ପାଇଁ ଆବେଦନ କରିଛନ୍ତି। ପୋଲିସ ଘଟଣା ପଛରେ ଥିବା ଷଡ଼ଯନ୍ତ୍ରର ତଦନ୍ତ କରୁଛି। ୨୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିବା ପୋଲିସ କହିଛି।

#### ମହିଳାଙ୍କୁ କାର୍ରେ ଘୋଷାଡ଼ିବା ଘଟଣା

ଅଧିକ ରିମାଣ୍ଡର ଆବଶ୍ୟକ ନ ଥିବା ପୋଲିସ କହିବା ପରେ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଯାଇଥିଲା। ଅଞ୍ଜଳିଙ୍କ ସ୍କୁଟରକୁ କାର ଧକ୍କାଦେବା ପରେ ସେ ଗାଡ଼ିରେ ଲାଖି ରହିଥିବା ସମ୍ପର୍କରେ ଅଭିଯୁକ୍ତମାନେ ଜାଣିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ତେବେ ଭୟରେ ସେମାନେ କାର୍ ଅଟକାଇ ନ ଥିଲେ ବୋଲି କହିଛନ୍ତି। ଅଭିଯୁକ୍ତମାନେ ମହିଳାଙ୍କ ଚିତ୍କାର ଶୁଣିପାରି ନ ଥିଲେ ବୋଲି କହିଥିବାରୁ ସେମାନଙ୍କ ଶ୍ରବଣଶକ୍ତିର ପରୀକ୍ଷା ହେବ ବୋଲି ପୋଲିସ କହିଛି।

## ଅଞ୍ଜଳିଙ୍କ ଘରେ ଚୋରି

**ନୂଆଦିଲ୍ଲୀ,୯।୧:** ଦିଲ୍ଲୀ କାଞ୍ଝୱାଲାରେ କାରରେ ଘୋଷାଡ଼ି ହୋଇ ପ୍ରାଣ ହରାଇଥିବା ଅଞ୍ଜଳି ସିଂଙ୍କ ଘରେ ଚୋରି ହୋଇଛି। କରନ ବିହାରରେ ଥିବା ତାଙ୍କ ଘରୁ ଏଲ୍ସିଡି ଟିଭି ସାଙ୍ଗକୁ ଅନେକ ଜିନିଷ ଚୋର ନେଇଥିବା ଅଞ୍ଜଳିଙ୍କ ଘରଲୋକେ କହିଛନ୍ତି। ଘରେ କେହି ନ ଥିବାବେଳେ ସୋମବାର ସକାଳୁ ତାଙ୍କର ଜଣେ ପଡ଼ୋଶୀ ଘର କବାଟ ଭଙ୍ଗାଯାଇଥିବା କଥା ଫୋନ୍ କରି କହିଥିଲେ। ଏହି ଚୋରିରେ ଅଞ୍ଜଳିଙ୍କ ସାଙ୍ଗ ନିଧିଙ୍କ ସମ୍ପୃକ୍ତି ଥିବା ଘର ଲୋକେ ଅଭିଯୋଗ କରିଛନ୍ତି। ଘଟଣା ଦିନ ରାତିରେ ନିଧି ଏବଂ ଅଞ୍ଜଳି ସ୍କୁଟିରେ ଆସୁଥିବାବେଳେ କାର୍ ଧକ୍କା ହୋଇଥିଲା। କାର୍ରେ ଅଞ୍ଜଳିଙ୍କ ଗୋଡ଼ ଫସିଯାଇଥିବାବେଳେ ଡରରେ ନିଧି ସେଠାରୁ ନିଜ ଘରକୁ ଚାଲିଆସିଥିଲେ।

# ୫୦ ଯାତ୍ରୀଙ୍କୁ ଛାଡ଼ି ଚାଲିଗଲା ବିମାନ

**ବେଙ୍ଗାଲୁରୁ, ୯।୧**




ମହିଳା ସହଯାତ୍ରୀଙ୍କ ଉପରେ ଯୁବକ ପରିସ୍ରା କରିବାର ଦୁଇ ଦୁଇଟି ଘଟଣା ଏବେ ଖବରର ଶିରୋନାମା ପାଲଟିଥିବାବେଳେ ଗୋ ଫାଷ୍ଟ ଫ୍ଲାଇଟ୍ ବିରୋଧରେ ଏକ ଅବହେଳାପୂର୍ଣ୍ଣ ଅଭିଯୋଗ ସାମ୍ନାକୁ ଆସିଛି। ସୋମବାର ଏହି ଘରୋଇ ବିମାନ ବେଙ୍ଗାଲୁରୁରୁ ଜାତୀୟ ରାଜଧାନୀ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଭରିବାକୁ ଥିବାବେଳେ ୫୦ ଯାତ୍ରୀଙ୍କୁ ବିମାନ ବନ୍ଦରରେ ଛାଡ଼ି ଚାଲିଆସିଛି। ଏ ନେଇ କେତେଜଣ ଯାତ୍ରୀ ଟୁଇଟରରେ ପୋଷ୍ଟ ଶେୟାର କରିବା ପରେ ଘଟଣା ଲୋକଲୋଚନକୁ ଆସିଛି। ଉକ୍ତ ପୋଷ୍ଟରେ ସେମାନେ ବେସାମରିକ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସମ୍ପୃକ୍ତ ଏୟାର ଲାଇନ୍ସକୁ ଟ୍ୟାଗ୍ କରିଛନ୍ତି।

ଟୁଇଟର ପୋଷ୍ଟ ମୁତାବକ, ସୋମବାର ସକାଳ ୬ଟା ୩୦ ମିନିଟ୍ରେ ଫ୍ଲାଇଟ୍ ନଂ. ଜି୮ ୧୧୬ ବେଙ୍ଗାଲୁରୁ ବିମାନ ବନ୍ଦରରୁ ଦିଲ୍ଲୀ ପାଇଁ ଟେକ୍ ଅଫ୍ କରିଥିଲା। ବୋର୍ଡିଂ ପାଇଁ ୪ଟି ବସ୍ରେ ଯାତ୍ରୀ ବିମାନ ନିକଟକୁ ଯାଇଥିଲେ। ତିନି ନମ୍ବର ବସ୍ଟି ଗେଟ୍ ପାଖରେ ପହଞ୍ଚିଲାବେଳକୁ ବିମାନଟି ଟେକ୍ ଅଫ୍ କରିସାରିଥିଲା। ଏହାପରେ ସମ୍ପୃକ୍ତ ଲୋକେ ସକାଳ ୧୦ଟାରେ ଏୟାର ଇଣ୍ଡିଆ ଫ୍ଲାଇଟ୍ରେ ଦିଲ୍ଲୀ ଯାଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବର ୨୬ରେ ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍ରେ ଜଣେ ନିଶାସକ୍ତ ବ୍ୟକ୍ତି ବୃଦ୍ଧାଙ୍କ ଉପରେ ପରିସ୍ରା କରିଥିଲେ। ଏ ନେଇ ଅଭିଯୁକ୍ତଙ୍କୁ ଗିରଫ ପରେ ଏବେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଗତ ଡିସେମ୍ବରରେ ପ୍ୟାରିସ୍ରୁ ଦିଲ୍ଲୀ ଆସୁଥିବା ଫ୍ଲାଇଟ୍ରେ ଜଣେ ଯୁବକ ନିଶାରେ ଥାଇ ମହିଳାଙ୍କ ବ୍ଲାଙ୍କେଟ୍ରେ ପରିସ୍ରା କରିବା ପରେ ଏ ନେଇ ସେ ମହିଳାଙ୍କୁ କ୍ଷମା ମାଗିଥିଲେ।

# ୩,୭୦୦ ଡ୍ୟାମ୍ ୨୬% ଜଳଧାରଣ କ୍ଷମତା ହରାଇବେ

**ନୂଆଦିଲ୍ଲୀ,୯।୧**



ନଦୀଶଯ୍ୟା ପୋତିହୋଇପଡୁଥିବାରୁ ୨୦୫୦ ସୁଦ୍ଧା ଭାରତର ପ୍ରାୟ ୩,୭୦୦ ନଦୀବନ୍ଧ ଜଳଧାରଣ କ୍ଷମତାର ୨୬ ପ୍ରତିଶତ ହରାଇବେ ବୋଲି ଜାତିସଂଘର ଏକ ଅଧ୍ୟୟନରେ କୁହାଯାଇଛି। ଫଳରେ ଆଗାମୀ ଦିନରେ ଜଳ ସୁରକ୍ଷା ଜନିତ ସମସ୍ୟା ସୃଷ୍ଟି ହେବା ସହ ଜଳସେଚନ, ଜଳବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେବ ବୋଲି ସତର୍କ କରିଦିଆଯାଇଛି। ଦେଶରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ୧୪୧ ବୃହତ୍ ଜଳଭଣ୍ଡାର ମଧ୍ୟରୁ ଏକଚତୁର୍ଥାଂଶ ସେମାନଙ୍କ ପ୍ରାଥମିକ ଜଳଧାରଣ କ୍ଷମତାର ୩୦ ପ୍ରତିଶତ ହରାଇ ସାରିଲେଣି ବୋଲି ୨୦୧୫ରେ କେନ୍ଦ୍ରୀୟ ଜଳ ଆୟୋଗ ରିପୋର୍ଟ ଦେଇଥିଲେ। ଅବବାହିକା ଏବଂ ଉପରମୁଣ୍ଡରୁ ବହିଆସୁଥିବା ବାଲି, ଶିଳାଖଣ୍ଡ ଓ ଅନ୍ୟାନ୍ୟ ବର୍ଜ୍ୟ ସାମଗ୍ରୀ ଯୋଗୁ ନଦୀଶଯ୍ୟା ପୋତିହେବାରେ ଲାଗିଛି। ସାରା ବିଶ୍ୱରେ ପ୍ରାୟ ୫୦ ହଜାର ବୃହତ୍ ଡ୍ୟାମ୍ରେ ଏଭଳି ସମସ୍ୟା ଦେଖାଦେଇଛି। ସେମାନେ ମୂଳ ଜଳଧାରଣ କ୍ଷମତାର ୧୩ରୁ ୧୯ ପ୍ରତିଶତ ହରାଇଥିବା କୁହାଯାଉଛି। ଜାତିସଂଘର ଜଳ ପରିବେଶ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ୟୁନିଭର୍ସିଟି ଇନ୍ଷ୍ଟିଚ୍ୟୁଟ୍ (ୟୁଏନ୍ୟୁ-ଆଇଏନ୍ଡବ୍ଲ୍ୟୁଇଏଚ୍) ପକ୍ଷରୁ ଏହି ଅଧ୍ୟୟନ କରାଯାଇଛି। ସେଥିରେ କୁହାଯାଇଛି ୧୫୦ ଦେଶର ୪୭,୪୦୩ ବୃହତ୍ ଡ୍ୟାମ୍ର ମୂଳ ଜଳଧାରଣ କ୍ଷମତା ୬,୩୧୬ ବିଲିୟନ ଘନମିଟର ଥିଲା, ଯାହା ୨୦୫୦ ସୁଦ୍ଧା ୪,୬୬୫ ବିଲିୟନ ଘନମିଟରକୁ ହ୍ରାସ ପାଇବାକୁ ଯାଉଛି। ୧,୬୫୦ ବିଲିୟନ ଘନମିଟର ଜଳଧାରଣ କ୍ଷମତା ହ୍ରାସ ଅର୍ଥ ଏହା

#### ଜାତିସଂଘ ଅଧ୍ୟୟନ

ଭାରତ, ଚାଇନା, ଇଣ୍ଡୋନେସିଆ, ଫ୍ରାନ୍ସ ଓ କାନାଡା ବାର୍ଷିକ ବ୍ୟବହାର କରୁଥିବା ମୋଟ ଜଳ ପରିମାଣ ସହ ସମାନ। ବିଶ୍ୱର ସର୍ବାଧିକ ନଦୀବନ୍ଧ ଅଞ୍ଚଳ ଭାବେ ପରିଚିତ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଗତବର୍ଷ ମୂଳ ଜଳଧାରଣ କ୍ଷମତାର ୧୩ ପ୍ରତିଶତ ହ୍ରାସ ପାଇଥିବା ଆକଳନ କରାଯାଇଛି। ସେହି ଅନୁଯାୟୀ ହିସାବ କଲେ ଉକ୍ତ ନଦୀବନ୍ଧଗୁଡ଼ିକ ୨୦୫୦ ବେଳକୁ ମୂଳ ଜଳଧାରଣ କ୍ଷମତାର ଏକ-ଚତୁର୍ଥାଂଶ ହରାଇବେ। ଏହି ଅଞ୍ଚଳରେ ବିଶ୍ୱ ଜନସଂଖ୍ୟାର ୬୦ ପ୍ରତିଶତ ବସବାସ କରୁଛନ୍ତି। ଚାଇନାରେ ମଧ୍ୟ ୨୦୫୦ ବେଳକୁ ବୃହତ୍ ନଦୀବନ୍ଧଗୁଡ଼ିକର ଜଳଧାରଣ କ୍ଷମତା ୧୦ ପ୍ରତିଶତ ହ୍ରାସ ଘଟିବ ବୋଲି ଉକ୍ତ ଅଧ୍ୟୟନରେ ଆକଳନ କରାଯାଇଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ଜାନୁୟାରୀ ୧୦/୨୦୨୩ | Tuesday, January 10/2023 | ପୃଷ୍ଠା-୧



## ଦିନିକିଆ ସିରିଜରୁ ବାଦ୍ ପଡ଼ିଲେ ବୁମ୍‌ରା

ଭାରତୀୟ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଶ୍ରୀଲଙ୍କା ବିପକ୍ଷ ଦିନିକିଆ କ୍ରିକେଟ ସିରିଜରୁ ବାଦ୍ ପଡିଛନ୍ତି।

୧୨

୧୧

## ଶଙ୍ଖ ଫୁଙ୍କି ଟ୍ରୋଲ ହେଲେ ସନ୍ନି

ବଲିଉଡ୍ ଅଭିନେତ୍ରୀ ସନ୍ନି ଲିଓନି ନିକଟରେ ଶଙ୍ଖ ଫୁଙ୍କିବାକୁ ଚେଷ୍ଟା କରି ବିଫଳ ହୋଇଥିବା ନେଇ ଏକ ଭିଡିଓ ଶେୟାର କରି ଟ୍ରୋଲ ହୋଇଛନ୍ତି।



# କ୍ଷମତା ଗଲାପରେ ବିଦ୍ରୋହ

**ବ୍ରାଜିଲର ଅବସରପ୍ରାପ୍ତ ସେନା ଅଧିକାରୀରୁ ରାଜନେତା ଜୈର ବୋଲସୋନାରୋ ଦେଶର ୩୮ତମ ରାଷ୍ଟ୍ରପତି ଭାବେ ୨୦୧୯ରୁ ୨୦୨୨ କ୍ଷମତାରେ ରହିଥିଲେ। ଗତବର୍ଷ ଅକ୍ଟୋବରରେ ହୋଇଥିବା ସାଧାରଣ ନିର୍ବାଚନରେ ସେ ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କଠାରୁ ହାରିଯାଇଥିଲେ। ଦ୍ୱିତୀୟ ଥର ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହେବାରେ ବୋଲସୋନାରୋ ପ୍ରଥମ ରାଷ୍ଟ୍ରପତି। ପରାଜୟକୁ ସେ ସହଜେ ଗ୍ରହଣ କରିପାରି ନାହାନ୍ତି। କ୍ଷମତା ଯିବା ପରେ ବୋଲସୋନାରୋ ବିଦ୍ରୋହ କରିଛନ୍ତି। ତାଙ୍କ ସମର୍ଥକମାନେ ରବିବାର ଦେଶର ପାର୍ଲାମେଣ୍ଟ, ରାଷ୍ଟ୍ରପତି ଭବନ ଓ ସର୍ବୋଚ୍ଚ ଅଦାଲତରେ ଭଙ୍ଗାରୁଜା କରିଛନ୍ତି। ଏହା ଗଣତନ୍ତ୍ରରେ ଏକ ଖରାପ ପରମ୍ପରା ସୃଷ୍ଟି କରିଛି। ଦୁଇବର୍ଷ ପୂର୍ବେ ଆମେରିକା କ୍ୟାପିଟୋଲରେ ଅନୁରୂପ ବିଦ୍ରୋହ ହୋଇଥିଲା। ଡୋନାଲ୍ଡ ଟ୍ରମ୍ପ ନିର୍ବାଚନ ହାରିଯିବା ପରେ ୨୦୨୧ ଜାନୁୟାରୀ ୬ରେ ତାଙ୍କ ସମର୍ଥକମାନେ ଆମେରିକା କଂଗ୍ରେସରେ ଧସେଇ ପଶି ଆକ୍ରମଣ କରିଥିଲେ।**



ବୋଲସୋନାରୋଙ୍କ ସମର୍ଥକମାନେ ରବିବାର ରାଜଧାନୀ ବ୍ରାସିଲିଆରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବ୍ରାସିଲିଆ,୯।୧**

- ବ୍ରାଜିଲ କଂଗ୍ରେସରେ ବୋଲସୋନାରୋ ସମର୍ଥକଙ୍କ ହଙ୍ଗାମା
- ରାଷ୍ଟ୍ରପତି ଭବନ, ସୁପ୍ରିମକୋର୍ଟରେ ଭଙ୍ଗାରୁଜା
- ଦଙ୍ଗାକାରୀଙ୍କୁ ଦଣ୍ଡିତ କରାଯିବ: ଲୁଲା

ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ସମର୍ଥକମାନେ ରବିବାର ରାଜଧାନୀ ବ୍ରାସିଲିଆରେ ଥିବା ଦେଶର ପାର୍ଲାମେଣ୍ଟ (କଂଗ୍ରେସ ଭବନ), ରାଷ୍ଟ୍ରପତି ଭବନ ଏବଂ ସୁପ୍ରିମକୋର୍ଟ ସମେତ ବିଭିନ୍ନ ସରକାରୀ ବିଲ୍ଡିଂରେ ଧସେଇ ପଶି ହଙ୍ଗାମା କରିଛନ୍ତି। ରାଷ୍ଟ୍ରପତି ଭବନ ପ୍ଲାନାଲ୍ଟୋ ପ୍ୟାଲେସ୍ ବାହାରେ ବୋଲସୋନାରୋଙ୍କ ସମର୍ଥକ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ଘଟିଥିଲା। ଦଙ୍ଗାକାରୀମାନେ କଂଗ୍ରେସ ଭବନ ମଧ୍ୟକୁ ଧସେଇ ପଶିବାରୁ ସେମାନଙ୍କୁ ତଡ଼ିବା ଲାଗି ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଲୁଇସ୍ ଇନାସିଓ ଲୁଲା ଡା ସିଲ୍‌ଭା ବ୍ରାଜିଲ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବାର ସପ୍ତାହେ ପରେ ପୂର୍ବତନ ରାଷ୍ଟ୍ରପତିଙ୍କ ସମର୍ଥକମାନେ ଏଭଳି ଦଙ୍ଗା ସୃଷ୍ଟି କରିଛନ୍ତି। ସେମାନେ ସରକାରୀ ବିଲ୍ଡିଂଗୁଡ଼ିକର କବାଟ ଝରକା ଭଙ୍ଗାରୁଜା କରିବା ସହ କେତେକ ଗାଡ଼ି ପୋଡ଼ିଦେଇଛନ୍ତି। ସୁରକ୍ଷା ବଳ ଯେପରି ବିଲ୍ଡିଂରେ ପ୍ରବେଶ କରି ନ ପାରିବେ, ସେଥିପାଇଁ ଦଙ୍ଗାକାରୀମାନେ ଆସବାବପତ୍ରଗୁଡ଼ିକୁ ବ୍ୟାରିକେଡ୍ ଭାବେ ବ୍ୟବହାର କରିଥିଲେ।

ପୂର୍ବତନ ରାଷ୍ଟ୍ରପତିଙ୍କ ସମର୍ଥକମାନଙ୍କୁ ଦଣ୍ଡିତ କରିବାକୁ ରାଷ୍ଟ୍ରପତି ଲୁଲା ପ୍ରତିଜ୍ଞା କରିଛନ୍ତି। ରାଜଧାନୀ ବ୍ରାସିଲିଆରେ ଯାହା ଘଟିଲା, ତାହା ଅତ୍ୟନ୍ତ ବର୍ବରୋଚିତ ଏବଂ ସୁରକ୍ଷାର ଅଭାବ ବୋଲି ଲୁଲା କହିଛନ୍ତି। ବୋଲସୋନାରୋଙ୍କ ଫାସିବାଦୀ ସମର୍ଥକମାନେ କଂଗ୍ରେସ ଭବନ, ସୁପ୍ରିମକୋର୍ଟ ଏବଂ ପ୍ଲାନାଲ୍ଟୋ ପ୍ରେସିଡେନ୍ସିଆଲ୍ ପ୍ୟାଲେସ୍ ବାହାରେ ସଶସ୍ତ୍ର ବଳର ବ୍ୟାରିକେଡ୍‌କୁ ଭାଙ୍ଗି ଧସେଇ ପଶିଥିଲେ। ରାଜନୀତିରେ ଏହି ଖଳ ଲୋକମାନଙ୍କୁ ଖୋଜି ବାହାର କରାଯାଇ ଦଣ୍ଡିତ କରାଯିବ ବୋଲି ଲୁଲା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ରବିବାର ସକାଳେ ବହୁସଂଖ୍ୟାରେ ଲୋକେ କଂଗ୍ରେସ ଭବନ ଅଭିମୁଖେ ଯାଉଥିବା ଦେଖାଯାଇଥିଲା। ସେମାନେ କଂଗ୍ରେସ ନିମ୍ନ ସଦନ ବାହାରେ ଥିବା ଗ୍ରୀନ୍ ରୁମ୍‌ରେ ପହଞ୍ଚିଥିଲେ ବୋଲି ଅନ୍ତରୀଣ ସିନେଟ ଅଧ୍ୟକ୍ଷ ଭେନେଜିଆନୋ ଭିଟଲ ଡୋ ରୋଗୋ କହିଛନ୍ତି। ବୋଲସୋନାରୋଙ୍କ ଅନ୍ୟ ସମର୍ଥକମାନେ ସୁପ୍ରିମକୋର୍ଟ ଓ ରାଷ୍ଟ୍ରପତି ଭବନରେ ପ୍ରବେଶ କରୁଥିବା ଦେଖାଯାଇଥିଲା। ସେତେବେଳକୁ ସେଠାରେ ଦଙ୍ଗାନିରୋଧୀ ପୋଲିସ ଓ ବ୍ରାଜିଲୀୟ ସଶସ୍ତ୍ର ବଳ ପହଞ୍ଚି ସାରିଥିଲେ। ବିକ୍ଷୋଭକାରୀମାନେ କଂଗ୍ରେସ ଭବନ କାର୍ପେଟରେ ନିଆଁ ଲଗାଇବାକୁ ଉଦ୍ୟମ କଲାବେଳେ ସ୍ପ୍ରିଙ୍କଲର ସିଷ୍ଟମ୍‌କୁ ଆକ୍ଟିଭେଟ୍ କରାଯିବାରୁ ଗୃହରେ ପାଣି ଭର୍ତ୍ତି ହୋଇଯାଇଥିଲା। ଦଙ୍ଗାକାରୀମାନେ ବିଲ୍ଡିଂରେ ଥିବା ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ଉପହାର ଓ ଅନ୍ୟାନ୍ୟ କାରୁକାର୍ଯ୍ୟ ଭଙ୍ଗାରୁଜା କରୁଥିବା ଅନ୍ୟ ଭିଡିଓରୁ ଦେଖାଯାଇଛି। ବୋଲସୋନାରୋ ମଧ୍ୟ ତାଙ୍କ ସମର୍ଥକମାନଙ୍କ କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଶାନ୍ତିପୂର୍ଣ୍ଣ ଓ ☞ପୃଷ୍ଠା-୨

## ଅର୍ଚ୍ଚନାଙ୍କ ଆଲିଶାନ୍ ଘର ଆଟାଚ୍ କଲା ଇଡି

### ବେଆଇନ ଅର୍ଥ କାରବାର ମାମଲା



**ଭୁବନେଶ୍ୱର, ୯।୧(ବ୍ୟୁରୋ):** ବେଆଇନ ଅର୍ଥ କାରବାର ମାମଲାରେ ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ର ଝାରପଡ଼ା ଜେଲରେ ଥିବାବେଳେ ଏହି ଘଟଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭୁବନେଶ୍ୱର ସତ୍ୟବିହାରସ୍ଥିତ ଅର୍ଚ୍ଚନାଙ୍କ ଆଲିଶାନ୍ ଘରକୁ ଇଡି ସୋମବାର ଆଟାଚ୍ କରିଥିବା ସୂଚନା ମିଳିଛି। ଏହି ଘରର ମୂଲ୍ୟ ୩ କୋଟି ୪୦ ଲକ୍ଷ ହେବ ବୋଲି ଇଡି ଆକଳନ କରିଛି। ତେବେ ଘର ଆଟାଚ୍ ନେଇ ଇଡି ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଆଗାମୀ ଦିନରେ ଏନେଇ ତଥ୍ୟ ରଖାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଗତ ଗୁରୁବାର ଇଡିର ଏକ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ସତ୍ୟବିହାରସ୍ଥିତ ଅର୍ଚ୍ଚନାଙ୍କ ଘରକୁ ଯାଇ ଏହାର ମାପଚୁପ କରିବା ସହ ମୂଲ୍ୟାୟନ କରିଥିଲା। ☞ପୃଷ୍ଠା-୨

## ୧୧ରୁ ଶୀତ କମିବ

### ଫୁଲବାଣୀ ୪.୯ ଡିଗ୍ରୀ ସେଲସିୟସ

**ଭୁବନେଶ୍ୱର,୯।୨(ବ୍ୟୁରୋ):** ରାଜ୍ୟରେ ଗତ କିଛିଦିନ ହେବ ଶୀତର ପ୍ରକୋପ ବୃଦ୍ଧି ପାଇଛି। ତେବେ ଆସନ୍ତା ବୁଧବାରଠାରୁ ଶୀତ କମିଯିବ। ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲସିୟସ ବଢ଼ିଯିବ। ଶୀତ କମିବା ସହ ଆସନ୍ତା ବୁଧବାରଠାରୁ ୩ ଦିନ ପର୍ଯ୍ୟନ୍ତ କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବା ନେଇ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୪.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟରେ ୬.୫, ଦାରିଙ୍ଗିବାଡ଼ିରେ ୭.୫, ଝାରସୁଗୁଡ଼ାରେ ୭.୮, କେନ୍ଦୁଝରରେ ୮.୪, ସୁନ୍ଦରଗଡ଼ରେ ୭, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ହଁ ଆଜ୍ଞା

## ସାଇକୋଲୋଜିକାଲ କାଉନ୍‌ସେଲିଂ ଆରମ୍ଭ

### ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର, ୯।୧(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଛାତ୍ରୀଛାତ୍ରଙ୍କ ପାଇଁ ସାଇକୋଲୋଜିକାଲ କାଉନ୍‌ସେଲିଂ ସୋମବାରଠାରୁ ଆରମ୍ଭ ହୋଇଛି। ଦୁଇବର୍ଷ ପରେ ଛାତ୍ରୀଛାତ୍ରମାନେ ଚଳିତବର୍ଷ ଫିଜିକାଲ ମୋଡ୍‌ରେ ପରୀକ୍ଷା ଦେବେ। ତେଣୁ ଏହି କାଉନ୍‌ସେଲିଂ ଛାତ୍ରୀଛାତ୍ରଙ୍କୁ ବହୁ ସହାୟ ହେବ ବୋଲି ସିବିଏସ୍‌ଇ କହିଛି। ପିଲାଙ୍କ ମୁଣ୍ଡରୁ ଚିନ୍ତା ଦୂର କରିବା ପାଇଁ ସିବିଏସ୍‌ଇ ଏଭଳି ପଦକ୍ଷେପ ନେଇଛି। ପୂର୍ବରୁ ବୋର୍ଡ ପ୍ରଶ୍ନପତ୍ର ନମୁନା, ପରୀକ୍ଷା ନମୁନା, ମାର୍କ ଆଦି ସିବିଏସ୍‌ଇ ତା'ର ୱେବ୍‌ସାଇଟ୍‌ରେ ରିଲିଜ କରିସାରିଛି। ତେଣୁ ଛାତ୍ରୀଛାତ୍ରମାନେ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବାରେ କୌଣସି ଅସୁବିଧା ହେବ ନାହିଁ।

ସୂଚନାଯୋଗ୍ୟ, ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫେବୃୟାରୀ ୧୫ରୁ ଆରମ୍ଭ ହେବ। ଦଶମ ପରୀକ୍ଷା ମାର୍ଚ୍ଚ ୨୧ରେ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଏପ୍ରିଲ ୫ରେ ସରିବ। ଉଭୟ ଶ୍ରେଣୀର ପରୀକ୍ଷା ସକାଳ ସାଢ଼େ ୧୦ଟାରେ ଆରମ୍ଭ ହେବ। ତେବେ କିଛି ପରୀକ୍ଷା ଅପରାହ୍ଣ ସାଢ଼େ ୧୨ଟାରେ ସରିବାକୁ ଥିବାବେଳେ ଆଉକିଛି ବିଷୟର ପରୀକ୍ଷା ଅପରାହ୍ଣ ସାଢ଼େ ୧ଟାରେ ଶେଷ ହେବ। ପରୀକ୍ଷା ପ୍ରଶ୍ନପତ୍ର ପଢ଼ିବା ପାଇଁ ଉଭୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ୧୫ ମିନିଟ୍ ସମୟ ଦିଆଯିବ।

## ଧର୍ମାନ୍ତରୀକରଣ ପ୍ରସଙ୍ଗରେ ରାଜନୀତି ନ ହେଉ

**ନୂଆଦିଲ୍ଲୀ,୯।୧**

ଧର୍ମାନ୍ତରୀକରଣ ଏକ ଗମ୍ଭୀର ପ୍ରସଙ୍ଗ। ଏଥିରେ ରାଜନୈତିକ ରଙ୍ଗ ଦିଅ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ସୋମବାର କହିଛନ୍ତି। ଡରାଇ, ଧମକାଇ, ପ୍ରଲୋଭନ ଦେଖାଇ କରାଯାଉଥିବା ଧର୍ମାନ୍ତରୀକରଣକୁ ରୋକିବା ନିମନ୍ତେ ଭାଜପା ନେତା ତଥା ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିଥିଲେ। ଏ ଦିଗରେ କଡ଼ା ପଦକ୍ଷେପ ନେବାକୁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେବାକୁ ପିଟିଶନରେ ନିବେଦନ କରାଯାଇଥିଲା। ଏହାର ଶୁଣାଣି କରୁଥିବା ସୁପ୍ରିମକୋର୍ଟ



ଖଣ୍ଡପୀଠ ଜଷ୍ଟିସ ଏମ୍.ଆର. ଶାହା ଏବଂ ସି. ଟି. ରବିକୁମାର ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏହି ମାମଲାରେ ଆର୍ଟର୍ନି ଜେନେରାଲ ଆର. ଭେଙ୍କଟରମଣୀଙ୍କୁ ଆମିକସ୍ କ୍ୟୁରି ଭାବେ କିମ୍ବା ଅନ୍ୟ କୌଣସି ଉପାୟରେ ସହାୟତା କରିବାକୁ ଖଣ୍ଡପୀଠ ସୋମବାର କହିଛନ୍ତି। ☞ପୃଷ୍ଠା-୨

# ରାଜଧାନୀରେ ଧାନ ଢାଳି ପ୍ରତିବାଦ

## ନବୀନ ନିବାସ ଘେରାଉ ଉଦ୍ୟମ କଲା ନବ ନିର୍ମାଣ କୃଷକ ସଂଗଠନ

### ଚାଷୀଙ୍କୁ ହକ୍ ନ ମିଳିଲେ ୧୪୭ ନିର୍ବାଚନମଣ୍ଡଳୀରେ ହେବ ଆନ୍ଦୋଳନ

**ଭୁବନେଶ୍ୱର,୯।୧(ବ୍ୟୁରୋ)**



ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ରାଜଧାନୀରେ ଧାନ ଢାଳୁଥିବାବେଳେ ପୋଲିସ ସେମାନଙ୍କୁ ଅଟକାଉଛି।

ଧାନମଣ୍ଡିରେ ହେଉଥିବା ଅବ୍ୟବସ୍ଥା ଓ କଟ୍‌ନି ଛଟ୍‌ନିକୁ ନେଇ ଚାଷୀ କ୍ଷୁବ୍ଧ। ଏ ନେଇ ଦୀର୍ଘଦିନ ହେବ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ସରକାର ଚାଷୀଙ୍କ କଥା ଶୁଣୁନାହାନ୍ତି। ମିଲର, ସମବାୟ ସମିତି, ସରକାରୀ କର୍ମଚାରୀ ଚାଷୀଙ୍କୁ ଶୋଷଣ କରି ଚାଲିଛନ୍ତି। ନିଜର ହକ୍ ପାଇଁ ପ୍ରତିବାଦ କରିବାକୁ ଚାଷୀଙ୍କୁ ଭୁବନେଶ୍ୱର ମଧ୍ୟକୁ ପ୍ରବେଶ କରିବାକୁ ଦିଆଯାଉନାହିଁ। ଏଭଳି ଅଭିଯୋଗ ସମ୍ପର୍କରେ କୌଣସି ପ୍ରାକ୍ ସୂଚନା ନ ଦେଇ ସୋମବାର ସକାଳୁ ନବନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ ଅତର୍କିତ ଭାବେ ଶତାଧିକ ଚାଷୀ ନବୀନ ନିବାସ ଆଡ଼କୁ ମାଡ଼ିଆସିଲେ। ପୋଲିସ କିଛି ବୁଝିବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ କୁଇଣ୍ଟାଇ କୁଇଣ୍ଟାଲ ଧାନ ଢାଳିବା ସହ ରାଜରାସ୍ତାରେ ଗଡ଼ି ଦାବି ପୂରଣ ଲାଗି ଅଡ଼ିବସିଲେ। ଚାଷୀଙ୍କ ଏପରି ଅତର୍କିତ ବିକ୍ଷୋଭ ଯୋଗୁ ସକାଳୁ ସକାଳୁ ରାଜଧାନୀ ରାଜରାସ୍ତା କିଛି ସମୟ ପାଇଁ ଅଚଳ ହୋଇଯାଇଥିଲା। ଆନ୍ଦୋଳନକାରୀ ଚାଷୀଙ୍କୁ ରାସ୍ତାରୁ ହଟାଇବାକୁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା।

ନବନିର୍ମାଣ କୃଷକ ସଙ୍ଗଠନର ଶତାଧିକ ଚାଷୀ, କର୍ମୀ, ମହିଳା ହାତରେ ପ୍ଲା କାର୍ଡ ଧରି ସକାଳ ୮ଟାରେ ହଠାତ୍ ନବୀନ ନିବାସ ଆଡ଼କୁ ମାଡ଼ି ଚାଲିଥିଲେ। ସାଙ୍ଗରେ ଧାନବସ୍ତା ଲୋଡ୍ ହୋଇଥିବା ଟ୍ରାକ୍ଟର ମଧ୍ୟ ଆଣିଥିଲେ। ଚାଷୀ ଆନ୍ଦୋଳନ ସମ୍ପର୍କରେ ଗୋଇନ୍ଦା କି ନବୀନ ନିବାସ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ମଧ୍ୟ ସୁରାକ୍ ପାଇ ନ ଥିଲା।

ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ବିକ୍ଷୋଭକାରୀମାନେ ଆସୁଥିବା ଦେଖି ସୁରକ୍ଷା କର୍ମୀ ଆବାକ୍ ହୋଇଯାଇଥିଲେ। ସେଠାରେ ଚାଷୀଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ମାତ୍ର ବିକ୍ଷୋଭକାରୀଙ୍କ ସଂଖ୍ୟା ଅଧିକ ଥିବାରୁ ସେମାନଙ୍କୁ କାବୁ କରିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। କିଛି ସମୟ ପାଇଁ ନବୀନ ନିବାସ ସମ୍ମୁଖ ଏକପ୍ରକାର ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଆନ୍ଦୋଳନକାରୀଙ୍କୁ କାବୁ କରିବା ଲାଗି ପୋଲିସକୁ ବେଶ୍ କସରତ କରିବାକୁ ପଡ଼ିଥିଲା। ☞ପୃଷ୍ଠା-୨

# ମହିଳାଙ୍କ ନିଷ୍ପତ୍ତି ନେବାର କ୍ଷମତା ହେଉଛି ପ୍ରକୃତ ରୂପାନ୍ତର



**ଭୁବନେଶ୍ୱର,୯।୧(ବ୍ୟୁରୋ)**

## ୧୨୫ କୋଟି ଟଙ୍କାର ସୁଧ ରିହାତି ମିଳିଲା

- ୨୦୨୨ ଏପ୍ରିଲ-ସେପ୍ଟେମ୍ବର ଋଣର ସୁଧ ଛାଡ଼
- ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁଧ ନାହିଁ

ମିଶନ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ଅଧିକ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ସୋମବାର ରାଜ୍ୟ ସରକାର ଅଢ଼େଇ ଲକ୍ଷ ମିଶନ ଶକ୍ତି ଗ୍ରୁପର ବ୍ୟାଙ୍କ ଖାତାକୁ ୧୨୫ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରିଛନ୍ତି। ୨୦୨୨ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ମହିଳାମାନେ ଯେଉଁ ଋଣ ନେଇଥିଲେ ତାହାର ସୁଧ ସେମାନଙ୍କୁ ଫେରସ୍ତ କରାଯାଇଛି। ମାତ୍ର ୬ ମାସରେ ଏହି ସୁଧ ରିହାତି ଫେରସ୍ତ କରାଯାଇଛି। ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ଟି ମିଶନ ଶକ୍ତି ଗ୍ରୁପକୁ ଚେକ୍ ପ୍ରଦାନ କରି ଏହି କାର୍ଯ୍ୟକ୍ରମର ☞ପୃଷ୍ଠା-୨

# ବିନା ଏନ୍‌ଇଇଟିରେ ପଢୁଛନ୍ତି ଆୟୁର୍ବେଦ ପାଠ

**ଖୋର୍ଦ୍ଧା ଅଫିସ,୯।୧**

- ଉତ୍ତରପ୍ରଦେଶ ପରେ ଓଡ଼ିଶାରେ ଧରାପଡ଼ିଲା ରାକେଟ
- ମୋଟା ଅଙ୍କ ନେଇ ବାହାର ପିଲାଙ୍କୁ ଦିଆଯାଉଛି ନାମଲେଖା ସୁଯୋଗ
- ଆୟୁଷ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଅଭିଯୋଗ
- ନାମଲେଖା ଯାଞ୍ଚ ସହ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଡାକ୍ତରୀ ପାଠ ପଢ଼ିବାକୁ ହେଲେ ସର୍ବଭାରତୀୟ ସ୍ତରରେ ଏନ୍‌ଇଇଟି ଏବଂ ଓଜେଇଇ ଦେବାକୁ ପଡ଼ିଥାଏ। ପରେ ନମ୍ବର ଏବଂ କ୍ୟାରିୟର ମାର୍କ ଆଧାରରେ ଛାତ୍ରୀଛାତ୍ରଙ୍କୁ ଡାକ୍ତରୀ ପଢ଼ିବା ଲାଗି ସୁଯୋଗ ମିଳିଥାଏ। ତେବେ ବହୁ ମେଧାବୀଙ୍କୁ ସରକାରୀ କଲେଜରେ ସ୍ଥାନ ମିଳିପାରୁ ନ ଥିବାବେଳେ ଓଜେଇଇ ଓ ଏନ୍‌ଇଇଟି ପାସ୍ କରି ନ ଥିବା କେତେଜଣ ଛାତ୍ରୀଛାତ୍ର ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଆୟୁର୍ବେଦ ଡାକ୍ତରୀ ପାଠ ଅଧ୍ୟୟନ କରୁଥିବା ଜଣାପଡ଼ିଛି। କୋଟି କୋଟି ଟଙ୍କା ଲାଞ୍ଚ ନେଇ ନକଲି ସାର୍ଟିଫିକେଟରେ ପିଲାଙ୍କୁ ପ୍ରତିଷ୍ଠିତ ସରକାରୀ ମେଡିକାଲ କଲେଜରେ ବ୍ୟାଚ୍‌ଲର ଅଫ୍ ଆୟୁର୍ବେଦ ମେଡିସିନ୍ ଆଣ୍ଡ ସର୍ଜରି(ବିଏଏମ୍‌ଏସ୍)ରେ ସୁଯୋଗ ଦିଆଯାଉଛି। ଆୟୁଷ ମନ୍ତ୍ରଣାଳୟ ଅଧୀନ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ବିରୋଧରେ ଆସିଛି ଏଭଳି ସାଂଘାତିକ ଅଭିଯୋଗ।

ଏହି ବେଆଇନ ନାମଲେଖା ସମ୍ପର୍କରେ ବିହାର ନାଳନ୍ଦା ଅଞ୍ଚଳର ଜଣେ ଛାତ୍ରଙ୍କ ସମେତ ନିଟ୍‌ରେ ଯୋଗ୍ୟତା ହାସଲ ସତ୍ତ୍ୱେ ବିଏଏମ୍‌ଏସ୍ ପଢ଼ାରୁ ବଞ୍ଚିତ କିଛି ଛାତ୍ରୀଛାତ୍ର ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ତଥା କମିଶନରଙ୍କ ନିକଟରେ ଗତ ନଭେମ୍ବର ୨୧ରେ ଅଭିଯୋଗ କରିଛନ୍ତି। ଏହି ଘଟଣାର ଯାଞ୍ଚ ସହ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗତ କିଛିବର୍ଷ ଧରି କଲେଜ କର୍ତ୍ତୃପକ୍ଷ ଏଭଳି ବେଆଇନ କାର୍ଯ୍ୟ ଚଳାଇ ଆସୁଛନ୍ତି। ଏଥିରେ ଏକ ରାକେଟ କାମ କରୁଛି। କଲେଜଠାରୁ ଆୟୁଷ ବିଭାଗ ପର୍ଯ୍ୟନ୍ତ କେତେଜଣ ଅସାଧୁ ଅଧିକାରୀ ଏଥିରେ ସାମିଲ ରହିଛନ୍ତି। ଗତ ୫ବର୍ଷର ନାମଲେଖା ରେଜିଷ୍ଟର ଯାଞ୍ଚ କରାଗଲେ ବହୁ ଗୁମର ତଥ୍ୟ ପଦାକୁ ଆସିବ। ଏପରି କି ବାହାର କଲେଜ ଛାତ୍ରୀଛାତ୍ରଙ୍କଠାରୁ ପ୍ରାୟ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର ଓ ର୍‍ୟାଙ୍କ କାର୍ଡ, ଓଜେଇଇ ଆଲଟମେଣ୍ଟ ଲେଟର, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ (ସିଏଲ୍‌ସି) ଓ ମାଇଗ୍ରେଶନ ସାର୍ଟିଫିକେଟ, ଆୟୁଷ ନିର୍ଦ୍ଦେଶକଙ୍କ ବିନା ଅନୁମୋଦିତ କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମ ଲେଖାଯାଉଛି ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ୨୦୨୦-୨୧ରେ ସୌମ୍ୟ ରଞ୍ଜନ ସାହୁ ଓ ଆଦ୍ୟାଶା ଦାସଙ୍କଠାରୁ ବିଏଏମ୍‌ଏସ୍ ପଢ଼ିବା ଲାଗି ମୋଟା ଅଙ୍କ ☞ପୃଷ୍ଠା-୨

**ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମର ପ୍ରସ୍ତୁତି ସମୀକ୍ଷା**

ଭୁବନେଶ୍ୱର, ୯।୧(ବ୍ୟୁରୋ): ପରୀକ୍ଷା ପେ' ଚର୍ଚ୍ଚା (ପିପିସି) ୨୦୨୩ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ଡ. ସୁଭାଷ ସରକାରଙ୍କ ସହିତ ସମୀକ୍ଷା କରିଛନ୍ତି। ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ସଚିବ ସଞ୍ଜୟ କୁମାର, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଏବଂ ଶିକ୍ଷା ମନ୍ତ୍ରଣାଳୟ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ପ୍ରେସ୍ ଇନ୍‌ଫରମେଶନ ବ୍ୟୁରୋ, ଏନ୍‌ସିଇଆରଟି, ସିବିଏସ୍‌ଇ, ଏନ୍‌ଭିଏସ୍, କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଏବଂ ମାଇଁ ଗଭ୍‌ର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ। ଏହି ବୈଠକରେ ମନ୍ତ୍ରୀ ପିପିସି ୨୦୨୩ ମାଧ୍ୟମରେ ଛାତ୍ର, ଅଭିଭାବକ ଏବଂ ଶିକ୍ଷକଙ୍କ ସହ ଯୋଗାଯୋଗକୁ ଆହୁରି ଗଭୀର ତଥା ବ୍ୟାପକ କରିବାକୁ ଆହ୍ୱାନ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗ୍ନି, ରାଜା, ରୋଗୀ, ଦୁହିତା, ଚୋର,**
**ଗୋରୁ, ମଇଁଷି, ଅତି ଲୋଭୀ ନର,**
**ବେଶ୍ୟା, ହସ୍ତିନୀ, ମଦୁଆ, ମାଗୁଡି;**
**ଯେତେ ପାଇଲେ ଏ ବୋଧ ନୁହନ୍ତି।**

ଉପରବର୍ଣ୍ଣିତ ବ୍ୟକ୍ତି, ପ୍ରାଣୀ ତଥା ଚରିତ୍ରମାନେ ଯେତେ ପାଇଲେ ସୁଦ୍ଧା ସେମାନେ ସହଜରେ ସନ୍ତୁଷ୍ଟ ହୋଇପାରି ନ ଥା'ନ୍ତି। ଏମାନଙ୍କୁ ସନ୍ତୁଷ୍ଟ କରିବା ନିହାତି କଷ୍ଟକର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଗ୍ନି ଯେସନେ ସର୍ବ ଖାଇ**
**ବିଚାରେ ଗୁଣେ ଦୋଷ ନାହିଁ।**

ଅଗ୍ନିର ଧର୍ମ ଜଳିବା। ନିଆଁ ମୁହଁରେ ଯାହା ବି ପଡ଼େ, ସବୁ କିଛି ଜଳିପୋଡ଼ି ପାଉଁଶ ହୋଇଯାଏ। କିଛି ସର୍ବଗିଳା ବ୍ୟକ୍ତି ଅଛନ୍ତି, ଯେଉଁମାନେ ସବୁକିଛି ଚଳୁ କରି ନିଧଡ଼କ ହୋଇ ବସିଯାଇଥାନ୍ତି। ଅନ୍ୟାୟରେ ସବୁ କିଛି ଆତ୍ମସାତ୍ କରିନେଉଥିଲେ ସୁଦ୍ଧା ସେଥିରେ ତାଙ୍କର ସେପରି କିଛି ବି ଦୋଷ ତ୍ରୁଟି ରହୁ ନ ଥିବା ନେଇ ବିଚାର କରିବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ମାର୍ଚ୍ଚ ୩୧ ସୁଦ୍ଧା ପାଠ୍ୟପୁସ୍ତକ ଯୋଗାଣ ସରିବ

ଭୁବନେଶ୍ୱର,୯।୧(ବ୍ୟୁରୋ)

୨୦୨୩-୨୪ ଶିକ୍ଷାବର୍ଷ ପାଇଁ ୨.୫ କୋଟି ଖଣ୍ଡ ପାଠ୍ୟପୁସ୍ତକ ଓ ୧.୫ କୋଟି ଖଣ୍ଡ ଅନ୍ୟାନ୍ୟ ପାଠ୍ୟପୁସ୍ତକ ବିତରଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପାଠ୍ୟପୁସ୍ତକ ରାଜ୍ୟର ୩୧୪ ବ୍ଲକ୍‌କୁ ଯୋଗାଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଶେଷ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ କାର୍ଯ୍ୟାଳୟଠାରେ ପାଠ୍ୟପୁସ୍ତକ ବିତରଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଗଣଶିକ୍ଷା ବିଭାଗ ସଚିବ ଅଶ୍ୱତୀ ଏସ୍, ପାଠ୍ୟପୁସ୍ତକ ଉତ୍ପାଦନ ବିକ୍ରୟ ଅନୁଷ୍ଠାନର ନିର୍ଦ୍ଦେଶକ ରଘୁରାମ ଆୟାର ଉପସ୍ଥିତ ରହିଥିଲେ। ପ୍ରଥମ ପର୍ଯ୍ୟାୟରେ



**ପାଠ୍ୟପୁସ୍ତକ ବିତରଣର ଶୁଭାରମ୍ଭ କଲେ ମନ୍ତ୍ରୀ**

ପୁରୀ, କେନ୍ଦୁଝର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଜିଲା ସହିତ ଅନ୍ୟ ୧୫ଟି ବ୍ଲକ୍‌କୁ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟ ମାର୍ଚ୍ଚ ସୁଦ୍ଧା ଶେଷ ହେବ। ଏହାଦ୍ୱାରା ଶିକ୍ଷାବର୍ଷ ଅର୍ଥାତ୍ ଏପ୍ରିଲ ଆରମ୍ଭରୁ ଓ ବିଦ୍ୟାଳୟ ଖୋଲିବା ପୂର୍ବରୁ ସମସ୍ତ ଛାତ୍ରୀଛାତ୍ରଙ୍କ ପାଖରେ ପୁସ୍ତକଗୁଡ଼ିକ ପହଞ୍ଚିପାରିବ। ଧାର୍ଯ୍ୟ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିତରଣ ନିମନ୍ତେ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ କାର୍ଯ୍ୟାଳୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ବିନା ଏନ୍‌ଇଇଟିରେ...

ନେଇ ସୁଯୋଗ ଦିଆଯାଇଛି। ଏନ୍‌ଇଇଟି ଏବଂ ଓଜେଇଇ ୱେବ୍‌ସାଇଟରେ ଉପରୋକ୍ତ ୨ଜଣଙ୍କ ନାମ ଉଲ୍ଲେଖ ନାହିଁ। ଏହାସତ୍ତ୍ୱେ ସେମାନଙ୍କୁ ପାଠ ପଢିବା ଲାଗି କିପରି ସୁଯୋଗ ଦିଆଗଲା, ତାହାର ତଦନ୍ତ କରାଗଲେ କଲେଜ କର୍ତ୍ତୃପକ୍ଷଙ୍କ ନିରପେକ୍ଷତା ଏବଂ ନାମଲେଖାରେ ସ୍ୱଚ୍ଛତା ଜଣାପଡ଼ିବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଆୟୁଷ ବିଭାଗର ଚିଠି ନଂ ୬୦୧(୩)/ଡିଆୟୁଷ/୧୯।୧।୨୨ରେ ଗୋପବନ୍ଧୁ ଆୟୁର୍ବେଦ କଲେଜ ଅଧ୍ୟକ୍ଷ ମାଇଗ୍ରେଶନ ଏବଂ କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ଆଧାରରେ ୫ଟି ସିଟ୍‌ରେ ନାମଲେଖା ପାଇଁ ନୋଟିସ କରିଥିଲେ। ଏଥିରେ ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜର ମାମାଲି ପ୍ରିୟଦର୍ଶିନୀ, ଅବିନାଶ ବେହୁରା, ଗଞ୍ଜାମ ଆଙ୍କୁଶପୁର ସରକାରୀ ଆୟୁର୍ବେଦ କଲେଜର ଅସିତ କୁମାର ମହାନ୍ତି, କେ.ହରପ୍ରିୟା ପାତ୍ର ଓ ଏସ.କେ. ଜୁନାଦ ମହମ୍ମଦ ରହିଛନ୍ତି। ୨୦୨୦-୨୧ ପ୍ରଥମବର୍ଷରେ ଏହି ୫ ଛାତ୍ରୀଛାତ୍ରଙ୍କୁ ନାମଲେଖା ଲାଗି ସୁଯୋଗ ଦିଆଯାଇଥିଲା। ସଂପୃକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ମାଇଗ୍ରେଶନ ଏବଂ କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ଆଧାରରେ ଏହି ନାମଲେଖା କରାଯିବ ବୋଲି ନୋଟିସରେ ଉଲ୍ଲେଖ କରିଥିଲେ। ତେବେ ନାମଲେଖା ସମୟରେ ଖୋଦ୍ କଲେଜ ଅଧ୍ୟକ୍ଷ କରିଥିବା ନୋଟିସ ବଦଳି ଯାଇଥିଲା। ଏହି ୫ଜଣଙ୍କ ସମେତ କଲେଜ ଟ୍ରାନ୍ସଫର ଆଧାରରେ ସୌମ୍ୟ ରଞ୍ଜନ ସାହୁ ଓ ଆଦ୍ୟାଶା ଦାସ ମଧ୍ୟ ନାମ ଲେଖାଇଥିଲେ। ତେବେ ଉପରୋକ୍ତ ୫ଜଣ(ମାମାଲି,ଅବିନାଶ, ଅସିତ,କେ.ହରପ୍ରିୟା ଓ ଏସ.କେ. ଜୁନାଦ)ଙ୍କ ନାମ ଓଜେଇଇ ଓ ଏନ୍‌ଇଇଟି ୱେବ୍‌ସାଇଟରେ ଉଲ୍ଲେଖ ରହିଥିବାବେଳେ ସୌମ୍ୟ ଓ ଆଦ୍ୟାଶାଙ୍କ ନାମ ଉଲ୍ଲେଖ ନାହିଁ। କଲେଜ କର୍ତ୍ତୃପକ୍ଷ ବେଆଇନ ଭାବେ ବାହାର କଲେଜର ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କ ଲାଞ୍ଚ ନେଇ ବିଏଏମ୍‌ଏସ୍ ୨୦୨୦-୨୧ ପ୍ରଥମ ବର୍ଷରେ ପାଠ ପଢିବାର ସୁଯୋଗ ଦେଇଛନ୍ତି। କଲେଜ ପକ୍ଷରୁ ଜାରି ୨୦୨୦-୨୧ ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ଲିଷ୍ଟରେ ୮୩ ଓ ୮୪ ନମ୍ବର ତାଲିକାରେ ସୌମ୍ୟ ଓ ଆଦ୍ୟାଶାଙ୍କ ନାମ ମଧ୍ୟ ଉଲ୍ଲେଖ ରହିଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଡା. ସୁଦର୍ଶନ ବେହେରାଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ଦେବାକୁ ସେ ମନା କରିଦେଇଛନ୍ତି। ଆୟୁଷ ନିର୍ଦ୍ଦେଶକ ଭୂପେଶ ବେହେରାଙ୍କ କହିବା କଥା ହେଲା, ବିଏଏମ୍‌ଏସ୍‌ରେ ନାମଲେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ ଓଜେଇଇ ଏବଂ ଏନ୍‌ଇଇଟିରେ ପାଇଥିବା ର୍ୟାଙ୍କ ଅନୁସାରେ କରାଯାଉଛି। ଏଥିରେ କୌଣସି ବ୍ୟତିକ୍ରମ ହୋଇପାରିବ ନାହିଁ। ପୁରୀ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବେଆଇନ ଭାବେ ୨ଜଣ ପିଲାଙ୍କ ଆଡ୍‌ମିଶନ ସମ୍ପର୍କରେ ପୂର୍ବରୁ କୌଣସି ଅଭିଯୋଗ ହୋଇନାହିଁ। ଏବେ ଆପଣଙ୍କଠାରୁ ସୂଚନା ପାଉଛୁ। ଅଭିଯୋଗ ଆସିଲେ ନିଶ୍ଚିତଭାବେ ଘଟଣାର ତଦନ୍ତ କରାଯିବ ବୋଲି ବେହେରା କହିଛନ୍ତି। ହେଲେ ଏହି ଘଟଣା ନେଇ ସ୍ୱାସ୍ଥ୍ୟ ବିଭାଗଠାରେ ନଭେମ୍ବର ମାସରୁ ଅଭିଯୋଗ ହୋଇଥିଲେ ସୁଦ୍ଧା ନିର୍ଦ୍ଦେଶକ ଏ ସମ୍ପର୍କରେ ଜାଣି ନ ପାରିବା ଘଟଣାର ତଦନ୍ତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପଟେ ପୁରୀର ଜନୈକ ଆଇନଜୀବୀ ଆରଟିଆଇ ମାଧ୍ୟମରେ ପୁରୀ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ୨୦୨୦-୨୧ ପ୍ରଥମ ବର୍ଷରେ କେତେଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି ଏବଂ ଟ୍ରାନ୍ସଫର ମାଧ୍ୟମରେ କେତେଜଣଙ୍କ ନାମ ଲେଖାଯାଇଛି, ତାହାର ଗାଇଡ୍‌ଲାଇନ କ'ଣ ରହିଛି, ସେ ସମ୍ପର୍କରେ ଆୟୁଷ ମନ୍ତ୍ରଣାଳୟ ଠାରୁ ସବିଶେଷ ତଥ୍ୟ ମାଗିଛନ୍ତି। ଏଠାରେ ସୂଚନାଯୋଗ୍ୟ, ବିନା ଏନ୍‌ଇଇଟି ଯୋଗ୍ୟତାରେ ଆୟୁର୍ବେଦ ପାଠ ପଢୁଥିବା ୬ଜଣ ଛାତ୍ରଙ୍କୁ ଉତ୍ତରପ୍ରଦେଶ ସରକାର ନାମଲେଖା ରଦ୍ଦ କରିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

### ରାଜଧାନୀରେ ଧାନ...

ଉଭୟ ପକ୍ଷ ମଧ୍ୟରେ କିଛି ସମୟ ପାଇଁ ଧସ୍ତାଧସ୍ତି ହୋଇଥିଲା। ଆନ୍ଦୋଳନକାରୀ ଚାଷୀଙ୍କଠାରୁ ପୋଲିସ୍ ସଂଖ୍ୟା କମ୍ ଥିବାରୁ ଅଧିକ ପୋଲିସ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଲା। ଇତିମଧ୍ୟରେ ଟ୍ରାକ୍ଟରରେ ଆଣିଥିବା ଧାନକୁ ଚାଷୀମାନେ ନବୀନ ନିବାସ ଆଗରେ ଢାଳି ପ୍ରତିବାଦ କରିଥିଲେ। ଫଳରେ କିଛି ସମୟ ପାଇଁ ରାଜରାସ୍ତାରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସହ ବହୁସଂଖ୍ୟାରେ ଗାଡ଼ି ଅଟକି ରହିଥିଲା। ପରେ ଅଧିକ ସଂଖ୍ୟକ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ନବନିର୍ମାଣ ସଂଗଠନର ସଦସ୍ୟମାନେ ଭୁବନେଶ୍ୱର ସହିତ ବାଲେଶ୍ୱର, ନୟାଗଡ଼ ଜିଲା ଆଦି ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ପ୍ରତିବାଦ କରିଛନ୍ତି।

ନବନିର୍ମାଣ କୃଷକ ସଂଗଠନ ଆବାହକ ଅକ୍ଷୟ କୁମାର କହିଛନ୍ତି, ଚାଷୀଙ୍କ ଧାନ ବିକ୍ରି ହେଉନି। ୮ରୁ ୧୦ କେଜି କାଟ ହେଉଛି, ମଣ୍ଡିରେ ଅବ୍ୟବସ୍ଥା। ମିଲର, ସୋସାଇଟି ଓ ବେପାରୀଙ୍କ ମଧ୍ୟରେ ସଲାସୁତରା ଯୋଗୁ ଚାଷୀ ପେଷି ହୋଇଯାଉଛି। ଚାଷୀଙ୍କ ଅସୁବିଧା କଥା ଯଦି ସରକାର ଚିନ୍ତା ନ କରିବେ ତେବେ ଅସନ୍ତୋଷ ବ୍ୟାପିବା ସ୍ୱାଭାବିକ। ସରକାରଙ୍କୁ ଚେତାଇ ଦେବାକୁ ନବନିର୍ମାଣ କୃଷକ ସଂଗଠନ ଏହି ପଦକ୍ଷେପ ନେଇଛି। ଯଦି ସରକାର ଚାଷୀ ସମସ୍ୟା ସମାଧାନ ନ କରନ୍ତି ତେବେ ଅସନ୍ତୋଷ ଆହୁରି ବ୍ୟାପିବ। ପ୍ରତି ଜିଲାରେ ଆନ୍ଦୋଳନ ହେବ। ଚାଷୀଙ୍କୁ ଭୁବନେଶ୍ୱର ଆସିବାକୁ ଦିଆଯାଉନାହିଁ। ଚାଷୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ବି ସରକାର ହନନ କରୁଛନ୍ତି ବୋଲି ସେ କହିଛନ୍ତି।

ନବୀନ ନିବାସ ସମ୍ମୁଖରେ ସବୁ ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ରହୁଥିବା ବେଳେ ପୋଲିସ ୨୪ ଘଣ୍ଟା ପଇଁତରା ମାରିଥାନ୍ତି। ସେଠାରେ ସବୁବେଳେ ୧୪୪ ଧାରାଜାରିହୋଇଥାଏ।ହେଲେଚାଷୀକିପରିକଡ଼ାସୁରକ୍ଷାବଳୟଭେଦକରିନବୀନ ନିବାସ ନିକଟରେ ପହଞ୍ଚିବାକୁ ସକ୍ଷମ ହେଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### କ୍ଷମତା ଗଲାପରେ...

ଆଇନସମ୍ମତ ପ୍ରତିବାଦ ଗଣତନ୍ତ୍ରର ଅଂଶ ହୋଇଥିବାବେଳେ ସରକାରୀ ବିଲ୍ଡିଂରେ ଧସେଇ ପଶି ଭଙ୍ଗାରୁଜା କରିବା ନିୟମବିରୁଦ୍ଧ ବୋଲି ସେ ଟୁଇଟ୍ କରିଛନ୍ତି। ଗତବର୍ଷ ଅକ୍ଟୋବର ୩୦ରେ ବ୍ରାଜିଲ ନିର୍ବାଚନରେ ବୋଲସୋନାରୋଙ୍କୁ ହରାଇ ଲୁଲା ଡା ସିଲ୍‌ଭା କ୍ଷମତାକୁ ଆସିଥିଲେ। ତେବେ ବୋଲସୋନାରୋ ଓ ତାଙ୍କ ସମର୍ଥକମାନେ ପରାଜୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ। ବ୍ରାସିଲିଆରେ ରବିବାର ଘଟିଥିବା ବିଶୃଙ୍ଖଳିତ କାର୍ଯ୍ୟକୁ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଭିନ୍ନ ଦେଶର ନେତାମାନେ ନିନ୍ଦା କରିଛନ୍ତି।

# ସ୍କୁଲ ଯାଞ୍ଚ କରିବେ ଓଏଏସ୍ ଅଧିକାରୀ

ଭୁବନେଶ୍ୱର, ୯।୧(ବ୍ୟୁରୋ)

ରାଜ୍ୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ସମସ୍ତ ଯୋଜନା ସମେତ ସରକାର ଅନ୍ୟ ଯେଉଁସବୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି ସେସବୁର ଯାଞ୍ଚ ଓଏଏସ୍ ସ୍ତରର ଅଧିକାରୀମାନେ କରିବେ। ମଧ୍ୟାହ୍ନ ଭୋଜନ, ଉଜ୍ଜ୍ୱଳ-ଉତ୍ଥାନ ଯୋଜନାଠାରୁ ଆରମ୍ଭ କରି ଶିକ୍ଷାଦାନ ଓ ସ୍କୁଲର ଶୈକ୍ଷିକ ବ୍ୟବସ୍ଥାର ନିୟମିତ ଯାଞ୍ଚ ହେବ। ପୂର୍ବରୁ ଏହି ଯାଞ୍ଚ ବିଇଓ, ସିଆର୍‌ସିସିମାନେ କରୁଥିବାବେଳେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ଲାଗି ପ୍ରଶାସନିକ ଅଧିକାରୀଙ୍କୁ ସାମିଲ କରାଯାଇଛି। ଯୁଗ୍ମ ସଚିବ ପାହ୍ୟାର ଅଧିକାରୀମାନେ ବିଭିନ୍ନ ସ୍କୁଲ ଗସ୍ତରେ ଯାଇ ରିପୋର୍ଟ ପ୍ରଦାନ କରିବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉଭୟ ଘରୋଇ ଓ ସରକାରୀ ସ୍କୁଲରେ ଏହି ଯାଞ୍ଚ ହେବ। ସ୍କୁଲରେ ପିଲାଙ୍କୁ ମୌଳିକ ସୁବିଧା ମିଳୁଛି କି ନାହିଁ, ଶିକ୍ଷା ଅଧିକାର ଆଇନ ମୁତାବକ ଶିକ୍ଷାୟତନରେ ସମସ୍ତ ବ୍ୟବସ୍ଥା ରହିଛି କି ନାହିଁ, ଏସବୁ ଯାଞ୍ଚ ଲାଗି ଜିଲା ଓ ବ୍ଲକ୍ ସ୍ତରର ଶିକ୍ଷାଧିକାରୀ ସେମାନଙ୍କ ଅଧୀନରେ ଥିବା ସ୍କୁଲଗୁଡ଼ିକୁ ଯାଞ୍ଚ ଲାଗି ଯାଉ ନ ଥିଲେ। ରାଜ୍ୟର ଏପରି ଅନେକ ଅଞ୍ଚଳରେ ସ୍କୁଲ ରହିଛି, ଯେଉଁଠିକୁ ବିଇଓ, ଡିଇଓ, ସିଆର୍‌ସିସି ଯିବାକୁ ମଧ୍ୟ ନାପସନ୍ଦ କରିଥାନ୍ତି। ଏପରିକି ଅନେକ ସମୟରେ ଭୁଲ୍ ରିପୋର୍ଟ କିମ୍ବା ସୁହାଇଲା ଭଳି ରିପୋର୍ଟ ମଧ୍ୟ ଦାଖଲ କରିଥାନ୍ତି। ଫଳରେ ଏହି ସମସ୍ୟା ଯୋଗୁ ଗତ କିଛିବର୍ଷ ହେବ ରାଜ୍ୟରେ ପ୍ରତିବର୍ଷ ଏନ୍‌ଓସି ସମସ୍ୟାର ସମାଧାନ ହୋଇପାରୁନି। ଅନେକ ସ୍କୁଲରେ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ବ୍ୟବସ୍ଥା ଥିଲେ ମଧ୍ୟ ସମ୍ପୃକ୍ତ ସ୍କୁଲକୁ ସ୍ୱୀକୃତି ମିଳୁନାହିଁ। ଏହାବ୍ୟତୀତ ସ୍କୁଲଗୁଡ଼ିକରେ ବହୁ ତ୍ରୁଟି ଥିବାବେଳେ କେତେଜଣ ଅଧିକାରୀ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି। ତେବେ ଏପରି ସମସ୍ୟା କେବଳ ସ୍କୁଲ ପରିଦର୍ଶନରେ ଯାଉଥିବା କେତେଜଣ ଅଧିକାରୀଙ୍କ ଲାଗି ଘଟୁଛି ବୋଲି ବହୁବାର ଅଭିଯୋଗ ହୋଇଛି। ତେଣୁ ଏସବୁ ଅଭିଯୋଗକୁ ଭିତ୍ତିକରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଓଏଏସ୍ ଅଧିକାରୀଙ୍କୁ ସ୍କୁଲ ପରିଦର୍ଶନ କରିବାକୁ ପଡ଼ିବ। ଉଭୟ ସରକାରୀ ଏବଂ ଘରୋଇ ସ୍କୁଲର ରିପୋର୍ଟ ସେମାନେ ସରକାରଙ୍କ ପାଖରେ ଦାଖଲ କରିବେ। ଏହି ଅଧିକାରୀଙ୍କ ସହିତ ଉଭୟ ବ୍ଲକ ଓ ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ଅଧିକାରୀ ମଧ୍ୟ ଉପସ୍ଥିତ ରହିବେ।

# ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ୨୦ରୁ ଦୂରଦର୍ଶନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ଆସନ୍ତା ୨୦ ତାରିଖରୁ ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର (ଓଆର୍‌ଏସ୍‌ଏସି) ଦ୍ୱାରା ପ୍ରସ୍ତୁତ ଶିକ୍ଷାଭିତ୍ତିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦୂରଦର୍ଶନ ମାଧ୍ୟମରେ ପ୍ରସାରିତ ହେବ। ପ୍ରତି ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସନ୍ଧ୍ୟା ୭ଟା ୩୦ରୁ ରାତି ୮ଟା ପର୍ଯ୍ୟନ୍ତ ଏହି ଅଧଘଣ୍ଟିଆ ଶିକ୍ଷା କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ବିଶେଷକରି ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଆତ୍ମବିଶ୍ୱାସ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ବେଶ୍ ସହାୟକ ହେବ। କେତେଜଣ ଅଭିଜ୍ଞ ଦକ୍ଷ ଶିକ୍ଷକଙ୍କୁ ନେଇ ଗଣିତ, ବିଜ୍ଞାନ ଓ ଇଂଲିଶ ବିଷୟରେ ପ୍ରସାରିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପରୀକ୍ଷାର୍ଥୀଙ୍କୁ ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତିରେ ସାହାଯ୍ୟ କରିବ। ସେହିପରି ଏହି ବିଶେଷ କାର୍ଯ୍ୟକ୍ରମଗୁଡିକ ଦୂରଦର୍ଶନରେ ପ୍ରସାରଣ ହେବା ସହ ୟୁ-ଟ୍ୟୁବ୍ (EDUSAT ODISHA – ORSAC)ରେ ଉପଲବ୍ଧ ହେବ ବୋଲି କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ତେଣୁ ସମସ୍ତ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କୁ ଏହି ବିଶେଷ ପ୍ରସାରଣଗୁଡ଼ିକୁ ଦେଖି ତାହାର ଉପଯୋଗ କରିବା ପାଇଁ ସେ ନିବେଦନ କରିଛନ୍ତି।

### ଅର୍ଚ୍ଚନାଙ୍କ ଆଲିଶାନ୍...

ଏପରିକି ଘରେ ଲାଗିଥିବା ଦାମୀ ସାମଗ୍ରୀର ମୂଲ୍ୟାୟନ ଏବଂ ଇଣ୍ଟେରିୟର ଡିଜାଇନ ସମ୍ବନ୍ଧରେ ମଧ୍ୟ ଇଡି ତଥ୍ୟ ହାସଲ କରିଥିଲା। ଅନ୍ୟପକ୍ଷରେ ଏହି ମାମଲାରେ ସୋମବାର ଇଡି ପକ୍ଷରୁ ଅର୍ଚ୍ଚନା, ଜଗବନ୍ଧୁ, ଖଗେଶ୍ୱର ଓ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ସମେତ ୪ ଜଣଙ୍କ ବିରୋଧରେ କୋର୍ଟରେ ପ୍ରାଥମିକ ଚାର୍ଜଶିଟ ଦାଖଲ କରାଯାଇଛି। କୋର୍ଟରେ ଦାଖଲ ହୋଇଥିବା ଏହି ଚାର୍ଜଶିଟ୍ ୨ ହଜାର ୨୪୧ ପୃଷ୍ଠା ସମ୍ବଳିତ ରହିଛି। ଜେରା ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ମୋଟ ୧୫ ଜଣଙ୍କ ବୟାନ ଏହି ଚାର୍ଜଶିଟ୍‌ରେ ରହିଛି। ତେବେ ଏହି ମାମଲାର ତଦନ୍ତକୁ ଖୋଲା ରଖାଯାଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଅର୍ଚ୍ଚନା, ଜଗବନ୍ଧୁ ଖଗେଶ୍ୱରଙ୍କ ସମ୍ପତ୍ତି କାହିଁକି ବାଜ୍ୟାପ୍ତ ନ ହେବ ସେମାନଙ୍କୁ ଇଡି କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଆସନ୍ତା ୧୩ ତାରିଖରେ ଏନେଇ କୋର୍ଟରେ ଶୁଣାଣି ହେବାକୁ ଥିବାବେଳେ ଅଭିଯୁକ୍ତମାନେ ଏ ସଂକ୍ରାନ୍ତରେ ସେମାନଙ୍କ ପକ୍ଷ ରଖିବେ ବୋଲି ଜଣାପଡିଛି।

### ୧୧ରୁ ଶୀତ କମିବ...

ଭବାନୀପାଟଣାରେ ୭.୫, ଢେଙ୍କାନାଳରେ ୭.୫, ବଲାଙ୍ଗୀରରେ ୮.୮, ସୋନପୁରରେ ୯.୧, ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୨.୫ ଡିଗ୍ରୀ ସେଲସିୟସ ରେକର୍ଡକରାଯାଇଛି।ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବା ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତର ପ୍ରକୋପ ଜାରି ରହିବ।

### ମହିଳାଙ୍କ ନିଷ୍ପତ୍ତି...

ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ରାଜ୍ୟର ସବୁ ଜିଲା ଓ ବ୍ଲକ୍‌ରୁ ଭିଡିଓ କନଫରେନ୍ସ ଜରିଆରେ ଯୋଡ଼ି ହୋଇଥିବା ମହିଳାମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳାମାନେ ବର୍ତ୍ତମାନ ଘରର ଚାରି କାନ୍ଥରୁ ବାହାରି ବ୍ୟବସାୟଠାରୁ ଆରମ୍ଭକରି ବିକାଶର ବିଭିନ୍ନ କ୍ଷେତ୍ରରେ ନିଷ୍ପତ୍ତି ନେଉଛନ୍ତି। ମହିଳାଙ୍କ ଏହି ନିଷ୍ପତ୍ତି ନେବାର କ୍ଷମତା ହେଉଛି ପ୍ରକୃତ ରୂପାନ୍ତର। ଆଗାମୀ ଦିନରେ ସେମାନେ ଆହୁରି ବଡ଼ ବଡ଼ ନିଷ୍ପତ୍ତି ନେବାସହ ଓଡ଼ିଶାର ରୂପାନ୍ତରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବେ। ୭୦ ଲକ୍ଷ ମହିଳାଙ୍କ ଏହି ବିରାଟ ଅନୁଷ୍ଠାନ ବର୍ତ୍ତମାନ ଓଡ଼ିଶା ବିକାଶର ନୂଆ ଇତିହାସ ଲେଖୁଛି। ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ଜିଲାସ୍ତରୀୟ ଫେଡେରେଶନକୁ ଏକ କୋଟି ଟଙ୍କା ଓ ବ୍ଲକ ଫେଡେରେଶନକୁ ୫୦ ଲକ୍ଷ ଟଙ୍କାର ରିଭଲଭିଂ ଫଣ୍ଡ ଆଦି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହିଳାଙ୍କୁ ଉଦ୍ୟୋଗୀ ଭାବେ ଦେଖିବା। ଆଗାମୀ ୫ ବର୍ଷରେ ୫୦ ହଜାର କୋଟି ଟଙ୍କାର ଋଣ ଓ ୧୨୦୦ କୋଟି ଟଙ୍କାର ସୁଧ ରିହାତି ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ଏହି ଅବସରରେ ଯାଜପୁରର ଜିଲାସ୍ତରୀୟ ଫେଡେରେଶନ ଭବନକୁ ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଏହି ସାମାଜିକ ଓ ଆର୍ଥିକ ସଶକ୍ତୀକରଣ କାର୍ଯ୍ୟକ୍ରମ ଆଜି ଏକ ବୈପ୍ଳବିକ ଆନ୍ଦୋଳନରେ ପରିଣତ ହୋଇଛି। ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପାଇବାର ଯେଉଁ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ କରିଛନ୍ତି ତାହା ମହିଳାଙ୍କ ପାଇଁ ବହୁତ ଉପଯୋଗୀ ସାବ୍ୟସ୍ତ ହେବ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ମିଶନ ଶକ୍ତି ବିଭାଗ କମିଶନର-ତଥା-ଶାସନ ସଚିବ ସୁଜାତା କାର୍ତ୍ତିକେୟନ କହିଛନ୍ତି, ଆଗରୁ ସୁଧ ରିହାତି ପାଇବା ପାଇଁ ମହିଳାମାନେ ବ୍ୟାଙ୍କକୁ ବାରମ୍ବାର ଯାଉଥିଲେ। ଏବେ ସେ ଅବସ୍ଥା ଆଉ ନାହିଁ। ୫-ଟିରେ ଟେକ୍ନୋଲୋଜି ବ୍ୟବସ୍ଥା କରାଯାଇ ଖୁବଶୀଘ୍ର ସୁଧ ରିହାତି ହିସାବ କରି ମହିଳାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଇ ଦିଆଯାଉଛି। ସେମାନଙ୍କ ପାଇଁ ଯେଉଁ ରିଭଲଭିଂ ଫଣ୍ଡ କରାଯାଇଛି, ତାହା ଏକ ମିନି ବ୍ୟାଙ୍କରେ ପରିଣତ ହେବ। ସେମାନେ କେବଳ ପାରମ୍ପରିକ ବ୍ୟବସାୟ ନୁହେଁ, ବିଭିନ୍ନ ଆଧୁନିକ ବ୍ୟାବସାୟ ଯଥା – ଫେଶନ ଡିଜାଇନ, କୃଷି ଉଦ୍ୟୋଗ, ବିଉଟି ଓ ୱେଲନେସ୍ ଆଦି ବ୍ୟବସାୟ ଯେପରି କରିପାରିବେ, ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି। ଓଡ଼ିଶା ଜୀବିକା ମିଶନର ସିଇଓ ମାନସୀ ନିମ୍ଭାଲ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ଗୀତା ବସ୍ତିଆ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମାନ୍ତରୀକରଣ ପ୍ରସଙ୍ଗରେ...

ବଳପୂର୍ବକ ଏବଂ ପ୍ରତାରଣା ଦ୍ୱାରା ଧର୍ମାନ୍ତରୀକରଣକୁ ନେଇ ଖଣ୍ଡପୀଠ କହିଛନ୍ତି ଯେ, ଅନେକ ଉପାୟ ରହିଛି, ପ୍ରଲୋଭନରେ କିଛି ବି ହୋଇପାରେ। ଯଦି ଏପରି ହେଉଛି, ତେବେ କେବେ ଏବଂ କ'ଣ କରାଯିବା ଉଚିତ? ଏହାକୁ ସୁଧାରିବା ଭଳି ପଦକ୍ଷେପ କ'ଣ ରହିଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରି ଆଟର୍ନି ଜେନେରାଲଙ୍କ ସହାୟତା ଲୋଡ଼ିଛନ୍ତି। ହେଲେ ଶୁଣାଣି ଆରମ୍ଭରେ ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ୱିଲ୍‌ସନ ଏହି ଜନସ୍ୱାର୍ଥ ମାମଲାକୁ 'ରାଜନୀତି ଅଭିସନ୍ଧିମୂଳକ' ବୋଲି ବର୍ଣ୍ଣନା କରିବା ସହ ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ ବିଧାନପାଳିକା ଉପରେ ଛାଡ଼ିଦେବା ଉଚିତ ବୋଲି କହିଛନ୍ତି। ସେ କୋର୍ଟଙ୍କୁ ଅବଗତ କରାଇଛନ୍ତି ଯେ, ତାମିଲନାଡୁରେ ୨୦୦୨ରେ ଧର୍ମାନ୍ତରୀକରଣ ବିରୋଧୀ ଆଇନ ଥିଲା। ତାହାକୁ ୨୦୦୬ରେ ରଦ୍ଦ କରାଯାଇଥିଲା। କାରଣ ଏହା ଲୋକଙ୍କ ଇଚ୍ଛା ଥିଲା। ଏହା ଜାରି ରହିବା ଉଚିତ ଏବଂ ଏନେଇ କୌଣସି ଆଇନ କରିବାକୁ କୋର୍ଟ କୌଣସି ନିର୍ଦ୍ଦେଶ ଜାରି କରିପାରିବେ ନାହିଁ ବୋଲି ୱିଲସନ୍ କହିଛନ୍ତି। ତେବେ ତୁମର କ'ଣ ଷ୍ଟାଣ୍ଡ ରହିଛି ବୋଲି ଜଷ୍ଟିସ୍ ଶାହାଙ୍କ ପ୍ରଶ୍ନରେ ଆଇନଜୀବୀ ୱିଲସନ୍ କହିଛନ୍ତି ଯେ, 'ଆମର ଷ୍ଟାଣ୍ଡ ହେଉଛି ଲୋକେ ନିଷ୍ପତ୍ତି ନିଅନ୍ତୁ। ରାଜ୍ୟରେ ଧର୍ମାନ୍ତରୀକରଣ ଜନିତ କୌଣସି ବିପଦ ନାହିଁ।' ଏହାସହ ଆବେଦନକାରୀ ଉପାଧ୍ୟାୟ ଜଣେ ଭାଜପା ନେତା ଏବଂ ତାଙ୍କ ବିରୋଧରେ ରାଷ୍ଟ୍ରଦ୍ରୋହ ମାମଲା ଚାଲିଥିବା ଆଇନଜୀବୀ ୱିଲସନ୍ ଦର୍ଶାଇଛନ୍ତି। ଏହାର ଜବାବରେ ଖଣ୍ଡପୀଠ କହିଥିଲେ ଯେ, ତୁମର ଏଭଳି କହିବା ପଛରେ ଅନ୍ୟ କାରଣ ଥାଇପାରେ। ଅଦାଲତ କାର୍ଯ୍ୟକୁ ଅନ୍ୟ କଥାରେ ବଦଳାଅ ନାହିଁ। ଆମେ ସମଗ୍ର ଦେଶ ପାଇଁ ଚିନ୍ତିତ। ଯଦି ତୁମ ରାଜ୍ୟରେ ଏଭଳି ଘଟୁଛି ତା'ହେଲେ ଖରାପ। ନ ହେଉଥିଲେ ଭଲ। ଏହାକୁ ଗୋଟିଏ ରାଜ୍ୟ ଉପରେ ଟାର୍ଗେଟ୍ ଭାବେ ଦେଖ ନାହିଁ ଏବଂ ଏହାକୁ ରାଜନୈତିକ କରନାହିଁ। ଖଣ୍ଡପୀଠ ଏହି ମାମଲାର ଶୁଣାଣିକୁ ଆସନ୍ତା ଫେବୃୟାରୀ ୭ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ଆବେଦନକାରୀ ଉପାଧ୍ୟାୟ ଯୁକ୍ତି ଦର୍ଶାଇଥିଲେ ଯେ, ଧର୍ମାନ୍ତରୀକରଣ ଏକ ଦେଶବ୍ୟାପୀ ସମସ୍ୟା। ଏଥିରୁ କୌଣସି ଗୋଟିଏ ବି ଜିଲା ମୁକ୍ତ ନୁହେଁ। ଏହାଦ୍ୱାରା ନାଗରିକମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାର ଶୁଣାଣି କରି ଖଣ୍ଡପୀଠ କିଛିଦିନ ତଳେ ରାୟ ଦେଇଥିଲେ ଯେ, ବଳପୂର୍ବକ ଧର୍ମାନ୍ତରୀକରଣ ଦ୍ୱାରା ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇପାରେ। ଏହାସହ ନାଗରିକଙ୍କ ଧାର୍ମିକ ସ୍ୱାଧୀନତାକୁ ପ୍ରଭାବିତ କରିପାରେ। ଏହି ଗମ୍ଭୀର ପ୍ରସଙ୍ଗକୁ ମୁକାବିଲା କରିବା ପାଇଁ ଆନ୍ତରିକତାର ସହ ଉଦ୍ୟମ କରିବାକୁ କେନ୍ଦ୍ରକୁ ଖଣ୍ଡପୀଠ କହିଥିଲେ।

ସୂଚନାଥାଉ କି, ଗତ ଶୁଣାଣି ସମୟରେ ଖଣ୍ଡପୀଠ ପିଆଇଏଲ୍‌ରେ ସଂଖ୍ୟାଲଘୁ ଧର୍ମ ବିରୋଧରେ ରହିଥିବା ଅପମାନଜନକ ବିବୃତି ହଟାଇବାକୁ ଆବେଦନକାରୀ ଉପାଧ୍ୟାୟଙ୍କୁ କହିଥିଲେ। ଯେପରି ସେହି ବିବୃତି ରେକର୍ଡରେ ରହିବ ନାହିଁ ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଘଟଣାରେ ହସ୍ତକ୍ଷେପ ଲୋଡ଼ିଥିବା କେତେକ ଖ୍ରୀଷ୍ଟିଆନ ସଂଗଠନ ପକ୍ଷରୁ ଆଇନଜୀବୀ ଦୁଶ୍ୟନ୍ତ ଦୁବେ ଖଣ୍ଡପୀଠଙ୍କୁ ଜଣାଇଥିଲେ ଯେ, ଆବେଦନକାରୀ ଅଶ୍ୱିନୀ ଉପାଧ୍ୟାୟ ଅନ୍ୟ ଧର୍ମ ବିରୋଧରେ ଅତ୍ୟନ୍ତ ଘୃଣ୍ୟ ଅଭିଯୋଗ କରିଛନ୍ତି। ଏପରି କି ଆବେଦନକାରୀ ଘୃଣା ଭାଷଣ ଦେବା ଯୋଗୁ ତାଙ୍କ ବିରୋଧରେ ମାମଲା ଚାଲୁ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱଗୃହୀ କେନ୍ଦ୍ରସ୍ଥ ଚନ୍ଦ୍ର ଯୋଗୁ ନିକଟ ସମ୍ପର୍କୀୟମାନଙ୍କ ସହଯୋଗରେ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଟେନ୍‌ସନ ଲାଗି ରହିଲେ ମଧ୍ୟ ସଫଳତା ପାଇବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେତୁ ହାଲୁକା ମନେକରିବେ। ବନ୍ଧୁ ମିଳନରେ ବାକ୍ ଅସଂଯମ ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବୃଷ** ଭାଗ୍ୟ ସ୍ଥାନରୁ ଶନି ଓ ଶୁକ୍ରଙ୍କ ଦୃଷ୍ଟି ଚନ୍ଦ୍ର ଉପରେ ଥିବାରୁ ପ୍ରତ୍ୟେକ କାମରେ ଜୟଯୁକ୍ତ ଓ ସଫଳତା ମିଳିବ। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି ଅଜଣା ବ୍ୟକ୍ତିଙ୍କ ପ୍ରତି ସତର୍କ ରୁହନ୍ତୁ। ବ୍ୟବସାୟ ସନ୍ତୋଷଜନକ ହେବା ସହ ପରିସରରେ ପ୍ରଶଂସିତ ହେବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ମିଥୁନ** ଧନ ସ୍ଥାନରେ ଧନାଧିପତି ଧନଲାଭ ସହ କାର୍ଯ୍ୟସିଦ୍ଧି କରାଇବେ। ମାଲିମକଦ୍ଦମା, ଘରୋଇ ଆଲୋଚନାରେ ଟେନ୍‌ସନ ସୃଷ୍ଟିହୋଇ ମନକୁ ଭାରାକ୍ରାନ୍ତ କରିପାରେ। ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ ହେଲେ ମଧ୍ୟ ପାଟି ନ ଖୋଲି ନୀରବ ରହିଲେ ଭଲ । ବ୍ୟବସାୟିକ କ୍ଷେତ୍ରରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କର୍କଟ** ଆଜି ନିଜ ରାଶିରେ ଚନ୍ଦ୍ର ହେତୁ ଦୈହିକ ମାନସିକ ପ୍ରଫୁଲ୍ଲତା ଅନୁଭବ କରିବେ। କୌଣସି ବନ୍ଧୁ କିମ୍ବା ନିଜ ପରିସରର ବ୍ୟକ୍ତିମାନେ ଆପଣଙ୍କ ସହଯୋଗ ଲୋଡ଼ି ପାରନ୍ତି। ଜମିଜମା ସମ୍ପର୍କିତ କଥା, ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। କୌଣସି ଈର୍ଷାପରାୟଣ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ସିଂହ** ବୃହସ୍ପତି ସ୍ୱଗୃହୀ ହୋଇ ଦୁଃସ୍ଥାନସ୍ଥ ହେତୁ ବିଭିନ୍ନ ସମସ୍ୟା ସୃଷ୍ଟି କରାଇ କାମରେ ପ୍ରତିବନ୍ଧକ ସୃଷ୍ଟି କରିବେ। ଶାରୀରିକ ସୁସ୍ଥତାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇପାରେ। ଆଜି ଦିନଟିରେ କିଛି ଦେଲେ ହିଁ କିଛି ପାଇବେ। ଅଭାବ ଓ କେତେକ ପାରିବାରିକ ଅସୁବିଧା ଓ ଅସାମାନ୍ୟତା କର୍ମକ୍ଷେତ୍ରକୁ ବିଳମ୍ବିତ କରିପାରେ।

**କନ୍ୟା** ଏକାଦଶସ୍ଥ ଚନ୍ଦ୍ର ଓ ଗୁରୁଦୃଷ୍ଟି ଯୋଗୁ ଯେଉଁ କାମରେ ହାତ ଦେଲେ ହେଁ ସଫଳତା ପ୍ରାପ୍ତି ଅବଶ୍ୟମ୍ଭାବୀ। କର୍ମକ୍ଷେତ୍ରରେ ମଧ୍ୟ ପ୍ରତ୍ୟେକ କାମ ମନ ମୁତାବକ ସମ୍ପନ୍ନ ହେବାରୁ ଖୁସି ହେବେ। କିନ୍ତୁ ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିବ। ଆଜି ଦିନଟିରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ତୁଳା** ଚନ୍ଦ୍ର ସପ୍ତମରେ କେନ୍ଦ୍ରସ୍ଥ ଶନି ସମସ୍ୟାର ସମାଧାନ ଦିଗରେ ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରାଇବ। ଥଣ୍ଡାଜନିତ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିପାରିବ। ଇଚ୍ଛା ନ ଥିଲେ ମଧ୍ୟ ଅନ୍ୟ ଦ୍ୱାରା ପ୍ରେରିତହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**ବିଛା** ଅନୁକୂଳ ଗ୍ରହ ସ୍ଥିତି କାରଣରୁ ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟରେ ଅନୁକୂଳ ଫଳ ପ୍ରଦାନ କରିବେ। ସ୍ୱାସ୍ଥ୍ୟ, ପରିବାର, ଲୋକ ସମ୍ପର୍କ, ସାହିତ୍ୟ, ସାମ୍ବାଦିକତା, ରାଜନୀତି, ପ୍ରଶାସନ କ୍ଷେତ୍ର ବହୁତ ଭଲ ରହିବ। ଶତ୍ରୁତା କାରଣରୁ ଶିଳ୍ପ ଓ ବାଣିଜ୍ୟରେ ଉନ୍ନତିର ପଥରୋଧ ଘଟିପାରେ। ସବୁକଥାକୁ ହାଲୁକା ଭାବିଲେ କ୍ଷତିରେ ପଡ଼ିବେ।

**ଧନୁ** ବଳବାନ୍ ପାପଗ୍ରହ ପ୍ରଭାବରୁ ସ୍ୱାସ୍ଥ୍ୟ, ପରିବାର, ବନ୍ଧୁ ସମ୍ପର୍କ କ୍ଷେତ୍ରରେ ଶୁଭଫଳ ପାଇବା କଷ୍ଟକର। ପ୍ରତ୍ୟେକ କ୍ଷେକ୍ଷତ୍ରରେ ଭୁଲ୍ ବୁଝାମଣା ଓ ଭାବପ୍ରବଣତା ସମସ୍ୟାର ମୂଳ କାରଣ ହେବ। ଶତ୍ରୁମାନେ ପଛରେ ଛାଇ ଭଳି ଲାଗିରହି ସମସ୍ୟା ସୃଷ୍ଟି କରିପାରନ୍ତି। ବ୍ୟବସାୟ, ପରିବହନ, ନିର୍ମାଣ, ଶିଳ୍ପ, ବାଣିଜ୍ୟରେ ଲାଭାଂଶ ବଢ଼ିପାରେ।

**ମକର** କର୍ମସ୍ଥ କେତୁଙ୍କ କୁପ୍ରଭାବରୁ ବ୍ୟସ୍ତତା ଓ ବିବ୍ରତ ମଧ୍ୟରେ ଘରର ଦାୟିତ୍ୱପୂର୍ଣ୍ଣ କାମଟି କରିପାରିବେ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା, ବ୍ୟବସାୟ, ଯାତ୍ରା ସମ୍ବନ୍ଧୀୟ ଚିନ୍ତା ମନକୁ ବ୍ୟାକୁଳିତ କରିପାରେ। ଭୁଲ୍ ବୁଝାମଣା ହେତୁ ପରିବାରରେ, କର୍ମକ୍ଷେତ୍ରରେ, ସଭାସମିତିରେ ସମସ୍ୟା ଲାଗି ରହିବ। ବନ୍ଧୁମିଳନ ହେତୁକ ଆନନ୍ଦ ଅନୁଭବ କରିପାରନ୍ତି।

**କୁମ୍ଭ** ପାପଗ୍ରହ ପ୍ରଭାବରୁ ଅତୀତର କୌଣସି ଘଟଣାକୁ କେନ୍ଦ୍ରକରି କଳହ ଲାଗିପାରେ। କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମ ତ ନିଶ୍ଚିତ ସମାପନ ହେବ, କିନ୍ତୁ ବହୁତ ଡେରିରେ ହିଁ ସମ୍ପନ୍ନ ହେବ। କଠିନ ପରିଶ୍ରମ ଜନିତ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**ମୀନ** ସ୍ୱଗୃହକୁ ରବି ଓ ବୁଧଙ୍କ ଦୃଷ୍ଟିଜନିତ ବନ୍ଧୁମିଳନ ସାଙ୍ଗକୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଖୁସି ରହିବେ। ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱକୁ କର୍ମକ୍ଷେତ୍ରରେ, ସଭାସମିତିରେ, ବାଣିଜ୍ୟରେ ଉଚ୍ଚସ୍ଥାନ ମିଳିବ। ମଧ୍ୟାହ୍ନରେ ଟେନ୍‌ସନ ବଢ଼ିପାରେ, ମିତ୍ରମାନେ ଈର୍ଷାପରାୟଣ ହୋଇପାରନ୍ତି। ଭୁଲ୍ ବୁଝାମଣାରୁ ପରିବାରରେ ଝଡ଼ ଉଠିବା ଆଶଙ୍କା ରହିଛି।

ଆଜି ମାଘ କୃଷ୍ଣ ତୃତୀୟାଯୁକ୍ତ ଚତୁର୍ଥୀ, ମଙ୍ଗଳବାର, ଜାନୁୟାରୀ ୧୦ ତାରିଖ, ସଙ୍କଟ ଚତୁର୍ଥୀ ବ୍ରତ। ରାଶି ନକ୍ଷତ୍ର-ଦିବା ଘ.୦୯।୦୧ମି ପରେ ମଘା/ସିଂହ, ଚତୁର୍ଥୀର ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬।୨୭ ମି. ଗତେ, ଘ.୦୭।୧୦ ମଧ୍ୟେ, ଘ. ୦୯।୧୦ ଗତେ, ଘ.୧୧।୩୨ ମଧ୍ୟେ ଶୁଭ ଶୁଭବେଳା। ଅପରାହ୍ନ ଘ.୦୨।୨୭ ଗତେ, ଘ.୦୩।୫୯ ମଧ୍ୟେ ରାହୁକାଳ।




# ପୋଲିସ ଲୋକଙ୍କ ମିତ୍ର ହୋଇ କାର୍ଯ୍ୟ କରୁ: ମୁଖ୍ୟମନ୍ତ୍ରୀ

- ରେଜିଂ ଡେ' ପରେଡ ସମାରୋହ
- ୧୬ ବର୍ଷରେ ପଦାର୍ପଣ କଲା କମିଶନରେଟ୍ ପୋଲିସ

ଭୁବନେଶ୍ୱର, ୯।୧(ବ୍ୟୁରୋ)

ରାଜ୍ୟ ପୋଲିସ ବିଭାଗ ୫-ଟିରେ ସାମିଲ ହେବାପରେ ଅନେକ ପରିବର୍ତ୍ତନ ଆସିଛି। ପୋଲିସ ଉପରେ ଲୋକଙ୍କ ଆସ୍ଥା ବଢ଼ିଛି। ଯଦି ଲୋକମାନଙ୍କର ଆସ୍ଥା ଆହୁରି ବଢ଼ିବ ବହୁତ ଖୁସି ହେବି। ଥାନାରେ ଲୋକଙ୍କୁ ଉପଯୁକ୍ତ ସମ୍ମାନ ମିଳୁଥିବା ଖବର ମିଳୁଛି। ପୋଲିସ ସବୁବେଳେ ଲୋକଙ୍କ ମିତ୍ର ଓ ବରିଷ୍ଠ ନାଗରିକଙ୍କ ବନ୍ଧୁ ହୋଇ କାର୍ଯ୍ୟ କରୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ବ୍ୟବସ୍ଥା ୧୬ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ଆୟୋଜିତ ରେଜିଂ ଡେ' ପରେଡ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ସାଇବର ଅପରାଧ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏଭଳି ଅପରାଧ ରୋକିବାରେ କମିଶନରେଟ୍ ପୋଲିସ ନିଜର ଦକ୍ଷତାରେ ଉନ୍ନତି ଆଣିବା ସହ ଦେଶରେ ଏକ ମଡେଲ ଭାବେ ଉଭାହେବା ଦିଗରେ କାର୍ଯ୍ୟ କରିବା ଦରକାର। 'ଉଇ କେୟାର ଉଇ ଡେୟାର' ଭାବନା ନେଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍ ମହାମାରୀ ସମୟରେ ପୋଲିସ କର୍ମଚାରୀମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ପ୍ରଶଂସନୀୟ। ମହାମାରୀ ବେଳେ ବଳିଦାନ ଦେଇଥିବା ପୋଲିସ କର୍ମଚାରୀଙ୍କ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇଛନ୍ତି।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମେମେଣ୍ଟୋ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ପୋଲିସ ଡିଜି ସୁନୀଲ ବଂଶଲ।

ବରିଷ୍ଠ ନାଗରିକମାନଙ୍କୁ ସହାୟତା କରିବା ସକାଶେ କମିଶନରେଟ୍ ପୋଲିସ ସୁରକ୍ଷା ସେଲ୍ କାର୍ଯ୍ୟ କରୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକମାନଙ୍କ ଅଭିଯୋଗ ଗ୍ରହଣ କରିବା ଲାଗି ଏକ ମୋବାଇଲ ଆପ୍ ଉନ୍ମୋଚନ କରିଛନ୍ତି। ଗତବର୍ଷ ଅନେକ ଥାନା ଶିଶୁକୈନ୍ଦ୍ରିକ ହୋଇଛି। ଆଗାମୀ ଦିନରେ କମିଶନରେଟ୍ ପୋଲିସ ଅଧୀନରେ ଥିବା ଥାନାଗୁଡ଼ିକୁ ଶିଶୁକୈନ୍ଦ୍ରିକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିପର୍ଯ୍ୟୟ ପରିଚାଳନା, ଅପରାଧ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ଅବକାରୀ ନିରୋଧୀ ଏବଂ ଅନ୍ୟାନ୍ୟ ସୁରକ୍ଷା ମାମଲାରେ କମିଶନରେଟ ପୋଲିସ ଆହୁରି ସତର୍କ ଓ ଦକ୍ଷ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଏଥିସହିତ ମେକ୍ ଇନ୍ ଓଡିଶା, ଫିପା ୧୭ ବର୍ଷରୁ କମ୍ ବିଶ୍ୱକପ୍ ଏବଂ କଟକ ଓ ଭୁବନେଶ୍ୱରରେ ହେଉଥିବା ବିଭିନ୍ନ ପର୍ବପର୍ବାଣିରେ କମିଶନରେଟ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମୁଖ୍ୟମନ୍ତ୍ରୀ ସ୍ୱୀକୃତି ଦେବା ସହ ପ୍ରଶଂସା କରିଛନ୍ତି। ଆସନ୍ତା ପୁରୁଷ ହକି ବିଶ୍ୱକପ୍ ବେଳେ ମଧ୍ୟ କମିଶନରେଟ ପୋଲିସ ସେହିପରି ସେବା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଡିଜିପି ସୁନୀଲ ବଂଶଲ କହିଛନ୍ତି, ଓଡ଼ିଶା ପୋଲିସର ମୁଖଶାଳା କମିଶନରେଟ ପୋଲିସ। ପୋଲିସର ସମସ୍ତ ଆବଶ୍ୟକତାକୁ ରାଜ୍ୟ ସରକାର ପୂରଣ କରୁଛନ୍ତି। ୫-ଟି ଜରିଆରେ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରାଯାଉଛି। ଆଗକୁ ଶୃଙ୍ଖଳିତ ଭାବେ ହକି ବିଶ୍ୱକପ୍ ଆୟୋଜନ ପାଇଁ ପ୍ରସ୍ତୁତି କରାଯାଇଛି। ଦେଶର ସର୍ବଶ୍ରେଷ୍ଠ କମିଶନରେଟ୍ ପୋଲିସ ପାଇଁ ଉଦ୍ୟମ କରାଯାଉଛି ବୋଲି ଡିଜିପି କହିଛନ୍ତି।

# ରାୟଗଡ଼ା ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଗିରଫ

- ବୁଲେଟରେ ଲକ୍ଷାଧିକ ଟଙ୍କା ନେଉଥିବାବେଳେ ଧରାପଡ଼ିଲେ
- ୧୧, ୮୪, ୫୬୦ ଟଙ୍କା ଜବତ

ରାୟଗଡ଼ା(ସ୍ୱ.ପ୍ର.)/ନବରଙ୍ଗପୁର(ବି.ପ୍ର.),୯।୧

ବେଆଇନ ଭାବେ ରାତିରେ ଲକ୍ଷାଧିକ ଟଙ୍କା ନେଇ ଯାଉଥିବା ରାୟଗଡ଼ା ଜିଲା ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ଅଧିକାରୀ କିଶୋର ଚନ୍ଦ୍ର ନାୟକ ଭିଜିଲାନ୍ସ ଦ୍ୱାରା ରବିବାର ରାତିରେ ଗିରଫ ହୋଇଛନ୍ତି। ନାୟକ ନିଜ ବୁଲେଟ୍(ଓଡି ୧୦ ଏମ୍-୩୦୦୧)ରେ ୫ଲକ୍ଷ ୫୪ ହଜାର ୫୬୦ ଟଙ୍କା ନେଇ ଯାଉଥିଲେ। ଭିଜିଲାନ୍ସ ଟିମ୍ ସୂଚନା ପାଇ ତାଙ୍କୁ ସ୍ଥାନୀୟ ଅରବିନ୍ଦ ନଗରଠାରେ ଧରିଥିଲା। ତେବେ ନାୟକ ଉକ୍ତ ଟଙ୍କା କେଉଁଠାରୁ ଆଣିଲେ ତାହାର ହିସାବ ସେ ଦେଇପାରି ନ ଥିଲେ। ରାତିରେ ଡିଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁଙ୍କ ନେତୃତ୍ୱରେ ନାୟକଙ୍କ ରାୟଗଡ଼ା ମଙ୍ଗଳା ନଗର ନିକଟସ୍ଥ ଭଡ଼ାଘରେ ମଧ୍ୟ ଚଢ଼ାଉ କରାଯାଇଥିଲା। ସେଠାରୁ ୬ ଲକ୍ଷ ୩୦ ହଜାର ଟଙ୍କା ଜବତ କରାଯାଇଥିଲା। ମୋଟ ୧୧ ଲକ୍ଷ ୮୪ ହଜାର ୫୬୦ ଟଙ୍କା ନଗଦ ଆକାରରେ ଜବତ କରାଯାଇଥିବାବେଳେ ନାୟକଙ୍କ ନିକଟରେ ତାହାର ହିସାବ ନ ଥିଲା। ସୋମବାର ତାଙ୍କୁ ଜୟପୁର କୋର୍ଟ ଚାଲାଣ କରାଯାଇଛି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମନ୍ତ୍ରୀଗୁଡ଼ାସ୍ଥିତ ପୈତୃକ ବାସଭବନ ଏବଂ ଭୁବନେଶ୍ୱର ପାତ୍ରପଡ଼ାଠାରେ ସ୍ତ୍ରୀ ରହୁଥିବା ବାସଭବନରେ


ଜବତ ଟଙ୍କା ଓ ଗିରଫ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ।

ମଧ୍ୟ ସୋମବାର ଏକକାଳୀନ ଚଢ଼ାଉ କରାଯାଇ ଯାଞ୍ଚ ଜାରି ରହିଛି। ଜଣେ ଅଧିକାରୀଙ୍କ ପାଖକୁ ଏତେ ଟଙ୍କା କେଉଁଠୁ ଆସିଲା ତାହାକୁ ନେଇ ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗିରଫ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଜଳଛାୟା ମିଶନ ପିଆଇଓ ଦାୟିତ୍ୱ ମଧ୍ୟ ତୁଲାଉଥିଲେ। ସେ କୋଲନରା ଓ କଲ୍ୟାଣସିଂହପୁର ବ୍ଲକ ଦାୟିତ୍ୱରେ ରହିଥିଲେ। ଜଳଛାୟା ମିଶନ ବିଭାଗରେ ଦୁର୍ନୀତି ଓ ଅନିୟମିତତା ନେଇ ବାରମ୍ବାର ଅଭିଯୋଗ ହେଉଛି। ବିଭାଗ ଅଧୀନରେ ହେଉଥିବା ପୋଖରୀ ଖନନ କାମର ତଦନ୍ତ କରାଗଲେ ସତ ପଦାକୁ ଆସିବ ବୋଲି ମତପ୍ରକାଶ ପାଉଛି। କାଶୀପୁର, ଚନ୍ଦ୍ରପୁର, କୋଲନରା ଆଦି ବ୍ଲକରେ ସରକାରୀ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ତେଣୁ ନିରପେକ୍ଷ ତଦନ୍ତ କରାଗଲେ ଜବତ ଟଙ୍କା ଅଧିକାରୀ କେଉଁଠୁ ଆଣିଛନ୍ତି ତାହା ଜଣାପଡ଼ିବ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି।

# ଅଟୋ-ଟାଟା ଏସିଇ ଧକ୍କା: ୩ ମୃତ, ୪ ଗୁରୁତର

ବାରିପଦା ଅଫିସ,୯।୧

ମୟୂରଭଞ୍ଜ ଜିଲା ବାରିପଦା-ଦେଉଳି ରାସ୍ତାର ବାଙ୍କିଶୋଳଠାରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଅଟୋ ଓ ଟାଟା ଏସିଇ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ସେଥି ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକମାନେ ହେଲେ ଶୁଳିଆପଦା ଥାନା ଅଧୀନ ବଡ଼ନାଚନା ଗ୍ରାମର ଅଟୋ ଚାଳକ ଚୈତନ୍ୟ ନାଏକ(୩୫), ଦିଲ୍ଲୀପ ନାଏକ(୩୦), କାଳିପଦ ନାଏକ(୨୫)। ଗୁରୁତର ଆହତ ହେଲେ ସେହି ଗ୍ରାମର ଜଗନ୍ନାଥ ନାଏକ(୪୦)।

ଥାନାଧିକାରୀ ମଧୁସ୍ମିତା ମହାନ୍ତିଙ୍କ ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ୪ଜଣ ଅଟୋ ଯୋଗେ ନିଜ ଗ୍ରାମରୁ ବେତନଟୀ ଅଭିମୁଖେ ଯାଉଥିଲେ। ବାଙ୍କୀଶୋଳଠାରେ ଏକ ଟାଟା ଏସିଇ ସହ ଅଟୋର ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଟାଟା ଏସିଇ ଚାଳକ କୁଳିଅଣା ଥାନା ଅନ୍ତର୍ଗତ ବାଇଗଣବାଡ଼ିଆ ଅଞ୍ଚଳର ବିଶ୍ୱମ୍ଭର ସିଂ(୩୦)ଙ୍କ ସହିତ ତାଙ୍କର ଦୁଇ ସହଯୋଗୀ ମଧ୍ୟ ଆହତ ହୋଇଛନ୍ତି। ଖବର ପାଇ ସଦର ଥାନା ପୋଲିସ ଓ ବାରିପଦା ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି।






# ପ୍ରକାଶ ପାଇଲା ଓଟିଇଟି ପରୀକ୍ଷା ଫଳ

**୧୬, ୧୭୧ ପରୀକ୍ଷାର୍ଥୀ କୃତକାର୍ଯ୍ୟ, ପାସ୍ ହାର ୪୯.୮୪%**

କଟକ ଅଫିସ,୯।୧

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଫଳ ସୋମବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ୨ଟି ପେପରରେ ମୋଟ ପାସ୍ ହାର ୪୯. ୮୪ ପ୍ରତିଶତ ହୋଇଛି। ଓଟିଇଟି ପରୀକ୍ଷା ଦେବାକୁ ୩୨ହଜାର ୪୪୮ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୧ ହଜାର ୪୯୨ଜଣ ପରୀକ୍ଷା ଦେଇଥିବାବେଳେ ୯୫୬ଜଣ ଅନୁପସ୍ଥିତ ଥିଲେ। ୧୬ ହଜାର ୧୭୧ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

ବୋର୍ଡ ପକ୍ଷରୁ ଓଟିଇଟିର ୨ଟି ପେପରରେ ପରୀକ୍ଷା ହୋଇଥିଲା। ପେପର-୧ରେ ପରୀକ୍ଷା ଦେବାକୁ ୨୪ ହଜାର ୯୨୦ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୨୪ ହଜାର ୨୩୬ଜଣ ପରୀକ୍ଷା ଦେଇଥିଲେ ଏବଂ ୬୮୪ ଜଣ ଅନୁପସ୍ଥିତ ଥିଲେ। ୧୧ ହଜାର ୯୫୫ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ପାସ୍ ହାର ୪୭.୯୭ ପ୍ରତିଶତ ହୋଇଛି। ସେହିପରି ପେପର-୨ରେ ୭ହଜାର ୫୨୮ଜଣ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିଲେ। ୭ହଜାର ୨୫୬ଜଣ ପରୀକ୍ଷାରେ ଉପସ୍ଥିତ ଥିବାବେଳେ ୨୭୨ଜଣ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୪ ହଜାର ୨୧୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୫୬ ପ୍ରତିଶତ ହୋଇଥିବା ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

# ୩୦ ନୂଆ ଥାନା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୨(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୩୦ ନୂତନ ଥାନାର ଉଦ୍‌ଘାଟନ କରିଛନ୍ତି। ସେଥିରୁ ଅଧିକାଂଶ ଫାଣ୍ଡିକୁ ଅପ୍‌ଗ୍ରେଡ୍ କରାଯାଇ ଥାନାରେ ପରିଣତ କରାଯାଇଛି। ଜଗତ୍‌ସିଂହପୁର ଜିଲାର କୃଷ୍ଣନନ୍ଦନପୁର ଫାଣ୍ଡିକୁ ଥାନାରେ ପରିଣତ କରାଯାଇଥିବାବେଳେ ରାୟଗଡ଼ା ଜିଲାର ରାମନାଗଡ଼, ଯାଜପୁର ଜିଲାର ଅଲକୁଣ୍ଡା ଓ ବ୍ରହ୍ମବରଦା, ଖୋର୍ଦ୍ଧାର ନାରୁଣୀ, ସୁବର୍ଣ୍ଣପୁରର ଲଛିପୁର, ପୁରୀର ଚାରିଛକ ଫାଣ୍ଡିକୁ ଥାନାରେ ପରିଣତ କରାଯାଇଛି। ସେହିପରି ଅନୁଗୋଳ ଜିଲାର ବାଗଡିଆ ବିଏଚ୍ ଓ ଗୋପାଳପ୍ରସାଦ ଫାଣ୍ଡି, ଢେଙ୍କାନାଳ ଜିଲାର ମହାବୀ ରୋଡ୍ ଫାଣ୍ଡି, ଝାରସୁଗୁଡ଼ାର ତଳପଟିଆ ଫାଣ୍ଡିକୁ ବିମାନବନ୍ଦର ଥାନାରେ ପରିଣତ କରାଯାଇଛି। ମୟୂରଭଞ୍ଜ ଜିଲାର ଭଜନପୁର ଥାନା, କେନ୍ଦ୍ରାପଡ଼ା ଜିଲାର ଚଉଦକୁଲାଟ ଫାଣ୍ଡି ଓ କୁଦାନଗରୀ ଫାଣ୍ଡି, ଦେଓଗଡ଼ ଜିଲାର ଲଇମୁରା, ନବରଙ୍ଗପୁର ଜିଲାର ମଇଦଲପୁର, କଟକ ଜିଲାର ମାଣିଆବନ୍ଧ, ଜୁଡୁମ ଏବଂ ଭଦ୍ରେଶ୍ୱର, କୋରାପୁଟ ଜିଲାର ସୁଙ୍କି, ବଲାଙ୍ଗୀର ଜିଲାର ଆଗଲପୁର, ବାଲେଶ୍ୱର ଜିଲାର ଗୋପାଳପୁର, କଳାହାଣ୍ଡି ଜିଲାର କଲମପୁର, ଗଞ୍ଜାମ ଜିଲାର ବେଗୁନିଆପଡ଼ା ଓ କୋଦିନନ୍ଦା, ସମ୍ବଲପୁର ଜିଲାର ବରେଲିପାଲି, ବ୍ରହ୍ମପୁରର ନିମଖଣ୍ଡି, ଭୁବନେଶ୍ୱର ସାଲିଆସାହି, ବୌଦ୍ଧର ଘଣ୍ଟପଡ଼ା ଏବଂ ମୈତ୍ରୀ ବିହାର ଥାନାକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଛନ୍ତି।

# କୋଟିପତି ଅଧୀକ୍ଷଣ ଯନ୍ତ୍ରୀ ଗିରଫ

**୩.୧୩ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ**

- ୬ ସ୍ଥାନରେ ଚଢ଼ାଉ କରିଥିଲା ଭିଜିଲାନ୍ସ ଟିମ୍
- ପ୍ରକୃତ ଆୟଠାରୁ ଆୟ ବହିର୍ଭୂତ ସମ୍ପତ୍ତି ୨୨୧% ଅଧିକ
- ସ୍ତ୍ରୀଙ୍କ ନାମରେ ମଧ୍ୟ ମାମଲା ରୁଜୁ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ଭୁବନେଶ୍ୱର ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ବିଜୟାନନ୍ଦ ସାହୁଙ୍କୁ ସୋମବାର ଭିଜିଲାନ୍ସ ଗିରଫ କରିଛି। ଶନିବାରଠାରୁ ହୋଇଥିବା ଚଢ଼ାଉ ଓ ଯାଞ୍ଚରେ ବିଜୟାନନ୍ଦ ଏବଂ ତାଙ୍କ ପରିବାର ସଦସ୍ୟଙ୍କଠାରୁ ୩ କୋଟି ୧୩ ଲକ୍ଷ ୭୬ ହଜାର ୫୯୯ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହା ବିଜୟାନନ୍ଦଙ୍କ ପ୍ରକୃତ ଆୟଠାରୁ ୨୨୧ ଶତକଡ଼ା ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ବିଜୟାନନ୍ଦ ଓ ତାଙ୍କ ସ୍ତ୍ରୀଙ୍କ ନାମରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧/୨୦୨୩) ରୁଜୁ କରାଯାଇଛି। ଗିରଫ ପରେ କୋଟିପତି ଅଧିକାରୀ ବିଜୟାନନ୍ଦଙ୍କୁ ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ବିଜୟାନନ୍ଦଙ୍କ ନାଁରେ କିଛିଦିନ ହେଲା ମାଲମାଲ ଦୁର୍ନୀତି ଅଭିଯୋଗ ଆସିଥିଲା। ଢେଙ୍କାନାଳ ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ଶନିବାର ବିଜୟାନନ୍ଦଙ୍କ ଭୁବନେଶ୍ୱରସ୍ଥିତ ବାସଭବନ ସମେତ ଅନୁଗୋଳ ଓ ଢେଙ୍କାନାଳର ୬ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ କରିଥିଲା। ଏଥିରେ ଭିଜିଲାନ୍ସର ୫ ଡିଏସ୍‌ପି, ୧୪ ଇନ୍ସପେକ୍ଟର ଓ ୨୮ ଜଣ କର୍ମଚାରୀ ସାମିଲ ଥିଲେ। ଯାଞ୍ଚବେଳେ ବିଜୟାନନ୍ଦଙ୍କ ୩ଟି କୋଠା, ୧୪ ଫ୍ଲାଟ୍ ସହ ନଗଦ ୧.୮୧ ଲକ୍ଷ ଟଙ୍କା, ୪୪ ଲକ୍ଷ ୮୪ ହଜାର ୪୮୫ ଟଙ୍କାର ବ୍ୟାଙ୍କ, ପୋଷ୍ଟାଲ ଓ ଇନ୍ସ୍ୟୁରାନ୍ସ ଜମା, ୨୩୭ ଗ୍ରାମ୍ ସୁନା, ଘରୋଇ ସାମଗ୍ରୀ, ଗୋଟିଏ କାର ଠାବ ହୋଇଥିଲା। ତେବେ ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ କରାଯାଉଥିବା ସୂଚନା ଦିଆଯାଇଛି।




ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ?
କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ
ତୁମର ଭଗବାନ୍ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ

# ହଁ ଆଜ୍ଞା

ତାମିଲନାଡୁ ବିଧାନସଭାରେ ୯ ଜାନୁୟାରୀ ୨୦୨୩ରେ ଏକ ଅସାମ୍ବିଧାନିକ ଘଟଣା ଘଟିଯାଇଛି। ବିଧାନସଭା ଆରମ୍ଭ ହେବା ମାତ୍ରେ ରାଜ୍ୟପାଳ ଆର୍. ଏନ୍. ରବି ଅଭିଭାଷଣ ଦେଇଥିଲେ। ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣକୁ ସେ ପଢୁଥିବା ବେଳେ କିଛି ଅଂଶକୁ ଡେଇଁଯାଇଥିଲେ। ଏହା ପରିବର୍ତ୍ତେ ସେ ନିଜ ମନରୁ ଯୋଡ଼ି କିଛି କହିଥିଲେ। ଫଳରେ ସରକାରୀ ସ୍ତରରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ଗୃହରେ ଏକ ସଂକଳ୍ପ ଆଣିଥିଲେ ଓ ସେଥିରେ ସରକାରୀ ପ୍ରସ୍ତୁତ ଭାଷଣକୁ କେବଳ ରେକର୍ଡ କରାଯିବ ଏବଂ ରାଜ୍ୟପାଳ ମନରୁ ଦେଇଥିବା ଭାଷଣକୁ ବାଦ୍ ପକାଇବାକୁ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରାଜ୍ୟପାଳ କକ୍ଷ ତ୍ୟାଗ କରିଥିବା ଦେଖାଯାଇଛି। ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏଭଳି ଅସ୍ୱାଭାବିକ ସ୍ଥିତି ଉପୁଜିବା ପରେ ଦୀର୍ଘବର୍ଷ ଧରି କେତେକ ରାଜ୍ୟପାଳ-ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦେଖାଦେଇ ଆସୁଥିବା ଦ୍ୱନ୍ଦ୍ୱ ସର୍ବୋଚ୍ଚରେ ପହଞ୍ଚିଛି।

ନିକଟ ଅତୀତକୁ ଦେଖିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ସରକାରରେ ଯେକୌଣସି ରାଜ୍ୟପାଳ ନିଯୁକ୍ତି ପାଇଛନ୍ତି ସେମାନେ ବିନା କାରଣରେ କଣ୍ଟାବାଡ଼ରେ ଲୁଗା ପକାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତତ୍କାଳୀନ ରାଜ୍ୟପାଳ ତଥା ଏବର ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କ ଦ୍ୱାରା ରଚାଯାଇଥିବା ନାଟକ ମନେପଡ଼େ। କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍ ସେଠାକାର ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ବିରୋଧ କରିଚାଲିଛନ୍ତି। ଦୁଇ ସାମ୍ବିଧାନିକ ପଦବୀ ମଧ୍ୟରେ କଳହ ତାଲିକାକୁ ପ୍ରସ୍ତୁତ କଲେ ତାହା ଲମ୍ବି ଚାଲିବ। ରାଜ୍ୟପାଳମାନେ କେନ୍ଦ୍ର ଦ୍ୱାରା ରାଜ୍ୟଗୁଡ଼ିକରେ ଅବସ୍ଥାପିତ ହୋଇଥାଆନ୍ତି। କେନ୍ଦ୍ରରେ ଯେଉଁ ସରକାର ଚାଲିଥାଏ, ତାହାର ବିପରୀତ ଦଳ କୌଣସି ରାଜ୍ୟରେ ଶାସନ କରୁଥିଲେ ସେଠାରେ ଅନେକ କ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜୁଥିବା ଦେଖାଯାଉଛି। ତାମିଲନାଡୁ ରାଜ୍ୟପାଳ ଆର୍. ଏନ୍. ରବି ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ସେ ୫ ଅକ୍ଟୋବର ୨୦୧୮ରେ ଭାରତର ଉପ-ସୁରକ୍ଷା ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ୨୦୧୯ରେ ସେ ନାଗାଲାଣ୍ଡର ରାଜ୍ୟପାଳ ମଧ୍ୟ ରହିଥିଲେ। ୯ ସେପ୍ଟେମ୍ବର ୨୦୨୧ରେ ରବି ତାମିଲନାଡୁର ରାଜ୍ୟପାଳ ହୋଇଥିଲେ। ରାଜ୍ୟପାଳ ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ରବି ତାଙ୍କର ପୋଲିସ ମନୋଭାବ ଛାଡ଼ି ନ ଥିବା ଭଳି ମନେହେଉଛି। ସେ ସମ୍ଭବତଃ ନିଜର କାଟ୍‌ତି ଦେଖାଇବାକୁ ଯାଇ ତାମିଲନାଡୁ ସରକାରଙ୍କୁ ପ୍ରଶଂସା କରାଯିବାର କିଛି ଅଂଶ ଜାଣିଶୁଣି ପଢ଼ି ନ ଥିଲେ। ଦେଖିବାକୁ ଗଲେ ପ୍ରଥା ରହିଛି ଯେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଭାଷଣକୁ ରାଜ୍ୟପାଳମାନେ ପଢ଼ିଥାଆନ୍ତି। ୨୦୨୧ରୁ ସେ ତାମିଲନାଡୁ ରାଜ୍ୟପାଳ ନିଯୁକ୍ତ ହୋଇଥିବାରୁ ନିଶ୍ଚିତ ଭାବେ ପୂର୍ବରୁ ସରକାରଙ୍କ ଅମଲାଙ୍କ ଦ୍ୱାରା ଲେଖାଯାଇଥିବା କାଗଜକୁ ପଢ଼ିଥିବେ। କୁହାଯାଉଛି ସରକାରଙ୍କୁ ପ୍ରଶଂସା କରାଯାଇ ଉଲ୍ଲେଖ କରାଯାଇଥିବା ଶବ୍ଦ ରବିଙ୍କୁ ଭଲ ନ ଲାଗିବାରୁ ସେ ମନରୁ ଯୋଡ଼ି ଭାଷଣ ଦେଇଥିଲେ। କିନ୍ତୁ ଜଣେ ରାଜ୍ୟପାଳ ସେଭଳି କରିବା ଅନୁଚିତ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରବି ତାଙ୍କ ପୂର୍ବପ୍ରସ୍ତୁତ ଭାଷଣରେ ଥିବା କେତୋଟି ବିନ୍ଦୁକୁ ନ ପଢ଼ି ଛାଡ଼ିଦେଇଥିଲେ। ତନ୍ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ଥିଲା ରାଜ୍ୟ ସରକାରଙ୍କ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଟିପ୍ପଣୀ, ଯେଉଁଥିରେ କୁହାଯାଇଥିଲା ଯେ ରାଜ୍ୟରେ ଶାନ୍ତି ବଜାୟ ରଖାଯାଇପାରିଛି। ତତ୍‌ସହିତ ମହିଳା ସଶକ୍ତୀକରଣ, ସାମାଜିକ ନ୍ୟାୟ ଦିଗରେ ଅଗ୍ରଗତି ଘଟିଛି। ତେବେ ସବୁଠାରୁ ଅଧିକ ବିରକ୍ତି ସୃଷ୍ଟି ହୋଇଥିଲା ଯେତେବେଳେ ରାଜ୍ୟପାଳ ତାଙ୍କ ଭାଷଣରେ 'ତାମିଲନାଡୁ' ଶବ୍ଦକୁ ବାରମ୍ବାର ଡେଇଁ ଯାଇଥିଲେ। ଏଥିସହିତ ଦ୍ରାବିଡ଼ ନେତାମାନଙ୍କର ନାମ ପଢ଼ି ନ ଥିଲେ କିମ୍ବା ଦ୍ରାବିଡ଼ ପ୍ରଶାସନିକ ବ୍ୟବସ୍ଥାକୁ ପ୍ରଶଂସା କରି ନ ଥିଲେ। ଏହାବ୍ୟତୀତ ଗୃହରେ ସବୁ ଦଳ ତରଫରୁ ରାଜ୍ୟପାଳଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରାଯାଇଥିଲା। କାରଣ ରବିଙ୍କ କହିବା ଅନୁଯାୟୀ ତାମିଲନାଡୁର ନାମକୁ ପରିବର୍ତ୍ତନ କରାଯିବା ଉଚିତ।

> **ରାଜ୍ୟପାଳ ରବି ତାଙ୍କ ବ୍ୟବହାର ଦ୍ୱାରା ପ୍ରମାଣ କରିଦେଲେ ଯେ, ଉତ୍ତରଭାରତର ମାନସିକତାକୁ ନେଇ ତାମିଲନାଡୁରେ ଅଶାନ୍ତ ବାତାବରଣ ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ପାଇଛନ୍ତି ।**

ରାଜ୍ୟପାଳ ରବି ତାଙ୍କ ବ୍ୟବହାର ଦ୍ୱାରା ପ୍ରମାଣ କରିଦେଲେ ଯେ, ଉତ୍ତରଭାରତର ମାନସିକତାକୁ ନେଇ ତାମିଲନାଡୁରେ ଅଶାନ୍ତ ବାତାବରଣ ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ପାଇଛନ୍ତି। ପୋଲିସ ଚାକିରି ସମୟରେ ଏହିଭଳି ବ୍ୟକ୍ତିବିଶେଷ ନିଜର ଚାକର ମାନସିକତା ପୋଷଣ କରିଆସିଥାଆନ୍ତି। ସେଥିପାଇଁ ଅବସର ପରେ ସେମାନେ କେବଳ 'ହଁ ଆଜ୍ଞା' କରୁଥିବାରୁ ସେମାନଙ୍କୁ ରାଜ୍ୟପାଳ ପଦବୀ ମିଳିଥାଏ। ଅର୍ଥାତ ତାଙ୍କ ଯୋଗ୍ୟତା ସେହି ଦୁଇଟି ଶବ୍ଦରେ ସୀମିତ। ନିଜ ବୁଦ୍ଧି କିମ୍ବା ବିବେକ ବ୍ୟବହାର କରି ଦେଶର ମଙ୍ଗଳ ପାଞ୍ଚିବା ପାଇଁ ରବିଙ୍କ ଭଳି ନାଗରିକ ଅସମର୍ଥ। ଯେତେ ଅଯୋଗ୍ୟ ହେବ ସେତେ ବଡ଼ ଆସନ ପାଇବା ପାଇଁ ଯୋଗ୍ୟ ହେବେ ରବିଙ୍କ ଭଳି ଲୋକ।

# ବିମୁଦ୍ରୀକରଣ ନିଷ୍ପତ୍ତି ବୈଧ, କିନ୍ତୁ ଜନବିରୋଧୀ



ଭାଲଚନ୍ଦ୍ର ଷଡ଼ଙ୍ଗୀ

କେନ୍ଦ୍ରର ମୋଦି ସରକାରଙ୍କ ବହୁଚର୍ଚ୍ଚିତ ବିମୁଦ୍ରୀକରଣକୁ ନେଇ ଇତିମଧ୍ୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବିମୁଦ୍ରୀକରଣ ନିଷ୍ପତ୍ତିକୁ ବିରୋଧକରି ଦେଶର ବିଭିନ୍ନ କୋର୍ଟରେ ଦାୟର ୫୮ଟି ପିଟିଶନକୁ ବିଚାରକରି ସୁପ୍ରିମକୋର୍ଟଙ୍କ ଏକ ୫ଜଣିଆ ସାମ୍ବିଧାନିକ ପୀଠ ସଂଖ୍ୟାଗରିଷ୍ଠ ମତରେ ଏହାର ପ୍ରକ୍ରିୟାକୁ ବୈଧ ବା ନିୟମ ସମ୍ମତ ବୋଲି କହିଛନ୍ତି। କିନ୍ତୁ ଖଣ୍ଡପୀଠର ଅନ୍ୟତମ ସଦସ୍ୟା ବିଚାରପତି ବି.ବି. ନାଗରତ୍ନା ନିଜର ଅସହମତି ପ୍ରକାଶ କରି ସରକାରଙ୍କ ନିଷ୍ପତ୍ତିକୁ ବେଆଇନ ବୋଲି କହିଛନ୍ତି। ସେ କହିଛନ୍ତି, ବିମୁଦ୍ରୀକରଣ କେନ୍ଦ୍ର ସରକାରଙ୍କ ଏକତରଫା ନିଷ୍ପତ୍ତି। ତେବେ ଦୀର୍ଘ ୬ବର୍ଷ ପରେ ଆସିଥିବା କୋର୍ଟଙ୍କ ଏହି ରାୟ ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତି ପ୍ରକ୍ରିୟାର ପରିଣାମ ତଥା ଦେଶର ଅର୍ଥନୀତି ଓ ସାଧାରଣ ଜନତାଙ୍କ ଉପରେ ତା'ର ପ୍ରଭାବକୁ ନେଇ ଏକଦମ୍ ଚୁପ୍ ରହିଛି।

୮ ନଭେମ୍ବର ୨୦୧୬ ରାତି ୮ଟା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତରବରିଆ ଭାବେ ବିମୁଦ୍ରୀକରଣ ଘୋଷଣା କରିଥିଲେ। ଫଳରେ ମାତ୍ର ୪ଘଣ୍ଟା ମଧ୍ୟରେ ଦେଶର ମୁଦ୍ରା ବଜାରରେ ପ୍ରଚଳିତ ୫ ଶହ ଓ ୧୦୦୦ ଟଙ୍କିଆ ନୋଟ୍‌ର ବିମୁଦ୍ରୀକରଣ ବା ମୂଲ୍ୟ ପ୍ରତ୍ୟାହାର କରାଯାଇଥିଲା। ଦେଶର ମୋଟ ନଗଦ ନୋଟ୍‌ର ୮୬%କୁ ବୁଝାଉଥିବା ଏହି ୨ଟି ନୋଟ୍‌କୁ ଅଚଳ କରିବାକୁ ସରକାରଙ୍କ ଅପ୍ରତ୍ୟାଶିତ ନିଷ୍ପତ୍ତି ଫଳରେ ଦେଶବ୍ୟାପୀ ନଗଦ ଟଙ୍କାର ଘୋର ସଙ୍କଟ ଦେଖାଦେଇଥିଲା। ସାଧାରଣ ଲୋକେ ମାସ ମାସ ଧରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ବିମୁଦ୍ରୀକରଣ ଘୋଷଣା ସମୟରେ ପ୍ରଧାନମନ୍ତ୍ରୀ କହିଥିଲେ, ଦେଶରୁ ଜାଲ୍‌ନୋଟ୍‌କୁ ସମାପ୍ତ କରିବା, ଦେଶରେ ଥିବା ସବୁ କଳାଧନ ଜବତ କରିବା ଏବଂ ଆତଙ୍କବାଦୀଙ୍କ ଆର୍ଥିକ ସ୍ରୋତକୁ ଧ୍ୱଂସକରିବା ହେଉଛି ଏହାର ଏକମାତ୍ର ଉଦ୍ଦେଶ୍ୟ। କିନ୍ତୁ ପରେ ସରକାର ନିଜର ଲକ୍ଷ୍ୟବିନ୍ଦୁ ବା ଗୋଲପୋଷ୍ଟକୁ ବଦଳାଇ ସୁପ୍ରିମକୋର୍ଟରେ ଦେଇଥିବା ସତ୍ୟପାଠରେ ବିମୁଦ୍ରୀକରଣର ଉଦ୍ଦେଶ୍ୟଟି ଦେଶରେ ନଗଦବିହୀନ ଦେଣନେଣ (Cashless Transaction) ବ୍ୟବସ୍ଥା ଲାଗୁ କରିବା ବୋଲି କହିଥିଲେ। ପରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏକ ସାକ୍ଷାତ୍କାରରେ କମ୍ ନଗଦ ଅର୍ଥନୀତି କରିବା ବିମୁଦ୍ରୀକରଣର ଉଦ୍ଦେଶ୍ୟ ଥିଲା ବୋଲି କହିଥିଲେ। ତେବେ ସରକାର ନିଜର ଅବିବେକିତାପୂର୍ଣ୍ଣ ନିଷ୍ପତ୍ତିକୁ ନ୍ୟାୟସଙ୍ଗତ ପ୍ରମାଣିତ କରିବା ପାଇଁ ଏପରି ବାରମ୍ବାର ଗୋଲପୋଷ୍ଟ ବଦଳାଇବା ସତ୍ତ୍ୱେ ଗତ ଏକ ବର୍ଷ ମଧ୍ୟରେ କୌଣସି ଉଦ୍ଦେଶ୍ୟରେ ସଫଳ ହୋଇନାହାନ୍ତି। ବିମୁଦ୍ରୀକରଣ ଫଳରେ ଦେଶରେ ଜାଲ୍‌ନୋଟ୍‌ର କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ଦାବି କରାଯାଇଥିବା ବେଳେ ତାହା କିନ୍ତୁ ଓଲଟା ପ୍ରମାଣିତ ହୋଇଛି।



ପ୍ରଧାନମନ୍ତ୍ରୀ କହିଥିଲେ, ବିମୁଦ୍ରୀକରଣ ଘୋଷଣା ପରେ କଳାଟଙ୍କା ରଖିଥିବା ଲୋକଙ୍କ ପାଖରେ ରହିଥିବା ନୋଟ୍ ସବୁ ରଦ୍ଦି କାଗଜରେ ପରିଣତ ହୋଇଯିବ। ସେମାନେ ନିଜର କଳାଧନକୁ ବ୍ୟାଙ୍କରେ ଜମା ନ କରିପାରିବା ଫଳରେ ଅର୍ଥ ବ୍ୟବସ୍ଥାରୁ କଳାଟଙ୍କା ବାହାରିଯିବ। କିନ୍ତୁ ବିମୁଦ୍ରୀକରଣର ୬ମାସ ପରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ଦେଇଥିବା ତଥ୍ୟ ସରକାରଙ୍କ ଏହି ଯୁକ୍ତିକୁ ନିରାଧାର ପ୍ରମାଣିତ କରିଛି। ଆର୍‌ବିଆଇ ତା'ର ୨୦୧୬-୧୭ ବାର୍ଷିକ ରିପୋର୍ଟରେ କହିଛି ଯେ ଅଚଳ ହୋଇଥିବା ମୋଟ ୧୫.୪୪ ଲକ୍ଷ କୋଟି ଟଙ୍କାର ନୋଟ୍ ମଧ୍ୟରୁ ୯୮.୯୬% ବ୍ୟାଙ୍କକୁ ଫେରିଆସିଛି। ଯଦି କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ଜମା ଅଚଳ ନୋଟ୍‌କୁ ହିସାବ କରାଯିବ ତା'ହେଲେ ଏହାର ପରିମାଣ ଆହୁରି ଅଧିକ ହେବ। କହିବାକୁ ଗଲେ ବିମୁଦ୍ରୀକରଣ ଫଳରେ କଳାଟଙ୍କା ଅଚଳ ହେବା ପରିବର୍ତ୍ତେ ତାହା ବ୍ୟାଙ୍କ୍‌କୁ ଯାଇ ଧଳା ହୋଇଯାଇଛି।

ଦେଶରେ ନଗଦବିହୀନ ଦେଣନେଣ ଅଥବା କମ୍ ନଗଦ ଦେଣନେଣକୁ ଲାଗୁ କରିବାରେ ଆର୍‌ବିଆଇ ନିଷ୍ପତ୍ତି ସମ୍ପୂର୍ଣ୍ଣ ବିଫଳ ହୋଇଛି। ନୋଟ୍ ଅଚଳର ମାତ୍ର କିଛି ମାସ ନଗଦ ଟଙ୍କାର ଅଭାବ ଯୋଗୁ ଦେଶରେ ନଗଦବିହୀନ ଦେଣନେଣର ପରିମାଣରେ ହୋଇଥିବା ସାମାନ୍ୟ ବୃଦ୍ଧି ପରେ ବଜାରରେ ନଗଦ ଟଙ୍କା ଉପଲବ୍ଧ ହେବାରୁ ପୂର୍ବାବସ୍ଥାକୁ ଫେରିଛି। ଖୋଦ୍ ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ ୨୦୧୮ ସୁଦ୍ଧା ବଜାରରେ ଉପଲବ୍ଧ ନଗଦର ପରିମାଣ ବିମୁଦ୍ରୀକରଣ ସମୟଠାରୁ ଅଧିକ ହୋଇଥିବା ବେଳେ ୨୦୨୧ ବେଳକୁ ତାହା ପୂର୍ବାପେକ୍ଷା ୬୪% ଅଧିକ ହୋଇଥିବା ଜଣାପଡ଼ିଛି। ନୋଟ୍ ଅଚଳ ହେଲେ ଦେଶରେ ଆତଙ୍କବାଦୀ ଓ ମାଓବାଦୀ କାର୍ଯ୍ୟକଳାପ ବନ୍ଦ ହୋଇଯିବ ବୋଲି ସରକାରଙ୍କ ପ୍ରଚାର ମଧ୍ୟ ମିଥ୍ୟା ପ୍ରମାଣିତ ହୋଇଛି।

ଦେଶରେ କଳାଧନ ଉପରେ ମୋଦି ସରକାରଙ୍କ ଏହି ତଥାକଥିତ ସର୍ଜିକାଲ ଷ୍ଟ୍ରାଇକ୍‌ର ଇତିମଧ୍ୟରେ ୬ବର୍ଷ ପୂରଣ ହୋଇଛି। ମାତ୍ର ୫୦ ଦିନରେ ସୁଫଳ ଆଣିଦେବାକୁ ମୋଦିଙ୍କ ଦୃଢ଼ ପ୍ରତିଶ୍ରୁତି ଶେଷରେ ପାଣିରେ ଗାର ସଦୃଶ ପ୍ରମାଣିତ ହୋଇଛି। ତେବେ ଗୋଟିଏ କଥା ସ୍ପଷ୍ଟ ଯେ ସରକାରଙ୍କ ଏହି ଅଦୂରଦର୍ଶୀ ପଦକ୍ଷେପ କେବଳ ତା'ର ଘୋଷିତ ଲକ୍ଷ୍ୟକୁ ହାସଲ କରିବାରେ ବିଫଳ ହୋଇନାହିଁ ବରଂ ଦେଶର ଅର୍ଥନୀତି ପାଇଁ ସମ୍ପୂର୍ଣ୍ଣ ରୂପେ ବିଧ୍ୱଂସକାରୀ ପ୍ରମାଣିତ ହୋଇଛି। ନଗଦ ଟଙ୍କା ଅଭାବରୁ ମାସ ମାସ ଧରି ଦେଶରେ ବଜାର ଓ କାରବାର ମାନ୍ଦା ହୋଇଯିବା ସହ କୃଷି ଓ ଶିଳ୍ପ କ୍ଷେତ୍ର ଭୟଙ୍କର ମାନ୍ଦାବସ୍ଥାର ଶିକାର ହୋଇଛି। ଦେଶର ଶ୍ରମଶକ୍ତିର ୯୪%କୁ ବୁଝାଉଥିବା ଅସଙ୍ଗଠିତ କ୍ଷେତ୍ରର ଶ୍ରମିକମାନେ ଏଥିରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଥିଲେ। ମାସ ମାସ ଧରି ଛୋଟ ଛୋଟ ଶିଳ୍ପ ଓ ବ୍ୟବସାୟ ବନ୍ଦହେବା ଫଳରେ ସେମାନେ ରୋଜଗାର ହରାଇଥିଲେ। ବୋଧହୁଏ ଏହିସବୁ କାରଣରୁ ହିଁ ବିମୁଦ୍ରୀକରଣକୁ ନେଇ ଆରମ୍ଭରେ ବଡ଼ ବଡ଼ ଦାବି କରିଥିବା ସରକାର ପରବର୍ତ୍ତୀ ସମୟରେ ଏନେଇ ଚୁପ୍ ରହିବା ଦେଖିବାକୁ ମିଳିଥିଲା। ବିମୁଦ୍ରୀକରଣର ପ୍ରଥମ ବାର୍ଷିକୀକୁ କଳାଧନ ବିରୋଧୀ ଦିବସ ରୂପେ ପାଳନ କରିଥିବା ମୋଦି ସରକାର ପରବର୍ତ୍ତୀ ବର୍ଷଗୁଡ଼ିକରେ ତାକୁ ଭୁଲିଯିବାକୁ ବାଧ୍ୟହୋଇଥିଲେ।

ବିମୁଦ୍ରୀକରଣ ସମ୍ପର୍କରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ସଦ୍ୟତମ ରାୟ ଏନେଇ ପୁଣି ଥରେ ବିତର୍କକୁ ଜନ୍ମ ଦେଇଛି। ଶାସକ ଭାଜପାର ନେତାମାନେ ଏହାକୁ ନିଜ ନିଷ୍ପତ୍ତିର ବିଜୟ ବୋଲି ଦାବି କରିଛନ୍ତି। କିନ୍ତୁ ସୁପ୍ରିମକୋର୍ଟ ରାୟ କେବଳ ବିମୁଦ୍ରୀକରଣ ପାଇଁ ସରକାର ନେଇଥିବା ପ୍ରକ୍ରିୟାକୁ ହିଁ ବୈଧ ବୋଲି କହିଛି। ଅର୍ଥାତ୍ ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ମୁତାବକ ସରକାର ଦେଶରେ ବିମୁଦ୍ରୀକରଣ କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ ବୋଲି କହିଛନ୍ତି। ତେବେ ବିମୁଦ୍ରୀକରଣ ପାଇଁ ସରକାର ନେଇଥିବା ପ୍ରକ୍ରିୟାଟି କେତେ ଠିକ୍ ଥିଲା, ତାହା ସରକାରଙ୍କ ଦଲିଲରୁ ସ୍ପଷ୍ଟ ହୋଇଛି। କେନ୍ଦ୍ର ସରକାର ଏ ସମ୍ପର୍କରେ ସୁପ୍ରିମକୋର୍ଟରେ ଦାଖଲ କରିଥିବା ଦଲିଲରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ମାତ୍ର ୨୪ଘଣ୍ଟା ମଧ୍ୟରେ ନେଇଥିବା ଜଣାପଡ଼ିଛି। ତେବେ ମୁଖ୍ୟ ପ୍ରଶ୍ନଟି ସରକାର ଆପଣେଇଥିବା ପ୍ରକ୍ରିୟା ନୁହେଁ, ବରଂ ଏହାର ପରିଣାମ ବା ନିଷ୍ପତ୍ତିର ଯଥାର୍ଥତାକୁ ନେଇ ରହିଛି। ସରକାର ଯେଉଁ ଉଦ୍ଦେଶ୍ୟ ନେଇ ଏଭଳି ଏକ ତରବରିଆ ଘୋଷଣା କଲେ, ତାହା କେତେଦୂର ସଫଳ ହେଲା, ସେନେଇ କୋର୍ଟ କୌଣସି ମନ୍ତବ୍ୟ ଦେଇନାହାନ୍ତି। ଏପରିକି ସରକାର କୋର୍ଟରେ ବିମୁଦ୍ରୀକରଣ ପ୍ରକ୍ରିୟାକୁ ନେଇ ଅନେକ ଯୁକ୍ତି ରଖିଥିବା ବେଳେ ଏହାଦ୍ୱାରା ଦେଶର ଅର୍ଥନୀତିର ଓ ସାଧାରଣ ଜନତାଙ୍କ କେତେ କ୍ଷତି ହୋଇଥିଲା, ନିଜର ଘୋଷିତ ତଥାକଥିତ ଲକ୍ଷ୍ୟଗୁଡ଼ିକୁ ହାସଲ କରିବାରେ ସରକାର କେତେଦୂର ସଫଳ ହେଲେ, ସେନେଇ ଚୁପ୍ ରହିବା ଦେଖିବାକୁ ମିଳିଛି।

ମୋ: ୯୪୩୭୧୬୬୩୯୧

# ଅର୍ଥ କବଳିତ ଗଣତନ୍ତ୍ର



ରବିନାରାୟଣ ସାମଲ

ଭାରତର ନିର୍ବାଚନୀ ଇତିହାସରେ ରେକର୍ଡ! ଗତବର୍ଷ ନଭେମ୍ବରରେ ଅନୁଷ୍ଠିତ ତେଲଙ୍ଗାନାର ମୁନୁଗୁଡୁ ବିଧାନସଭା ଆସନର ଉପନିର୍ବାଚନ। ମୋଟ ପ୍ରାର୍ଥୀଙ୍କ ସଂଖ୍ୟା ଥିଲା ୪୭। ବିଭିନ୍ନ ରାଜନୈତିକ ଦଳ ମିଶି ଖର୍ଚ୍ଚ କରିଥିଲେ ପ୍ରାୟ ୬୨୭ କୋଟି ଟଙ୍କା। ସଭାରେ ଯୋଗ ଦେବାକୁ ଯାଇଥିବା ଲୋକମାନେ ପାଉଥିଲେ ଜଣକା ୩୦୦ ଟଙ୍କା ସହିତ ବିରିୟାନୀ ଆଉ ମଦ। ବଣ୍ଟା ଯାଇଥିବା ମଦର ଦାମ ହେବ ୩୦୦ କୋଟି ଟଙ୍କା। 'ଟଙ୍କା ନାହିଁ ତ ଭୋଟ ନାହିଁ' ଲେଖାଥିବା ପ୍ଲାକାର୍ଡ ଧରି ଲୋକମାନେ ବସି ରହୁଥିଲେ ଗାଁ ରାସ୍ତାରେ। ଶତକଡ଼ା ୭୫ ଭାଗ ଭୋଟର ଜଣକା ୯ ହଜାର ଲେଖାଏଁ ଟଙ୍କା ନେଇ ଭୋଟ ଦାନ କରିଥିଲେ। ଫୋରମ୍ ଅଫ୍ ଗୁଡ୍ ଗଭର୍ନାନ୍ସ ନାମକ ଏକ ସଂସ୍ଥା ନିର୍ବାଚନ କମିଶନଙ୍କ ନିକଟରେ ଉକ୍ତ ତଥ୍ୟ ସମ୍ବଳିତ ଅଭିଯୋଗପତ୍ର ଦାଖଲ କରିଛି।

ବିଧାନସଭା ନିର୍ବାଚନରେ ଜଣେ ପ୍ରାର୍ଥୀ ସର୍ବାଧିକ ୨୮ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ ବୋଲି ନିର୍ବାଚନ କମିଶନ ଆର୍ଥିକ ସୀମା ଧାର୍ଯ୍ୟ କରିଛନ୍ତି। ମୁନୁଗୁଡୁର ନିର୍ବାଚନରେ ଲଢ଼ିଥିବା ୪୭ଜଣ ପ୍ରାର୍ଥୀ ଜଣକା ଯଦି୨୮ଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି, ତେବେ ମୋଟ ଖର୍ଚ୍ଚ ହେବ ଅତି ବେଶିରେ୧୩ କୋଟି ଟଙ୍କା। ମାତ୍ର ଖର୍ଚ୍ଚ ହୋଇଛି ୬୨୭ କୋଟି ଟଙ୍କା। ପ୍ରାୟ ୫୦ ଗୁଣ ଅଧିକ। ଆମ ନିର୍ବାଚନ କମିଶନଙ୍କ ଆଖିରେ ତ ଅନ୍ଧପୁଟୁଳି ବନ୍ଧାଯାଇଛି। ଖର୍ଚ୍ଚ ୫୦ ଗୁଣ ଛାଡ଼ି ୧୦୦ ଗୁଣ ହେଲେ ବି ସେ କିଛି କରିପାରିବେ ନାହିଁ।

ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍‌ର ଆକଳନ ଅନୁଯାୟୀ ୨୦୧୯ ଲୋକ ସଭା ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ଦ୍ୱାରା ଖର୍ଚ୍ଚ ହୋଇଥିଲା ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ପ୍ରାର୍ଥୀମାନେ ଏହାର ଶତକଡ଼ା ୪୦ ଭାଗ ଖର୍ଚ୍ଚ କରିଥିଲା ବେଳେ ରାଜନୈତିକ ଦଳମାନେ ଖର୍ଚ୍ଚ କରିଥିଲେ ଶତକଡ଼ା ୩୫ ଭାଗ। ବିପୁଳ ପରିମାଣର ଅର୍ଥ! ୧୯୫୨ ପ୍ରଥମ ସାଧାରଣ ନିର୍ବାଚନରେ ଭାଗ ନେଇଥିବା ରାଜନୈତିକ ଦଳଗୁଡ଼ିକ ଆଦୌ ଅର୍ଥ ଖର୍ଚ୍ଚ କରି ନ ଥିବା ସ୍ଥଳେ ୨୦୧୯ ସାଧାରଣ ନିର୍ବାଚନରେ ଖର୍ଚ୍ଚ କରିଛନ୍ତି ୬୦ ହଜାର କୋଟି ଟଙ୍କା! ବିଶ୍ୱର ନିର୍ବାଚନୀ ଇତିହାସରେ ସର୍ବାଧିକ! ନିର୍ବାଚନର ଅବ୍ୟବହିତ ପୂର୍ବରୁ ଶାସକ ଦଳ ପର୍ଯ୍ୟାପ୍ତ ପରିମାଣରେ ଫ୍ରିବିଜ୍ ପ୍ରଦାନ କରିଥାଏ। ମତଦାନର ପୂର୍ବ ଦିନ ଭୋଟରଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଆସିଯାଏ। ଏହି ଟଙ୍କା କିଏ ଦେଲା, କାହିଁକି ଦେଲା ତାହା ଭୋଟରମାନେ ଜାଣିବାର ସୁଯୋଗ ମଧ୍ୟ ନଥାଏ। ଭୋଟ ହାତେଇବାକୁ ଭୋଟରମାନଙ୍କୁ ଏପରି ଉତ୍କୋଚ ଦେବା ପ୍ରଥା ପୂର୍ବରୁ ନଥିଲା। ଏବେ ତାହା ଉତ୍କଟ ରୂପ ଧାରଣ କରିଛି।




ଏହିସବୁ ଘଟଣାକୁ ଲକ୍ଷ୍ୟ କଲେ ଜଣାଯାଏ ଯେ 'ଅବାଧ ଓ ନିରପେକ୍ଷ' ନିର୍ବାଚନ ବର୍ତ୍ତମାନ ପୋଥି ବାଇଗଣ ହୋଇ ରହିଯାଇଛି। ଅଧିକାଂଶ ଭୋଟର ସେମାନଙ୍କ ବୁଦ୍ଧି ବିଚାରକୁ ହରାଇ ଲାଞ୍ଚୁଆ ହୋଇଯାଇଛନ୍ତି। ଆଉ ଏମାନଙ୍କୁ ଲାଞ୍ଚ ଦେବାକୁ କୋଟିପତି ପ୍ରାର୍ଥୀଙ୍କ ଆବିର୍ଭାବ ଘଟିଛି। ସେମାନଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏବେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଶତକଡ଼ା ୮୭ ଭାଗ ପ୍ରତିନିଧି କୋଟିପତି ଥିବା କଥା ଏଡିଆର୍ ରିପୋର୍ଟରୁ ଜଣାପଡ଼ିଛି। କୋଟିପତି ନ ହେଲେ ଏ ଖର୍ଚ୍ଚବହୁଳ ନିର୍ବାଚନରେ କେହି ଜିତିବା କଷ୍ଟକର। ସମ୍ଭବତଃ ଏହାକୁ ଦୃଷ୍ଟିରେ ରଖି ନରେନ୍ଦ୍ର ମୋଦିଙ୍କ ସରକାର ନିର୍ବାଚନୀ ବଣ୍ଡ୍ ପ୍ରଚଳନ କରିଛନ୍ତି। ଏହି ବଣ୍ଡ୍ ବିକ୍ରି ମାଧ୍ୟମରେ ରାଜନୈତିକ ଦଳଗୁଡ଼ିକ କର୍ପୋରେଟ୍ ସେକ୍ଟର୍‌ରୁ ମନଇଚ୍ଛା ଅର୍ଥ ଲାଭ କରିପାରିବେ। ଏହି ଅର୍ଥ କେଉଁଠୁ ଆସୁଛି, କିଏ ଦେଉଛି ତାହା ପ୍ରକାଶ କରା ନଯାଇ ଗୋପନ ରଖାଯିବ। ଦେଶରେ ଗଚ୍ଛିତ କଳାଧନ ରଙ୍ଗ ବଦଳାଇ ଏହି ବାଟରେ ଆସି ଭୋଟ କିଣାରେ ବିନିଯୋଗ ହୋଇ ପାରିବ। ଏପଟେ ଅର୍ଥଲାଭର ପନ୍ଥା ଅସ୍ୱଚ୍ଛ ହୋଇଥିବା ସ୍ଥଳେ ସେପଟେ ନିର୍ବାଚନଟା ସ୍ୱଚ୍ଛ ହେଉଛି ବୋଲି ନିର୍ବାଚନ କମିଶନ ଡିଣ୍ଡିମ ପିଟୁଛନ୍ତି।

କେବଳ ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ପ୍ରାର୍ଥୀମାନେ ଯେ ବିପୁଳ ପରିମାଣରେ ଅର୍ଥ ବ୍ୟୟ କରୁଛନ୍ତି ତାହା ନୁହେଁ, ଦଳୀୟ ଟିକେଟ ହାସଲ କରିବାକୁ ଆଶାୟୀମାନେ ମଧ୍ୟ ଦଳର କର୍ମକର୍ତ୍ତା ଓ ହାଇକମାଣ୍ଡଙ୍କ ପାଖରେ କୋଟି କୋଟି ଟଙ୍କା ଦାଖଲ କରୁଛନ୍ତି। ଏହି ବ୍ୟାଧି ଏବେ ଉପର ସ୍ତରରୁ ଗଡ଼ି ଗଡ଼ି ଆସି ପଞ୍ଚାୟତ ସ୍ତରରେ ପହଞ୍ଚିସାରିଛି। ଗତ ପଞ୍ଚାୟତ ନିର୍ବାଚନରେ ଏହି ଧାରା ହାଟରେ ପଡ଼ି ଦାଣ୍ଡରେ ଗଡ଼ିଛି।

ବିଶ୍ୱର ଶାସନତନ୍ତ୍ରରେ ଗଣତାନ୍ତ୍ରିକ ବ୍ୟବସ୍ଥାଟି ସର୍ବୋତ୍ତମ ବୋଲି କୁହାଯାଏ। ମାତ୍ର ଗଣତନ୍ତ୍ର ଭିତରେ ଏହି ଧନତନ୍ତ୍ରର ଅନୁପ୍ରବେଶ ସମଗ୍ର ବ୍ୟବସ୍ଥାଟିକୁ କଳୁଷିତ କରି ପକାଇଛି। ପରିଣାମସ୍ୱରୂପ ପଇସା ଯାହାର ଭୋଟ ତାହାର ବ୍ୟବସ୍ଥାଟି ପ୍ରାଧାନ୍ୟ ଲାଭ କରିଛି। ଏହାସହିତ କଳ-ବଳ-କୌଶଳ ଶାସକ ଦଳକୁ ନିର୍ବାଚନ ଜିଣିବାରେ ସାହାଯ୍ୟ କରୁଛି। ଏହାଦ୍ୱାରା ସାଧୁ ଓ ସଚ୍ଚୋଟ ବ୍ୟକ୍ତିମାନେ ନିର୍ବାଚନ ମଇଦାନରେ ହାର ମାନି ଯାଉଛନ୍ତି।

ଏଥିପାଇଁ ଆମେ ମୁଖ୍ୟତଃ ଦୁଇଟି କାରକକୁ ଦାୟୀ କରିପାରିବା। ଗୋଟିଏ ହେଉଛି ସାଧାରଣ ଭୋଟରଙ୍କ ରାଜନୈତିକ ସଚେତନତା, ଅନ୍ୟଟି ଦେଶର ଲୋକପ୍ରତିନିଧି ଆଇନ। ଯେ ପର୍ଯ୍ୟନ୍ତ ସାଧାରଣ ଜନତା ରାଜନୈତିକ ଭାବେ ସଚେତନ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଦେଶର ଗଣତନ୍ତ୍ର ଅର୍ଥ କବଳିତ ହୋଇ ରହିଥିବ। ଅନ୍ୟପକ୍ଷରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାର ପ୍ରବର୍ତ୍ତନ ହିଁ ବିପନ୍ନ ଗଣତନ୍ତ୍ରର ପୁନରୁଦ୍ଧାର କରିବାରେ ସକ୍ଷମ ହୋଇପାରିବ।

ମୋ-୭୯୭୫୦୪୬୪୮୬

## ଏଇ ଭାରତରେ

ମାଟି ଦରକାର ପଡୁନାହିଁ, କେବଳ ପାଣିରେ ଚାଷ (ହାଇଡ୍ରୋପୋନିକ୍ସ) କରି ବର୍ଷକୁ ୫ କୋଟି ଟଙ୍କା ରୋଜଗାର କରୁଛନ୍ତି ତୁଷାର ଅଗ୍ରୱାଲ, ମିତ୍ ପଟେଲ ଏବଂ ବିବେକ ଶୁକ୍ଳା। ଅହମ୍ମଦାବାଦର ଏହି ୩ ବନ୍ଧୁ ଉକ୍ତ ଚାଷ ସମ୍ପର୍କରେ ଏବେ ସୁଦ୍ଧା ୩୫,୦୦୦ ଲୋକଙ୍କୁ ପ୍ରଶିକ୍ଷଣ ଦେଇସାରିଲେଣି। ବାହାରେ ଓ ଘର ଭିତରେ କିଭଳି ବିନା ମାଟିରେ ଚାଷ କରାଯିବ ତାହା ହିଁ ତାଙ୍କ ପ୍ରଶିକ୍ଷଣର ଲକ୍ଷ୍ୟ। ସେମାନେ ୨୦୨୦ରେ ଏଗ୍ରିଟେକ୍ ଷ୍ଟାର୍ଟଅପ୍ ଗଠନକରି ଏହି କାର୍ଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, ୩ ବନ୍ଧୁ କୃଷି ଉତ୍ପାଦର ପ୍ୟାକେଜଂ ଓ ମାର୍କେଟିଂରେ ମଧ୍ୟ ଚାଷୀମାନଙ୍କୁ ସହଯୋଗ କରୁଛନ୍ତି। ଏବେ ଉକ୍ତ ଷ୍ଟାର୍ଟଅପ୍ ମାଧ୍ୟମରେ ୫୦କିସମର ଫସଲ କରାଯାଉଛି। ଏଥିରେ ପାରମ୍ପରିକ ଚାଷ ତୁଳନାରେ ହାଇଡ୍ରୋପୋନିକ୍ସରେ ୮୦% ପାଣି ବଞ୍ଚାଯାଇପାରୁଛି ଓ ୮୫% କମ୍ ଜମି ଆବଶ୍ୟକ ହେବା ସହ ୩୦ରୁ ୭୦% ଅଧିକ ଉତ୍ପାଦନ ହେଉଛି। ତୁଷାର, ମିତ୍ ଓ ବିବେକ ଦେଶର ୨୭ଟି ସହରରେ୨୫ ଲକ୍ଷ ବର୍ଗଫୁଟ୍ ହାଇଡ୍ରୋପୋନିକ୍ସ ଫାର୍ମ ଗଠନକରି କୃଷକଙ୍କ ସମେତ ବ୍ୟବସାୟୀ, ଛାତ୍ର, କର୍ମଜୀବୀ, ଗୃହିଣୀଙ୍କୁ କୃଷିରେ ସାମିଲ କରିପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜାନୁୟାରୀ ୧୯୯୮

- ବିଶ୍ୱ ବାଣିଜ୍ୟ କେନ୍ଦ୍ରରେ ସଂଘଟିତ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ନାୟକ ପାକିସ୍ତାନୀ ନାଗରିକ ରାମଜୀ ଅହମ୍ମଦ ୟୁସୁଫଙ୍କୁ ୨୪୦ ବର୍ଷ କାରାଦଣ୍ଡ।
- ଇନ୍ଦର କୁମାର ଗୁଜରାଲଙ୍କ ନେତୃତ୍ୱରେ ପରିଚାଳିତ ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀ ଭାବେ ରହିଆସିଥିବା ରାଷ୍ଟ୍ରୀୟ ଜନତା ଦଳର ତିନିଜଣ ସଦସ୍ୟଙ୍କ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ।
- ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷା ଘାଟିରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବି.ଏମ୍. ୨୧ ଗ୍ରୀଡ ରକେଟର ସଫଳ ପରୀକ୍ଷଣ।

## ଚିରନ୍ତନୀ

ଅନ୍ତରେ ଲହୁ ବାହାରେ ରକ୍ତରାଶି,
ରକତର ଶିଶୁ କାହିଁ ଯିବି ମୁଁ ଗୋ ଭାସି !
କି ବାରତା ଆସେ କାହିଁ ସେ ଉଚ୍ଚରେ,
କ୍ଷୀଣତର ହୋଇ ମରମେ ସଞ୍ଚରେ,
କି ପୁଲକ ବ୍ୟଥା ପରାଣେ ଲାଗେ ପରାସି
ରଙ୍ଗାଏ ମୋର ସଞ୍ଚିତ ବ୍ୟଥାରାଶି।
-(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 5 | 7 | | 4 | 9 |
| | | 6 | | | | | | |
| | 7 | | | | | | | |
| | | 9 | 4 | | | | 6 | |
| | 2 | 4 | 5 | | | | | |
| | | | | | 8 | | 3 | |
| 9 | 5 | | | | | | 7 | |
| | | 2 | 7 | | 1 | 3 | | |
| | | 1 | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 8 | 7 | 1 | 3 | 5 | 6 | 9 |
| 9 | 5 | 6 | 4 | 8 | 2 | 1 | 3 | 7 |
| 7 | 1 | 3 | 6 | 9 | 5 | 2 | 4 | 8 |
| 1 | 9 | 7 | 8 | 2 | 6 | 3 | 5 | 4 |
| 3 | 6 | 4 | 5 | 7 | 9 | 8 | 1 | 2 |
| 5 | 8 | 2 | 1 | 3 | 4 | 9 | 7 | 6 |
| 8 | 7 | 5 | 9 | 6 | 1 | 4 | 2 | 3 |
| 6 | 3 | 1 | 2 | 4 | 8 | 7 | 9 | 5 |
| 2 | 4 | 9 | 3 | 5 | 7 | 6 | 8 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଫାଇନାନ୍ସ ସଂସ୍ଥା ପ୍ରତି ସାବଧାନ

ମହାଶୟ,

ଗତ କିଛିଦିନ ତଳେ ଏକ ଦୈନିକ ଖବରକାଗଜରୁ ଗୋଟିଏ ଅର୍ଥଲଗାଣକାରୀ ସଂସ୍ଥାର ବିଜ୍ଞାପନ ମାଧ୍ୟମରେ ବାର୍ଷିକ ଖୁବ୍ କମ୍ ଡକ୍ୟୁମେଣ୍ଟରେ ୩ଲକ୍ଷ ଟଙ୍କାରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ଋଣ ଦିଆଯାଇଥିବା କଥା ଜାଣିଲି। ଲେଖିଥିବା ମୋବାଇଲ ନଂ.ରେ ଯୋଗାଯୋଗ କରିବାରୁ ସେମାନେ କହିଲେ ଯେ ହ୍ୱାଟ୍ସଆପ୍ ମାଧ୍ୟମରେ ଆପଣଙ୍କର ଆଧାର କାର୍ଡ, ପ୍ୟାନ୍‌କାର୍ଡ, ଦରମା ପାଉଥିବା ପ୍ରମାଣପତ୍ର, କେତେ ଋଣ କରିବେ ତାହା ଦର୍ଶାଇବା ସହିତ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଦେବା ପାଇଁ ପଡ଼ିବ। ମୁଁ ମଧ୍ୟ ସମସ୍ତ କାଗଜପତ୍ର ପଠାଇଦେଲି। ତା' ପରେ ମୋ ପାଖକୁ ଫୋନ୍ କଲ୍ ଆସିଲା ଯେ ଆପଣଙ୍କ ଡକ୍ୟୁମେଣ୍ଟ ତଦାରଖ କଲାପରେ ଆପଣ ଖୁବ୍ ଶୀଘ୍ର ୩ ଲକ୍ଷ ଟଙ୍କା ପାଇବେ। ସେଥିପାଇଁ ପ୍ରଥମେ ପ୍ରୋସେସିଂ ପାଇଁ ୧୦,୦୦୦ ଟଙ୍କା ପଠାନ୍ତୁ। ମୁଁ ଫୋନ୍ ପେ ମାଧ୍ୟମରେ ସେହି ଟଙ୍କା ପଠାଇଦେଲି। ତା' ପରେ ମୋତେ ବିଶ୍ୱାସ ଜନ୍ମାଇବା ପାଇଁ ଡାକ ମାଧ୍ୟମରେ ଏକ ସାଙ୍କ୍‌ସନ ଅର୍ଡରରେ ଲେଖାଥିବା ୩,୦୦,୦୦୦ ଟଙ୍କା ହୋଇଛି ବୋଲି ପଠାଇଲେ ଓ ଫୋନ୍ କରି କହିଲେ, ପାଖକୁ ଯାଇ ଭେରିଫିକେଶନ କରିବା ଅସମ୍ଭବ ହେଉଥିବାରୁ ଆଉ ୭୦୦୦ ଟଙ୍କା ପଠାଇଲେ ଆମେ ଭେରିଫିକେଶନ କରି ଆକାଉଣ୍ଟକୁ ଟଙ୍କା ପଠାଇଦେବୁ। ମୁଁ ଟଙ୍କା ପଠାଇଲି ଓ ଟଙ୍କା କେବେ କ୍ରେଡିଟ୍ ହେବ ବୋଲି ଜଣାଇବା ପରେ ଗୋଟେ ଫୋନ୍ ନମ୍ବର ଦେଇ କହିଲେ, ଆମର ଏହି ନମ୍ବରକୁ ଫୋନ୍ କଲେ ମ୍ୟାନେଜର କେବେ ଟଙ୍କା ପଠାଇ ଜଣାଇଦେବେ। ପରେ ଯେତେ ଫୋନ୍ କଲେ କେହି ଉଠାଇଲେ ନାହିଁ। ତେଣୁ ଅନୁରୋଧ ମୋ ପରି ଆପଣ ଠକାମିର ଶିକାର ନ ହୁଅନ୍ତୁ।

**-ରମାକାନ୍ତ ଜେନା, ଅବସରପ୍ରାପ୍ତ ଶିକ୍ଷକ, ଲକ୍ଷ୍ମୀନାରାୟଣପୁର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସାକ୍ଷୀଗୋପାଳ ମନ୍ଦିର ନିକଟରେ ଜଳିଗଲା ତୀର୍ଥଯାତ୍ରୀ ବସ୍

ସାକ୍ଷୀଗୋପାଳ,୯।୧ (ସ୍ୱ.ପ୍ର./ଡି.ଏନ୍.ଏ.)

## ମଧ୍ୟପ୍ରଦେଶରୁ ଆସିଥିଲେ ୧୨୦ ଯାତ୍ରୀ

ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିର ପଛପାର୍ଶ୍ୱରେ ପାର୍କିଂ କରିଥିବା ଏକ ତୀର୍ଥଯାତ୍ରୀ ବସ୍‌ରେ ସୋମବାର ମଧ୍ୟାହ୍ନରେ ନିଆଁ ଲାଗିଯାଇଛି। ବସ୍‌ର ଯାତ୍ରୀମାନେ ସ୍ନାନ,ଶୌଚ ଓ ମନ୍ଦିର ବୁଲିବାକୁ ଯାଇଥିବା ବେଳେ ଏଭଳି ଅଘଟଣ ଘଟିଥିଲା। ଫଳରେ ଯାତ୍ରୀମାନେ ବର୍ତ୍ତିଯାଇଛନ୍ତି। ହେଲେ ବସ୍‌ରେ ନିଆଁ ବ୍ୟାପୀ ଯିବାରୁ କିଛି ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଜଳିଯାଇଥିଲା। କିନ୍ତୁ ବସ୍‌ରେ ଥିବା ଯାତ୍ରୀମାନଙ୍କର ଆସବାବପତ୍ର, ଟଙ୍କା, ଜରୁରୀ କାଗଜପତ୍ର ଜଳିଯାଇଛି।

ସୂଚନା ଅନୁଯାୟୀ, ମଧ୍ୟପ୍ରଦେଶ ଗ୍ୱାଲିୟର ଅଞ୍ଚଳରୁ ୩ଟି ବସ୍‌ରେ ପ୍ରାୟ ୧୨୦ଜଣ ତୀର୍ଥଯାତ୍ରୀ ଗଙ୍ଗାସାଗର ଓ ଚାରିଧାମ ଯାତ୍ରାରେ ବାହାରିଥିଲେ। ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ତୀର୍ଥଯାତ୍ରାର ସାକ୍ଷୀଦେବାକୁ ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ପାଇଁ ସେମାନେ ସାକ୍ଷୀଗୋପାଳରେ ପହଞ୍ଚିଥିଲେ। ଏଠାରେ ଦର୍ଶନ ସାରି ସେମାନେ ଅପରାହ୍ନରେ ରାମେଶ୍ୱର ତୀର୍ଥ ଭ୍ରମଣ କରିବାକୁ ଲକ୍ଷ୍ୟ ରଖିଥିଲେ। ୩ଟି ବସ୍ ସତ୍ୟବାଦୀ ହାଇସ୍କୁଲ ସମ୍ମୁଖ ଓ ସାକ୍ଷୀଗୋପାଳ ମନ୍ଦିର ନିକଟରେ ପାର୍କିଂ କରିବା ସହ କେତେଜଣ ଯାତ୍ରୀ ମନ୍ଦିର ଯାଇଥିବା ବେଳେ ଅନ୍ୟ କେତେଜଣ ସ୍ନାନ ପାଇଁ ଯାଇଥିଲେ। ଏହି ସମୟରେ ମନ୍ଦିର ପଛ ପାର୍ଶ୍ୱରେ ଥିବା ନଂ. ୟୁପି ୭୫ ଏଟି ୧୭୭୬ ବିଶିଷ୍ଟ ବସ୍‌ର ପଛରୁ ଧୂଆଁ ବାହାରିଥିଲା। ସେଠାରେ ଥିବା ଉପସ୍ଥିତ ବସ୍ କର୍ମଚାରୀ ଏହା ଦେଖି ପାଣି ପକାଇଥିଲେ। କିନ୍ତୁ ବସ୍‌ର ସିଟ ଓ ଆଗପାର୍ଶ୍ୱ ପ୍ଲାଷ୍ଟିକ ସାମଗ୍ରୀରେ ନିଆଁ ଲାଗି ବ୍ୟାପିଯାଇ ନିମିଷକ ମଧ୍ୟରେ ସମ୍ପୂର୍ଣ୍ଣ ବସ୍‌କୁ ଲାଗିଯାଇଥିଲା। ଫଳରେ



ପ୍ରବଳ ଧୂଆଁ ବାହାରି ଆକାଶରେ ଏକ କଳା ବାଦଲ ଛାଇଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଓ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ଖବରପାଇ ସାକ୍ଷୀଗୋପାଳ ଦମକଳ କେନ୍ଦ୍ର ଅଧିକାରୀ ମନୋଜ କୁମାର ପାତ୍ର ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ପରେ ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଡିଓ, ତହସିଲଦାର, ସତ୍ୟବାଦୀ ଥାନାଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଯାତ୍ରୀମାନଙ୍କୁ ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳାରେ ରହିବା ସହିତ ଖାଦ୍ୟ ଯୋଗାଇଥିଲେ। ସମସ୍ତ ବ୍ୟବସ୍ଥା ସହିତ ଖୁବ ଶୀଘ୍ର ତୀର୍ଥ ଯାତ୍ରୀମାନଙ୍କୁ ସେମାନଙ୍କ ରାଜ୍ୟକୁ ପଠାଇ ଦିଆଯିବାର ବନ୍ଦୋବସ୍ତ କରାଯିବ ବୋଲି ବିଧାୟକ କହିଛନ୍ତି। ଅନ୍ୟପଟେ ସତ୍ୟବାଦୀରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆସିଥିବା ବେଳେ ଦୁର୍ଘଟଣା ଖବରପାଇ ଘଟଣାସ୍ଥଳକୁ ଯାଇଥିଲେ। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଶଟସର୍କିଟରୁ ନିଆଁ ଲାଗିଥାଇପାରେ ବୋଲି ଅନୁମାନ କରାଯାଉଛି।

# ୧.୧୯୦ କେଜି ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ନୟାଗଡ଼ ଅଫିସ/ଭାପୁର, ୯।୧(ଡି.ଏନ୍.ଏ.)

## ଏସ୍‌ଟିଏଫ୍ ଗ୍ରାହକ ସାଜି ଧରିଲା

ନୟାଗଡ଼ ଜିଲା ଫତେଗଡ ଥାନା ପଥରଚକଡ଼ା ନିକଟସ୍ଥ ନାରାୟଣୀ ମନ୍ଦିର ନିକଟରୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ୧ କେଜି ୧୯୦ ଗ୍ରାମ ବ୍ରାଉନସୁଗାର ରବିବାର ସନ୍ଧ୍ୟାରେ ଜବତ କରିଥିଲା। ଜବତ ବ୍ରାଉନସୁଗାରର ଦାମ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ବେଆଇନ ବ୍ରାଉନସୁଗାର ଜବତ ଘଟଣାରେ ଏସ୍‌ଟିଏଫ୍ ଖଣ୍ଡପଡ଼ା ଥାନା କଣ୍ଟିଲୋ ଛାମୁସାହିପାଟଣା ଗାଁର ହର ପ୍ରସାଦ ପୃଷ୍ଟି (୩୫)ଙ୍କୁ ଗିରଫ କରି ସୋମବାର ନୟାଗଡ଼ ଜିଲା ଜଜ୍ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ହରପ୍ରସାଦଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ତେବେ ଅବକାରୀ ବିଭାଗ ଓ ପୋଲିସ ଏ ନେଇ ଟେର ନ ପାଇବା ସେମାନଙ୍କର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଜବତ ବ୍ରାଉନସୁଗାର କେଉଁଠୁ ଆସିଛି ଜଣାପଡିନି। ପ୍ରାପ୍ତ ସୂଚନା ଅନୁସାରେ, ଫତେଗଡ ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାର ବଢ଼ୁଥିବା ଖବରପାଇ ଏସ୍‌ଟିଏଫ୍ ଚଢ଼ାଉ କରିଥିଲା। ନାରାୟଣୀ ମନ୍ଦିର ପାଖରେ ହରପ୍ରସାଦ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ରବିବାର ସନ୍ଧ୍ୟାରେ ଏସ୍‌ଟିଏଫ୍ ଗ୍ରାହକ ସାଜି ଯାଇଥିଲେ। ହରପ୍ରସାଦଙ୍କଠାରୁ ବ୍ରାଉନସୁଗାର କିଣି ତାଙ୍କୁ ଅଟକ ରଖିଥିଲା।



ଗିରଫ ଅଭିଯୁକ୍ତ।

# ଭଉଣୀ ଟଙ୍କା ପାଇଁ ମା'ଙ୍କୁ ହତ୍ୟା

ଲଙ୍ଗଳେଶ୍ୱର/ବସ୍ତା, ୯।୧(ଡି.ଏନ.ଏ.)

ଭତ୍ତା ଟଙ୍କା ନ ଦେବାରୁ ୭୫ ବର୍ଷୀୟା ବୃଦ୍ଧା ମା'ଙ୍କୁ କଟୁରୀରେ ହାଣି ହତ୍ୟା କରିଛନ୍ତି ବଡ ପୁଅ। ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାର୍ଥା ଗ୍ରାମରେ। ମୃତ ବୃଦ୍ଧା ହେଉଛନ୍ତି ଅଯୋଧ୍ୟା ମଣ୍ଡଳଙ୍କ ସ୍ତ୍ରୀ ସାବିତ୍ରୀ। ସାବିତ୍ରୀଙ୍କ ୩ ପୁଅ ରହିଥିଲେ ମଧ ସମସ୍ତେ ଅଲଗା ରହୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ସାବିତ୍ରୀ ଭିକ୍ଷାବୃତ୍ତି କରି ଚଳନ୍ତି। ମା'ଙ୍କ ଭିକ୍ଷାବୃତ୍ତିରୁ ପାଉଥିବା ପଇସା ଏବଂ ଭତ୍ତା ଟଙ୍କା ଉପରେ ସବୁବେଳେ ବଡ଼ ପୁଅ ଅଜୟଙ୍କ ନଜର ରହିଥାଏ। ଏହି ଟଙ୍କା ନେବା ପାଇଁ ସେ ସବୁବେଳେ ମଦ୍ୟପାନ କରି ମା'ଙ୍କୁ ମାରପିଟ କରୁଥିଲେ। ରବିବାର ସନ୍ଧ୍ୟାରେ ଅଜୟ ମା'ଙ୍କ ଘରକୁ ଆସି ଭତ୍ତା ଟଙ୍କା ମାଗିଥିଲେ। ମାତ୍ର ସାବିତ୍ରୀ ଭତ୍ତା ଟଙ୍କା ଦେବାକୁ ମନା କରିବାରୁ ସେ ତାଙ୍କୁ କଟୁରୀରେ ଆକ୍ରମଣ କରିଥିଲେ। ବୃଦ୍ଧାଙ୍କ ଚିତ୍କାର ଶୁଣି ସାନ ପୁଅ ସଞ୍ଜୟଙ୍କ ସ୍ତ୍ରୀ ସଞ୍ଜୁରାଣୀ ପହଞ୍ଚି ଅଜୟଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ତାଙ୍କୁ ମଧ ଆକ୍ରମଣ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରେ ସାବିତ୍ରୀଙ୍କର ମୃତ୍ୟୁ ହୋଇଯାଇଥିଲା। ସିଂଲା ଥାନା ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ଏନେଇ ସାନବୋହୂ ସଞ୍ଜୁରାଣୀ ସାର୍ଥା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ସିଂଲା ଥାନାରେ ଏକ ମାମଲା (ନଂ.୨/୨୩) ରୁଜୁ ହୋଇଛି। ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି, ବାଲିଆପାଳ ଥାନାଧିକାରୀ ସୁବ୍ରତ କୁମାର ବେହେରା ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରୁଛନ୍ତି।

# ସମସ୍ୟା ଉପରେ ଦୃଷ୍ଟି ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

## ଗୁଡ଼ିରେ ମାଞ୍ଜାସୂତା ବ୍ୟବହାର ନିଷିଦ୍ଧ ମାମଲା

କଟକ ଅଫିସ,୯।୧

ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ସମୟରେ ଗୁଡ଼ି ଉଡ଼ାରେ ପ୍ଲାଷ୍ଟିକ ସୂତା ବ୍ୟବହାରଜନିତ ସମସ୍ୟା ଉପରେ ନଜର ଦେବାକୁ କଟକ ଜିଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ସୋମବାର ଏହି ମାମଲାର ଶୁଣାଣି କରିଥିଲେ। ପ୍ଲାଷ୍ଟିକ ସୂତା ବ୍ୟବହାର କଟକଣା କଡ଼ାକଡ଼ି ପାଳନ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା।

# ଏକସଙ୍ଗେ ଜେଲ ସହ ପାଚେରି ନିର୍ମାଣ ନିର୍ଦ୍ଦେଶ

କଟକ ଅଫିସ,୯।୧

## ହାଇକୋର୍ଟରେ ଜେଲ ସଂସ୍କାର ମାମଲା

ଜେଲ ଓ ପାଚେରି ଏକସଙ୍ଗେ ନିର୍ମାଣ ହେବା ନେଇ ରାଜ୍ୟ ସରକାର ପଦକ୍ଷେପ ନେବେ। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ସୋମବାର ଜେଲ ସଂସ୍କାର ସମ୍ପର୍କିତ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ମାଲକାନଗିରିରେ ୨୦୦ କଏଦୀ ରହିବା ବ୍ୟବସ୍ଥା ଥିବା ଜେଲ ନିର୍ମାଣ ହୋଇଥିବାବେଳେ ପାଚେରି ନିର୍ମାଣ ହୋଇ ନ ଥିଲା ବୋଲି ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଜ୍ୟରେ ଯେତେ ଜେଲ ନିର୍ମାଣ ହେଉଛି ବା ନିର୍ମାଣ ହେବାକୁ ଅଛି ସେଗୁଡ଼ିକର ନିର୍ମାଣ କାର୍ଯ୍ୟ ସରିବାର ୨ସପ୍ତାହ ମଧ୍ୟରେ ପାଚେରି ନିର୍ମାଣ ସଂକ୍ରାନ୍ତ ଏକ ପ୍ରସ୍ତାବ ଗୃହ ବିଭାଗକୁ ଦେବେ। ଗୃହ ବିଭାଗ ପ୍ରସ୍ତାବକୁ ୪ସପ୍ତାହ ମଧ୍ୟରେ ଅନୁମୋଦନ ଦେବେ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ରାଜ୍ୟର ବିଭିନ୍ନ ଜେଲରେ ରହୁଥିବା ମାନସିକ ବିକାରଗ୍ରସ୍ତ କଏଦୀଙ୍କ ଚିକିତ୍ସା ପାଇଁ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ ନ୍ୟୁରୋସାଇନ୍ସେସ୍ (ଏନ୍‌ଆଇଏମ୍‌ଏଚ୍‌ଏଏମ୍‌ଏସ୍) ହସ୍ପିଟାଲରେ ଏମ୍‌ବିବିଏସ୍ ଡାକ୍ତରମାନଙ୍କୁ ତାଲିମ ଦିଆଯିବ। ସେମାନେ ତାଲିମପ୍ରାପ୍ତ ହେବା ପରେ ଓଡ଼ିଶାକୁ ଆସି ଜେଲ୍‌ର ମାନସିକ ବିକାରଗ୍ରସ୍ତ କଏଦୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏହା ଉପରେ ୪ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୯ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଧାର୍ଯ୍ୟ ହୋଇଛି।



ମାନସିକ ବିକାରଗ୍ରସ୍ତ କଏଦୀଙ୍କ ଚିକିତ୍ସା କରିବେ ତାଲିମପ୍ରାପ୍ତ ଡାକ୍ତର

# ବସ୍ ଧକ୍କାରେ ଯୁକ୍ତ ୨ ଛାତ୍ରୀ ମୃତ, ଉତ୍ତେଜନା



କ୍ଷତିପୂରଣ ଦାବିରେ ରାସ୍ତାରୋକୋ।

ଢେଙ୍କାନାଳ ଅଫିସ,୯।୧

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥର ଉପର ବାଘଲୁଣ୍ଡା ଗ୍ରାମ ଛକଠାରେ ସୋମବାର ପୂର୍ବାହ୍ନରେ ଏକ କମ୍ପାନୀ ବସ୍ ଧକ୍କାରେ ସ୍କୁଟିରେ ଯାଉଥିବା ଯୁକ୍ତ ୨ ପ୍ରଥମବର୍ଷ ବିଜ୍ଞାନ ଛାତ୍ରୀ ଈପ୍‌ସିତା ବରାଳଙ୍କ ମୃତ୍ୟୁ ଘଟିଛି। ତାଙ୍କ ସହ ସ୍କୁଟିରେ ଥିବା ଜଣେ ସମ୍ପର୍କୀୟ ଗୁରୁତର ହୋଇଛନ୍ତି। ମୃତା ଛାତ୍ରୀଙ୍କ ଘର ବେଲପଡା ଗ୍ରାମରେ ହୋଇଥିବାବେଳେ ସେ ସ୍ଥାନୀୟ ସତ୍ୟମ୍ ଶିବମ୍ ସୁନ୍ଦରମ୍ କଲେଜରେ ପଢୁଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

ଘଟଣାରୁ ଜଣାପଡ଼ିଛି, ମୋଟଙ୍ଗା ଥାନା ବେଲପଡା ଗ୍ରାମର ଈପ୍‌ସିତା ବରାଳ କଲେଜ କ୍ରୀଡ଼ା ଉତ୍ସବରେ ଯୋଗଦେବା ପାଇଁ ପୂର୍ବାହ୍ନ ସାଢ଼େ ୮ଟାରେ ଜଣେ ସମ୍ପର୍କୀୟଙ୍କ ସହ ଏକ ସ୍କୁଟିରେ କଲେଜ ଯାଉଥିଲେ। ସେମାନେ ୫୫ନଂ ଜାତୀୟ ରାଜପଥର ଉପର ବାଘଲୁଣ୍ଡାଠାରେ ହୋଇଥିବା ବେଳେ ପଛପଟୁ ଆସୁଥିବା ରୁଙ୍ଗଟା କମ୍ପାନୀରେ ଭଡ଼ାରେ ଲାଗିଥିବା ଏକ ବସ୍ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଈପ୍‌ସିତା ଏବଂ ତାଙ୍କ ସମ୍ପର୍କୀୟ ଛିଟିକି ପଡିଥିଲେ। ଈପସିତା ରାସ୍ତା ଉପରେ ପଡିଯିବାରୁ ବସ୍‌ଟି ତାଙ୍କ ଉପରେ ଚଢ଼ି ଯାଇଥିଲା। ଈପସିତା ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତରମାନେ ଈପସିତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଜଣାପଡ଼ିବା ପରେ ଗଡଡ଼କାଟେଣୀ ଛକଠାରେ କଲେଜ ଛାତ୍ରୀଛାତ୍ର ଓ ଅଞ୍ଚଳବାସୀ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ମୃତ ଛାତ୍ରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ରୁଙ୍ଗଟା କମ୍ପାନୀରେ ନିଯୁକ୍ତି ଦାବିରେ ରାଜପଥ ଅବରୋଧ କରିଥିଲେ। ଫଳରେ ୨ ଘଣ୍ଟା ଧରି ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଓଡ଼ାପଡ଼ା ଅତିରିକ୍ତ ତହସିଲଦାର ସୁମନ୍ତ ବେହେରା, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ମୋଟଙ୍ଗା ଥାନା ଅଧିକାରୀ ନିରଞ୍ଜନ ସେଠୀ ବୁଝାଶୁଝା କରିଥିଲେ। ଏହାପରେ ରାଜପଥ ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣାକୁ ନେଇ କଲେଜ ପରିସରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଶୋକବ୍ୟକ୍ତ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହିତ ଦୁର୍ଘଟଣା ଘଟାଇଥିବା ବସ୍‌ଟିକୁ ଜବତ କରିଥିଲା। ତେବେ ବସ୍ ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୯।୨୩ରେ ଏକ ମାମଲା ରୁଜୁ କରାଯାଇଛି।

# ଅଙ୍ଗନୱାଡି ସୁପରଭାଇଜରଙ୍କ ଗାଲଚିପି ଧକ୍କା

## ସହାୟିକା ନିଯୁକ୍ତି ନେଇ ପଟ୍ଟାମୁଣ୍ଡାଇ ବ୍ଲକରେ ତୁମୁଳକାଣ୍ଡ

ପଟ୍ଟାମୁଣ୍ଡାଇ ୯।୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଜିଗରଣ ଗାଁର ଅଙ୍ଗନୱାଡି ସହାୟିକା ଚୟନରେ ସିଡିପିଓଙ୍କ ମନମାନୀର ପ୍ରତିବାଦରେ ସୋମବାର କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ମହିଳାପୁରୁଷ ଆନ୍ଦୋଳନ କରିଥିଲେ। ଗ୍ରାମର ଶତାଧିକ ମହିଳାପୁରୁଷ ସିଡିପିଓ ଅଫିସ ଭିତରେ ପଶି ପାଟିତୁଣ୍ଡ କରିବା ସହ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଆନ୍ଦୋଳନକାରୀଙ୍କୁ ଚନ୍ଦନନଗର ସୁପରଭାଇଜର ତୁଳସୀ ଦାସ ବୁଝାଶୁଝା କରୁଥିବାବେଳେ ଜଣେ ଉତ୍ତ୍ୟକ୍ତ ମହିଳା ତାଙ୍କ ଗାଲ ଚିପି ଧକ୍କା ମାରିବା ଭିଡିଓ ଭାଇରାଲରୁ ଜଣାପଡିଛି।

ଜିଗରଣ ଗାଁ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତି ନେଇ ୪ ଜଣ ଆବେଦନ କରିଥିଲେ। ତନ୍ମଧ୍ୟରୁ ୨ ଜଣ ବିଭିନ୍ନ କାରଣ ନେଇ ଓହରି ଯାଇଥିଲେ। ଅନ୍ୟ ୨ଜଣ ବିନ୍ଦୁପ୍ରଭା ମଲ୍ଲିକ ଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ରହିଥିଲେ। ୨ ଜଣ ଆବେଦନକାରୀ ଥିବାରୁ ପଟ୍ଟାମୁଣ୍ଡାଇ ସିଡିପିଓ ମୁକ୍ତରି ବେଗମ୍ ଗାଁର ମହିଳାଙ୍କୁ ନେଇ ଭୋଟ ଗ୍ରହଣ ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଭୋଟଗ୍ରହଣରେ ବିନ୍ଦୁପ୍ରଭା ସପକ୍ଷରେ ୧୨୫ ଜଣ ମତ ରଖିଥିବା ବେଳେ ଜ୍ୟୋତ୍ସ୍ନାରାଣୀଙ୍କୁ ମାତ୍ର ୨୭ ଜଣ ମତ ରଖିଥିଲେ। ପରବର୍ତ୍ତୀ ସମୟରେ ଗାଁର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଏହି ନିଷ୍ପତ୍ତିରେ ବାଧା ସୃଷ୍ଟି କରିବା ସହ ବିନ୍ଦୁପ୍ରଭାଙ୍କୁ ଓହରି ଯିବାକୁ ବାଧ ଦେଇ ସାଦା କାଗଜରେ ଦସ୍ତଖତ କରାଇଥିଲେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ସିଡିପିଓଙ୍କ ଅନୁପସ୍ଥିତିରେ ଆନ୍ଦୋଳନକାରୀ ଅଫିସ ଭିତରକୁ ପଶିବା ଖବରପାଇ ପଟ୍ଟାମୁଣ୍ଡାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ଆନ୍ଦୋଳନକାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ଅନ୍ୟପକ୍ଷରେ ବିନ୍ଦୁପ୍ରଭା ସପକ୍ଷରେ ଗାଁର ମହିଳାମାନେ ମତ ଦେଇଥିବା ବେଳେ କାହିଁକି ସିଡିପିଓ ପ୍ରତ୍ୟାଖ୍ୟାନ କଲେ ତାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସିଡିପିଓ ବେଗମ୍‌ଙ୍କୁ ପଚାରିବାରୁ ବିନ୍ଦୁପ୍ରଭା ଦେଇଥିବା ରେସିଡେଣ୍ଟ ସାର୍ଟିଫିକେଟ ଜାଲ୍ ବୋଲି ତହସିଲଦାରଙ୍କଠାରୁ ଜାଣିବାକୁ ପାଇଲୁ। ସେଥିପାଇଁ ତାଙ୍କ ଚୟନ ରଦ୍ଦ କରାଯାଇଛି। ସେ ଦେଇଥିବା ସାର୍ଟିଫିକେଟ ଜାଲ ବୋଲି ସେ କହିଥିଲେ।



ଉତ୍ତ୍ୟକ୍ତ ମହିଳା ସୁପରଭାଇଜରଙ୍କ ଗାଲକୁ ଚିପୁ ଥିବାର ଦୃଶ୍ୟ।


DIRECTORATE OF TOWN PLANNING
GOVERNMENT OF ODISHA, BHUBANESWAR

No. MP-103/22-62/DTP Date: 06.01.2023

**REQUEST FOR PROPOSAL (RFP) FOR CONSULTANCY SERVICES FOR PREPARATION OF GIS/RS BASED COMPREHENSIVE DEVELOPMENT PLAN/MASTER PLAN FOR 62 TOWNS OF ODISHA UNDER 10 PACKAGES**

No. C-2245: Directorate of Town Planning, Government of Odisha invites **"REQUEST FOR PROPOSAL (RFP) FOR CONSULTANCY SERVICES FOR PREPARATION OF GIS/RS BASED COMPREHENSIVE DEVELOPMENT PLAN/MASTER PLAN FOR 62 TOWNS OF ODISHA UNDER 10 PACKAGES".** The RFP Documents will be available from Dt.10.01.2023 to Dt.15.02.2023. The RFP documents can be downloaded from **www.urbanodisha.gov.in**. The last date of submission of proposals is Dt.15.02.2023 by 4.00 P.M. The pre-bid meeting will be held on Dt.24.01.2023 at 11.30 A.M. in the Office Chamber of the Director of Town Planning, Odisha, Power House Square, Unit - V, Bhubaneswar - 751001.

Please refer the RFP documents for further details.

**Sd./- Director**

OIPR-13038/11/0002/2223



**IN THE DEBTS RECOVERY TRIBUNAL: CUTTACK**

**C-71, SECTOR-7, CDA, CUTTACK- 753014**

**O.A.No. 398/21**

**Utkal Grameen Bank** .... Applicant

Vs.

**Sri Kalindra Bhainsal** & Ors .... Defendants

1: **Sri Kalindra Bhainsal**, aged about 69 years, S/o. Madan Mohan Bhainsal
2: **Sri Fulindra Bhainsal,** age not known but major, S/o. Madan Mohan Bhainsal
3: **Sri Iswar Bhainsal,** age not known but major, S/o. Jaga Mohan Bhainsal
4: **Sri Khetrabasi Sandha,** age not known but major, S/o. Mohan Sandha
5: **Sri Amulya Bhainsal,** age not known but major, S/o. Balabhadra Bhainsal

Nos. 1 to 5 residing at: Udarama, PO: Pamra, Dist: Sundargarh-770016

6: **Sri Ramesh Podh,** aged about 47 yrs., S/o. Kalakar Podh and Late Kalabati Bhainsal
7: **Lalit Podh,** aged about 50 yrs., S/o. Kalakar Podh and Late Kalabati Bhainsal

Nos. 6 & 7 residing at and PO: Garposh, Dist: Sambalpur- 768224

8: **Bande Rout,** aged about 42 yrs., D/o. Kalakar Podh and Kalabati Bhainsal, residing at Raikakakachhar, Dist: Sundargarh- 770017

*Defendants*

**Summons by Paper Publication for Showing Cause as to Why Reliefs Prayed for should not be granted**

Take notice that the Applicant has instituted OA No.398/21 in the Debts Recovery Tribunal, Cuttack for recovery of **Rs. 25,74,441.33** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on 10.02.2023 at 10.30 A.M. positively as to why the reliefs prayed for should not be granted.

Take notice that in case of your default the original Application shall be heard and disposed off exparte in your absence.

Given under hand and seal of this Tribunal, on this 05th day of month January of 2023

By orders of this Tribunal
**Sd./- Registrar**
**Debts Recovery Tribunal**



**ODISHA JOINT ENTRANCE EXAMINATION - 2022 (OJEE - 2022)**

No. OJEE/015 Date: 09.01.2023

**Notice regarding Medical Board for Physically Challenged (PC) Candidates Seeking Admission to B.Pharm and M.Pharm Courses through OJEE under 2022**

No. h-19: The **Physically Challenged (PC)** Category Candidates having due eligibility, who are interested to take admission under PC category in B.Pharm and M.Pharm Courses through OJEE counselling are required to attend the **Medical Board at LT-II, SCB Medical College, Cuttack on 11.01.2023 at 10.00 A.M. positively**.

Candidates are required to bring their **Rank Card, Photo Identity Card and UDID Card and must report at the Board by 9.30 A.M.**

**Decision of the Medical Board is final and binding. Admission under PC category will be made only as per the recommendations of this Board.**

**Sd./- Chairman, OJEE, Odisha**

OIPR-14020/11/0029/2223



**UTKAL UNIVERSITY OF CULTURE**

Sardar Patel Hall Complex, Unit - II, Bhubaneswar - 751 009
E-mail: mailboxuuc@gmail.com, www.uuc.ac.in

No. 2496/UUC Dt.27.12.2022

**ADMISSION NOTIFICATION - 2023**

No. CAD-4316: Utkal University of Culture invites applications for admission to the following courses.

**Six Months Certificate Course in Jain Religion and Philosophy and in Tamil Language (January - June 2023)**

**Eligibility:**

**For Jain Religion** : Any Graduate or equivalent from recognised University
**For Tamil Language** : HSC or equivalent Degree from any recognised Board/ Institution.

**Admission Schedule**

**Commencement of application form** - **30.12.2022**
**Last date of Sale of application form and Admission** - **20.01.2023**
**Procedure of Selection** - Subject to fulfilment of eligibility criteria
**No. of Seats** - 32 in each course
**Cost of application form** - Rs.100.00
**Admission Fees** - For Jain Religion - Rs.500.00; For Tamil Language - Nil

Application form can be procured from the above office address or can be downloaded from the University website **www.uuc.ac.in** (Form Downloads). **All fees are to be deposited online.** For further querries, Contact: **8093982496**.

**Sd./- Head, P.G. Teaching Departments**

OIPR-03005/11/0016/2223

# ବ୍ଲକ, ଏନ୍ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଯାପିତ

- କଳାହାଣ୍ଡିର ଲୋକକଳା ବିଶ୍ୱ ଦରବାରରେ ପରିଚିତ
- ଅସୀମାଙ୍କ ଗୀତରେ ଝୁମିଲେ ଦର୍ଶକ

ଭବାନୀପାଟଣା/ଜୁନାଗଡ,୯।୧ (ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ହାଇସ୍କୁଲ ପଡିଆଠାରେ ଚାଲିଥିବା ବ୍ଲକ ଓ ଏନ୍ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ସମ୍ମାନିତ ଅତିଥି ଭାବେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା କଲ୍ୟାଣୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବିଡିଓ ଦୁଲାରାମ ମାରାଣ୍ଡି, ତହସିଲଦାର ବେଦବ୍ୟାସ ଭୋଇ, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଏନ୍ଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ବିସିସିବି ସଭାପତି ଗିରିଶ ଚନ୍ଦ୍ର ବେହେରା, ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡିର ଲୋକକଳା ଓ ସଂସ୍କୃତି ଆଜି ବିଶ୍ୱ ଦରବାରରେ ପରିଚିତ। ତେଣୁ ଏହାକୁ ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଳାହାଣ୍ଡିର ଇତିହାସକୁ ଏକ ଗ୍ୟାଲେରୀରେ ସ୍ଥାନ ଦେଲେ ଆଗାମୀ ପିଢି ଏହା ଉପରେ ଜାଣିପାରିବେ ବୋଲି ସମାଜ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା କଲ୍ୟାଣୀ ନାଏକ ଅଭିଭାଷଣରେ କହିଥିଲେ। ବ୍ଲକ ସରପଞ୍ଚ ସଂଘ ସଭାପତି ତାରା ଶଙ୍କର ରାୟଗୁରୁ ସ୍ୱାଗତ ଭାଷଣ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଜିଲା ସାମ୍ବାଦିକ ୟୁନିୟନର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂଦେଓ ପରିଚାଳନା କରିଥିଲେ। କଳାହାଣ୍ଡି ଉତ୍ସବ ଉପଲକ୍ଷେ ହୋଇଥିବା ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍‌ରେ ଚାମ୍ପିୟନ ବିଡିଓ (ବି) ଏକାଦଶ ଓ ରନର୍ସଅପ ପିଆରଆଇ ଏକାଦଶ ସମେତ ବିଭିନ୍ନ କ୍ଷେତ୍ରରେ ଓ ଉତ୍ସବରେ ଉତ୍ତମ ସ୍ୱେଚ୍ଛାସେବୀ ଭାବେ ଦାୟିତ୍ୱ ତୁଲାଇଥିବା କର୍ମକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଓଡିଶାର ଲୋକପ୍ରିୟ ଗାୟିକା ଅସୀମା ପଣ୍ଡା ଓ ତାଙ୍କ ଅର୍କେଷ୍ଟା ଟିମ୍ ଆହୁରି ରଙ୍ଗାରଙ୍ଗ କରିଥିଲେ। ପ୍ରାୟ ୩ଘଣ୍ଟା ଧରି ଅସୀମା ଦର୍ଶକଙ୍କୁ ଭେଟି ଦେଇଥିଲେ ଗୋଟିଏ ପରେ ଗୋଟିଏ ସୁନ୍ଦର ଗୀତ। ଯାହା ଉପସ୍ଥିତ ଦର୍ଶକଙ୍କ ମନକୁ ଛୁଇଁଥିଲା। ଏହାପରେ ଲଗାତାର ରୋମାନ୍ସ ଓ ଡ୍ୟାନ୍ସ ଗୀତ ଗାଇ ଗାଇଥିଲେ ଅସୀମା। ଏହି ସମୟରେ ଉପସ୍ଥିତ ଦର୍ଶକ ଝୁମି ଉଠିଥିଲେ। ଶେଷଦିନରେ ଅଞ୍ଚଳର ୨୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ଦେଖିବାକୁ ମିଳିଥିଲା।




ଅତିଥିଙ୍କ ଦ୍ୱାରା ଚାମ୍ପିୟନ ବିଡିଓ ବି ଏକାଦଶଙ୍କୁ ପୁରସ୍କୃତ କରାଯାଉଛି।



ଗାୟିକା ଅସୀମା ଗୀତ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଶର୍ଟସର୍କିଟରୁ ନିଆଁ ଲାଗି ପୋଡ଼ିଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ



ଭବାନୀପାଟଣା,୯।୧(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଜିଲାପାଳ ଅଫିସ ସମ୍ମୁଖରେ ଥିବା ପ୍ରକାଶ କୁମାର ନାଏକଙ୍କ ଏକ ଦୋକାନରେ ରବିବାର ବିଳମ୍ବିତ ରାତିରେ ଶର୍ଟସର୍କିଟ ଯୋଗୁ ନିଆ ଲାଗି ପୋଡ଼ିଯାଇଛି। ପୋଲିସ ପାଟ୍ରୋଲିଂ ସମୟରେ ଦୋକାନରୁ ଧୁଆଁ ବାହାରୁଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଦୋକାନରେ ଥିବା ଫ୍ରିଜ, ଟଙ୍କା ସମେତ ସବୁ ସାମଗ୍ରୀ ଜଳି ପୋଡି ନଷ୍ଟ ହୋଇଯାଇଛି। ଦୋକାନରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳି ପୋଡି ଧ୍ୱଂସ ହୋଇଯାଇଛି। ସହର ମଧ୍ୟରେ ଥିବା ଜିଲାପାଳ ଓ ଏସ୍‌ପି ଅଫିସ ସମ୍ମୁଖରେ ଏଭଳି ଘଟଣା ଘଟି ଥିଲେ ବି ପୋଲିସ ପାଟ୍ରାଲିଂକୁ ଆହୁରି କଡାକଡି କରାଯିବା ପାଇଁ ଭବାନୀପାଟଣା ବାସିନ୍ଦା ଦାବି କରିଛନ୍ତି।

### ଭାରତୀୟ ହକି ଦଳକୁ ଉତ୍ସାହିତ ପାଇଁ ରାଲି

କେସିଙ୍ଗା,୯।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗାଠାରେ ପୁରୁଷ ହକି ବିଶ୍ୱକପ ପାଇଁ ସୋମବାର ଏକ ବିରଟ ରାଲି ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀଙ୍କ ନେତୃତ୍ୱରେ ସଚେତନତା ରାଲି ମହାବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ଜଗନ୍ନାଥ ମନ୍ଦିର ଛକ ପର୍ଯ୍ୟନ୍ତ ଯିବା ପରେ ଜାତୀୟ ରାଜପଥ ଦେଇ ଆମ୍ବେଡକର ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ମହାବିଦ୍ୟାଳୟ ପ୍ରତ୍ୟାବର୍ତ୍ତନ କରିଥିଲା। ରାଲିରେ ପ୍ରାୟ ୧୫୦୦ରୁ ଅଧିକ ଛାତ୍ରୀଛାତ୍ର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ଯୋଗଦାନ କରି ଲୋକଙ୍କୁ ପୁରୁଷ ହକି ବିଶ୍ୱକପ ୨୦୨୩କୁ ଦେଖିବା ଓ ଭାରତୀୟ ଦଳକୁ ଉତ୍ସାହିତ କରିବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ରାଲି ଶେଷରେ କେସିଙ୍ଗା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧାପକ ସୁଶାନ୍ତ କୁମାର ପାଢ଼ୀ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଉଦବୋଧନ ଦେଇ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଏନସିସି ଅଫିସର୍ ଡକ୍ଟର ସତୀଶ ଚନ୍ଦ୍ର ଖମାରୀ ରାଲି ସୁଚାରୁରୂପେ ପରିଚାଳନା କରିଥିଲେ।

### ୧୯୮୮ ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ

କର୍ଲାମୁଣ୍ଡା,୯।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିକ୍ଷିତା ବାପୁଜୀ ହାଇସ୍କୁଲର ୧୯୮୮ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କେସିଙ୍ଗା ବ୍ଲକ ଐତିହାସିକ ଧବଳେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୫ ବର୍ଷ ପରେ ପ୍ରଥମ ଥର ଏକତ୍ରିତ ହୋଇଥିବାରୁ ସମସ୍ତେ ଅତୀତର ସ୍ମୃତିକୁ ମନେ ପକାଇଥିଲେ। ଏଥିରେ ଇଣ୍ଟରନ୍ୟାଶନାଲ ଡେଭଲପମେଣ୍ଟ ଅରଗାନାଇଜେସନର ପ୍ରୋଗ୍ରାମ ମେନେଜର ସରୋଜ କୁମାର ବାରିକ, ପ୍ରଥମ ଓଡ଼ିଶାର ସେଚ୍ଛାସେବୀ ପ୍ରହଲ୍ଲାଦ ପ୍ରଧାନ, ଆଡଭୋକେଟ ତଥା ସାମାଜିକ କର୍ମୀ ଝସକେତନ ରଣା, ଶିକ୍ଷକ ସହଦେବ ସାହୁ, ମୀନକେତନ ସୁନା, ଗୋକୁଳ ଚନ୍ଦ୍ର ପ୍ରଧାନ, ହେମନ୍ତ କୁମାର ବେହେରା, ଅନ୍ତର୍ଯ୍ୟାମୀ ମଲ୍ଲିକ, ପ୍ରଦୀପ କୁମାର ସାହୁ, ନାଟ୍ୟକାର ନିର୍ଦ୍ଦେଶକ ଭାଗିରଥୀ ଷଡ଼ଙ୍ଗୀ, ହୋଟେଲ ବ୍ୟବସାୟୀ ସତ୍ୟନାରାୟଣ ପୁଟେଲ, ପୋଲିସ କନଷ୍ଟେବଲ ରାମଲାଲ ମଲ୍ଲିକ, କିରାଣୀ କ୍ଷୀରୋଦ୍ର ସାହୁ, ପୂର୍ବତନ ସମିତି ସଭ୍ୟ ସଞ୍ଜୀବ କୁମାର ରଣା, ଚାଷୀ ଧବଳେଶର ସାହୁ, ଟଙ୍କଧର ରଣା, ପୀତବାସ ରଣା, ଡୋଳାମଣି ଭୋଇ ପ୍ରମୁଖ ଯୋଗଦେଇଥିଲେ ।

### ଜିଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖଡ଼ିଆଳ,୯।୧(ଡି.ଏନ.ଏ.): ନୂଆପଡା ଜିଲାସ୍ତରୀୟ ହାଇସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଭୋଜପୁର ହାଇସ୍କୁଲ ଖେଳ ପଡ଼ିଆଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶୁଧାଂଶୁ ଶେଖର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ଯୋଗଦେଇ ବିଶ୍ୱକପ୍ ହକି ପାଇଁ ଅନୁଷ୍ଠିତ ଖେଳରେ ଜିଲା ଯୁବ କ୍ରୀଡ଼ାବିତଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ଅଟେ। ନିଜ ପ୍ରତିଭା ଦେଖାଇ ଜିଲା, ରାଜ୍ୟ ଏବଂ ଜାତୀୟସ୍ତରରେ ଖେଳିବାକୁ ସୁଯୋଗ ପାଇବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶାରୀରିକ କ୍ରୀଡା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଗୋଷ୍ଠୀ ଶିକ୍ଷା ଅଧିକାରୀ ନକୁଳ ଶବର, ଭୋଜପୁର ସରପଞ୍ଚ କୁଳମଣି ନାଏକ, ଭୋଜପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସିଂଦେଓ, ସଞ୍ଜୟ ପ୍ରଧାନ ପ୍ରମୁଖ ଯୋଗଦେଇଥିବା ବେଳେ ରତନ ସିଂ ବାରିକ ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ

ରୁପ୍ରାରୋଡ,୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ଼ ପଞ୍ଚାୟତ ପକ୍ଷରୁ କାର୍ଯ୍ୟାଳୟ ସାମ୍ନା ପଡ଼ିଆରେ ସରପଞ୍ଚ ହେମନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ୍ୟା ମନୋରମା ମାହାନ୍ତି, ମୁଖ୍ୟବକ୍ତା ଆଦିବାସୀ ଗବେଷକ ମେଦିନୀଧର ଜାନୀ, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତି ସେଠି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲିଧର ମୁଣ୍ଡ, ଯୋଗାଣ ସହାୟକ ପ୍ରମୋଦ ଶର୍ମା ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡିର କଳାସଂସ୍କୃତି ଓ ପରମ୍ପରା ଲୋକ ଲୋଚନକୁ ଆଣିବା ପ୍ରୟାସ ହେଉଛି କଳାହାଣ୍ଡି ଉତ୍ସବ ବୋଲି ମୁଖ୍ୟବକ୍ତା କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରଞ୍ଜନ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ମୁରଲିଧର ମୁଣ୍ଡ ଧନ୍ୟବାଦ ଦେଇଥିଲେ। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମବାସୀ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା



ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

କେସିଙ୍ଗା,୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ କଳାହାଣ୍ଡି ଉତ୍ସବ ଘୁମୁରା ସୋମବାର ପାଳିତ ହୋଇଯାଇଛି। ସକାଳେ ବେଲଖଣ୍ଡି ଶୈବପୀଠରୁ ବାହାରିଥିବା ବିରାଟ ଏକ ମଶାଲ ଯାତ୍ରାକୁ ବେଲଖଣ୍ଡି, ସିର୍ଜାପାଲି, ତୁଣ୍ଡଲା, ତୁର୍ଲାଖମାନ, ନୂନମାଠ ଆଦି ଗ୍ରାମ ପଞ୍ଚାୟତ ସରପଞ୍ଚମାନେ ସ୍ୱାଗତ କରିଥିଲେ। କେସିଙ୍ଗା ସହର ବଲାଙ୍ଗୀର ଛକଠାରୁ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ବିଡିଓ ପ୍ରଫୁଲ୍ଲ କୁମାର ଅଦୁ ପ୍ରମୁଖ ମଶାଲକୁ ସ୍ୱାଗତ କରି ବିଦ୍ୟାପୀଠ ଖେଳପଡ଼ିଆ ମଞ୍ଚକୁ ସ୍ଥାପନ କରିଥିଲେ। ପୂର୍ବାହ୍ନ ୧୧ଟାରେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ସିଂଦେଓ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ସମ୍ମାନିତ ଅତିଥି ଭାବେ ଉପାଧ୍ୟାକ୍ଷ୍ୟା ରାଜଲକ୍ଷ୍ମୀ ପଟ୍ଟନାୟକ, ସିଡିପିଓ ମୁଯିବୁନି ନିଶା, ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁବାହନ ପ୍ରଧାନ, ପୂର୍ବତନ କାଉନସିଲର ମହେନ୍ଦ୍ର ନାଏକ, ଜିଲା ସରପଞ୍ଚ ସଂଘ ସଭାପତି ସୁବୋଧ ରଣାଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେଇଥିଲେ। ବ୍ଲକର ୨୬ଟି ପଞ୍ଚାୟତରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ତୁଣ୍ଡଲା ପିଇଓ ଉମାଶଙ୍କର ପ୍ରଧାନ ଓ ଦିଲୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆନ୍ଧ୍ରକୁ ଚାଲାଣ ବେଳେ ୧୩ ଦାଦନ ଶ୍ରମିକ ଉଦ୍ଧାର

ନୂଆପଡ଼ା ଅଫିସ,୯।୧

ନୂଆପଡା ସଦର ଥାନା ପୋଲିସ ରବିବାର ସନ୍ଧ୍ୟାରେ ଟାନୱାଟ ଛକ ନିକଟରେ ଗାଡି କାଗଜାତ ଯାଞ୍ଚ ବେଳେ ଆନ୍ଧ୍ରପ୍ରଦେଶକୁ ଚାଲାଣ କରୁଥିବା ଏକ ବୋଲେରୋରୁ କୋମନା ଥାନା ସିଆଲଲଟି ପଞ୍ଚାୟତ ହଲୁଆପାଲି ଓ ତିଲେଇମାଲର ମୋଟ ୧୩ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୩ଜଣ ନାବାଳକ, ୫ଜଣ ମହିଳା ଓ ୫ଜଣ ପୁରୁଷ ଥିଲେ। ଶ୍ରମିକଙ୍କୁ ଉଦ୍ଧାର କରି ବୋଲେରୋ ଜବତ କରିବା ସହ ଦାଦନ ସର୍ଦ୍ଦାର ତନୁଜ ମେହେର ଓ ଗାଡି ଡ୍ରାଇଭର ଚିମାନ ମାଝିଙ୍କୁ ପୋଲିସ ଗିରଫ କରି ପଚରାଉଚରା କରୁଛି। ସମସ୍ତ ଯାଞ୍ଚ ପରେ ଦାଦନ ସର୍ଦ୍ଦାର ଓ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରାଯିବ ଏବଂ ଶ୍ରମିକଙ୍କୁ ସେମାନଙ୍କ ଗାଁକୁ ନେଇ ଘରେ ଛାଡି ଦିଆଯିବ ବୋଲି ଥାନାଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସୂଚନା ଯେ, ସଦର ଥାନା ପୋଲିସ ଟାନୱାଟ ଛକ ନିକଟରେ ଗାଡି କାଗଜାତ ଯାଞ୍ଚ କରୁଥିଲା। ଏହି ସମୟରେ କୋମନା ପଟୁ ନୂଆପଡା ଅଭିମୁଖେ ଆସୁଥିବା ଏକ ବୋଲେରୋକୁ ଖାନତଲାସି କରିଥିଲା। ସେଥିରେ ଦାଦନ ଶ୍ରମିକ ଚାଲାଣ ହେଉଥିବା ଜଣାପଡିଥିଲା। କୋମନା ଥାନା ସିଆଲଲଟି ପଞ୍ଚାୟତ ହଲୁଆପାଲି ଗାଁ ଓ ତିଲେଇମାଲ ଗାଁର ୩ଜଣ ନାବାଳକ ସହିତ ୫ଜଣ ମହିଳା ଓ ୫ଜଣ ପୁରୁଷ ମୋଟ ୧୩ ଜଣଙ୍କୁ ପୋଲିସ ଉଦ୍ଧାର କରିଛି। ବଲାଙ୍ଗୀର ଜିଲା ତୁରେକେଲା ଥାନା କୁଶପାଲି ଗାଁର ଦାଦନ ସର୍ଦ୍ଦାର ତନୁଜ ମେହେର ବୋଲେରୋ ଯୋଗେ ଆନ୍ଧ୍ରପ୍ରଦେଶକୁ ଚାଲାଣ କରୁଥିଲେ।

## ବ୍ଲକସ୍ତରୀୟ କୁମ୍ଭକାର ସମାଜ ନୂତନ କର୍ମକର୍ତ୍ତା ଚୟନ



ସଭାଗୃହକୁ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

### କୁମ୍ଭକାର ସମାଜ ସଭାଗୃହ ଉଦ୍‌ଘାଟିତ

ନୂଆପଡ଼ା ଅଫିସ,୯।୧

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡଠାରେ କୁମ୍ଭକାର ସମାଜର ବ୍ଲକସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ ଓ ସଭାଗୃହ ଉଦ୍‌ଘାଟିତ ହୋଇଯାଇଛି। ସମାଜର ବରିଷ୍ଠ ସଦସ୍ୟ ଉମାଶଙ୍କର ରଣାଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ଉତ୍ସବରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇ କୁମ୍ଭକାର ସମାଜ ସଭାଗୃହ ଉଦଘାଟନ କରିଥିଲେ। ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ଅଜୟ କୁମାର ଗହିର, ବ୍ରହ୍ମାନନ୍ଦ ସୁନାନୀ ସମ୍ମାନିତ ଅତିଥି ଭାର ଯୋଗ ଦେଇଥିଲେ। ପରେ ସର୍ବସମ୍ମତିକ୍ରମେ ବ୍ଲକସ୍ତରୀୟ କାର୍ଯ୍ୟକାରୀ ନୂତନ କର୍ମକର୍ତା ଚୟନ କରାଯାଇଥିଲା। ଉମାଶଙ୍କର ରଣାଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ଉପସଭାପତି ଓମ ପ୍ରକାଶ ରଣା, ସମ୍ପାଦକ ହେମଲାଲ ରଣା, ଯୁଗ୍ମ ସମ୍ପାଦକ ଚତୁର୍ଭୁଜ ରଣା, କୋଷାଧ୍ୟକ୍ଷ ବିଶ୍ୱମ୍ଭର ରଣାଙ୍କୁ ଚୟନ କରାଯାଇଥିଲା। ଆଞ୍ଚଳିକ ସର୍କଲ ସଭାପତି ଭାବେ ୧୦ଜଣଙ୍କୁ ଚୟନ କରାଯାଇଛି। କାଣ୍ଡେତରା ଖବି ରଣା, ନୂଆଗାଁ ଦିଗବଲ ରଣା, କୋମନା ପବିତ୍ର ରଣା, ରେଙ୍ଗ ନେତ୍ରମଣି ରଣା, ପେଣ୍ଡରାବନ ଡୋଲାମଣି ପାଣ୍ଡେ, ଟିକ୍ରାପଡା ମଣି ଶଙ୍କର ରଣା, ଭେଲା ବିଶ୍ୱମ୍ଭର ରଣା, ତରବୋଡ ଧନେଶ୍ୱର ରଣା, ଗଡଗଡବାହାଲି ନୃସିଂ ରଣା ଓ ସିଆଲଲଟି ସସର୍କଲ ପାଇଁ ପତିରାମ ପାଣ୍ଡେଙ୍କୁ ଚୟନ କରାଯାଇଛି। ଶିକ୍ଷକ ଗୌରଚନ୍ଦ୍ର ରଣା ସଭା ପରିଚାଳନା କରିଥିବା ବେଳେ ହରେକୃଷ୍ଣ ରଣା, ବିଷ୍ଣୁ ରଣାଙ୍କ ସମେତ କୁମ୍ଭକାର ସମାଜ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ

ଜିଏସ୍‌ଟି ଫାଙ୍କିବା ଅଭିଯୋଗ

କୋକସରା,୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ଚିଲିଗୁଡା ନିକଟ ବନଦୁର୍ଗା ଟ୍ରେଡ଼ର୍ସରେ ସୋମବାର ଭବାନୀପାଟଣା ଜିଏସଟି ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ଚଢ଼ାଉ କରାଯାଇଛି। ଜିଏସଟି ଫାଙ୍କିବା ନେଇ ଅଭିଯୋଗ ପରେ ଚଢ଼ାଉ କରାଯାଇଥିବା ବେଳେ ବହୁତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ସୂଚନା ଅନୁଯାୟୀ କୋକସରାଠାରେ ଥିବା ବନ ଦୁର୍ଗା ଟ୍ରେଡ଼ର୍ସ ଦୀର୍ଘ ଦିନ ଧରି ଜିଏସଟି ଫାଙ୍କି ଆସୁଥିବା ନେଇ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଜିଲା ଜିଏସଟି ଅତିରିକ୍ତ ନିର୍ଦ୍ଦେଶକ ସମୀର ମାଝିଙ୍କ ନେତୃତ୍ୱରେ ୮ଜଣିଆ ଟିମ ବନଦୁର୍ଗା ଟ୍ରେଡ଼ର୍ସ ଉପରେ ଚଢ଼ାଉ କରିଛି। କାଗଜପତ୍ର ଯାଞ୍ଚ କରିବା ସହ ଦୋକାନରେ ଅନଲାଇନ ବ୍ୟବସାୟ ତଥ୍ୟ ମଧ୍ୟ ବିଭାଗ ଯାଞ୍ଚ କରୁଛି। କେତେ ଟଙ୍କାର ଜିଏସଟି ଠକେଇ ହୋଇଛି, ତାହା ଆକଳନ ପରେ ତଥ୍ୟ ସାମ୍ନାକୁ ଆସିବ ବୋଲି ଜିଏସଟି ବିଭାଗ ସୂଚନା ଦେଇଛି। କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଚଢ଼ାଉରେ ଏଡିସିନାଲ ଜିଏସଟି ଅଧିକାରୀ ହରେକୃଷ୍ଣ ସାହୁ, ଟଙ୍କଧର ସାହୁ, ସୁଧାଂଶୁ ଶେଖର ବେହେରା, ମହମ୍ମଦ ଆଝାରଉଦ୍ଦିନ ଖାଁ, ଶ୍ୟାମ ବାଗ, ଧରଣୀଧର ପୁରୋହିତ ପ୍ରମୁଖ ସାମିଲ ରହିଥିଲେ।

## ନୀଳମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଜୁନାଗଡ଼,୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲିଗୁଡା ନୀଳମାଧବ ସରକାରୀ ଉଚ୍ଚ ବିଦ୍ୟାଳର ୩୩ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ବାର୍ଷିକ ଉତ୍ସବ ପାଳନର ମହତ୍ୱ ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସମାରୋହରେ ବିଇଓ ଷଷ୍ଠୀ ପ୍ରସାଦ ଝାଙ୍କର ସଭାପତିତ୍ୱ କରିଥିବା ବେଳେ ଜୁନାଗଡ଼ ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ନେପୋଳ ଚନ୍ଦ୍ର ବାଗ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ କୁମାର ବେହେରା, ସରପଞ୍ଚ ସଂଘ ସଭାପତି ତାରା ଶଙ୍କର ରାୟଗୁରୁ, ଜିଲା ପରିଷଦ ସଭ୍ୟା ସଙ୍ଗୀତା ଖର୍ସେଲ, ଶିକ୍ଷାବିତ ସୁଧାଂଶୁ ଶେଖର ନେଗି, ସୁଧାଂଶୁ ଶେଖର ମହାବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା, ଶିକ୍ଷାବିତ ଶଶୀସେନ ଯୋଶୀ ଏବଂ ବ୍ରଜମୋହନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଦ୍ୟଳୟର ୨ଜଣ ଅବସର ଶିକ୍ଷକ ବ୍ରଜମୋହନ ପାତ୍ର ଓ ନରେନ୍ଦ୍ର ନେଗିଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ବିଦ୍ୟଳୟ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷକ ଅକ୍ଷୟ କୁମାର ସତନାମୀ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ସିବିଆଇ ତଦନ୍ତ ଦାବି କଲା ଦକ୍ଷିଣ ଶୌଣ୍ଡିକ ସମାଜ

### ଜେଲରେ ଗୋବିନ୍ଦ ସାହୁ ମୃତ୍ୟୁ ଘଟଣା

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା,୯।୧(ସ୍ୱ.ପ୍ର.)

ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଗତ ଡିସେମ୍ବର ୨୦ ତାରିଖରେ କଣ୍ଟାବାଞ୍ଜି ଜେଲ ଭିତରେ ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଟିମ୍‌କୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ମହାଲିଙ୍ଗ ଗସ୍ତ କରି ଗୋବିନ୍ଦଙ୍କ ବାସଭବନ ଏବଂ କଲେଜ ଯାଇ ତଦନ୍ତ କରିଥିଲେ। ଏହା ମଧ୍ୟରେ ୨୦ ଦିନ ବିତି ଯାଇଥିଲେ ବି ବର୍ତ୍ତମାନ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ହାତରେ କିଛି ଠୋସ ପ୍ରମାଣ ଲାଗିନାହିଁ। କ୍ରାଇମବ୍ରାଞ୍ଚର ତଦନ୍ତକୁ ସନ୍ଦେହ କରି ସୋମବାର କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଓ କଳମପୁର ବ୍ଲକ ଶୌଣ୍ଡିକ ସମାଜ ପକ୍ଷରୁ ସିବିଆଇ ତଦନ୍ତ ଦାବିରେ ଭବାନୀପାଟଣାରେ ଏକ ଶୋଭାଯାତ୍ରା କରାଯାଇଛି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ଏହାର ଏକକିତା ନକଲ ରାଜ୍ୟପାଳ, ରାଜ୍ୟ ମାନବଧିକାର କମିଶନ ଏବଂ ଓଡିଶା ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କୁ ପ୍ରେରଣ କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ଗତ ଡିସେମ୍ବର ୨୦ ତାରିଖରେ କଣ୍ଟାବାଞ୍ଜି ଜେଲରେ ଗୋବିନ୍ଦଙ୍କ ମୃତ୍ୟୁ ଘଟିଥିଲା। ହେଲେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଗୋବିନ୍ଦଙ୍କ ପକେଟରୁ ମିଳିଥିବା ବନ୍ଦ ଲଫାପା ତାଙ୍କ ବଡଝିଅ ଲିପିକା ସାହୁଙ୍କ ଉଦ୍ଦେଶ୍ୟରେ ଥିଲା ବୋଲି ଜଣାପଡିଥିଲା। ହେଲେ ପୋଲିସ କିମ୍ବା କ୍ରାଇମବ୍ରାଞ୍ଚ ସେହି ଲଫାପା ବଡ ଝିଅ କିମ୍ବା ପରିବାରବର୍ଗଙ୍କୁ ହସ୍ତାନ୍ତର କରି ନ ଥିଲା କି ଦେଖିବାକୁ ମଧ୍ୟ ସୁଯୋଗ ଦେଇ ନ ଥିଲା। ସେହି ସମୟରେ କକା ଶଶୁର ମହେନ୍ଦ୍ର ସାହୁ ଗୋବିନ୍ଦଙ୍କ ମୃତ୍ୟୁ ନେଇ ହତ୍ୟା ଅଭିଯୋଗ ଆଣିଥିଲେ। ବଡଝିଅ ସହ କ୍ରାଇମବ୍ରାଞ୍ଚ କଥାବାର୍ତ୍ତା ହେବା ଏକ ଅଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଦାବିପତ୍ର ପ୍ରଦାନ ସମୟରେ ସମାଜର ମହେନ୍ଦ୍ର ସାହୁ, ବିଜୟ ଦେବ ସାହୁ, ସନ୍ତୋଷ ସାହୁ, ଗୋପାଳ ସାହୁ, ଉମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ସିବିଆଇ ତଦନ୍ତ ଦାବିରେ ଦକ୍ଷିଣ ଶୌଣ୍ଡିକ ସମାଜର ଶୋଭାଯାତ୍ରା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୦ ଜାନୁୟାରୀ, ୨୦୨୩

## ସତ୍ୟସାଇ ସଙ୍ଗଠନର ଚିକିତ୍ସା ଶିବିର

ବରପାଲି (ଡି.ଏନ.ଏ.): ବରଗଡ଼ ଜିଲା ବରପାଲି ସତ୍ୟସାଇ ସେବା ସମିତି ପକ୍ଷରୁ ସୋମବାର ନିଃଶୁଳ୍କ ହୋମିଓପ୍ୟାଥିକ ଚିକିତ୍ସା ଶିବିର ପୋଷ୍ୟଗ୍ରାମ ପତ୍ରାପାଲିଠାରେ ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରକୁ ସତ୍ୟସାଇ ସେବା ସମିତିର ପୂର୍ବତନ ଜିଲା ସଭାପତି ଡା. ନୀତିଶ ମହାପାତ୍ର ଓ ବିଜୟ ବାରିକ ଉଦ୍ଘାଟନ କରିଥିଲେ। ପତ୍ରାପାଲି ତଥା ଆଖପାଖ ଅଞ୍ଚଳର ବହୁ ବୃଦ୍ଧାବୃଦ୍ଧ ଶିବିରକୁ ଆସି ନିଃଶୁଳ୍କ ଚିକିତ୍ସା ସେବାର ଲାଭ ନେଇଥିଲେ। ଡା. ଚରଣ ଭୋଇ, ଗୋବିନ୍ଦ ନନ୍ଦ, ଧର୍ମେନ୍ଦ୍ର ବାଗ, ସୌକିଲାଲ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ

ବରପାଲି,୯।୧(ଡି.ଏନ.ଏ.): ବରଗଡ ଜିଲା ବରପାଲି ଶ୍ରୀଅରବିନ୍ଦ ପାଠଚକ୍ର ଆନୁକୂଲ୍ୟରେ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରୀଅରବିନ୍ଦ ସାଧକ ବ୍ରଜମୋହନ ବେହେରା ଓ ଉପେନ୍ଦ୍ର ମହାପାତ୍ର ଯୋଗଦେଇ ଶ୍ରୀଅରବିନ୍ଦ ଓ ଦିବ୍ୟ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ସକାଳେ ଧ୍ୟାନ ପ୍ରାର୍ଥନା ପରେ ସମ୍ପାଦକ ସୁବୋଧ ମହାରଣା ସାଙ୍ଗଠନିକ ଆଲୋଚନା କରିଥିଲେ। ବିଚିତ୍ରାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନିତ୍ୟାନନ୍ଦ ମିର୍ଦ୍ଧା, ଯୁଧିଷ୍ଠିର ସ୍ୱାଇଁଙ୍କ ସମେତ ବହୁ ସଭ୍ୟ କର୍ମୀ ସମ୍ମିଳନୀ ପରିଚାଳନା କରିଥିଲେ।

### ଆଞ୍ଚଳିକ ଶୁଣ୍ଡି ସମାଜ ବୈଠକ

ସୋହେଲା,୯।୧(ଡି.ଏନ.ଏ.): ସୋହେଲା ସାଂସ୍କୃତିକ ଭବନରେ ସୋମବାର ଆଞ୍ଚଳିକ ଶୁଣ୍ଡି ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଶୋବନ୍ତ ବେହେରାଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବୈଠକରେ ଲକ୍ଷ୍ମଣ ବେହେରା ସଭାପତିତ୍ୱ କରିଥିଲେ। ସୋହେଲା, ଗ୍ରୀଞ୍ଜାଲ, ପାଣିମୋରା, ତବ ଆଦି ଗାଁରୁ ବହୁ ଜନସମାଗମ ହୋଇଥିଲା। ବୈଠକରେ ସୋହେଲା ବ୍ଲକ ପାଇଁ ସମାଜର ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା।

### ୧୯୮୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ସୋହେଲା,୯।୧(ଡି.ଏନ.ଏ.): ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୯ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ନିକଟସ୍ଥ ନର୍ସରୀ ପଡିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦିବଂଗତ ଛାତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଶିକ୍ଷକ ବୃନ୍ଦାବନ ପଧାନ, ବିରଞ୍ଚି ଦେବତା, କୃଷ୍ଣଚନ୍ଦ୍ର ବେହେରାଙ୍କୁ ଅଙ୍ଗବସ୍ତ୍ର ଦେଇ ଗୁରୁପୂଜା କରାଯାଇଥିଲା। କବି ନୀତିଶ ଆଚାର୍ଯ୍ୟ ଏବଂ ସୋହେଲା ଥାନାଧିକାରୀ ହରିବନ୍ଧୁ ଗଡ଼ତିଆ ଅତିଥି ଭାବେ ଯୋଗ ଦେଇଥିଲେ। ତୁଷାରକାନ୍ତ ସାହୁ ସଭା ପରିଚାଳନା କରିଥିଲେ। ଅମାତ୍ୟ ପଧାନ ସ୍ୱାଗତ ଜଣାଇଥିବା ବେଳେ ହରିହର ନାହାକ ଧନ୍ୟବାଦ ଅର୍ପଣ କରିଥିଲେ। ଶତ୍ରୁଘ୍ନ ଭଞ୍ଜ, ବୈବସ୍ୱତ ପଧାନ, ଅମିଳାଲ ପଧାନ, ମୋତିଲାଲ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ବନ୍ଧୁମିଳନରେ ୮୦ ଜଣ ପୁରାତନ ଛାତ୍ର ଯୋଗ ଦେଇଥିଲେ।

### ଭଟଲିରେ ଯୁଗ୍ମ ଅଭିଯୋଗ ଶୁଣାଣି

ବରଗଡ଼ ଅଫିସ୍,୯।୧: ବରଗଡ଼ ଜିଲା ଭଟଲି ବ୍ଲକରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ସ୍ମିତ୍ ପି. ପରମାର୍, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦିତ୍ୟ ଗୋୟଲ, ଉପଜିଲାପାଳ ଲଲାଟ କୁମାର ଲୁହା ପ୍ରମୁଖ ଯୋଗଦାନ କରିଥିଲେ। ଭଟଲି ବ୍ଲକର ବହୁ ଲୋକେ ସେମାନଙ୍କ ଅଭିଯୋଗ ନେଇ ପହଞ୍ଚିଥିଲେ। ଅଭିଯୋଗ ଶୁଣିବା ପରେ ଜିଲାପାଳ ବାନାର୍ଜୀ ସେ ନେଇ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



# ବିକାଶରେ ବିଶ୍ୱ ଲେଖକ ଉତ୍ସବ ସିମ୍ଫୋନି

ବରଗଡ଼ ଅଫିସ୍,୯।୧

ବରଗଡ଼ର ବିକାଶ କଲେଜ ସମୂହ ତରଫରୁ ବିକାଶ ଡିଗ୍ରୀ କଲେଜ ପକ୍ଷରୁ ବିଶ୍ୱ ଲେଖକ ଉତ୍ସବ ସିମ୍ଫୋନି-୨୦୨୩ ରବିବାର ଅନୁଷ୍ଠିତ ହୋଇଯାଇଛି । ବିକାଶ ଅଡ଼ିଟୋରିୟମରେ ଅନୁଷ୍ଠିତ ଏହି ଉତ୍ସବରେ ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ଅନେକ କବି, ଲେଖକ ଯୋଗଦାନ କରିଥିଲେ। ଉକ୍ତ ସମାରୋହକୁ ବିକାଶର ଡାଇରେକ୍ଟର (ଏକାଡ଼େମିକ୍ସ) ଜି. ରାମକ୍ରିଷ୍ଣା ଉଦଘାଟନ କରିଥିଲେ। ଉତ୍ସବରେ ଦୁବାଇ ଯଜନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଡଃ ଅମପାତ୍ କୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ମହୁଆ ସେନ୍, ପି. ଆୟାଙ୍ଗର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉକ୍ତ ଉତ୍ସବରେ ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ୩୦ରୁ ଅଧିକ କବି ଓ ଲେଖକ ଯୋଗ ଦେଇଥିଲେ।



ବିକାଶରେ ଅନୁଷ୍ଠିତ ସିମ୍ଫୋନି କାର୍ଯ୍ୟକ୍ରମରେ ଅତିଥି ଏବଂ ଆୟୋଜକବୃନ୍ଦ ।

ଉତ୍ସବରେ ନିଜର କବିତାକୁ ସେମାନେ ଇଂରାଜୀ, ହିନ୍ଦୀ ଭାଷାରେ ପାଠ କରିଥିଲେ। ବିକାଶର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ବିକାଶର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡ଼ି. ନାଗେଶ୍ୱର ରାଓଙ୍କୁ ଭାଷା ପୃଷ୍ଠପୋଷକତାରେ ବିକାଶର ଯୋଗଦାନ ପାଇଁ ଉତ୍ତର ପ୍ରଦେଶର ମେୱାଲାଲ ଗୁପ୍ତା ସାହିତ୍ୟ ସେବକ ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲି କ୍ରିଷ୍ଣା ନିଜ ଭାବନା ପ୍ରକାଶ ମାଧ୍ୟମରେ ଆଗକୁ ନେବା ପାଇଁ ପ୍ରେରଣା ଦେବା ସହିତ ପଦ୍ମଶ୍ରୀ ହଳଧର ନାଗଙ୍କ ଉଦାହରଣ ଦେଇଥିଲେ। ସମାରୋହକୁ କଲେଜର ଉପାଧ୍ୟକ୍ଷ ଆର.ଏସ.ଭି କ୍ରିଷ୍ଣା ପରିଚାଳନା କରିଥିଲେ। ଏହି ଅବସରରେ ରୋହିତ ଦାଶଙ୍କ ରଚିତ ହାଓ ଟୁ ସିଙ୍ଗ୍ ଏ ସଙ୍ଗ୍ ଏବଂ ଡଃ ସଞ୍ଜୟ ପଣ୍ଡାଙ୍କ ରଚିତ ପାନୋରୋମା ମ୍ୟୁସିଙ୍ଗ୍‌କୁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ କ୍ରିଷ୍ଣା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ କବି, ଲେଖକଙ୍କୁ ବିକାଶ ଗ୍ରୁପ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଅଭିଷେକ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଦ୍ଧାର୍ଥ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା

ସରଣ୍ଡା,୯।୧(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ କୁମେଲସିଂହାସ୍ଥିତ ସିଦ୍ଧାର୍ଥ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ଲରମ୍ଭା କଲେଜର ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା, ସିଦ୍ଧେଶ୍ୱର ପ୍ରଧାନ, ସରୋଜ ନାଏକ ବିଚାରକ ଭାବେ ଯୋଗଦାନ କରିଥିଲେ। ସ୍କୁଲର ଚେୟାରମ୍ୟାନ ଭି. ଶ୍ରୀନିବାସ ରାଓ, ଅଧ୍ୟକ୍ଷ ଜି. ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳାରେ ବିଜ୍ଞାନ ବିଭାଗରୁ ୬୫, ଇତିହାସ ବିଭାଗରୁ ୧୬, ଗଣିତ ବିଭାଗରୁ ୬ ପ୍ରକଳ୍ପ ସ୍ଥାନିତ ହୋଇଥିଲା । ସେହିପରି ଶିଳ୍ପକଳା, ଚିତ୍ରକଳା ଆଦି ପ୍ରଦର୍ଶିତ ହୋଇଥିଲା। କଳା ପ୍ରଦର୍ଶନ ପାଇଁ ସୁବାସ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଚାରକଙ୍କ ଗହଣରେ ଆଦିତ୍ୟ ମାହାଣା ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ସଞ୍ଜୀବ ମହାପାତ୍ର, ଅଞ୍ଜଳି ସେଟ, ସିମନ୍ତିନୀ ସାହୁ ପଞ୍ଜୀକରଣ ଦାୟିତ୍ୱରେ ଥିଲେ। ଉଦ୍ଧବ ସାହୁ, ଲକ୍ଷ୍ମୀ ନାରାୟଣ ମିଶ୍ର, ବାଳକ୍ରିଷ୍ଣା, ସୁନୀତା ଶର୍ମା, ଦେବକୀ ବାଦୀ ପ୍ରମୁଖଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

# ଜମିପଟ୍ଟା ପାଇଁ ତହସିଲଦାରଙ୍କୁ ଦାବିପତ୍ର


ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିବା ମନାପଡାବାସୀ।

ଜାମଟିକ୍ରା,୯।୧(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ମନାପଡ଼ା ଗ୍ରାମପଞ୍ଚାୟତ ଅଧୀନ ମନାପଡା ଝୁପୁଡ଼ିପଡାର ୩୫ ଭୂମିହୀନ, ଆଦିବାସୀ, ଓବିସି ଓ ଦଳିତ ପରିବାର ଏବଂ କେନାଲ ପଡ଼ାର ୩୧ ଭୂମିହୀନ ପରିବାର ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ହେବ ସରକାରୀ ଜାଗାରେ ବସବାସ କରିଆସୁଛନ୍ତି। ନିଜସ୍ୱ ଜାଗା ନ ଥିବାରୁ ସେମାନେ ବିଜୁ ପକ୍କାଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରିପାରୁନାହାନ୍ତି। ଏଥିପାଇଁ ସେମାନେ ସ୍ଥାୟୀ ପଟ୍ଟା ଏବଂ ଆବାସ ଯୋଜନାରେ ସାମିଲ ପାଇଁ ଅତାବିରା ତହସିଲଦାର ରଞ୍ଜନ ଦାସଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା କମିଟି ତରଫରୁ ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ, ଜିଲା ସଭାପତି ଗୋବିନ୍ଦ ବରିହା, ଅତାବିରା ବ୍ଲକ ସଭାପତି ଭୂଷଣ ବିଶ୍ୱାଳ, ତ୍ରିଲୋଚନ ଭୁଏ, ନିରଞ୍ଜନ ବାର୍ଲା, ରାଧାକାନ୍ତ ମେହେର ଏବଂ ମନାପଡ଼ା ଗ୍ରାମର ଅଭିଯୋଗକାରୀ ମହିଳାପୁରୁଷ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ସଂଘ ଚେତାବନୀ ଦେଇଛି।

# ବୋଡ଼ାସମ୍ବର କ୍ରିକେଟ: ଆହ୍ଲାବାଦ ବିଜୟୀ


ବୋଡାସମ୍ବର କପ୍‌ର ଶୁଭାରମ୍ଭ କରିଛନ୍ତି ବିଧାୟିକା ବର୍ଷା ସିଂ ବରିହା।

ପଦ୍ମପୁର,୯।୧(ଡି.ଏନ.ଏ.)

ପଦ୍ମପୁର ରାଜବୋଡାସମ୍ବର ହାଇସ୍କୁଲ ଖେଳପଡିଆରେ ବୋଡ଼ାସମ୍ବର ସ୍ପୋର୍ଟିଂ ଆୟୋଜିତ ୨୭ତମ ସର୍ବଭାରତୀୟ ବୋଡ଼ାସମ୍ବର କ୍ରିକେଟ କପ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ ରଣଜିତ ସିଂ ବରିହା, ଉପାଧ୍ୟକ୍ଷା ସଂଯୁକ୍ତା ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବୋଡ଼ାସମ୍ବର ସ୍ପୋର୍ଟିଂ ଓ ଏନ୍‌ଏନ୍‌ଏସ୍ ଆହ୍ଲାବାଦ ଟିମ୍ ମଧ୍ୟରେ ହୋଇଥିଲା। ଆହ୍ଲାବାଦ ଦଳ ପ୍ରଥମେ ଟସ୍ ଜିଣି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ବିନିମୟରେ ୧୬୪ ରନ ସଂଗ୍ରହ କରିଥିଲା। ଜବାବରେ ବୋଡ଼ାସମ୍ବର ସ୍ପୋର୍ଟିଂ ସମସ୍ତ ଉଇକେଟ ହରାଇ ୭୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଚୂଡାମଣି ପାଢ଼ୀ ଓ ଶ୍ୟାମସୁନ୍ଦର ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। ଅମରେଶ ବେହେରା ସ୍କୋରର ଥିବା ବେଳେ ଦିବ୍ୟକିଶୋର ପଣ୍ଡା, ରୋହିଣୀ ନାୟକ, ଆନନ୍ଦ ସାହୁ ଉଦଘୋଷକ କାର୍ଯ୍ୟ ନିର୍ବାହ କରିଥିଲେ। ଉଦ୍‌ଯାପନୀରେ ଅତିଥି ଭାବେ ଖବରଦାତା ଲାଲବିହାରୀ ମିଶ୍ର, ରତ୍ନମଣି ଶତପଥୀ, ବିଜୟ ସାହୁ, ହେମନ୍ତ ସାହୁ, ଗୋପବନ୍ଧୁ ସିକା ଓ ନୀଳକଣ୍ଠ ଦୀପ ଯୋଗଦେଇ ଆହ୍ଲାବାଦର ଅତିକ ଅହମ୍ମଦଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଉତ୍କୃଷ୍ଟ ଖେଳାଳି ଭାବରେ ଉଜ୍ଜ୍ୱଳ ଆୟସ ଉଆଲଙ୍କୁ ପୁରସ୍କୃତ କରିଥିଲେ। ମଙ୍ଗଳବାର ମ୍ୟାଚ୍ ବରଗଡ଼ ବ୍ଲୁ ଡାଇମଣ୍ଡ ଓ ଆର୍‌ଉଆଇସିସି ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ। ୧୫ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଚଳିତ ବର୍ଷ ରାଜ୍ୟ ତଥା ରାଜ୍ୟ ବାହାରୁ ୮ଟି ଟିମ୍ ଯୋଗଦାନ କରିବେ। ଚାମ୍ପିୟନ ଦଳଙ୍କୁ ୬୦ ହଜାର ଟଙ୍କା ଟ୍ରଫି ଓ ରନର୍ସ ଦଳକୁ ୪୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ରାଜବୋଡ଼ାସମ୍ବର ସ୍ପୋର୍ଟିଂର ସଭାପତି ସୁନୀଲ ସାହୁ, ସମ୍ପାଦକ ଭରତ ପଣ୍ଡା ଘୋଷଣା କରିଛନ୍ତି।

# ବରଗଡ଼ ଗ୍ରାମାଞ୍ଚଳ ଥାନା ଉଦ୍‌ଘାଟିତ

ବରଗଡ଼ ଅଫିସ୍,୯।୧

ବରଗଡ଼ ବ୍ଲକ ଅନ୍ତର୍ଗତ ବରାହଗୋଡ଼ାରେ ସୋମବାର ଗ୍ରାମାଞ୍ଚଳ ଥାନା ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଗ୍ରାମାଞ୍ଚଳ ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ମୋନିଷା ବାନାର୍ଜୀ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ସ୍ମିତ୍ ପି. ପରମାର୍, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦିତ୍ୟ ଗୋୟଲ, ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ବରଗଡ଼ ଟାଉନ ଥାନାଧିକାରୀ ସତ୍ୟଜିତ କଣ୍ଡନକେଲ ସଭା ପରିଚାଳନା କରିଥିଲେ। ଉକ୍ତ ଗ୍ରାମାଞ୍ଚଳ ଥାନା ବରଗଡ଼ ବ୍ଲକ ଅନ୍ତର୍ଗତ ୯ ପଞ୍ଚାୟତକୁ ପୋଲିସ ସେବା ଯୋଗାଇ ଦେବ। ଏହି ଥାନା ଅଧୀନରେ ନୁନିଆଁ ଜାମପାଲି ପଞ୍ଚାୟତର ସରଲା, ତେଲେନପାଲି, ନୁନିଆଁ ଜାମପାଲି, ଧାଙ୍ଗେର ପଞ୍ଚାୟତର ଋଷୁନିଆଁ, ଧାଙ୍ଗେର, କୁରୁଆଁ ପଞ୍ଚାୟତର କୁରୁଆଁ, ଗଣ୍ଡପାଲି, ବାଉଶେନପାଲି, ତାଳଶ୍ରୀଗିଡ଼ା ପଞ୍ଚାୟତର ତାଳଶ୍ରୀଗିଡ଼ା, କଳାପାଣି ପଞ୍ଚାୟତର କଳାପାଣି, ବନ୍ଧା ପଞ୍ଚାୟତର ବନ୍ଧା, କୁର୍ଲା, ଜମୁର୍ଡ଼ା ପଞ୍ଚାୟତର ଜମୁର୍ଡ଼ା, ପ୍ରଧାନପାଲି, ବରାହଗୋଡ଼ା ପଞ୍ଚାୟତର ବରାହଗେଡ଼ା, ଆମସଡ଼ା, ତୋରା ପଞ୍ଚାୟତର ତୋରା ଗ୍ରାମ ରହିଥିବା ସୂଚନା ଦିଆଯାଇଛି ।


ବରଗଡ଼ ଗ୍ରାମାଞ୍ଚଳ ଥାନାକୁ ଉଦ୍‌ଘାଟନ କରାଯାଉଛି ।

## ଆତ୍ମ ସୁରକ୍ଷା ତାଲିମ ଶିବିର

ଅମ୍ବାଭୋନା,୯।୧(ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଧ୍ରୁବ ଚରଣ ସା ଶିବିରକୁ ଉଦ୍‌ଘାଟନ କରିଥିଲେ। ଭୁକ୍ତା ସରପଞ୍ଚ ବଳରାମ ବିଶି ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ନୋଡ଼ାଲ ଅଫିସର ଶୁଭେନ୍ଦୁ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ୧୬୮ଜଣ ଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ମାଷ୍ଟର ଟ୍ରେନର ଅଲିଭା ବରିହା ଏବଂ ଯମୁନା ଭୋଇ ପ୍ରଶିକ୍ଷଣ ଦେଉଛନ୍ତି।

## ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ

ବରପାଲି,୯।୧(ଡି.ଏନ.ଏ.):ବରଗଡ ଜିଲା ବରପାଲି ବ୍ଲକ କଦଳୀପାଲି ସ୍ଥିତ ଜଗବନ୍ଧୁ ଦାସ ଉଚ୍ଚମାଧ୍ୟମିକ ମହିଳା ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ଅଧ୍ୟକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧ୍ୟକ୍ଷତା ଓ ଖେଳ ଶିକ୍ଷୟିତ୍ରୀ ସୁଶ୍ରୀ ବନ୍ଦିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବିରର ଶୁଭାରମ୍ଭ ହୋଇଥିଲା। ଶିବିରର ପ୍ରଥମ ଦିନ ୧୨୮ ଜଣ ଛାତ୍ରୀ ତାଲିମ ନେଇଥିଲେ। ରୂପାଲି ମେହେର, ରେଣୁକା ଗହୀର, ଝୁମି ସେଠ ଏବଂ ଶୁଭସ୍ମିତା ବୁଧିଆ ମାଷ୍ଟର ଟ୍ରେନର ଭାବେ ଯୋଗଦାନ କରି ଛାତ୍ରୀମାନଙ୍କୁ ତାଲିମ ଦେଉଛନ୍ତି।

# ବରଗଡ଼ରେ ସ୍ୱାମୀ ବିବେକାନନ୍ଦଙ୍କ ରଥକୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୯।୧

ସାରାଦେଶ ବ୍ୟାପି ପାଳିତ ହେଉଥିବା ଆଜାଦୀ କା ଅମୃତ ମହୋତ୍ସବରେ ଦେଶ ପାଇଁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମରଣ ତଥା ସେମାନଙ୍କୁ ଲୋକଲୋଚନକୁ ଆଣିବାର ପ୍ରୟାସ ନେଇ ପରିକ୍ରମା କରୁଥିବା ବିବେକାନନ୍ଦ ରଥ ସୋମବାର ବରଗଡ଼ ସହରରେ ପହଞ୍ଚିଥିଲା। ବରଗଡ଼ ଶାଖା ଆବାହକ ମନୋରଞ୍ଜନ ସାହୁଙ୍କ ନେତୃତ୍ୱରେ ବାନ୍ଧୁଟିକ୍ରାସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ରଥକୁ ସେବା ନିବୃତ୍ତ କର୍ମଚାରୀ ସଙ୍ଗଠନ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେହିପରି ଗାନ୍ଧୀ ଛକରେ ମହାତ୍ମା ଗାନ୍ଧୀ ଏବଂ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ରଥକୁ ସ୍ୱାଗତ କରାଯାଇଥିଲା। ବରଗଡ଼ର ମାଁ ଶ୍ୟାମାକାଳୀ ମନ୍ଦିର କମିଟି, ଗୋବିନ୍ଦପାଲିର ସ୍ୱାମୀ ବିବେକାନନ୍ଦ କ୍ଲବ ଆଦି ଅନୁଷ୍ଠାନ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ। ବରଗଡ଼ ମହିଳା କଲେଜ, ପଞ୍ଚାୟତ କଲେଜ, ଟ୍ରଷ୍ଟଫଣ୍ଡ କଲେଜ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହିତ ସଭା ହୋଇଥିଲା। ମହିଳା କଲେଜ ଅଧ୍ୟକ୍ଷ ଦଧିବାବନ ଦାଶ, ପଞ୍ଚାୟତ କଲେଜ ଅଧ୍ୟକ୍ଷ ପତିତପାବନ ସାହୁ, ଟ୍ରଷ୍ଟଫଣ୍ଡ କଲେଜ ଅଧ୍ୟକ୍ଷ ସରୋଜ ଦେବତା ପ୍ରମୁଖ ସଭା ଗୁଡ଼ିକରେ ଅଧ୍ୟକ୍ଷତା କରିଥିଲେ। ଏହାସହିତ ବିବେକାନନ୍ଦଙ୍କ ଜୀବନାଦର୍ଶ ଉପରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।


ବରଗଡ଼ରେ ସ୍ୱାମୀ ବିବେକାନନ୍ଦଙ୍କ ରଥକୁ ସମ୍ବର୍ଦ୍ଧନା ଦିଆଯାଉଛି ।

# କୋସଲ-କୋସଲି ପରସ୍ପର ପରିପୂରକ

ବରଗଡ଼ ଅଫିସ୍,୯।୧

ବରଗଡ଼ ଜିଲା କଲଙ୍ଗାପାଲି ସାହୁ ସମାଜ କଲ୍ୟାଣ ମଣ୍ଡପଠାରେ ସୋମବାର କୋସଲ ଯୁବଶକ୍ତି ତରଫରୁ ପୁଷପୁନି ଭେଟ୍‌ଘାଟ୍ ଆୟୋଜିତ ହୋଇଯାଇଛି। ବଲାଙ୍ଗୀର, ସୋନପୁର ଏବଂ ବରଗଡ଼ ଜିଲା କୋସଲ ଯୁବଶକ୍ତିର ସଦସ୍ୟମାନେ ସ୍ଥାନୀୟ ଶହୀଦ ଛକଠାରେ ସମବେତ ହୋଇ ଶହୀଦ ସ୍ମାରକୀରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ ଏବଂ ଶୋଭାଯାତ୍ରାରେ କଲ୍ୟାଣ ମଣ୍ଡପକୁ ଯାଇଥିଲେ। ସେଠାରେ ଆୟୋଜିତ ସଭାରେ କୃଷ୍ଣଚନ୍ଦ୍ର ସାହୁ ପ୍ରାରମ୍ଭିକ କୋସଲ ବନ୍ଦନା ଗାନ କରିଥିଲେ। ଲେଖକ ସିଦ୍ଧେଶ୍ୱର ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ କୋସଲି ଭାଷା ସଂସ୍କୃତିର ଇତିହାସ ବିଷୟରେ ଆଲୋଚନା କରିଥିଲେ। କୋସଲି ଭାଷା ସଂସ୍କୃତି ପ୍ରାଚୀନ ଏବଂ ଅତ୍ୟନ୍ତ ସମୃଦ୍ଧ ବୋଲି ସେ କହିଥିଲେ। ଅନୁଷ୍ଠାନର ସଭାପତି ଡଃ ସାକେତ୍ ଶ୍ରୀଭୂଷଣ ସାହୁ କୋସଲ ଏବଂ କୋସଲିର ସମ୍ପର୍କ ଉପରେ ଆଲୋଚନା କରିଥିଲେ। କୋସଲ ଏବଂ କୋସଲି ପରସ୍ପର ପରିପୂରକ ବୋଲି ସେ ମତବ୍ୟକ୍ତ କରିଥିଲେ। ପରେ ବୁଢ଼ାରାଜା ଡାଲଖାଇ ଅନୁଷ୍ଠାନ, ଭେଲୁଆଁପଦର ଦ୍ୱାରା ଡାଲଖାଇ ନୃତ୍ୟ ପରିବେଷଣ କରାଯାଇଥିଲା। ବିର ସିଂ ବାହୁକ, ବିଷ୍ଣୁକେଶ ଦିଶାରୀ, ଶିଶୁପାଳ ସାହୁ, ଦିବ୍ୟରଞ୍ଜନ ସାହୁ, ଜନାର୍ଦ୍ଦନ ଡନସନା, ନରେଶ ରଣା, କେଦାର ନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଲାଲାଜୀ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।


ଶହୀଦ ସ୍ମାରକୀ ନିକଟରେ କୋସଲ ଯୁବଶକ୍ତିର ସଦସ୍ୟବୃନ୍ଦ ।

**ସରୁନି ଦାଦନ ଦୁଃଖ**

# ୪ ଶିଶୁଙ୍କ ସମେତ ୧୧ ଶ୍ରମିକ ବନ୍ଧକ

ବରଗଡ଼ ଅଫିସ୍,୯।୧

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଦାଦନ ସମସ୍ୟା ଲାଗି ରହିଛି। ଏହି ଉପଖଣ୍ଡ ଜଗଦଲପୁର ଥାନା ଘେଁସରା ଗ୍ରାମର ୭ଜଣ ଶ୍ରମିକ ତେଲଙ୍ଗାନା ରାଜ୍ୟକୁ ଯାଇ ସେଠାରେ ଜଣେ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧା ପଡ଼ିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଶ୍ରମିକଙ୍କ ସମ୍ପର୍କୀୟ ଦିନବନ୍ଧୁ ମୁଆଁନି ସୋମବାର ଏ ନେଇ ଜିଲାପାଳଙ୍କୁ ଫେରାଦ ହୋଇ ବନ୍ଧା ପଡ଼ିଥିବା ଶ୍ରମିକଙ୍କୁ ଉଦ୍ଧାର ପାଇଁ ନିବେଦନ କରିଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେ ଭେଟିଥିଲେ। ପରେ ଦିନବନ୍ଧୁ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ଅବଗତ କରିଥିଲେ ।


ଦାଦନ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଲୋକେ ।

ପ୍ରକାଶ ଯେ, ଗତ ୪ ମାସ ତଳେ ଜଣେ ଦାଦନ ସର୍ଦ୍ଦାର ଘେଁସରା ଗ୍ରାମକୁ ଆସିଥିଲେ। ଏବଂ ମୋଟାଅଙ୍କର ପାରିଶ୍ରମିକ ଲୋଭ ଦେଖାଇ ତେଲଙ୍ଗାନାକୁ ଇଟା ଗଢ଼ିବା ପାଇଁ ଯିବାକୁ କହିଥିଲେ। ତାଙ୍କ ପ୍ରଲୋଭନରେ ପଡ଼ି ଗ୍ରାମର ଶଙ୍କର ମୁଆଁନି(୩୩), ବିଳାସିନୀ ମୁଆଁନି(୩୦), ଘନଶ୍ୟାମ ମୁଆନି(୨୮), ପିଙ୍କି ମୁଆନି(୨୩), ପରମେଶ୍ୱର ବାରିକ(୪୦), ତପସ୍ୱିନୀ ବାରିକ(୩୮) ଏବଂ ପୂର୍ଣ୍ଣମା ନନ୍ଦ(୩୦) ସେମାନଙ୍କ ୪ଶିଶୁଙ୍କୁ ଧରି ତେଲଙ୍ଗାନା ରାଜ୍ୟ ନିଜାମବାଦ ଜିଲା ଧରପଲ୍ଲୀ ଥାନା ରମାଗୁଡ଼ା ଯାଇଥିଲେ। ଶ୍ରମିକମାନେ ସେଠାକାର ଏକ ଇଟାଭାଟିରେ ନିୟୋଜିତ ହୋଇ କାମ କରିଥିଲେ। ମାତ୍ର ଇଟାଭାଟି ମାଲିକ ସେମାନଙ୍କୁ ପାରିଶ୍ରମିକ ବଦଳରେ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସେମାନଙ୍କୁ ନେଇଥିବା ଦାଦନ ସର୍ଦ୍ଦାର ଆଉ ଧରାଛୁଆଁ ଦେଉ ନ ଥିବା ଅଭିଯୋଗ ହୋଇଛି। ଏଭଳିସ୍ଥଳେ ବନ୍ଧା ପଡ଼ିଥିବା ଶ୍ରମିକ ଏବଂ ଶିଶୁଙ୍କୁ ସେଠାରୁ ଉଦ୍ଧାର କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଦିନବନ୍ଧୁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ହୀରାକୁଦ କଲେଜ ପରିଦର୍ଶନ

**ସମ୍ବଲପୁର,୯।୧(ବ୍ୟୁରୋ):** ସମ୍ବଲପୁର ହୀରାକୁଦ କଲେଜକୁ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ପରିଦର୍ଶନ କରିଥିଲେ। ସେଠାରେ ସେ କଲେଜ ଅଧକ୍ଷ ସୁମିତ୍ରା ପଣ୍ଡାଙ୍କ ସମେତ ସମସ୍ତ ଅଧାପକଙ୍କ ସହ ଆଲୋଚନା କରିଥିଲେ। ଓଡିଆ ଭାଷା ସାହିତ୍ୟ ବିଭାଗର ପ୍ରାଧାପିକ ପୁଷ୍ପାଞ୍ଜଳି ନାଥ ସଭାକୁ ସଂଯୋଜନା କରିଥିଲେ। ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶିକା ପ୍ରଫେସର ପ୍ରଭାବତି ଗୁରୁ ଉପସ୍ଥିତ ଥିଲେ। କଲେଜର ସମସ୍ୟା ନେଇ ଛାତ୍ରୀଛାତ୍ର ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମି ଦିନରେ କଲେଜରେ ସମସ୍ତ ସୁବିଧା କରାଯିବ ବୋଲି ମନ୍ତ୍ରୀ ପୂଜାରୀ ପ୍ରତିଶ୍ରୁତି ଦେଇଥିଲେ।

### ଫୁଟ୍‌ବଲ ଟୁର୍ନାମେଣ୍ଟ: ଭିଲେଇ ଚାମ୍ପିୟନ

**ସମ୍ବଲପୁର,୯।୧(ବ୍ୟୁରୋ):** ସମ୍ବଲପୁର ଜିଲା ଧନକଉଡା ବ୍ଲକ ତାଲବ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଛତିଶଗଡର ଭିଲେଇ ଏଫ୍‌ସି ଦଳ ସମ୍ବଲପୁର କୁଚିଣ୍ଡା ମହାବୀର ଏଫ୍‌ସିକୁ ଟାଇବ୍ରେକରରେ ୩-୨ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି, ସନ୍ତୋଷ ପଟ୍ଟନାୟକ, ପୂର୍ବତନ ଫୁଟ୍‌ବଲ ଖେଳାଳି ମହାଦେବ ବାଗ, ଭୀମସେନ ଛତର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ଜ୍ୟୋତି ଯୁବକ ସଂଘ ସଭାପତି ମହେନ୍ଦ୍ର ଭୋଇ ଓ ସୁବାସ ଚନ୍ଦ୍ର ପଟେଲଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ସଭା ହୋଇଥିଲା। ପି. ଶ୍ରିନିବାସ ରାଓ, ଅଶ୍ୱିନୀ ମେହେର, ଶିବାନନ୍ଦ ଦାସ, ପଞ୍ଚାନନ ପାତ୍ର ମ୍ୟାଚ ପରିଚାଳନା କରିଥିଲେ। ବିଜେତା ଦଳକୁ ୫୦ ହଜାର ଓ ଉପବିଜେତା ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।

### ଗାୟତ୍ରୀ ପରିବାର ପକ୍ଷରୁ ଗର୍ଭୋତ୍ସବ ସଂସ୍କାର ସଚେତନତା

**ଝାରସୁଗୁଡ଼ା ଅଫିସ,୯।୧:** ସ୍ଥାନୀୟ ମଙ୍ଗଳବଜାରସ୍ଥିତ ସଂସ୍କୃତି ଭବନଠାରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଗର୍ଭୋତ୍ସବ ସଂସ୍କାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରୁ ଆସିଥିବା ପ୍ରମୋଦ ଦାଶ ଓ ହୃଷୀକେଶ ରାଉତରାୟ ବକ୍ତବ୍ୟ ଦେଇ କହିଥିଲେ, ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ ସକାଶେ ଶିଶୁ ସଂସ୍କାରବାନ ହେବା ଆବଶ୍ୟକ ଏବଂ ମାତୃଗର୍ଭରୁ ହିଁ ସଂସ୍କାର ଆରମ୍ଭ ହୋଇଥାଏ। ଶିଶୁ ଜନ୍ମ ହେବା ସମୟରେ ମସ୍ତିଷ୍କର ୮୦ ପ୍ରତିଶତ ବିକାଶ ହୋଇସାରିଥାଏ। ତା'ଛଡ଼ା ଗର୍ଭସ୍ଥ ଅବସ୍ଥାରେ ହିଁ ଶିଶୁ ଶୋକ, ସନ୍ତାପ, ହର୍ଷ ଉଲ୍ଲାସ ଆଦି ଅନୁଭବ କରିପାରେ। ଏଣୁ ମା'ମାନେ ସେଥିପ୍ରତି ସଜାଗ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାର ଟ୍ରଷ୍ଟ ଜିଲା ସଂଯୋଜକ ମହେନ୍ଦ୍ର ହୋତାଙ୍କ ସମେତ ରୋହିତ ପ୍ରଧାନ, ପଦ୍ମିନୀ ହୋତା, ପଦ୍ମିନୀ ପ୍ରଧାନ, ଶଶିକଳା ପାଣ୍ଡେ, ଦେବାଶିଷ ଦାସ, ଭଗବାନ ସ୍ୱାଇଁ, ଡା. ଦୀପକ ତ୍ରିପାଠୀ, ରାମନାରାୟଣ ସିଂ ବିସେନ, ଆର୍‌ଏସ୍‌ଏସ୍ କାର୍ଯ୍ୟାଳୟ ପ୍ରମୁଖ ମନୋରଞ୍ଜନ ବେହେରା, ରମ୍ଭା ପାଣ୍ଡେ, ରୀନା ସା ପ୍ରମୁଖ ଉପସ୍ଥିତ ଥିଲେ।

# ଟୋଲ ପ୍ଲାଜା କାର୍ଯ୍ୟକାରୀକୁ ବିରୋଧ

### ଧାରଣା ଦେଲେ ଲୋକପ୍ରତିନିଧି, ବୁଦ୍ଧିଜୀବୀ

**ପଡିଆବାହାଲ, ୯।୧(ଡି.ଏନ.ଏ.)**

ସମ୍ବଲପୁର-ତିଲେଇବଣି ୫୩ନଂ. ଜାତୀୟ ରାଜପଥ କାମ ୭୫ ଭାଗ ହୋଇଥିବା ଦର୍ଶାଇ ଏନ୍‌ଏଚ୍‌ଏଆଇ ତରବରିଆ ଭାବେ ନିଳଡୁଙ୍ଗରି ଟୋଲପ୍ଲାଜା କାର୍ଯ୍ୟକାରୀ କରିବାକୁ ତତ୍ପର ହୋଇଉଠିଛି। ଝୁଝୁମୁରା ବ୍ଲକ ଅଞ୍ଚଳର କେତେଜଣ ସଚେତନ ନାଗରିକ ଓ ଜନପ୍ରତିନିଧି ଏହାକୁ ବିରୋଧ କରିବା ସହ ଟେଣ୍ଡର ନେଇଥିବା ଭେଣ୍ଡର କର୍ମଚାରୀଙ୍କୁ ଗୋଟିଏ ଦିନ ସମୟ ମାଗି ଜିଲାପାଳଙ୍କୁ ସାକ୍ଷାତ ପରେ ଏହା କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଥିଲେ। ଏ ନେଇ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ସୋମବାର ସକାଳ ୮ଟାରୁ ଟୋଲପ୍ଲାଜାରେ ପୋଲିସ ଓ ମାଜିଷ୍ଟ୍ରେଟ ଉପସ୍ଥିତିରେ ଦେୟ ସଂଗ୍ରହ ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଲୋକପ୍ରତିନିଧି ଓ ବୁଦ୍ଧିଜୀବୀ ଟୋଲପ୍ଲାଜା ନିକଟରେ ଧାରଣା ଦେଇଥିଲେ। ପରେ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସେଠାରେ ଉପସ୍ଥିତ ଝୁଝୁମୁରା ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ଅଭିଷେକ ସାହୁଙ୍କୁ ପୋଲିସ ଉପସ୍ଥିତିରେ ଦାବିପତ୍ର ପ୍ରଦାନ କରିଥିଲେ। ରାସ୍ତା ଓ ଅନ୍ୟାନ୍ୟ କାମ ସରିବା ପରେ ଦେୟ ସଂଗ୍ରହ କରିବାକୁ ସେମାନେ ଦାବି କରିଥିଲେ। ପର୍ଯ୍ୟାୟ କ୍ରମେ ସମସ୍ତ ଦିଗକୁ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରାଯିବ ବୋଲି ଉପସ୍ଥିତ ଏନ୍‌ଏଚ୍‌ଏଆଇ ମ୍ୟାନେଜର ନୀତିନ ଗୁପ୍ତା ପ୍ରତିଶ୍ରୁତି ଦେଇ ୨ ଦିନ ଅପେକ୍ଷା କରିବାକୁ କହିଛନ୍ତି। ଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଝୁଝୁମୁରା ବ୍ଲକର ପୂର୍ବତନ ଅଧକ୍ଷ ଶରତ ସାହୁ, କବାରାପାଲି ସରପଞ୍ଚ ଅନ୍ତର୍ଯାମୀ ପ୍ରଧାନ, ଜିଲାପରିଷଦ ସଦସ୍ୟା କବିତା ସାହୁ, ଘେନୁପାଲି ସରପଞ୍ଚ ଜଗଦିଶ୍ୱର ମିର୍ଦ୍ଧା, ଡା. ରାଜାରାମ ଷଡଙ୍ଗୀ, ଗଣେଶ ତାଣ୍ଡିଆ, ପ୍ରମୋଦ ମିଶ୍ର, ସୁଦିପ୍ତ ନାଥ, ସାମ୍ବାଦିକ ସୁବାସ ନାଥ ଶର୍ମା, ଆଶିଷ ନାୟକ, ତୀର୍ଥ ବାଗ ପ୍ରମୁଖ ଶତାଧିକ ନାଗରିକଙ୍କ ଦସ୍ତଖତ ରହିଛି। ସମସ୍ୟା ସମାଧାନ ପାଇଁ ଏକ ୧୧ଜଣିଆ କମିଟି ହୋଇଥିବା ସୂଚନା ମିଳିଛି। ଏଥିରେ ନିର୍ବାଚିତ ଜନପ୍ରତିନିଧି, ସାମାଜିକ କର୍ମୀ, ବ୍ୟବସାୟୀ ପ୍ରମୁଖ ସଦସ୍ୟ ରହିଛନ୍ତି।


ଟୋଲ ପ୍ଲାଜା ନିକଟରେ ଧାରଣା ଦିଆଯାଇଛି।

# ପାଣିମୁରା ପଞ୍ଚାୟତରେ ଅଭିଯୋଗ ଶୁଣାଣି

**ନାକଟିଦେଉଳ,୯।୧(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ପାଣିମୁରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ କ୍ଲଷ୍ଟରସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଣିମୁରା, ଗିରିଶ୍ଚନ୍ଦ୍ରପୁର ଓ କିସିଣ୍ଡା ପଞ୍ଚାୟତର ଜନସାଧାରଣ ଯୋଗଦେଇ ଅଭିଯୋଗ କରିଥିଲେ। ମୋଟ ୮୭ ଅଭିଯୋଗ ମଧ୍ୟରୁ ୮୫ଟି ବ୍ୟକ୍ତିଗତ ଓ ୨ଟି ଗୋଷ୍ଠୀଗତ ରହିଥିଲା। ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକ, ଏବିଡିଓ ବିଦ୍ୟାଧର ରାଉତରାୟ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଣିମୁରା ସରପଞ୍ଚ ଜଗନ୍ନାଥ ପ୍ରଧାନ, କିସିଣ୍ଡା ସରପଞ୍ଚ ରୀନା ନାଏକ, ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

# ମୃତ ଚାଷୀଙ୍କ ପରିବାରକୁ ଚାଷୀ ସଂଗଠନର ସହାୟତା

### ଝିଅପୁଅଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି

**ସମ୍ବଲପୁର,୯।୧(ବ୍ୟୁରୋ)**

ଜମି ମାଲିକ ଧାନ ବିକ୍ରି ଟଙ୍କା ନ ଦେବାରୁ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ସେସୁଆଁତଲ ଗ୍ରାମର ଭାଗଚାଷୀ ଗୋପାଳ କ୍ରିଷ୍ଣା ଗତ ଅଗଷ୍ଟ ୨ ତାରିଖରେ ଆତ୍ମହତ୍ୟା କରିଥିଲେ। ଗୋପାଳଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଅସହାୟ ହୋଇପଡିଛନ୍ତି। ପିଲାଙ୍କ ପାଠପଢାରେ ଅର୍ଥ ବାଧକ ସାଜିଥିବା ଜାଣିବା ପରେ ଜିଲା ଚାଷୀ ସଂଗଠନର ସଦସ୍ୟମାନେ ପରିବାର ବର୍ଗଙ୍କୁ ଭେଟିଛନ୍ତି। ସେମାନେ ଆର୍ଥିକ ସହାୟତା ଦେବା ସହ ଝିଅପୁଅଙ୍କ ପାଠପଢା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଗିରଫ ହୋଇ ଜାମିନରେ ଆସଥିବା ଜମି ମାଲିକ କିଭଳି ଚାଷୀଙ୍କ ଟଙ୍କା ଫେରାଇବେ ସେ ନେଇ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ ବୋଲି ଦାବି କରିଛନ୍ତି। ପୁଅ ଜଗଦୀଶ ଯୁକ୍ତ ୨ ଶ୍ରେଣୀରେ ପଢୁଥିବା ବେଳେ ଝିଅ ଶ୍ରୀହର୍ସିତା ଦଶମ ଶ୍ରେଣୀରେ ପଢୁଛନ୍ତି। ଉଭୟ ବୋର୍ଡ ପରୀକ୍ଷା ଦେବେ। ଏଭଳି ପରିସ୍ଥିତିରେ ଆର୍ଥିକ ଅନଟନ ସେମାନଙ୍କ ପାଠ ପଢାରେ ପ୍ରଭାବ ପକାଇବା ଆଶଙ୍କା ରହିଛି। ତେଣୁ ଏଭଳି ପଦକ୍ଷେପ ନିଆଯାଇଥିବା ଚାଷୀ ସଂଗଠନର ଆବାହକ ଆଶୋକ ପ୍ରଧାନ କହିଛନ୍ତି। ସରକାରୀ ସ୍ତରରେ ଗରିବ ପିଲାଙ୍କ ପାଠପଢା ପାଇଁ ଅନେକ ଯୋଜନା ରହିଛି। ହେଲେ ଏହି ଚାଷୀ ପରିବାର ପାଖରେ ତାହା ପହଞ୍ଚିପାରୁ ନାହିଁ। ଏପରି କି ଜିଲା ରେଡକ୍ରସ୍ ପକ୍ଷରୁ ମଧ୍ୟ ସହାୟତା ଦିଆଯାଇ ନାହିଁ। ତେଣୁ କୌଣସି ବଦାନ୍ୟ ବ୍ୟକ୍ତି କିମ୍ବା ସରକାର ଏହି ଦୁଇପିଲାଙ୍କ ଭବିଷ୍ୟତ ପାଇଁ ସହାୟତା କରନ୍ତୁ ସେ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୋଳଗୋବିନ୍ଦ ନାୟକ, ସୁଦାମକାନ୍ତ ନାଏକ, ଶ୍ୟାମସୁନ୍ଦର ପ୍ରଧାନ, ପବନ ଅଗ୍ରୱାଲ, କଲ୍ଲେଶ୍ୱର ପୁରୋହିତ, ଜି. ଭେଙ୍କଟେଶ୍ୱର ରାଓ, ପି.ଭି. ଗୋପି, ବିରୁପାକ୍ଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଚାଷୀସଂଗଠନ କର୍ମକର୍ତ୍ତା ମୃତ ଚାଷୀ ପରିବାର ସହ ଆଲୋଚନା କରୁଛନ୍ତି।

# ବିହୁ, ଘୁମର, ଗନ୍ଧାଳ ନୃତ୍ୟରେ ଦୁଲୁକିଲା ମଞ୍ଚ

### ହୀରାକୁଦ ମହୋତ୍ସବ ଉଦ୍‌ଯାପିତ

**ସମ୍ବଲପୁର,୯।୧(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ମହୋତ୍ସବ ସ୍ଥାନୀୟ ସୁବାସ ମଇଦାନ ମୁକ୍ତ ମଞ୍ଚରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ରଜନୀରେ ରାଜ୍ୟ ବାହାର କଳାକାରମାନେ ବିହୁ, ଘୁମର, ଗନ୍ଧାଳ ଭଳି ନୃତ୍ୟ ପ୍ରଦର୍ଶନ କରିଥିଲେ। ଆଞ୍ଚଳିକ ଓ ପାରମ୍ପରିକ ନୃତ୍ୟ, ଗୀତ, ବାଦ୍ୟରେ ମଞ୍ଚ ଦୁଲୁକି ଉଠିଥିଲା। ସନ୍ଧ୍ୟାରେ ମଞ୍ଚ ପୂଜା ପରେ କଂସ ମହାରାଜଙ୍କ ଦରବାର ପରିବେଷିତ ହୋଇଥିଲା। ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ ରୋହିତ ପୂଜାରୀ ମୁଖ୍ୟଅତିଥି ଓ ହିଣ୍ଡାଲ୍‌କୋ ପାୱାର ମୁଖ୍ୟ ପ୍ରାଞ୍ଜଳ ପାଠକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱର୍ଣ୍ଣପଦକ ହାସଲ କରିଥିବା ଦନ୍ତ ଚିକିତ୍ସିକା ଶ୍ୱେତା ପ୍ରଧାନ ଓ ଜିଲା କ୍ରୀଡ଼ାସଂଘ ସାଧାରଣ ସମ୍ପାଦକ ସୁନିଲ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ରତ୍ନାକର ରାଉତ, କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ଖଟେଇ, ସାଧାରଣ ସମ୍ପାଦକ ଶାନ୍ତନୁ ବଡପଣ୍ଡା, ସାଂସ୍କୃତିକ ସମ୍ପାଦକ ସଞ୍ଜୀବ କୁମାର ପଣ୍ଡା, ରଞ୍ଜନ ହୋତା ପ୍ରମୁଖ ସହଯୋଗ କରିଥିଲେ।


କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

# ରେଙ୍ଗାଲି ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି

**ରେଙ୍ଗାଲି,୯।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳ ଅନନ୍ୟା ଦାସ, ଆରକ୍ଷୀ ଅଧୀକ୍ଷକ ବି. ଗଙ୍ଗାଧର, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ରେଙ୍ଗାଲି ବିଡ଼ିଓ, ତହସିଲଦାରଙ୍କ ସହ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ମୋଟ ୭୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ଅଧିକାଂଶ ଭତ୍ତା, ବିଜୁ ପକ୍କା ଘର ପାଇଁ ଥିଲା। ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସୁଲଭ ଶୌଚାଳୟ, ରେଙ୍ଗାଲି ଠାରୁ ରାମଚନ୍ଦ୍ର ନଗର ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା, ରେଙ୍ଗାଲି ତହସିଲ ଛକରେ ଫ୍ଲାଇ ଓଭର ନିମାଣ ପାଇଁ ଦାବି ହୋଇଥିଲା। ସେହିପରି ନିଷଣଭଙ୍ଗା ସରପଞ୍ଚ ରାମଚନ୍ଦ୍ର ନଗର ସାପ୍ତାହିକ ବଜାର ପ୍ରାଙ୍ଗଣରେ ଥିବା ମାର୍କେଟ କମ୍ପ୍ଲେକ୍ସରୁ ଜବରଦଖଲ ଉଚ୍ଛେଦ ପାଇଁ ଅଭିଯୋଗ କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଝାରସୁଗୁଡ଼ା ଅଫିସ,୯।୧**

ଝାରସୁଗୁଡା ଜିଲା ପ୍ରଶାସନ ତରଫରୁ ଲଖନପୁର ବ୍ଲକ୍ ରାଜୀବ ଭବନରେ ସୋମବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୧୦୨ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରେ ୧୬ ସାମୂହିକ ଓ ୮୬ ବ୍ୟକ୍ତିଗତ ରହିଥିଲା। ପ୍ରଧାନମନ୍ତ୍ରୀ ଆବାସ ଗୃହ, ଚିକିତ୍ସା ପାଇଁ ଅର୍ଥିକ ସହାୟତା, ରାସ୍ତାରେ ଗାଡୱାଲ ନିର୍ମାଣ, ଜବରଦଖଲ ଉଚ୍ଛେଦ, ଓପିଜିସି ପ୍ରକଳ୍ପ ଦ୍ୱାରା ଜମିହରାଙ୍କୁ କ୍ଷତିପୂରଣ ଆଦି ଅଭିଯୋଗ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଜଣ ଓ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ଜଣଙ୍କୁ ୭୯ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି, ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ଉପଧ୍ୟକ୍ଷ ଅକ୍ଷୟ ସାହୁ, ବିଡିଓ ଜୟନ୍ତ ସାହୁ, ଏବିଡିଓ ଗୋପାଳକୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

# ବିଧିବଦ୍ଧ ଭାବେ ଆଇଟିଡିଏ ଘୋଷଣା ଦାବି

**ଝାରସୁଗୁଡ଼ା ଅଫିସ,୯।୧:** ଲଇକେରା ବ୍ଲକ ଖୁଣ୍ଟାମାଲ ପଞ୍ଚାୟତର ଜଲିବାହାଲ ଗ୍ରାମରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ସମ୍ପ୍ରଦାୟର ଶିକ୍ଷା ଓ କୃଷିର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମହାସଂଘ ସଭାପତି ପଦ୍ମଲୋଚନ ବୁଢୁଲା ଆଦିବାସୀ ଶିକ୍ଷାର ବିକାଶ ପାଇଁ ପ୍ରତ୍ୟେକ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନିଜ ଗ୍ରାମର ଯୁକ୍ତ୨, ଯୁକ୍ତ ୩ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ଦିନକୁ ୨ ଘଣ୍ଟା ମାଗଣାରେ ଶିକ୍ଷାଦାନ ଦେବାକୁ ଅନୁରୋଧ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ଜଳ ଓ ମୃତ୍ତିକା ସଂରକ୍ଷଣ ତଥା ଜଙ୍ଗଲ ସୁରକ୍ଷା ପାଇଁ 'ବନ ଧନ ଯୋଜନା'ରେ ପ୍ରତ୍ୟେକ ଗ୍ରାମରେ ସୁରକ୍ଷା ସମିତି ଗଠନ କରିବା ପାଇଁ ଅନୁରୋଧ କରିଥିଲେ। ଏହାସହ ଆଦିବାସୀ ଅଧୁଷିତ କିର୍ମିରା ଓ ଲଇକେରା ବ୍ଲକକୁ କେନ୍ଦ୍ର ସରକାର ଆଇଟିଡିଏ ମାନ୍ୟତା ପ୍ରଦାନ କରିଥିବା ବେଳେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ଘୋଷଣା କରି ନ ଥିବାରୁ ମହାସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ମହିଳା ସଭାନେତ୍ରୀ ସୁରତି ଓରାମ ଓ ସମ୍ପାଦକ ଲିଙ୍ଗରାଜ ପ୍ରଧାନ ଶିକ୍ଷିତ ଯୁବତୀଯୁବକଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ମହାସଂଘ ସହିତ ଯୋଡ଼ି ହୋଇ ରହିବା ପାଇଁ ପରାମର୍ଶ ଦେଇଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ନାକଟିଦେଉଳ,୯।୧(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ମହୁକୁଦ ଗ୍ରାମର ଗ୍ରାମ ମଙ୍ଗଳ ଯୁବକ ସଂଘ ଆନୁକୂଲ୍ୟରେ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ମଲ୍ଲିକୁଦ ଖେଳପଡ଼ିଆଠାରେ ସୋମବାର ଏହି ଟୁର୍ନାମେଣ୍ଟକୁ ଅବସରପ୍ରାପ୍ତ ପ୍ରାଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ବଳମ ଓ ମହୁକୁଦ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ୯ ଓଭରରେ ମହୁକୁଦକୁ ୧ରନରେ ହରାଇ ବଳମ ବିଜୟୀ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଚ୍ୟୁତାନନ୍ଦ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବକ ସଂଘର ସୁଜିତ କୁମାର ସାହୁ,ବିଭୁ ବିଶ୍ୱାଳ,ଗଗନ ସାହୁ, ତପନ ସାହୁ ଓ ଚିନ୍ମୟ ନାଏକ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ଅପରାଧ ନିୟନ୍ତ୍ରଣରେ ସହାୟକ ହେବ: ମନ୍ତ୍ରୀ

### ବରେଇପାଲି ଥାନା ଉଦ୍‌ଘାଟିତ

**ସମ୍ବଲପୁର,୯।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନାକୁ ସମ୍ପ୍ରସାରଣ କରି ବରେଇପାଲିରେ ନୂତନ ଥାନା ଲୋକାର୍ପଣ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଓ ଜିଲା ପରିଷଦ ସଭାପତି କୁମୁଦିନି ନାଏକ, ଜିଲାପାଳ ଅନନ୍ୟା ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ପୂଜାରୀ କହିଥିଲେ, ରାଜ୍ୟ ସରକାର ଅପରାଧ ନିୟନ୍ତ୍ର ସହ ଲୋକମାନଙ୍କୁ ସୁରକ୍ଷା ଦେବା ନେଇ ପୋଲିସ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରୁଛନ୍ତି। ଥାନାଗୁଡିକ ଅତ୍ୟାଧୁନିକ କରିବା ସହ କର୍ମଚାରୀ ଓ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଲୋକଙ୍କ ସହ ସୁସମ୍ପର୍କ ରଖି ପୋଲିସ ତା'ର ଦାୟିତ୍ୱ ବହନ କରୁଛି। ନୂତନ ଥାନା ମଧ୍ୟ ଖୋଲା ଯାଉଛି। ଫଳରେ ଲୋକଙ୍କୁ ଉତ୍ତମ ସେବା ମିଳିବା ସହ ଅପରାଧ ନିୟନ୍ତ୍ରଣରେ ଏହା ସହାୟକ ହେବ ବୋଲି କହିଥିଲେ। ଏସ୍‌ପି ଗଙ୍ଗାଧର କହିଥିଲେ, ଅଇଁଠାପାଲି ଥାନା ଅଞ୍ଚଳର ପରିସୀମା ଅଧିକ ରହିଥିଲା। ତେଣୁ ପୋଲିସ କାମ କରିବାରେ ସମସ୍ୟା ସୃଷ୍ଟି ହେଉଥିଲା। ସହରାଞ୍ଚଳରେ ନୂତନ ଥାନା ପାଇଁ ପୂର୍ବରୁ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହାକୁ ମଞ୍ଜୁର କରାଯାଇ ସୋମବାର ଲୋକାର୍ପଣ କରାଯାଇଛି। ଥାନାରେ ସମସ୍ତ ସୁବିଧା ରହିଛି। ଥାନା ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଲୋକଙ୍କ ପାଖରେ ପୋଲିସ ସେବା ପହଞ୍ଚାଇବା ୫ ଟି ଯୋଜନାର ଲକ୍ଷ୍ୟ ରହିଥିଲା। ତେଣୁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ନିଶ୍ଚିତ ଭାବେ ସ୍ଥାନୀୟ ଲୋକେ ସୁବିଧା ପାଇପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କ ସମେତ ସହରାଞ୍ଚଳର ସମସ୍ତ ଥାନା ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।


ଥାନା ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଓ ଅନ୍ୟମାନେ।

# ଝାରସୁଗୁଡ଼ା ଡିଭିଜନର ୪ ସେକ୍ଟରରେ ପକ୍ଷୀ ଗଣନା

**ଝାରସୁଗୁଡ଼ା ଅଫିସ,୯।୧**

ପ୍ରତିବର୍ଷ ଶୀତଋତୁରେ ହୀରାକୁଦ ଜଳଭଣ୍ଡାରକୁ ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀ ଆସିଥାନ୍ତି। ବନ୍ୟପ୍ରାଣୀ ବିଭାଗ ତରଫରୁ ବିଧିବଦ୍ଧ ଭାବେ ଏହାର ଗଣନା କରାଯାଇଥାଏ। ଚଳିତବର୍ଷ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ତରଫରୁ ଏହି ଗଣନା କରାଯାଇଛି। ୧୫ସେକ୍ଟରରେ ବିଭକ୍ତ କରାଯାଇ ପ୍ରତି ସେକ୍ଟରରେ ୨ବିଶେଷଜ୍ଞ ଦଳ ନିୟୋଜିତ ହୋଇଥିଲେ। ଏଥିରେ ସମୁଦାୟ ୩୮ଗୋଟି ଡଙ୍ଗା ନିୟୋଜିତ ହୋଇଥିବାବେଳେ ୬୦ରୁ ଊର୍ଦ୍ଧ୍ୱ ଗଣନାକାରୀ ସାମିଲ ହୋଇଥିଲେ। ଝାରସୁଗୁଡା ଫରେଷ୍ଟ ଡିଭିଜନ ଅଧୀନରେ ୪ ସେକ୍ଟର ରହିଥିଲା। ହୀରାକୁଦ ଜଳଭଣ୍ଡାରର ଝରାପଡା ଅଞ୍ଚଳକୁ ୭ନଂ ସେକ୍ଟର, ବୃହତ୍ ଅଞ୍ଚଳ ରମ୍ପାଲୁଗାର ୮ନଂ ଓ ୯ନଂ ସେକ୍ଟର, ତିଲିଆ ଗୁଜାପାହାଡ ୧୦ନଂ ସେକ୍ଟର ହିସାବରେ ନିଆଯାଇଥିଲା। ସକାଳ ସାଢେ ୬ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହା ଚାଲିଥିଲା। ଡିଏଫ୍‌ଓ ଲଳିତ ପାତ୍ରଙ୍କ ତତ୍ତ୍ୱାବଧାନରେ ଗଣନା ହୋଇଥିବାବେଳେ ଏସିଏଫ୍ ସସ୍ମିତା ସାହୁ, ଏସିଏଫ୍(ଏଏଫ୍‌ଏସ୍) ଅଶୋକ ମନୁଭଞ୍ଜ, ରେଞ୍ଜର ସୁବାସ ମହାପାତ୍ର ଏହାର ତଦାରଖ କରିଥିଲେ। ୭ନଂ ସେକ୍ଟରରେ ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ଚିତ୍ରସେନ ସେଠୀ, ସିଦ୍ଧାର୍ଥ ସାହୁ, ଫରେଷ୍ଟର ପ୍ରଶାନ୍ତ କୁମାର ବାଗ୍, ସୁନିଲ କୁମାର ନାୟକ, ୮ନଂ ସେକ୍ଟରରେ ବିଶେଷଜ୍ଞ ଶୁଭମ ରାଉତ, ଗୌରବ ପତି, ଫରେଷ୍ଟର ଗୌରାଙ୍ଗ ସାହୁ, ଫରେଷ୍ଟଗାର୍ଡ ସୁରେଶ କୁମାର ତରେଇ, ଜେଏନ୍ ଖୁଣ୍ଟିଆ ପ୍ରମୁଖ ରହିଥିଲେ। ରମ୍ପାଲୁଗା ୯ନଂ ସେକ୍ଟରରେ ଡ. ପ୍ରକାଶ ଚନ୍ଦ୍ର ଜେନା, ଇଞ୍ଜିନିୟର ସଞ୍ଜୀବ କୁମାର ପରିଜା, ଫରେଷ୍ଟର ପ୍ରଦୀପ କୁମାର ନାୟକ, ବିକ୍ରମାଦିତ୍ୟ ବେହେରା ଓ ୧୦ନଂ ସେକ୍ଟରରେ ବିଶେଷଜ୍ଞ ଆଶିଷ କୁମାର ଶୁକ୍ଳା, ଫରେଷ୍ଟର ଅରକ୍ଷିତ ପ୍ରଧାନ, ଫରେଷ୍ଟଗାର୍ଡ କାଜଲ ଶର୍ମା, ମନୋଜ ଗଣ୍ଡ ପ୍ରମୁଖ ସାମିଲ ହୋଇଥିଲେ। ଏହାର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇବ।


ହୀରାକୁଦ ଜଳଭଣ୍ଡାରକୁ ଆସିଥିବା ବିଦେଶାଗତ ପକ୍ଷୀ।

# ବିବିଧତାର ସଂସ୍କୃତି ଭାରତର ଶକ୍ତି


ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ନରସିଂହ ମିଶ୍ର ଜୀବନବ୍ୟାପୀ ସାଧନା ପାଇଁ ନାଟକ ନିର୍ଦ୍ଦେଶକ ବ୍ରଜମୋହନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ସର୍ବଭାରତୀୟ ମଠଖାଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**
- ନାଟକ ନିର୍ଦ୍ଦେଶକ ବ୍ରଜମୋହନ ମିଶ୍ରଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ
- ମେଧାବୀ ଛାତ୍ର ଆୟୁଷ ମେହେରଙ୍କୁ ମଠଖାଇ ସମ୍ମାନ

**ବଲାଙ୍ଗୀର ଅଫିସ, ୯।୧**

ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଚର୍ଚ୍ଚିତ ବଙ୍ଗାଳୀ ନାଟକ ତିତାସ୍ ଏକ୍‌ଟା ନଦୀର ନାମ୍ ମଞ୍ଚସ୍ଥ ହୋଇଛି। ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ସାନ୍ଧ୍ୟସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନୀତିଶ କୁମାର ଯୋଗଦେଇ ବିବିଧତାର ସଂସ୍କୃତି ଭାରତର ଅସଲ ଶକ୍ତି ବୋଲି କହିଥିଲେ। ପୃଥିବୀରେ ଅନେକ ଦେଶ ଅଛି, ସେଭିତରେ ଭାରତର ବିଶେଷତ୍ୱ ହେଉଛି ଏଠାରେ ଯେତିକି ବିବିଧତା ପରିଲକ୍ଷିତ ହୁଏ ତାହା ଅନ୍ୟ କୌଣସି ଦେଶରେ ଦେଖାଯାଏନାହିଁ। ବିବିଧତା ଭିତରେ ଏକତା ହିଁ ଭାରତର ଅନନ୍ୟତା। ଏହାକୁ ସୁରକ୍ଷିତ ରଖିବାକୁ ହେବ। କଳା, ସାହିତ୍ୟ, ସଂସ୍କୃତି, ଭାଷା, ରୁଚି, ପାଣି, ପରିବେଶ, ଜଙ୍ଗଲ ପ୍ରାୟ ସବୁକ୍ଷେତ୍ରରେ ବିବିଧତା ଦେଖାଯାଏ। ତେବେବି ଏଠାରେ ଏକତା ରହିଛି। ମଠଖାଇ ମହୋତ୍ସବ ଏଭଳି ବହୁଭାଷୀ, ବହୁ ସଂସ୍କୃତିର ଏକ ମଞ୍ଚ ବୋଲି ସେ କହି ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବର୍ଷିଆନ ନାଟକ ନିର୍ଦ୍ଦେଶକ ବ୍ରଜମୋହନ ମିଶ୍ରଙ୍କୁ ଜୀବନବ୍ୟାପୀ ସେବା ପାଇଁ ମଠଖାଇ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ଅଧ୍ୟକ୍ଷ ବିଧାୟକ ମିଶ୍ର ଓ ମୁଖ୍ୟଅତିଥି ଡିଏଫ୍‌ଓ କୁମାର ମାନପତ୍ର, ଉପଢ୍ୌକନ ଏବଂ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ମିଶ୍ର ତାଙ୍କ ବକ୍ତବ୍ୟରେ ପୃଥିବୀ ସୃଷ୍ଟି ହେବା ଦିନଠାରୁ ନାଟକ ସୃଷ୍ଟି ହୋଇଛି। ନାଟକ ପାଇଁ ନିଷ୍ଠା ଏବଂ ସମର୍ପଣ ଆବଶ୍ୟକ ବୋଲି କହିଥିଲେ। ଏହି ମଞ୍ଚରେ ୨୦୨୨ ମସିହା ମାଟ୍ରିକ୍ ପରୀକ୍ଷାରେ ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଆୟୁଷ ମେହେରଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା। ଦୁଇ ଅତିଥି ତାଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ମୁଖ୍ୟଅତିଥି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ପିଲାଦିନେ କୋଶଳ କଳାମଣ୍ଡଳ ପଡିଆରେ କିଭଳି ଉଚ୍ଚକୋଟୀର ନାଟକ ହେଉଥିଲା ମନେ ପକାଇଥିଲେ। ନାଟକ ମାଧ୍ୟମରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟ ବୋଲି କହିଥିଲେ। ସଭାରେ ସଭାପତି ବିଜୟ ମହାପାତ୍ର ଏବଂ ରଶ୍ମିରଞ୍ଜନ ବିକ୍ କି ମଞ୍ଚାସୀନ ଥିଲେ। ସଭା ପୂର୍ବରୁ ରାଧାରାଣୀ କଳା ପରିଷଦ ପକ୍ଷରୁ କରମସାନୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଦତ୍ତାନନ୍ଦ ପଣ୍ଡା ଧନ୍ୟବାଦ ର୍ପଣ କରିଥିଲେ। ଦ୍ୱିତୀୟ ସନ୍ଧ୍ୟା ମଞ୍ଚକୁ ପ୍ରଖ୍ୟାତ ସିନେ ଏବଂ ମଞ୍ଚ ଅଭିନେତ୍ରୀ ସ୍ୱର୍ଗତା ସୁରେଖା ସିକ୍ରୀଙ୍କୁ ସମର୍ପିତ କରାଯାଇଥିଲା।

# ନଦୀ ମରିଗଲେ ସଭ୍ୟତା ମରିଯିବ


ବଙ୍ଗାଳୀ ନାଟକ ତିତାସ୍ ଏକ୍‌ଟା ନଦୀର ନାମ୍‌ର ଏକ ଦୃଶ୍ୟ।

- ମଞ୍ଚସ୍ଥ ହେଲା ବଙ୍ଗାଳୀ ନାଟକ ତିତାସ୍ ଏକ୍‌ଟା ନଦୀର୍ ନାମ୍
- ମନ ମୋହିଲେ ଅଲଟରନେଟିଭ ଲିଭିଂ ଥିଏଟରର କଳାକାର

**ବଲାଙ୍ଗୀର ଅଫିସ, ୯।୧**

ସର୍ବଭାରତୀୟ ବହୁଭାଷୀ ମଠଖାଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଲିକତାର ଅଲଟରନେଟିଭ ଲିଭିଂ ଥିଏଟର ପକ୍ଷରୁ ନାଟ୍ୟ ନିର୍ଦ୍ଦେଶକ ପ୍ରବୀର ଗୁହାଙ୍କ ନିର୍ଦ୍ଦେଶିତ ବଙ୍ଗାଳୀ ନାଟକ ତିତାସ୍ ଏକ୍‌ଟା ନଦୀର୍ ନାମ ମଞ୍ଚସ୍ଥ ହୋଇଛି। ଅଦ୍ୱିତ୍ ମଲ୍ଲାବରମନ୍‌ଙ୍କ ମୂଳ ଉପନ୍ୟାସ ଆଧାରିତ ଏଇ ନାଟକରେ ବଙ୍ଗଳାଦେଶର ଏକ ନଦୀ ତିତାସ୍ କିଭଳି ସେଠାକାର ଧୀବର ଶ୍ରେଣୀର ଲୋକଙ୍କ ଜୀବନକୁ ପ୍ରଭାବିତ କରୁଥାଏ ପ୍ରଦର୍ଶିତ ହୋଇଥିଲା। ବର୍ଷବ୍ୟାପୀ ବିଭିନ୍ନ ଋତୁରେ ତିତାସ୍ କିଭଳି ବଦଳୁ ଥାଏ ଏବଂ ନଦୀ ଉପରେ ନିର୍ଭରଶୀଳ ଧୀବରମାନଙ୍କ ଜୀବନ ମଧ୍ୟ କିଭଳି ବଦଳୁ ଥାଏ ତାହା ଚମତ୍କାର ଅଭିନୟରେ କଳାକାରମାନେ ପ୍ରଦର୍ଶିତ କରିଥିଲେ। ପରିବେଶ ପରିବର୍ତ୍ତନ ଫଳରେ ନଦୀମାନଙ୍କ ଉପରେ ଏହାର କୁପ୍ରଭାବ ଏବଂ ସର୍ବୋପରି ମଣିଷ ଏବଂ ଏହାର ସାମାଜିକ ଜୀବନ ଏବଂ ସଂସ୍କୃତି ଉପରେ ଏହାର ପ୍ରଭାବକୁ ନେଇ ଗତିଶୀଳ ଏହି ନାଟକ ଦର୍ଶକଙ୍କୁ ପରିବେଶ ପ୍ରଦୂଷଣ ଏବଂ ମଣିଷର ଦାୟିତ୍ୱକୁ ନେଇ ସଚେତନତା ବାର୍ତ୍ତା ଦେଇଥିଲା।

# ନାଟକ ପ୍ରଦର୍ଶନର କଳା ଉପରେ କର୍ମଶାଳା

**ବଲାଙ୍ଗୀର ଅଫିସ, ୯।୧**

ସର୍ବଭାରତୀୟ ବହୁଭାଷୀ ମଠଖାଇ ମହୋତ୍ସବର ଦ୍ୱିତୀୟ ଦିନରେ ରାଞ୍ଚିରୁ ଆସିଥିବା ଲୋକପ୍ରିୟ ନାଟ୍ୟ ନିର୍ଦ୍ଦେଶକ ଏନ୍‌ଏସ୍‌ଡିଆନ୍ ସଞ୍ଜୟ ଲାଲ୍ ନାଟକ ପ୍ରଦର୍ଶନ ଉପରେ ବକ୍ତବ୍ୟ ରଖିଥିଲେ। ଆୟୋଜିତ କର୍ମଶାଳାରେ ମଞ୍ଚ ନାଟକର କଳାକାର ଭାବେ କିଭଳି ଅଭିନୟ ଏବଂ ସଂଳାପ ଉଚ୍ଚାରଣ କରିବେ, ନିର୍ଦ୍ଦେଶନା ଏବଂ ସଂଯୋଜନା କରିବେ କହିଥିଲେ। ବହୁ କଲେଜ ଶିକ୍ଷାର୍ଥୀ, ନାଟ୍ୟପ୍ରେମୀ ଏଥିରେ ଭାଗ ନେଇଥିଲେ। ତିନୋଟି ଦଳରେ ବିଭକ୍ତ ହୋଇ କାରକାରମାନେ ତତ୍‌କ୍ଷଣାତ୍ ତିନୋଟି ଚମତ୍କାର କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ବ୍ରଜମୋହନ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ନାଟ୍ୟକାର ସନାତନ ଠାକୁର, ଅବଦୁଲ ଜମାଲ ଖାନ୍, ମନୋରଞ୍ଜନ ଦାଶ, ଚିତ୍ତରଞ୍ଜନ ଦାଶ, ଦେବତୋଷ ଦର୍ଜୀ, ଜିତେନ୍ଦ୍ରୀୟ ତ୍ରିପାଠୀ, ବୀରେନ୍ଦ୍ର ବନ୍‌ଛୋର, ବ୍ୟାସଦେବ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।


ନାଟ୍ୟ ନିର୍ଦ୍ଦେଶକ ସଞ୍ଜୟ ଲାଲ ନାଟକ ପ୍ରଦର୍ଶନ କଳା ଉପରେ ବକ୍ତବ୍ୟ ରଖୁଛନ୍ତି।

# ତହଁକ କୁଟୁମ୍‌ର ପୁଷ୍‌ପୁନି ଭେଟ୍‌ଘାଟ୍

**ବଲାଙ୍ଗୀର ଅଫିସ, ୯।୧**

ତହଁକ କୁଟୁମ୍ ପକ୍ଷରୁ ବାର୍ଷିକ ଉତ୍ସବ ଏବଂ ପୁଷ୍‌ପୁନି ଭେଟଘାଟ ସ୍ଥାନୀୟ ଯାଦବ ଭବନରେ ଅନୁଷ୍ଠିତ ହୋଇଛି। ପ୍ରଥମ ଅଧିବେଶନରେ ତହଁକ କୁଟୁମ୍‌ର ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁଙ୍କ ସଂଯୋଜନା ତଥା ଶିଶୁ ସାହିତ୍ୟିକ ଗୋପୀନାଥ ଦଣ୍ଡସେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନିରଞ୍ଜନ ପଣ୍ଡା, ମୁଖ୍ୟବକ୍ତା ଅନିରୁଦ୍ଧ କୁରୁକୁରିଆ, ସମ୍ମାନିତ ଅତିଥି ଭାବେ ଆନନ୍ଦ ଚନ୍ଦ୍ର ସାହୁ, ରାମଦତ୍ତ ଭୋଇ ଓ ସନ୍ଦୀପ କୁମାର କୁଅଁର ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ସରୋଜ କୁମାର ଭୋଇ ଭଜନ ପରିବେଷଣ କରିଥିଲେ। ଶୋଭାଙ୍ଗୀ ସୁକନ୍ୟା ତ୍ରିପାଠୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ତହଁକ କୁଟୁମ୍ ସମ୍ପାଦକ ରାଜେଶ ଦଣ୍ଡସେନା ମଞ୍ଚାସୀନ ଥିଲେ। ଏହି ଅବସରରେ କୋଶଲୀ ସଂସ୍କୃତି ଗବେଷକ ତଥା ସଂଗ୍ରାହକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ସହ ଚିତ୍ରକର ଅର୍ଣ୍ଣବ ସାହୁ, ୟୁଟ୍ୟୁବର ସୁଷମା ବେହେରା, କୋଶଲୀ ସଙ୍ଗଠକ ସୁର୍‌ଜିତ ସିଂ ମହାରଥୀ, ଦଣ୍ଡ ନାୟିକା ରିଙ୍କି ବାଗ, ସାହିତ୍ୟ ସାଧକ ଅଖୋଜ କୁମାର ଷାଣ୍ଢ ଓ କଣ୍ଠଶିଳ୍ପୀ ଅଜୟ ଅମର ସିଂଦେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିମାନେ ନୂଆଁ ସକାଳ ଓ ବିଜୟା କୋଶଲୀ ପତ୍ରିକା ଉନ୍ମୋଚିତ କରିଥିଲେ। କବି ରମେଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କପିଳେଶ୍ୱର ଖମାରୀ, ଅଶୋକ ସାହୁ ଏବଂ ବଂଶୀଧର ନାଏକ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଂଯୋଜନା କରିଥିଲେ କବିତା ମିଶ୍ର, ସୁଜାତା ନାଏକ, ସପ୍ତେଶ୍ୱର ମିଶ୍ର ଓ ରୀନା ସାହୁ । ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ଏହି ଉତ୍ସବ ଆୟୋଜନରେ ଶ୍ରୀୟାକାନ୍ତ ଦାସ, ଦିଲ୍ଲୀପ ମିଶ୍ର, ତପସ୍ୱିନୀ ପଶାୟତ, ଅକ୍ରୁର ବାଗ, ଦୁର୍ବାଦଳ କ୍ଷେତୀ, ସୌକିଲାଲ ସାହୁ, ଆହ୍ଲାଦିନୀ ପାଣିଗ୍ରାହୀ ଦାସ, ରାଜୀବ ପ୍ରସାଦ ଭୋଇ, ଶତ୍ରୁଘ୍ନ ସେଲମା ସହଯୋଗ କରିଥିଲେ ।


କୋଶଲୀ ଭାଷା, ସଂସ୍କୃତି ଗବେଷକ ନିମାଇଁ ଚରଣ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବରିଷ୍ଠ ନାଗରିକ ସଂଘର ମହାମିଳନ କାର୍ଯ୍ୟକ୍ରମ


ବରିଷ୍ଠ ନାଗରିକ ସଂଘ ସଦସ୍ୟଙ୍କ ମହାମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ସଦସ୍ୟ।

**ବଲାଙ୍ଗୀର ଅଫିସ, ୯।୧:** ନୂତନବର୍ଷ ଅବସରରେ ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଖୁଜେନପାଲି ସ୍ଥିତ ବିକ୍ରମ ବହିଦାରଙ୍କ ଫାର୍ମ ହାଉସରେ ଏକ ମହାମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦାନ କରିଥିଲେ। ବରିଷ୍ଠ ନାଗରିକଙ୍କ ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଉଲ୍ଲେଖ କରି ଏହାର ସମାଧାନ ଦିଗରେ ମ୍ୟୁନିସିପାଲିଟି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସଭା ପରେ କବିତା ପାଠ, ନାଚଗୀତ ଏବଂ ଭଜନ ପରିବେଷଣ କରାଯାଇଥିଲା। ସଭାରେ ସୁବାସ ଚନ୍ଦ୍ର ପଣ୍ଡା, ଶିବ ଶଙ୍କର ଖୁଆସ, ବସନ୍ତ ଆଚାର୍ଯ୍ୟ, ପ୍ରତାପ ରଥ ଏବଂ ଜ୍ୟୋତ୍ସ୍ନା ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ପଶ୍ଚିମ ଓଡିଶା ମହାସଂଘ ନିର୍ଦ୍ଦେଶକ୍ରମେ ଏକ ମହିଳା ମଞ୍ଚ ଗଠନ କରାଯାଇଥିବା ସୂଚନା ଦିଆଯାଇଛି। ଏଥିରେ ମହିଳାମାନେ ସକ୍ରିୟ ରହି ବରିଷ୍ଠ ମହିଳାମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବେ ।

# ଖାସବାହାଲ ପଞ୍ଚାୟତ: ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ

**ଖଡ଼ିଆଳ,୯।୧(ଡି.ଏନ.ଏ.):** ଲୋକେ ଆଉ ପ୍ରଶାସନ ପାଖକୁ ଯିବେ ନାହିଁ, ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚିବ। ନୂଆପଡା ଜିଲା ପ୍ରଶାସନ ଏକ ନିଆରା ପଦକ୍ଷେପ ଆରମ୍ଭ କରିଛନ୍ତି। ପୂର୍ବରୁ ପ୍ରତି ମାସରେ ଗୋଟିଏ ଦିନ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଥିବା ବେଳେ ଅଧିକାଂଶ ଲୋକ ଆସି ପାରୁ ନ ଥିଲେ। ତେଣୁ ଜିଲା ପ୍ରଶାସନ ଏହି ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କ୍ରମରେ ସୋମବାର ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖାସବାହାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ନାରାୟଣ ସାହୁ, ତହସିଲଦାର ସିନ୍ଧୁସୁତା ପାତ୍ର ଯୋଗଦେଇ ଲୋକଙ୍କ ସମସ୍ୟା ବୁଝିଥିଲେ। ସ୍ଥାନୀୟ ସରପଞ୍ଚ କୁନୁ ଚରଣ ବେହେରା ଓ ବିଭିନ୍ନ ବିଭାଗ କର୍ମକର୍ତ୍ତା ଯୋଗଦେଇ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ୪୦୦ଟି ଅଭିଯୋଗ ଆସିଥିବା ବେଳେ ବାର୍ଦ୍ଧକ୍ୟ/ବିଧବା ଭତ୍ତା ବ୍ୟାଙ୍କ ମାଧ୍ୟମରେ ନ ଦେଇ ପୂର୍ବ ପରି ନଗଦ ଆକାରରେ ପ୍ରଦାନ କରିବା, ନୂତନ ରାଶନ କାର୍ଡ ପ୍ରଦାନ, ସବୁଜ କାର୍ଡରେ ସହାୟତା, ଆବାସ ଯୋଜନାରେ ସାମିଲ କରିବା ଆଦି ଅଭିଯୋଗପତ୍ର ଦାଖଲ କରିଥିଲେ। ଲୋକଙ୍କ ଅଭିଯୋଗ ନିୟମାନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ସାମାଜିକ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ନାଏକ, ସମିତି ସଭ୍ୟ ହେମନ୍ତ ଶବର, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ଚରଣ ମେହେର, ଗ୍ରାମ ରୋଜଗାର ସେବକ ଜଗନ୍ନାଥ ମେହେରଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟସଭ୍ୟା ସହଯୋଗ କରିଥିଲେ।


GOVT. OF ODISHA
OFFICE OF THE PANCHAYAT SAMITI
BANKI-DAMPADA,CUTTACK
No.i-325: Email-ori-dampada@nic.in
'e'-procurement Notice No: - 01 /2022-23

| | | |
|---|---|---|
| 1. Name of work | : | 1. Construction of Day Care Sub-Centre Cum Health & Wellness Centre at Bilipada 2.Construction of Day Care Sub-Centre Cum Health & Wellness Centre at Patapur |
| 2. Total No. of works | : | 02 (Two) Nos. of works. |
| 3. Tender Cost | : | Rs 2877222.00 For Each Work |
| 4. Period of completion | : | 08 (Eight) Calendar Months |
| 5. Other details as follows | | |
| (i) Procurement Officer | : | Block Development Officer, Banki-Dampada, Cuttack |
| (ii) Availability of Tender online for Bidding | : | 12.01.2023 from 10.00 A.M to 27.01.2023 up to 3.00 P.M.(Selling) 12.01.2023 from 10.00 A.M to 27.01.2023 up to 5.00 P.M.(Submission) |
| (iii) Date, Time & Venue of opening of Bid through Online | : | Dtd.30.01.2023-11.30 A.M. in the Office of the Panchayat Samiti, Banki-Dampada |
| (iv) Date of Transparent Lottery to be Conducted (if required) | : | On 06.02.2023 at 11.30 A.M in the office Chamber of Block Development Officer, Banki-Dampada, Cuttack (Bidders shall furnish their present e-mail id, address and Telephone No. for further correspondence) |

Further details can be seen from the Govt. website www.tendersodisha.gov.in.
Block Development Officer
Banki-Dampada, Cuttack
OIPR-19291/11/0001/2223



OFFICE OF THE PRINCIPAL
COLLEGE OF PHARMACEUTICAL SCIENCES
BERHAMPUR, AT/PO:MOHUDA (GANJAM),PIN:760002
PHONE No. 0680-2260758, MOBILE NO. 9861084994
No. CPS/OS/ 1315/2022-23 Date : 05/01/2023

NOTICE

As per the notification No. 4658 / OSBP Dated. 30.12.2022 of OSBP, Bhubaneswar, this is to inform all the students admitted in "COLLEGE OF PHARMACEUTICAL SCIENCES", BERHAMPUR for D. PHARM under OSBP before 2019 that they can appear the forthcoming examinations to clear the back papers, if any. In this connection, those students are directed to submit the application in the college with related documents within 15 days of publication of this notice.

The details of such students after verification will be sent to OSBP, Bhubaneswar for incorporation in the OSBP portal.

No further application in this regard will be entertained by OSBP afterwards.

Sd./- PRINCIPAL



OFFICE OF THE EXECUTIVE ENGINEER
P.H. DIVISION, KORAPUT
No.C-2250:
Tel/Fax-06852-250740, e-mail-eephkrp@nic.in, eephkrp@gmail.com
GOVERNMENT OF ODISHA "e" procurement Notice
e-procurement Notice for 2022-23
Bid Identification No.EE,P.H.KPT-19 of 2022-23 Dt.06.01.2023

| | | |
|---|---|---|
| 1. No. of the works | : | 1 no. |
| 2. Estimated Cost | : | Rs.251.75 lakh (Approx.) |
| 3. Period of completion | : | 8 months |
| 4. Date & time of availability of bid document in the portal | : | From 11.00 A.M. of 13.01.2023 to 05.00 P.M. of 24.01.2023 |
| 5. Last date / time of receipt of bids in the portal | : | 05.00 P.M. of 24.01.2023 |
| 6. Date & time of opening of bids | : | 11.00 A.M. of 25.01.2023 |
| 8. Name and address of the Officer Inviting Bid | : | Executive Engineer, P.H. Division, Koraput |

Further details can be seen from the e-Procurement portal "https://www.tendersodisha.gov.in".
Sd./- (Er. Chiranjibi Mahali)
Executive Engineer
P.H.Division, Koraput
OIPR-13008/11/0027/2223



Apply Online for 2022-23
ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ
ଓଡ଼ିଶା କୃଷି ଶିଳ୍ପ ନିଗମ
ଜଳନିଧି-୨ ଯୋଜନା ଅନ୍ତର୍ଗତ
କ୍ଷୁଦ୍ର ଉଠା ଜଳସେଚ କାର୍ଯ୍ୟକ୍ରମ ୨୦୨୨-୨୩
Cluster Micro River Lift Irrigation Projects

No.CAD:– ଓଡ଼ିଶା ସରକାର, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତଥା ଓଡ଼ିଶା କୃଷି ଶିଳ୍ପ ନିଗମ ଜରିଆରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ବିଭିନ୍ନ ବ୍ଲକରେ ଜଳ ଉତ୍ସ ଯଥା– ନଦୀ, ନାଳ, ଆଡ଼ିବନ୍ଧ (Check Dam)ର ଉପର ମୁଣ୍ଡ ଇତ୍ୟାଦିରେ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରିଆସୁଅଛି । ଏହି ଯୋଜନାରେ ଚାଷୀମାନଙ୍କୁ ଏକକ ମାଲିକାନା ଭିତ୍ତିରେ ଗୋଟିଏ ପମ୍ପ, ପମ୍ପ ପିଣ୍ଡି, ପ୍ୟାନେଲ, ପାଇପ, କ୍ଷୁଦ୍ର ଜଳସିଂଚନ ଉପକରଣ ଓ ବିଦ୍ୟୁତ୍ ସଂଯୋଗ ସ୍ୱତନ୍ତ୍ର ସବ୍‌ଷ୍ଟେଶନ ମାଧ୍ୟମରେ ଦିଆଯାଇ ସମ୍ପୂର୍ଣ୍ଣ ପ୍ରକଳ୍ପ ଗଠିତ କରାଯାଉଅଛି । ଆବେଦନକାରୀ ଚାଷୀ ୨୦,୦୦୦/– ଟଙ୍କା ମାତ୍ର ବହନ କରିବେ । ଚାଷୀ ଆବେଦନ ପଞ୍ଜୀକରଣ ଆସନ୍ତା ତା୧୦।୦୧।୨୦୨୩ରିଖରୁ ଆରମ୍ଭ ହେବ ।
OIPR-01047/11/0044/2223



GOVERNMENT OF ODISHA
OFFICE OF THE ENGINEER-IN-CHIEF
RURAL WATER SUPPLY AND SANITATION
Jal O Parimal Bhawan, Unit - V, Bhubaneswar - 751001
REQUIRES QUALIFIED ENGINEERS FOR THE FOLLOWING POSITIONS

No. O-1568: RWS&S, Odisha invites applications from competent and qualified engineers for the below mentioned positions on contractual basis for a maximum period of 2 years (which can be extended to 3 years) in the Design & Review Cell of Office of EIC, RWS&S, Bhubaneswar. To apply email your resume to **rwsspositions@gmail.com** latest by 27th January 2023. The results will be published on **https://panchayat.odisha.gov.in**. Only shortlisted candidates will be invited for a personal interview.

| Position | Qualification & Experience | No. of Posts | Remuneration/ Month/ Person |
|---|---|---|---|
| Structural Engineer | Bachelor of Technology in Civil Engineering from reputed institute with minimum of 05 years of experience in Detail Engineering, design & analysis of water retaining structures in water supply projects, RCC structures & steel structures. (Computer Aided Software knowledge like **STAAD PRO/ETABS** is required) | 04 | Rs.90000/- |
| Hydraulics Expert | Bachelor of Technology in Civil/Mechanical Engineering from reputed institute with minimum of 05 years of experience in Detail Engineering and Design review for water & waste water facilities, pumping system and distribution network. (Computer Aided Software knowledge like **WATER GEMS** is requried.) | 03 | Rs.90000/- |

Eligibility conditions for retired Government Servants as per GA Deptt. Resolution 23750-GAD-SC-REMP-0002/2014/Gen.]: officers who have retired from Government Service on attaining the age of superannuation and below the age of sixty-five years having good service records and are physically fit shall be eligible to be considered for re-employment.

Sd./- Engineer-in-Chief, RWS&S, Odisha
OIPR-25003/11/0025/2223



GOVERNMENT OF ODISHA No.A-991:
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KANDHAMAL
e-Procurement Notice
BID IDENTIFICATION NO-06/2022-23
Letter No- 2825 Dt- 28/12/2022

| | | |
|---|---|---|
| Name of Work | : | Repair, Renovation & Restoration (RRR) of MIPs in Kandhamal district under PMKSY-HKKP during the year 2022-23. |
| No. Works | : | 04 (four) Nos. |
| Estimated Cost | : | Varies from Rs. 41.52 lakh & Rs.27.69 lakh Approximately |
| Tender Paper Cost | : | Rs.6000.00 (Non- refundable) |
| Period of Completion | : | 180 (one hundred eighty days) only. |
| Availability of Bid documents | : | From 10.00 AM of 11.01.2023 to 16.00 hrs of 24.01.2023 in website (www.tendersodisha.gov.in) |
| Time of receipt of bid through online | : | From 10.00 AM of 11.01.2023 to 16.00 hrs of 24.01.2023 through online |
| Date of opening of bid documents | : | At 11.00 hrs of 25.01.2023 in the O/O E.E., K.M.I. Division, Phulbani |
| Digital signature certificate | : | The bidder must possess compatible digital signature certificate (DSC) of class II or class-III |

The detail tender call notice can also be seen in the DOWR website http/dowrorissa.gov.in. Name and address of the OIT:- Superintending Engineer, M.I. Division, Kandhamal, Ph.No.06842-253634, Fax:-06842-253816, E-mail: **kmidplb@gmail.com.** Further details can be seen from the e-procurement market place, http//www.tendersodisha.gov.in.

Sd./- (Er.Sunil Kumar Tripathy)
Superintending Engineer
M.I.Division, Kandhamal
OIPR-32040/11/0007/2223



See Career Appointment on every Wednesday & Saturday

## ବସ୍ତି ଉଚ୍ଛେଦକୁ ବିରୋଧ

# ପୋଲିସ-ବସ୍ତିବାସୀ ମୁହାଁମୁହିଁ

**ରାଉରକେଲା ଅଫିସ,୯।୧**

ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ରାଉରକେଲା ସହରରେ ଉନ୍ନତିମୂଳକ କାର୍ଯ୍ୟ ଚାଲିଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା ଚାଲିଥିବାବେଳେ ବସ୍ତିବାସୀଙ୍କୁ ଥଇଥାନ ନ କରି ଉଚ୍ଛେଦ କରାଯାଉଛି। ଫଳସ୍ୱରୂପ ଏହାକୁ ନେଇ ରାଉରକେଲା ସେକ୍ଟର ୧୮ ସ୍ଥିତ ଗଣେଶ ବସ୍ତିରେ ସୋମବାର ପୋଲିସ ଓ ବସ୍ତିବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଥିଲା ।

ଗଣେଶ ବସ୍ତିରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପରିବାର ବାସ କରନ୍ତି। ଦୀର୍ଘବର୍ଷ ଧରି ଏହି ବସ୍ତିବାସୀ ସହରର ବିଭିନ୍ନ ସ୍ଥାନରେ ଦିନ ମଜୁରିଆ ଭାବେ କାମ କରି ନିଜର ପରିବାର ଭରଣପୋଷଣ କରୁଛନ୍ତି। ତେବେ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଦୁଇଟି ଜେସିବି ଗାଡ଼ି ବସ୍ତି ଭିତରକୁ ଉଚ୍ଛେଦ ପାଇଁ ପଶିଥିଲା। ବସ୍ତି ଭିତରେ ଜେସିବି ଓ ପୋଲିସ ଫୋର୍ସକୁ ଦେଖି ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ମାତ୍ର ସ୍ଥାନୀୟ ବସ୍ତିବାସୀଙ୍କ କୌଣସି କଥା ନ ଶୁଣି ବସ୍ତି ଭିତରେ ଥିବା ୨୦ରୁ ଉର୍ଦ୍ଧ୍ୱ ଘର ଭଙ୍ଗାରୁଜା କରାଯାଇଥିଲା। ସ୍ଥାନୀୟ

### ଉତ୍ତେଜନା ସ୍ଥଳରୁ ମୁକ୍ତିକାନ୍ତ ଗିରଫ

ବସ୍ତିବାସୀ ପ୍ରତିବାଦ କରିବାରୁ ପୋଲିସ ଲାଠି ଚାଳନା କରିଥିବା ଅଭିଯୋଗ ହୋଇଛି। ଖବର ପାଇ ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଆରଏସ୍‌ପି ଓ ସ୍ଥାନୀୟ ପ୍ରଶାସନ ନିକଟରେ ବସ୍ତି ଉଚ୍ଛେଦ ପୂର୍ବରୁ ପ୍ରଥମେ ଥଇଥାନ ପାଇଁ ଦାବି କରିଥିଲେ। ମାତ୍ର ପୋଲିସ ପ୍ରଶାସନ କୌଣସି କଥା ନ ଶୁଣି ତାଙ୍କୁ ଥାନାକୁ ଉଠାଇ ନେଇଯାଇଥିଲା। ବସ୍ତି ଉଚ୍ଛେଦ ସମୟରେ ପୋଲିସ ଓ ସ୍ଥାନୀୟ ଲୋକଙ୍କ ଭିତରେ ଉତ୍ତେଜନା ବଢ଼ିବାରୁ ଘଟଣାସ୍ଥଳରେ ରାଉରକେଲା ଅତିରିକ୍ତ ଏସ୍‌ପି ସଂଗ୍ରାମ କେଶରୀ ବେହେରା ପହଞ୍ଚିଥିଲେ। ସ୍ଥିତି ଅସମ୍ଭାଳ ହେବାରୁ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏ ନେଇ ଅତିରିକ୍ତ ଏସ୍‌ପି ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଏହି ବସ୍ତି ଉଚ୍ଛେଦ ପୂର୍ବରୁ ଆର୍‌ଏସ୍‌ପି ୩ ମାସ ତଳେ ବସ୍ତିବାସୀଙ୍କୁ ନୋଟିସ ଜାରି କରିଥିଲା। ସେଥିମଧ୍ୟରୁ ପ୍ରାୟ ୬୦ ପରିବାର ଏହି ବସ୍ତି ଛାଡି ପଳାଇ ଯାଇଥିବାବେଳେ ଆଉ ୩୫ ପରିବାର ଲୋକେ ଏଠାରୁ ଯାଉ ନ ଥିଲେ। ଫଳରେ ଆର୍‌ଏସ୍‌ପି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ବେହେରା କହିଛନ୍ତି। ଉଚ୍ଛେଦ ସମୟରେ ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ସେକ୍ଟର-୧୫ ଥାନା ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ, ସେକ୍ଟର-୩ ଥାନାଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ ଆରଏସ୍‌ପିର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ନିପନ


@ ଅନନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ପାଣିପାଗ ବିଜ୍ଞାନ ହେଉଛି ସମାଜର ବିଜ୍ଞାନ'

## ପୃଥିବୀ, ବାୟୁମଣ୍ଡଳ ବିଜ୍ଞାନ ବିଭାଗର ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

**ରାଉରକେଲା ଅଫିସ,୯।୧**

ରାଉରକେଲା ଏନ୍‌ଆଇଟି ଭୂମି ଓ ବାୟୁମଣ୍ଡଳୀୟ ବିଜ୍ଞାନ ବିଭାଗ ପକ୍ଷରୁ ଚାଲିଥିବା ୪ ଦିନିଆ ଜାତୀୟ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଛି। ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ପାଣିପାଗ ବିଭାଗର ନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପାଣିପାଗ ବିଜ୍ଞାନ ହେଉଛି ସମାଜର ବିଜ୍ଞାନ। କାରଣ ଏହି ବିଜ୍ଞାନ ସିଧାସଳଖ ସମାଜ ଉପରେ ପ୍ରଭାବ ପକାଇଥାଏ। ବିଶେଷ କରି ଫସଲଠାରୁ ଆରମ୍ଭ କରି ମଣିଷର ଜୀବନ ଜୀବିକାକୁ ସୂଚନା ପ୍ରଦାନ କରିଥାଏ ବୋଲି ମୁଖ୍ୟ ଅତିଥି ମହାପାତ୍ର ମତପ୍ରକାଶ କରିଥିଲେ। ଡ. କ୍ରିଷ୍ଣା କିଶୋର ସୁରୀ ଜାତୀୟ ସମ୍ମିଳନୀର ଉଦ୍ଦେଶ୍ୟ ଓ ଉପକାର ବିଷୟରେ ଆଲୋଚନା କରିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ଡ. କେ. ଉମା ମହେଶ୍ୱର ରାଓ, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ, ପ୍ରଫେସର ଚନ୍ଦନ କୁମାର ସାହୁ, ଡକ୍ଟର ସନ୍ଦୀପନ ମୁଖାର୍ଜୀ, ପ୍ରଦୀପ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଇଏମ୍‌ଡି ଓ ଏନ୍‌ଆଇଟି ରାଉରକେଲା ମଧ୍ୟରେ ମେଟାଲୋଜିକାଲ ଓ ଅଟୋ ମେଟିକାଲ ୱେଦର କଣ୍ଡିସନ ଉପରେ ନିର୍ମାଣ ହୋଇଥିବା ଏକ ଷ୍ଟ୍ରକ୍ଚର ଉଦ୍‌ଘାଟନ ହୋଇଥିଲା। ଛାତ୍ରୀଛାତ୍ରମାନେ ପରିବେଶ, ପାଣିପାଗ ସହ ବାୟୁମଣ୍ଡଳର ସ୍ଥିତିକୁ ନେଇ କିଭଳି ଉଚ୍ଚଶିକ୍ଷା ଲାଭ କରିପାରିବେ ସେ ନେଇ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ଆଇଆଇଆର୍‌ଏସ୍ ଡେରାଡୁନ, ଆଇଆଇଟିଏମ୍ ପୁନେ ଭଳି ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୭୦ ଜଣ ଗବେଷଣା ପ୍ରତିଷ୍ଠାନର ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ।



ପାଣିପାଗ ଜାତୀୟ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

# ଆରକ୍ଷଣ ଦାବିରେ ଓବିସି ମଞ୍ଚର ସ୍ମାରକପତ୍ର

**ଝାରସୁଗୁଡ଼ା ଅଫିସ,୯।୧:** ଆରକ୍ଷଣ ଦାବିରେ ଝାରସୁଗୁଡା ଜିଲା ଓବିସି ମଞ୍ଚ ତରଫରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହାକୁ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ ଗ୍ରହଣ କରିଥିଲେ। ଏଥିରେ ଉଲ୍ଲେଖ ରହିଛି କେନ୍ଦ୍ର ସରକାର ଓବିସିଙ୍କୁ ୨୭ପ୍ରତିଶତ ଆରକ୍ଷଣ ଦେଉଥିବାବେଳେ ରାଜ୍ୟ ସରକାର ଏ ଦିଗରେ କୌଣସି ସୁବିଧା ଦେଉନାହାନ୍ତି। ଫଳରେ ରାଜ୍ୟରେ ରହିଥିବା ଏହି ବର୍ଗର ଯୁବତୀଯୁବକ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ରାଜ୍ୟରେ କନଷ୍ଟେବଳ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଏଥିରେ ଓବିସି ପ୍ରାର୍ଥୀଙ୍କ ପାଇଁ ଆରକ୍ଷ ସୁବିଧା ଦିଆଯାଇନାହିଁ। ଏହି ଆରକ୍ଷଣ ଲାଗୁ କରିବାପାଇଁ ମଞ୍ଚ ଦାବି କରିଛି। ସ୍ମାରକପତ୍ର ପ୍ରଦାନ ବେଳେ ଜିଲା ମଞ୍ଚ ସଂଯୋଜକ ବିରଞ୍ଚି ସାହୁ,ରାଜ୍ୟ ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ଆଦିତ୍ୟ ପ୍ରଧାନ, ରକ୍ଷାକର ଅନୁପମ, ସଞ୍ଜୟ କୁମାର ପଟେଲ, ଅଶ୍ୱିନୀ କୁମାର ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ ।

# ଭିସୁଟ୍ ଛାତ୍ରଙ୍କ ମାରପିଟ: ୨ ମାମଲା ରୁଜୁ

**ସମ୍ବଲପୁର,୯।୧(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଭିସୁଟ୍‌ରେ ଦୁଇ ଛାତ୍ରଙ୍କ ମଧ୍ୟରେ ମାରପିଟ ଘଟଣାରେ ବୁର୍ଲା ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି। ଛାତ୍ର ସନ୍ଦିପ ସିଂଙ୍କ ଅଭିଯୋଗ କ୍ରମେ ଏହି ମାମଲା ରୁଜୁ ହୋଇଛି। ଘଟଣାରେ ୫ ଜଣ ଯୁବକଙ୍କ ନାମ ରହିଥିବା ଥାନା ସୂତ୍ରରୁ ପ୍ରକାଶ।

# ସଂଗ୍ରାମୀ ତୀର୍ଥ ପଞ୍ଚପଡ଼ାରେ ନୂଆଁଖାଇ ଭେଟଘାଟ୍

**ଝାରସୁଗୁଡ଼ା ଅଫିସ,୯।୧:** ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ପୀଠ ତଥା ଗାନ୍ଧୀ ବିଚାରର ପ୍ରୟୋଗଶାଳା ଝାରସୁଗୁଡ଼ା ଉପକଣ୍ଠ ପଞ୍ଚପଡ଼ାଠାରେ ନୂଆଁଖାଇ ଭେଟଘାଟ୍ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ବିଚାର ମଞ୍ଚ ଓ ପଞ୍ଚପଡ଼ା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ୧୯୩୪ ମସିହାର ଗାନ୍ଧି ନୂଆଁଖାଇକୁ ସ୍ମରଣ କରିବା ପାଇଁ ଏହି ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଜିଲାପାଳ ସରୋଜ କୁମାର ସାମଲ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଝାରସୁଗୁଡ଼ା ଜିଲାର ଅବଦାନ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଚିନ୍ତାମଣି ପୂଝାରୀ କିପରି ଭାବରେ ପଞ୍ଚପଡ଼ାକୁ ଏକ ଗାନ୍ଧୀ ବିଚାରର ପ୍ରୟୋଗଶାଳା ଭାବରେ ନିର୍ମାଣ କରିଥିଲେ ତାର ଅବତାରଣା କରିଥିଲେ। ଆଗାମୀ ଦିନରେ ବମ୍ବେ ଛକଠାରୁ ପଞ୍ଚପଡ଼ା ଗ୍ରାମ ପର୍ଯ୍ୟନ୍ତ ଚିନ୍ତାମଣି ପୂଝାରୀ ମାର୍ଗ ତଥା ପଞ୍ଚପଡ଼ାକୁ ଏକ ଆଦର୍ଶ ଗ୍ରାମ ଓ ଗାନ୍ଧୀ ସ୍ମାରକୀର ଏକ ପୀଠ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଝାରସୁଗୁଡ଼ା ପୌରାଧକ୍ଷା ରାନୀ ହାତୀ, ସୀମାନ୍ତର ଭାଷା ପ୍ରହରୀ କ୍ଷମାସାଗର ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଉପସ୍ଥିତ ଥିଲେ। ଗାନ୍ଧୀ ବିଚାର ମଞ୍ଚର ସଦସ୍ୟ ମେହେବୁବ ମେହେତାବ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରୂପାନନ୍ଦ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମଗ୍ର ଗ୍ରାମ ଉତ୍ସବ ମୁଖର ହୋଇଉଠିଥିଲା।

## ଚଷା ସମାଜର ବାର୍ଷିକ ଉତ୍ସବ

**ସମ୍ବଲପୁର,୯।୧(ବ୍ୟୁରୋ)**

ସମ୍ବଲପୁର ନାରିସେବା ସଦନଠାରେ ଚଷା ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ. ଉତ୍ତମ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷାବିତ୍, ଗୀତିକାର ଧରଣୀଧର ପ୍ରଧାନଙ୍କୁ ସମ୍ବଲଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ନାରାୟଣ ଦେହୁରି ବିବରଣୀ ପାଠ କରିଥିବାବେଳେ ସହସମ୍ପାଦକ ପ୍ରହଲାଦ ସାହୁ ଧନ୍ୟବାଦ ଦେଇଥିଲେ।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ଝାରସୁଗୁଡ଼ା ଅଫିସ,୯।୧:** ଝାରସୁଗୁଡ଼ା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ସକାଶେ ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ. ସି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟୁଷରେ ସମସ୍ତ ପୌରାଞ୍ଚଳରେ ରାମଧୂନ ପ୍ରଚାର, ସକାଳ ୮ଟା ୩୦ରେ ମନମୋହନ ପଡ଼ିଆଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବାକୁ ସ୍ଥିର କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, କୁଇଜ, ଦେଶାତ୍ମବୋଧ କବିତା ଆବୃତ୍ତି ଆଦି ପ୍ରତିଯୋଗିତା ଆୟୋଜନ ହେବ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ଅମାତ ଧନ୍ୟବାଦ ଦେଇଥିଲେ।

# ବିମାନ ବନ୍ଦର ଥାନା ଲୋକାର୍ପିତ

**ଝାରସୁଗୁଡ଼ା ଅଫିସ,୯।୧:** ଝାରସୁଗୁଡା ଜିଲାର ତାଳପଟିଆ ଫାଣ୍ଡିକୁ ଅପ୍‌ଗ୍ରେଡେଶନ କରାଯାଇ ବିମାନ ବନ୍ଦର ଥାନା ଭାବେ ଘୋଷଣା କରାଯାଇଛି। ଏହି ନୂତନ ଥାନାକୁ ମୁଖ୍ୟମନ୍ତ୍ରୀ ଭିସି ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଜିଲାପାଳ ସରୋଜ କୁମାର ସାମଲ,ଏସ୍‌ପି ରାହୁଲ ଜୈନ,ଡିଏଫ୍‌ଓ ଲଳିତ ପାତ୍ର, ଏୟାରପୋର୍ଟ ଡାଇରେକ୍ଟର ପବନ କୁମାର ଜୁତ୍‌ସି, ଅତିରିକ୍ତ ଏସ୍‌ପି କେଶବ ଚନ୍ଦ୍ର ବେହେରା, ଲମ୍ବୋଦର ବୁଡା, ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଗୁପ୍ତେଶ୍ୱର ଭୋଇ, ଆଇଆଇସି ଏସ୍ ଏସ୍ ଲୁଗୁନ, ଆଇଆଇସି ସାବିତ୍ରୀ ବଳ ପ୍ରମୁଖ ଉପସ୍ଥିତ ଥିଲେ। ବିମାନ ବନ୍ଦରର ଯାତ୍ରୀଙ୍କ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଏସ୍‌ପି ଜୈନ କହିଛନ୍ତି।



ଲୋକାର୍ପଣ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ଅନ୍ୟମାନେ।

GOVT. OF ODISHA
OFFICE OF THE PANCHAYAT SAMITI
BANKI-DAMPADA,CUTTACK
No.i-325: Email-ori-dampada@nic.in
'e'-procurement Notice No: - 01 /2022-23

1. Name of work : 1. Construction of Day Care Sub-Centre Cum Health & Wellness Centre at Bilipada 2.Construction of Day Care Sub-Centre Cum Health & Wellness Centre at Patapur
2. Total No. of works : 02 (Two) Nos. of works.
3. Tender Cost : Rs 2877222.00 For Each Work
4. Period of completion : 08 (Eight) Calendar Months
5. Other details as follows
(i) Procurement Officer : Block Development Officer, Banki-Dampada, Cuttack
(ii) Availability of Tender online for Bidding : 12.01.2023 from 10.00 A.M to 27.01.2023 up to 3.00 P.M.(Selling) 12.01.2023 from 10.00 A.M to 27.01.2023 up to 5.00 P.M.(Submission)
(iii) Date, Time & Venue of opening of Bid through Online : Dtd.30.01.2023-11.30 A.M. in the Office of the Panchayat Samiti, Banki-Dampada
(iv) Date of Transparent Lottery to be Conducted (if required) : On 06.02.2023 at 11.30 A.M in the office Chamber of Block Development Officer, Banki-Dampada, Cuttack (Bidders shall furnish their present e-mail id, address and Telephone No. for further correspondence)

Further details can be seen from the Govt. website www.tendersodisha.gov.in.

Block Development Officer
Banki-Dampada, Cuttack
OIPR-19291/11/0001/2223

Apply Online for 2022-23
ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ
ଓଡ଼ିଶା କୃଷି ଶିଳ୍ପ ନିଗମ
ଜଳନିଧି-୨ ଯୋଜନା ଅନ୍ତର୍ଗତ
କ୍ଷୁଦ୍ର ଉଠା ଜଳସେଚ କାର୍ଯ୍ୟକ୍ରମ ୨୦୨୨-୨୩
Cluster Micro River Lift Irrigation Projects

No.CAD:– ଓଡ଼ିଶା ସରକାର, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତଥା ଓଡ଼ିଶା କୃଷି ଶିଳ୍ପ ନିଗମ ଜରିଆରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ବିଭିନ୍ନ ବ୍ଲକରେ ଜଳ ଉତ୍ସ ଯଥା– ନଦୀ, ନାଳ, ଆଡ଼ିବନ୍ଧ (Check Dam)ର ଉପର ମୁଣ୍ଡ ଇତ୍ୟାଦିରେ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରିଆସୁଅଛି । ଏହି ଯୋଜନାରେ ଚାଷୀମାନଙ୍କୁ ଏକକ ମାଲିକାନା ଭିତ୍ତିରେ ଗୋଟିଏ ପମ୍ପ, ପମ୍ପ ପିଣ୍ଡି, ପ୍ୟାନେଲ, ପାଇପ, କ୍ଷୁଦ୍ର ଜଳସିଂଚନ ଉପକରଣ ଓ ବିଦ୍ୟୁତ୍ ସଂଯୋଗ ସ୍ୱତନ୍ତ୍ର ସବ୍‌ଷ୍ଟେଶନ ମାଧ୍ୟମରେ ଦିଆଯାଇ ସମ୍ପୂର୍ଣ୍ଣ ପ୍ରକଳ୍ପ ଗଠିତ କରାଯାଉଅଛି । ଆବେଦନକାରୀ ଚାଷୀ ୨୦,୦୦୦/– ଟଙ୍କା ମାତ୍ର ବହନ କରିବେ । ଚାଷୀ ଆବେଦନ ପଞ୍ଜୀକରଣ ଆସନ୍ତା ତା୧୦।୦୧।୨୦୨୩ରିଖରୁ ଆରମ୍ଭ ହେବ ।
OIPR-01047/11/0044/2223

GOVERNMENT OF ODISHA
OFFICE OF THE ENGINEER-IN-CHIEF
RURAL WATER SUPPLY AND SANITATION
Jal O Parimal Bhawan, Unit - V, Bhubaneswar - 751001
REQUIRES QUALIFIED ENGINEERS FOR THE FOLLOWING POSITIONS

No. O-1568: RWS&S, Odisha invites applications from competent and qualified engineers for the below mentioned positions on contractual basis for a maximum period of 2 years (which can be extended to 3 years) in the Design & Review Cell of Office of EIC, RWS&S, Bhubaneswar. To apply email your resume to **rwsspositions@gmail.com** latest by 27th January 2023. The results will be published on **https://panchayat.odisha.gov.in**. Only shortlisted candidates will be invited for a personal interview.

| Position | Qualification & Experience | No. of Posts | Remuneration/ Month/ Person |
|---|---|---|---|
| Structural Engineer | Bachelor of Technology in Civil Engineering from reputed institute with minimum of 05 years of experience in Detail Engineering, design & analysis of water retaining structures in water supply projects, RCC structures & steel structures. (Computer Aided Software knowledge like **STAAD PRO/ETABS** is required) | 04 | Rs.90000/- |
| Hydraulics Expert | Bachelor of Technology in Civil/Mechanical Engineering from reputed institute with minimum of 05 years of experience in Detail Engineering and Design review for water & waste water facilities, pumping system and distribution network. (Computer Aided Software knowledge like **WATER GEMS** is requried.) | 03 | Rs.90000/- |

Eligibility conditions for retired Government Servants as per GA Deptt. Resolution 23750-GAD-SC-REMP-0002/2014/Gen.]: officers who have retired from Government Service on attaining the age of superannuation and below the age of sixty-five years having good service records and are physically fit shall be eligible to be considered for re-employment.

Sd./- Engineer-in-Chief, RWS&S, Odisha
OIPR-25003/11/0025/2223

OFFICE OF THE PRINCIPAL
COLLEGE OF PHARMACEUTICAL SCIENCES
BERHAMPUR, AT/PO:MOHUDA (GANJAM),PIN:760002
PHONE No. 0680-2260758, MOBILE NO. 9861084994
No. CPS/OS/ 1315/2022-23 Date : 05/01/2023

NOTICE

As per the notification No. 4658 / OSBP Dated. 30.12.2022 of OSBP, Bhubaneswar, this is to inform all the students admitted in "COLLEGE OF PHARMACEUTICAL SCIENCES", BERHAMPUR for D. PHARM under OSBP before 2019 that they can appear the forthcoming examinations to clear the back papers, if any. In this connection, those students are directed to submit the application in the college with related documents within 15 days of publication of this notice.

The details of such students after verification will be sent to OSBP, Bhubaneswar for incorporation in the OSBP portal.

No further application in this regard will be entertained by OSBP afterwards.

Sd./- PRINCIPAL

OFFICE OF THE EXECUTIVE ENGINEER
P.H. DIVISION, KORAPUT
No.C-2250:
Tel/Fax-06852-250740, e-mail-eephkrp@nic.in, eephkrp@gmail.com
GOVERNMENT OF ODISHA "e" procurement Notice
e-procurement Notice for 2022-23
Bid Identification No.EE,P.H.KPT-19 of 2022-23 Dt.06.01.2023

1. No. of the works : 1 no.
2. Estimated Cost : Rs.251.75 lakh (Approx.)
3. Period of completion : 8 months
4. Date & time of availability of bid document in the portal : From 11.00 A.M. of 13.01.2023 to 05.00 P.M. of 24.01.2023
5. Last date / time of receipt of bids in the portal : 05.00 P.M. of 24.01.2023
6. Date & time of opening of bids : 11.00 A.M. of 25.01.2023
8. Name and address of the Officer Inviting Bid : Executive Engineer, P.H. Division, Koraput

Further details can be seen from the e-Procurement portal "https://www.tendersodisha.gov.in".

Sd./- (Er. Chiranjibi Mahali)
Executive Engineer
P.H.Division, Koraput
OIPR-13008/11/0027/2223

GOVERNMENT OF ODISHA No.A-991:
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KANDHAMAL
e-Procurement Notice
BID IDENTIFICATION NO-06/2022-23
Letter No- 2825 Dt- 28/12/2022

Name of Work : Repair, Renovation & Restoration (RRR) of MIPs in Kandhamal district under PMKSY-HKKP during the year 2022-23.
No. Works : 04 (four) Nos.
Estimated Cost : Varies from Rs. 41.52 lakh & Rs.27.69 lakh Approximately
Tender Paper Cost : Rs.6000.00 (Non- refundable)
Period of Completion : 180 (one hundred eighty days) only.
Availability of Bid documents : From 10.00 AM of 11.01.2023 to 16.00 hrs of 24.01.2023 in website (www.tendersodisha.gov.in)
Time of receipt of bid through online : From 10.00 AM of 11.01.2023 to 16.00 hrs of 24.01.2023 through online
Date of opening of bid documents : At 11.00 hrs of 25.01.2023 in the O/O E.E., K.M.I. Division, Phulbani
Digital signature certificate : The bidder must possess compatible digital signature certificate (DSC) of class II or class-III

The detail tender call notice can also be seen in the DOWR website http/dowrorissa.gov.in. Name and address of the OIT:- Superintending Engineer, M.I. Division, Kandhamal, Ph.No.06842-253634, Fax:-06842-253816, E-mail: **kmidplb@gmail.com**. Further details can be seen from the e-procurement market place, http//www.tendersodisha.gov.in.

Sd./- (Er.Sunil Kumar Tripathy)
Superintending Engineer
M.I.Division, Kandhamal
OIPR-32040/11/0007/2223

See Career Appointment on every Wednesday & Saturday

## ସଂକ୍ଷେପରେ

### ଯୋଗାଣ ବିଭାଗ ଚଢ଼ାଉ, ୨୮୧ ବସ୍ତା ଧାନ ଜବତ

ଲୋଇସିଂହା, ୯।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା ଗ୍ରାମରେ ଯୋଗାଣ ବିଭାଗ ସୋମବାର ଚଢାଉ କରି ଜଣଙ୍କ ଦୋଦାମରୁ ବେଆଇନ ଗଚ୍ଛିତ ୨୮୧ ବସ୍ତା ଧାନ ଜବତ କରିଛି। ଡୁଡୁକା ଗ୍ରାମର ଧାନ ବେପାରୀ ଲକ୍ଷ୍ମୀକାନ୍ତ ପଟେଲଙ୍କ ଗୋଦାମରେ ବେଆଇନ ଗଛିତ ଧାନ ଚାଲାଣ ପାଇଁ ରଖା ଯାଇଥିବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଶରତ ରାଉତ, ବ୍ଲକ ଯୋଗାଣ ନିରୀକ୍ଷକ ଦାୟିତ୍ୱରେ ଥିବା ସୌମ୍ୟରଞ୍ଜନ ମହାନନ୍ଦ ଡୁଡୁକା ହାଇସ୍କୁଲ ନିକଟରେ ଥିବା ପଟେଲଙ୍କ ଗୋଦାମରେ ଚଢାଉ କରିଥିଲେ। ଗୋଦାମରେ ୮୩୬ ବସ୍ତା ଧାନ ଥିବା ଜାଣିବାକୁ ପାଇଥିଲେ ଅଧିକାରୀ । ସେଥିରୁ ୫୨୫ ବସ୍ତାର ଟୋକନ ଦେଖାଇ ପାରିଥିଲେ ଦୋଦାମ ମାଲିକ ପଟେଲ । ବଳକା ୨୮୧ ବସ୍ତା ଧାନକୁ ଯୋଗାଣ ବିଭାଗ ପକ୍ଷରୁ ଜବତ କରାଯାଇଥିବା ଯୋଗାଣ ନିରୀକ୍ଷକ ମହାନନ୍ଦ କହିଛନ୍ତି।

### ପୁଷ୍ପୁନି ଭେଟ୍‌ଘାଟ୍

ସଇଁତଳା, ୯।୧(ଡି.ଏନ.ଏ.)
ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଘୁନସର ଦୁର୍ଗାମଣ୍ଡପରେ ଅରବିନ୍ଦ ଯୁବକ ସଂଘ ଆନୁକୂଲ୍ୟରେ ପୁଷପୁନି ଭେଟ୍‌ଘାଟ ସୋମବାର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡିର ଘୁମୁରା ଷ୍ଟୁଡ଼ିଓ ଏବଂ ଅଜିତ ସାହୁଙ୍କ ପ୍ରଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ସଦସ୍ୟମାନେ ସ୍ଥାନୀୟ ଚଣ୍ଡି ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟ ଅତିଥି, ଶତରୂପା ସାମନ୍ତରାୟ ମୁଖ୍ୟବକ୍ତା, ବ୍ଲକ ଉପାଧ୍ୟକ୍ଷ ଗୁଣ ସାଗର ମାଝି, ଜିଲା ପରିଷଦ ସଦସ୍ୟା ରୀତାରାଣୀ ହାତୀ, ପ୍ରମୋଦ ଭୋଇ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। ଯୁବକ ସଂଘ ସଭାପତି ପ୍ରେମାନନ୍ଦ ବାଗ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କଣ୍ଠଶିଳ୍ପୀ ପଙ୍କଜ ଜାଲ ସଙ୍ଗୀତ ପରିବେଷଣ କରିଥିଲେ। ପଶ୍ଚିମ ଓଡ଼ିଶାର କମେଡ଼ି କିଙ୍ଗ ଯୋଗେଶ ଜୋଜୋ କମେଡ଼ି ଦ୍ୱାରା ଦର୍ଶକଙ୍କ ମନ ମୋହିଥିଲେ। ଏହି ଅବସରରେ ଶିକ୍ଷାବିତ୍, ପରିବେଶପ୍ରେମୀ ତଥା ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନୀତ କରାଯାଇଥିଲା।

# ଟଙ୍କା ଜମା କରି ଚାଷୀ ହତାଶ

ଲୋଇସିଂହା , ୯।୧(ଡି.ଏନ.ଏ.)


ଜିଲାପାଳ ଏବଂ ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟକୁ ଆସିଥିବା ଚାଷୀ।

**ଉଠା ଜଳସେଚନ ବିଭାଗର ଉଦାସୀନତା**
- ଗଭୀର ନଳକୂପ ପାଇଁ ଟଙ୍କା ଜମା କରିଥିଲେ ୫୬ଚାଷୀ
- ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ
- ଟେଣ୍ଡର ହୋଇ ନ ଥିବାରୁ ଖନନ ହୋଇ ପାରିନି: ବିଭାଗୀୟ ଯନ୍ତ୍ରୀ

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ ପଣ୍ଡକିଟାଲ, ଛାଏଛାପର ଓ କରକଚିଆ ଗ୍ରାମର ୫୬ ଚାଷୀ ଗଭୀର ନଳକୂପ ଖନନ ପାଇଁ ୨୦୨୦ ମସିହାରୁ ଟଙ୍କା ପୈଠ କରିଛନ୍ତି। ହେଲେ ଉଠାଜଳସେଚନ ବିଭାଗ ଚାଷୀଙ୍କୁ ପ୍ରତାରଣା କରି ଆସୁଛି। ଏହାର ପ୍ରତିବାଦ କରି ସୋମବାର ସମ୍ପୃକ୍ତ ଚାଷୀମାନେ ଜିଲାପାଳ ଚଞ୍ଚଳ ରଣାଙ୍କ ନିକଟରେ ଫେରଦା ହୋଇଥିଲେ। ଏଥିସହ ସେମାନେ ଉଠା ଜଳସେଚନ ବିଭାଗର ମଧ ଦ୍ୱାରସ୍ଥ ହୋଇଥିଲେ। ଟେଣ୍ଡର ପ୍ରକ୍ରିୟା ହୋଇ ନ ଥିବାରୁ ନଳକୂପ ଖନନ ହୋଇ ପାରି ନ ଥିବା ବିଭାଗୀୟ ଯନ୍ତ୍ରୀ ସତ୍ୟବାନ ଜେନା ଚାଷୀଙ୍କୁ କହି ଆଶ୍ୱାସନା ଦେଇଥିଲେ। ଇତିମଧ୍ୟରେ ୩ବର୍ଷ ବିତି ଯାଇଥିବାରୁ ଯନ୍ତ୍ରୀଙ୍କ କଥାକୁ ବିଶ୍ୱାସ କରି ପାରୁନାହାନ୍ତି ଚାଷୀ।

୨୦୨୦ ମସିହାରେ ଉଠା ଜଳସେଚନ ବିଭାଗ ପକ୍ଷରୁ ଆଗଲପୁର ବ୍ଲକରେ ଗଭୀର ନଳକୂପ ଖନନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବ୍ଲକ ଅଧୀନ ବଡଟିକା ପଞ୍ଚାୟତ ଛାଏଛାପର ଗ୍ରାମର ଉଦ୍ଧବ ସାହୁ, ଦଶରଥ ସାହୁ, ଜୟଦେବ ସାହୁଙ୍କ ପରି ୨୫ ଜଣ ଚାଷୀ ୟୁନିୟନ ବ୍ୟାଙ୍କରେ ୨୦ ହଜାର ଟଙ୍କା ଜମା କରିଛନ୍ତି। ସେହିପରି କରକଚିଆ ଗ୍ରାମର କାମଦେବ ବାରିକ, ପ୍ରେମାନନ୍ଦ ଗଡତ୍ୟା, ଗୋବର୍ଦ୍ଧନ ଧରୁଆ, ଅକ୍ଷୟ ଧରୁଆ, ଶିବ ପଧାନଙ୍କ ସମେତ ୧୨ ଜଣ ଚାଷୀ, ଝରଣୀପାଲି ପଞ୍ଚାୟତ ପଣ୍ଡକିଟାଲର ବିଶା ଗଡତ୍ୟା ଓ ଜୟନ୍ତ ପଧାନଙ୍କ ସମେତ ୯ ଜଣ ଚାଷୀ ଗଭୀର ନଳକୂପ ଖନନ ପାଇଁ ଟଙ୍କା ପୈଠ କରିଛନ୍ତି। ଦୀର୍ଘ ସମୟ ବିତି ଯାଇଥିଲେ ବି ଜମିରେ ନଳକୂପ ଖନନ କରାଯାଇନାହିଁ। ଏଥିଯୋଗୁ ଖରିଫ ସମୟରେ ପାଣି ଅଭାବରୁ ମରୁଡି ଏବଂ ରବି ଚାଷ କରିବାରୁ ବଞ୍ଚିତ ହେଉଛନ୍ତି ସମ୍ପୃକ୍ତ ଚାଷୀ। ଟଙ୍କା ପୈଠ ଦିନଠାରୁ ପ୍ରତି ବର୍ଷ ବିଭାଗର ଦ୍ୱାରସ୍ଥ ହେଲେ ମଧ୍ୟ ସୁଫଳ ମିଳୁନାହିଁ। ଖରିଫ ଅମଳ ପରେ ରବି ଚାଷ ପ୍ରସ୍ତୁତି କରୁଛନ୍ତି ଚାଷୀ। ହେଲେ ଚଳିତ ବର୍ଷ ମଧ ସମ୍ପୃକ୍ତ ଚାଷୀଙ୍କ ଜମିରେ ନଳକୂପ ଖନନ ହୋଇନାହିଁ। ପାଣି ଅଭାବରୁ ଚାଷୀମାନେ ରବିଚାଷ କ୍ଷତିଗ୍ରସ୍ତ ଆଶଙ୍କା କରିଛନ୍ତି। ଏ ସମ୍ପର୍କରେ ଯନ୍ତ୍ରୀ ସତ୍ୟବାନ ଜେନା କହିଛନ୍ତି, ଜିଲାର ଆଗଲପୁର ଓ ପୁଇଁତଳାକୁ ବାଦ ଦେଇ ସବୁଠି ଗଭୀର ନଳକୂପ ଖନନ ସରିଛି। ଦୁଇ ସପ୍ତାହ ମଧ୍ୟରେ ସେଠାରେ ପ୍ରକ୍ରିୟା ଆରମ୍ଭ ହୋଇଯିବ। ଏହା ଭୁବନେଶ୍ୱରରୁ ହୋଇଥାଏ। ଚାଷୀ ଜମା କରିଥିବା ଟଙ୍କା କେହି ଖାଇ ପାରିବେ ନାହିଁ। ଯଦି ବି ନଳକୂପ ନହେବ ସେମାନେ ଟଙ୍କା ଫେରି ପାଇବେ ବୋଲି ସେ କହିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ନିପନ


@ ଅନନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପଞ୍ଚାୟତ ଅଫିସ ଘେରାଉ ଚେତାବନୀ

ଲୋଇସିଂହା,୯।୧(ଡି.ଏନ.ଏ)

**ଗୋଦାମ ଘରୁ ପିଡିଏସ୍ ସାମଗ୍ରୀ ଚୋରି ଘଟଣା**

ଆଗଲପୁର ବ୍ଲକ ମୁଷୁଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ଗୋଦାମ ଘର ତାଲା କାଟି ଦୁର୍ବୃତ୍ତ ଜାନୁୟାରୀ ୨ରାତିରେ ପିଡିଏସ ଚାଉଳ ଚୋରି କରି ନେଇଥିଲେ । ଏହା ପରଠାରୁ ପଞ୍ଚାୟତର ହିତାଧିକାରୀ ପିଡିଏସ୍ ପାଇବାରୁ ବଞ୍ଚିତ ଅଛନ୍ତି। ସୋମବାର କେତେକ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟ ଯାଇ ସପ୍ତାହକ ମଧ୍ୟରେ ପିଡିଏସ୍ ବଣ୍ଟନ ନକଲେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ପଞ୍ଚାୟତ ଅଧୀନ ଅସୁରମୁଣ୍ଡା ଗ୍ରାମର ହିତାଧିକାରୀ ବକଟି ପଞ୍ଚାୟତରୁ (ପୂର୍ବ ପଞ୍ଚାୟତ)ରୁ ପିଡିଏସ୍ ପାଇଥାନ୍ତି। ମୁରଷୁଣ୍ଡି ଓ ହରଭଙ୍ଗାର ପ୍ରାୟ ୮ ଶହ ହିତାଧିକାରୀ ପଞ୍ଚାୟତରୁ ପିଡିଏସ୍ ସଂଗ୍ରହ କରିଥାନ୍ତି। ତେବେ ଗତ ନଭେମ୍ବର ଓ ଡିସେମ୍ବର ୨ ମାସର ଫ୍ରି ଏବଂ ଗୋଟିଏ ମାସର ଟଙ୍କା ଦିଆ ଚାଉଳ ପଞ୍ଚାୟତକୁ ଯୋଗାଣ ହୋଇଥିଲା। ହେଲେ ଗତ ୨ ତାରିଖରେ ପଞ୍ଚାୟତ ପରିସର ଗୋଦାମରୁ ୧ ଶହ ପ୍ୟାକେଟ ପିଡିଏସ ଚାଉଳ ଚୋରି ହୋଇଥିବା ନେଇ ଯୋଗାଣ ସହାୟକ ରୋହିତ ସେଠ ସାଲେଭଟା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଅନୁସନ୍ଧାନ କରିଥିଲେ ବି ଚୋରଙ୍କ ଟେର ପାଇନାହିଁ । ଯୋଗାଣ ସହାୟକ କହିଛନ୍ତି, ପ୍ରାୟ ଆଉ ୫ ଶହ ହିତାଧିକାରୀ ପିଡିଏସ ସାମଗ୍ରୀ ପାଇବାକୁ ବାକି ଅଛି। ବିଡିଓଙ୍କ ସହ ଆଲୋଚନା ପରେ ପିଡିଏସ ବଣ୍ଟନ ହେବ ବୋଲି ସେ କହିଥିଲେ ।

## ଜନ୍ମ, ମୃତ୍ୟୁ ପ୍ରମାଣ ପତ୍ର ପାଇଁ ହଟହଟା

ଲାଠୋର, ୯।୧(ଡି.ଏନ.ଏ.)
ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମ, ମୃତ୍ୟୁ ପଞ୍ଜୀକରଣ ତଥ୍ୟ ଗାଏବ ହୋଇ ଯାଉଛି। ଏଥିଯୋଗୁଁ ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ପାଇବାରେ ସାଧାରଣ ଲୋକ ନାନା ପ୍ରକାର ହଇରାଣ ହରକତ ହେଉଛନ୍ତି। ଅଯଥାରେ ସେମାନଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଥିବା କରୁଆଝର ପଞ୍ଚାୟତ ଅଧୀନ ସାନଗୁର୍ଜିଭଟା ଗ୍ରାମର ସୁରେଶ କୁମୁରା ଅଭିଯୋଗ କରିଛନ୍ତି। ୨୦୨୧ ସେପ୍ଟେମ୍ବର ୧୮ରେ ସୁରେଶଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କ ପ୍ରଥମ ସନ୍ତାନ ପ୍ରସବ ସୁନାମୁଦି ଉପସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିଲା। ସେଠାରେ ମହିଳା ସ୍ୱାସ୍ଥ୍ୟକର୍ମୀ ଲକ୍ଷ୍ମୀଙ୍କର ପ୍ରସବ କରାଇଥିଲେ। ଏ ନେଇ ସେ ସମସ୍ତ ତଥ୍ୟ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସେ ସମୟରେ ପ୍ରଦାନ କରିଥିଲେ। ୧୦ ଦିନ ତଳେ ସୁରେଶ ନିଜ ପୁଅ ଗୁଲସନ କୁମୁରାଙ୍କ ଜନ୍ମ ପ୍ରମାଣ ପତ୍ର ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ହେଲେ ଦାୟିତ୍ୱରେ ଥିବା କର୍ମଚାରୀ ତୁମ ପୁଅର ଜନ୍ମ ସମ୍ବନ୍ଧୀୟ କୌଣସି ତଥ୍ୟ ସୁନାମୁଦି ଉପସ୍ୱାସ୍ଥ୍ୟକେନ୍ଦ୍ରରୁ ହସ୍ତଗତ ହୋଇ ନ ଥିବାରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇ ପାରିବ ନାହିଁ କହି ଏକ ନନ ଏଭିଲିଟି ସାର୍ଟିଫିକଟ ପ୍ରଦାନ କରିଥିଲେ। ଏଣୁ ପ୍ରମାଣପତ୍ର ପାଇଁ ତହସିଲ ଅଫିସରେ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ସୁରେଶ ସହସିଲ ଅଫିସକୁ ଯାଇ ଆବେଦନ କରିଥିଲେ ହେଁ ଆଜିଯାଏ ପୁଅର ଜନ୍ମ ପ୍ରମାଣ ପତ୍ର ପାଇନାହାନ୍ତି। ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ଜରୁରୀ ହୋଇଥିଲେ ହେଁ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁଁ ଲାକେ ଅଯଥାରେ ହଇରାଣ ହରକତ ହେବା ସହ ଖର୍ଚ୍ଚାନ୍ତରେ ପଡୁଛନ୍ତି। ସୁନାମୁଦି ଉପ ସ୍ୱାସ୍ଥ୍ୟକେନ୍ଦ୍ର ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ଭୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆବଶ୍ୟକ ତଥ୍ୟ ପ୍ରଦାନ କରିଛି ବୋଲି କହିଥିଲେ। ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ା.ସୁରଜ କୁମାର ଦୀପଙ୍କୁ ପଚାରିବାରେ ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବି ବୋଲି କହିଥିଲେ।

## ମାଣ୍ଡିଆ କ୍ରୟକେନ୍ଦ୍ର ଉଦ୍‌ଘାଟିତ


ମାଣ୍ଡିଆ କ୍ରୟ କେନ୍ଦ୍ରକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

ଖପ୍ରାଖୋଲ, ୯।୧(ଡି.ଏନ.ଏ.)
ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲିଠାରେ ଖପ୍ରାଖୋଲ କୃଷକ ପ୍ରଡ୍ୟୁସର କମ୍ପାନୀ ତରଫରୁ ମାଣ୍ଡିଆ କ୍ରୟ କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ, ଉପାଧକ୍ଷ ସୁଖୀରାମ ସାଣ୍ଡ, ବିଧାୟକ ପ୍ରତିନିଧି ରମେଶ ପ୍ରଧାନ,ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା, ବ୍ଲକ କୃଷି ଅଧିକାରୀ ଡମ୍ବରୁ ମେହେର ଯୋଗ ଦେଇଥିଲେ। ପ୍ରଥମ ଦିନ ୯ଜଣ ଚାଷୀଙ୍କଠାରୁ ୩୨କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଥିଲା। ଏହି ଅବସରରେରେ ଅନ୍ୟମାନଙ୍କ ମଧରେ ଖପ୍ରାଖୋଲ କୃଷକ ପ୍ରଡ୍ୟୁସର କମ୍ପାନୀ କାର୍ଯ୍ୟନିର୍ବାହୀ ଅଧିକାରୀ ଗଣେଶ ବନଛୋର, ବ୍ଲକ ସଂଯୋଜକ ହେମବତୀ ନନ୍ଦନ ବେହେରା, ଉମେଶ ଗୁପ୍ତା, ପ୍ରଶାନ୍ତ ବୁଡ଼େକ, ଫକୀର ସାହୁ, ବାସନ୍ତୀ ମୁଣ୍ଡା, ରାକେଶ ବେହେରା, ସଦାନନ୍ଦ ବାଗ, ପୁରନ୍ଦର ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।

## ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ସଇଁତଳା, ୯।୧(ଡି.ଏନ.ଏ.)



ବାର୍ଷିକ ଉତ୍ସବ ସଭାରେ ମଞ୍ଚାସୀନ ଅତିଥିମାନେ।

ବଲାଙ୍ଗୀର ଜିଲା ସଇଁତଳା ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଟୁକୁନୀ ସାହୁ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଉପଜିଲାପାଳ ଦୟାମୟ ପାଢ଼ୀ, ସଇଁତଳା ବିଡ଼ିଓ ଚନ୍ଦ୍ରମଣୀ ନାଗ, ତହସିଲଦାର ମନସଫିଲ କେରକେଟା, ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ଅତିରିକ୍ତ ମଙ୍ଗଳ ଅଧିକାରୀ ଗୁରୁଚରଣ ଦାସ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗୀତା, ଗତ ଦୁଇ ବର୍ଷ ହେଲା ଦଶମ ଶ୍ରେଣୀରେ ଶତ ପ୍ରତିଶତ ପାସ୍‌ହାରକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ମନ୍ତ୍ରୀ ସାହୁ ନିଜ ଅଭିଭାଷଣରେ ପାଠ ପଢ଼ି ନିଜ ଭବିଷ୍ୟତକୁ ସଠିକ ଭାବରେ ଗଢ଼ି ତୋଳିବାକୁ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ। ସ୍କୁଲର ଖେଳ ପଡ଼ିଆ ପାଇଁ ଆବଶ୍ୟକ ଜମି ଓ ଅନୁଦାନ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତିଦେଇଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ଦେଇ ମଞ୍ଚ ପରିଚାଳନା କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନର୍ଲା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ

କର୍ଲାମୁଣ୍ଡା,୯।୧(ଡି.ଏନ.ଏ.)



ବିଧାୟକ ଭୂପିନ୍ଦର ସିଂ ଉଦ୍‌ବୋଧନ ଦେଉଛନ୍ତି।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଶୈବ ପୀଠରେ ସୋମବାର ବିଜେଡି ପକ୍ଷରୁ ନର୍ଲା ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନର୍ଲା ବିଧାୟକ ଭୁପିନ୍ଦର ସିଂଙ୍କ ସଭାପତିତ୍ୱରେ ଜିଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ୍ୟା କୁନି ସାହୁ, କର୍ଲାମୁଣ୍ଡା ବ୍ଲକ କ ଜୋନ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଜିଲା ବିଜେଡି ଉପ ସଭାପତି ଜାକିର ହୁସେନ, ଯୁବ ବିଜେଡି ଜିଲା ସଭାପତି ଆଦିତ୍ୟ ନନ୍ଦ, ଛାତ୍ର ବିଜେଡି ଜିଲା ସଭାପତି ଅଜିତ କୁମାର ସାହୁ, କର୍ଲାମୁଣ୍ଡା ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ସାହୁ, କର୍ଲାମୁଣ୍ଡା ମହିଳା ବିଜେଡି ସଭାପତି ରତ୍ନୁ ରାଣୀ ନାଗ, କର୍ଲାମୁଣ୍ଡା ବ୍ଲକ ଯୁବ ବିଜେଡି ସଭାପତି ସଙ୍ଗୀତ ଭୋଇ, ଛାତ୍ର ସଭାପତି ସଲିମ ଶେଖର ରଣା, ବିଜେଡି ମହିଳା ରାଜ୍ୟକାର୍ଯ୍ୟ କାରିଣୀ ସଦସ୍ୟ ସେବତୀ ରଣା, ମ.ରାମପୁର ବିଜେଡି ବ୍ଲକ ସଭାପତି ଗୋବିନ୍ଦ ଶତପଥୀ, ନର୍ଲା ବ୍ଲକ ବିଜେଡି ସଭାପତି ପରେସ ପଧାନ, ଜିଲା ବିଜେଡି ସମ୍ପାଦକ ସନ୍ତୋଷ ଶର୍ମା, ଶ୍ରୀନିବାସ ମିଶ୍ରଙ୍କ ସମେତ ସମସ୍ତ ବ୍ଲକର ବିଜେଡି ସଙ୍ଗଠନ ସଭାପତି, ସମସ୍ତ ଜିଲା ପରିଷଦ ସଭ୍ୟା/ସଭ୍ୟ ଯୋଗଦେଇଥିଲେ। ଦଳକୁ ଆହୁରି ମଜଭୁତ କରିବା ସହ ରାଜ୍ୟ ସରକାରଙ୍କ ଜନହିତକାରୀ ଯୋଜନା କିଭଳି ତଳସ୍ତର ପର୍ଯ୍ୟନ୍ତ ପହଞ୍ଚିବ, ସେ ଦିଗରେ ସମସ୍ତେ ଉଦ୍ୟମ କରିବାକୁ ମତ ପ୍ରକାଶ କରିଥିଲେ। ଏହି ଅବସରରେ କର୍ଲାମୁଣ୍ଡା ବ୍ଲକ ପୌରକେଲା ସରପଞ୍ଚ ଯଶୋଶ୍ୱିନୀ ଧରୁଆ, ରାଜପୁର ସରପଞ୍ଚ କୌଶଲ୍ୟା ରଣା ବିଜେଡିରେ ଯୋଗଦେଇଥିଲେ। ସଭା କାର୍ଯ୍ୟରେ ଭୋପାଳ ନାଗ ଓ ସତ୍ୟ ନାରାୟଣ ସାହୁ ସଂଯୋଜନା କରିଥିବା ବେଳେ ନର୍ଲା, ମ.ରାମପୁର, କର୍ଲାମୁଣ୍ଡା ଓ କେସିଙ୍ଗା ବ୍ଲକରୁ ଶତାଧିକ କର୍ମୀ ଯୋଗଦେଇଥିଲେ।

## ଥାନାରେ ପରିଣତ ହେଲା ଆଗଲପୁର ଫାଣ୍ଡି

ଲୋଇସିଂହା, ୯।୧(ଡି.ଏନ.ଏ)


ଆଗଲପୁର ଫାଣ୍ଡି ଥାନାରେ ପରିଣତ ହେବା ଅବସରରେ ମଞ୍ଚାସୀନ ଅତିଥିମାନେ।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନରେ ଥିବା ଆଗଲପୁର ଫାଣ୍ଡିଥାନାରେ ପରିଣତ ହୋଇଛି। ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଭିଡଓ କନଫରେନ୍ସରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଆଗଲପୁରରେ ଥାନା ହେବା ଦ୍ୱାରା ଲୋକେ ତ୍ୱରିତ ନ୍ୟାୟ ପାଇବେ, ଆପରାଧିକ କାର୍ଯ୍ୟ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏସ୍‌ପି ନୀତିନ କୁଶଲକର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଏଠାରେ ଜିଲାପାଳ ଚଞ୍ଚଳ ରାଣା, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବିଧାୟକ ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତାଞ୍ଜଳି ଦାଶ ଅତିଥି ଭାବେ ଯୋଗଦେଇଥିଲେ ।

## ଯୁବ ଯାଦବ ବୁଦ୍ଧିଜୀବୀ ମଞ୍ଚ ଗଠିତ

କଣ୍ଟାବାଞ୍ଜି, ୯।୧(ଡି.ଏନ.ଏ.)
ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରାଞ୍ଚଳ ଯୁବ ଯାଦବ ବୁଦ୍ଧିଜୀବୀ ମଞ୍ଚ ରବିବାର ଗଠିତ ହୋଇଛି। କଣ୍ଟାବାଞ୍ଜି ଉପକଣ୍ଠ କୁକୁଡାହାଡ ଗିରି ଗୋବର୍ଦ୍ଧନ ପୂଜା ମନ୍ଦିର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କଣ୍ଟାବାଞ୍ଜି ସହରାଞ୍ଚଳର ୧୬ ୱାର୍ଡରେ ବାସ କରୁଥିବା ଯୁବ ଯାଦବମାନେ ଉପସ୍ଥିତ ଥିଲେ। ଅନୁଷ୍ଠିତ ସଭାରେ ରାଜ୍ୟ ବୁଦ୍ଧିଜୀବୀ ମଞ୍ଚ ସଭାପତି ଛବିଳ ବରଗ୍ଡ, କାର୍ଯ୍ୟକାରୀ ସଭାପତି କବିରାଜ ପୋଡ, ରାଜ୍ୟ କନଭେନର ଧବଳେଶ୍ୱର ବାଗ, ରାଜ୍ୟ ପ୍ରକଳ୍ପ ସଭାପତି ଲକ୍ଷ୍ମଣ ବାଗ, ଜିଲା ଯାଦବ ସମାଜ ସଭାପତି ପରମାନନ୍ଦ ହାତୀ, ନଗର ସଭାପତି ଉଦ୍ଧବ ଘିଭେଲା, ଯୁବ ଯାଦବ ନଗର ସଭାପତି ବେଦବ୍ୟାସ ନାଗ, ଅଧାପକ ଗୁଣବନ୍ତ ଗୁପ୍ତ, ଉପଦେଷ୍ଟା ଘନଶ୍ୟାମ ଗହିରଙ୍କ ଉପସ୍ଥିତିରେ କଣ୍ଟାବାଞ୍ଜି ଶାଖା ଗଠିତ ହୋଇଥିଲା। ସର୍ବସମ୍ମତିକ୍ରମେ କଣ୍ଟାବାଞ୍ଜି ଶାଖା ସଭାପତି ଭାବେ ଧର୍ମାନନ୍ଦ ଯୁଏଡ, ସମ୍ପାଦକ ହୃଷିକେଶ ବାଗଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସଂଘର ୪ ଉପସଭାପତି ୪ଟି, ୪ ସମ୍ପାଦକ, କୋଷାଧକ୍ଷ ଓ କନଭେନର ପଦବୀ ସୃଷ୍ଟି କରାଯାଇଛି। ଗୁରୁଦୟାଲ ହଂସ ମଞ୍ଚ ପରିଚାଳନା କରିଥିଲେ।



ଯୁବ ଯାଦବ ବୁଦ୍ଧିଜୀବୀ ମଞ୍ଚ ଗଠନ ସଭାରେ ମଞ୍ଚାସୀନ ଅତିଥି।

## ଜିତା ବାଳିକା, ସୁରେନ୍ଦ୍ର ବାଳକ ଚାମ୍ପିୟନ

ଟିଟିଲାଗଡ଼, ୯।୧(ଡି.ଏନ.ଏ.)

**ଆନ୍ତଃ ମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା**

ବଲାଙ୍ଗୀର ଜିଲ ଟିଟିଲାଗଡ଼ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ପ୍ରଥମ ଆନ୍ତଃ ମହାବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୨୨ମହାବିଦ୍ୟାଳୟର ୨୧୬ ଛାତ୍ରୀଛାତ୍ର ଏହି କ୍ରୀଡାପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, ଶଟପୁଟ, ଡିସ୍‌କସ୍, ଜାଭେଲିନ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସବୁ ଖେଳଗୁଡିକୁ ୮ଜଣ ଖେଳ ଶିକ୍ଷକ ପରିଚାଳନା କରିଥିଲେ। ବାଳିକା ବିଭାଗରେ ସିଣ୍ଡୋଲ କଲେଜର ଜିତା ପାତ୍ର ଓ ବାଳକ ବିଭାଗରେ ପି.ସି ଡିଗ୍ରୀ କଲେଜର ସୁରେନ୍ଦ୍ର ମଲ୍ଲିକ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଦୀପକ କୁମାର ସାହୁ, ପରିଚାଳନା କମିଟି ଅଧକ୍ଷ ଡ଼ ଦୋଳଗୋବିନ୍ଦ ବିଶି, ଅଧକ୍ଷ ମେଜର ଡ଼ ମଧୁସୂଦନ ମିଶ୍ର, ଯୁକ୍ତ ୨ ଅଧକ୍ଷ ପ୍ରଣବ ପୁରୋହିତ, ଆଥଲେଟିକ ସଂଘ ଉପସଭାପତି ଡ଼ ରମାକାନ୍ତ ବେହେରା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ତରଫରୁ ଜେଭିଅର ଖେସ, ଦେବବ୍ରତ ଦଣ୍ଡସେନା ଓ ଦିପ୍ତିମୟୀ ନାୟକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ ।


ବାଳିକା ଓ ବାଳକ ବିଭାଗ ଚାମ୍ପିୟନଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ୫୯୨ ଏସ୍ଏଚ୍ଜି ସୁଧ ଫେରସ୍ତ ପାଇବେ

ତରଭା, ୯।୧(ଡି.ଏନ.ଏ.): ଓଡିଶା ସରକାରଙ୍କ ମହିଳା ସଶକ୍ତି ବିଭାଗ ଏସ୍ଏଚ୍ଜି ଗୋଷ୍ଠୀ ନେଇଥିବା ଋଣ ଉପରୁ ସୁଧ ଫେରସ୍ତ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ୫୯୨ଟି ଏସ୍ଏଚ୍ଜି ଉପକୃତ ହେବେ। ଏହି ୫୯୨ ଗୋଷ୍ଠୀଙ୍କୁ ୧୮ଲକ୍ଷ ୪୧ ହଜାର ୬୩୨ଟଙ୍କା ସୁଧ ଫେରସ୍ତ କରାଯିବ। ସୋମବାର ଏହି ଯୋଜନାର ଶୁଭାରମ୍ଭ ଭୁବନେଶ୍ୱର କନଭେନସନ ସେଣ୍ଟରରେ ହୋଇଥିଲା। ଏଥିରେ ତରଭା ବ୍ଲକ ଝାରତରଭା ମା' ଜଗଦମ୍ବା ଏସ୍ଏଚ୍ଜିର କବିତା ବଡ଼ଚାଟ ଯୋଗଦେଇ ସୁଧ ଫେରସ୍ତ ବାବଦକୁ ୨୪ହଜାର ୬୪୮ଟଙ୍କାର ଚେକ ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କଠାରୁ ଗ୍ରହଣ କରିଥିଲେ। ସେହି ଝାରତରଭାର ମା' ମାହେଶ୍ୱରୀ ଏସ୍ଏଚ୍ଜିର ବସୁଧା କର୍ଣ୍ଣ ୧୦ ଲକ୍ଷ ଟଙ୍କା ଋଣ କରି ସରକାରଙ୍କ ସ୍ଲୋଗାନ ଏସ୍ଏଚ୍ଜିଠାରୁ ଏସଏମଇ ପର୍ଯ୍ୟନ୍ତର ଯଥାର୍ଥତା ପ୍ରତିପାଦନ କରିଥିଲେ। ଏହି ଯୋଜନାରେ ସୁବର୍ଣ୍ଣପୁର ଜିଲାର ୩୬୫୦ ଏସ୍ଏଚ୍ଜିଙ୍କୁ ୧ କୋଟି ୪୮ଲକ୍ଷ ୯୧ହଜାର ୬୩୧ ଟଙ୍କା ସୁଧ ଫେରସ୍ତ କରାଯିବ।

### ଜିଲାପାଳ, ଏସ୍ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଡୁଙ୍ଗୁରିପାଲି, ୯।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ଜିଲାପାଳ ଓ ଏସ୍ପିଙ୍କ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେ ଓ ଏସ୍ପି ଅମରେଶ ପଣ୍ଡା ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଶୁଣିବା ସହ ୨୯ ପଞ୍ଜିକୃତ ଅଭିଯୋଗ ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ। ସେଥିରୁ ବ୍ୟକ୍ତିଗତ ୧୮ , ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ଟି ଥିଲା । ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ୯ଟିର ତତ୍କାଳ ସମାଧାନ କରାଯାଇଥିଲା। ବିଡ଼ିଓ ତ୍ରିପୁର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକ ଅଧକ୍ଷା ଅହଲ୍ୟା ସାହୁ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ତୁଲେଶର ଖା ଖା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇ.ଦାମୋଦର କଇବର୍ତ୍ତ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିଭୁପ୍ରସାଦ ପଣ୍ଡା, ଡାକ୍ତର ମନୋଜ କୁମାର ଅଦାବର, ସିଡିପିଓ ଜୟନ୍ତୀ ଗଡତିଆ ପ୍ରମୁଖ ଉପସ୍ଥଇତ ଥିଲେ।

# ଚାଉଳ ଫେରସ୍ତରେ ମିଲର୍ସଙ୍କ ହାତ

### ଅରିଗାଁରେ ଗୋଦାମରେ ୧୦ହଜାର କୁଇଣ୍ଟାଲ ସିଏମଆର ନିଅଣ୍ଟ ଘଟଣା

ସୋନପୁର,୯।୧(ନି.ପ୍ର)



ଅରିଗାଁ ସ୍ଥିତ ମେସର୍ସ ବିମଳିନୀ ଭାରତୀ ଗୋଦାମରେ ତାଲା ପଡିଛି।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅରିଗାଁସ୍ଥିତ ମେସର୍ସ ବିମଳିନୀ ଭାରତୀ ପିଇଜି(ପ୍ରାଇଭେଟ୍ ଏଣ୍ଟରପ୍ରେନ୍ୟୁୟର ଗୋଡାଉନ)ରେ ୧୦ହଜାର ୩୪୪କୁଇଣ୍ଟାଲ ସିଏମଆର(କଷ୍ଟମ୍ ମିଲିଂ ରାଇସ୍) ନିଅଣ୍ଟ ଥିଲା। ଗତ ଡିସେମ୍ବର ୧୪ରେ ଗୋଦାମରେ ନିଆଁ ଲାଗିବା ପରେ ବିପୁଳ ପରିମାଣର ଚାଉଳ ଗୋଦାମରେ କମ୍ ଥିବା ଜଣାପଡିଥିଲା। ଗୋଦାମ ମାଲିକ ଜାଣିଶୁଣି ଗୋଦାମରେ ନିଆଁ ଲଗାଇ ଦେଇଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ପ୍ରାୟ ୩କୋଟି ୨୦ଲକ୍ଷ ଟଙ୍କାର ସିଏମ୍ଆର ଗୋଦାମରୁ ଗାଏବ ହୋଇଯାଇଥିଲା। କିନ୍ତୁ ଗୋଦାମ ଦାୟିତ୍ୱରେ ଥିବା ଯୋଗାଣ ବିଭାଗର କ୍ରୟ ନିରୀକ୍ଷକ ମୋହନ ସେଠୀ ଉପରିସ୍ଥ ଅଧିକାରୀଙ୍କୁ ଏ ସମ୍ପର୍କରେ ରିପୋର୍ଟ କରି ନ ଥିଲେ। ଏହି ଘଟଣାରେ ଜିଲା ଯୋଗାଣ ବିଭାଗର କେତେକ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାନ୍ତା। ତେଣୁ ଅଧିକାରୀଙ୍କୁ ବଞ୍ଚାଇବା ପାଇଁ ଯୋଗାଣ ବିଭାଗ ଓ ଜିଲା ପ୍ରଶାସନ ପ୍ରୟାସ କରିଥିଲା। ଘଟଣାକୁ ଗୁପ୍ତ ରଖିବା ସହ ହଡ଼ପ ଚାଉଳ ଗୋଦାମ ମାଲିକଙ୍କ ନିକଟରୁ ଆଦାୟ କରିବା ପାଇଁ ଉଦ୍ୟମ ହୋଇଥିଲା। ସିଏମଆର କମ୍ ଥିବା ସମ୍ପର୍କରେ ବହୁ ବିଳମ୍ବରେ ଥାନାରେ ଅଭିଯୋଗ ହୋଇଥିଲା। ଡିସେମ୍ବର ୩୧ରୁ ଜାନୁୟାରୀ ୪ ଭିତରେ ଗୋଦାମ ମାଲିକ ସମସ୍ତ ଚାଉଳ ସରକାରଙ୍କୁ ପ୍ରଦାନ କରିଥିଲେ। ଗତ ୫ତାରିଖରେ ଯୋଗାଣ ବିଭାଗ ବାଧ ହୋଇ ସମ୍ପୃକ୍ତ ଗୋଦାମର ମାଲିକଙ୍କ ବିରୋଧରେ ବିନିକା ଥାନାରେ ଏତେଲା ଦେଇଥିଲେ। ତେବେ ଘଟଣାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ନିଅଣ୍ଟ ଥିବା ୧୦ହଜାର ୩୪୪କୁଇଣ୍ଟାଲ ସିଏମଆର ଗୋଦାମ ମାଲିକ କେଉଁଠୁ ଆଣି ସରକାରଙ୍କୁ ଦେଲେ। ମାତ୍ର ୫ ଦିନ ଭିତରେ ସମସ୍ତ ଚାଉଳ ପ୍ରଦାନ କରିବା ପଛରେ ଜିଲା ଓ ଜିଲା ବାହାରର କେତେଜଣ ମିଲର୍ସଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି।

ଭଦ୍ରକ ଜିଲା ଭଣ୍ଡାରୀପୋଖରି ଅଞ୍ଚଳର ପୁରୁଷୋତ୍ତମ ଭାରତୀଙ୍କ ପତ୍ନୀ ବିମଳିନୀ ଅରିଗାଁ ରାସ୍ତା ପାର୍ଶ୍ୱରେ ୨ଏକର ଜମି କିଣି ୫୦ ହଜାର କୁଇଣ୍ଟାଲ କ୍ଷମତା ବିଶିଷ୍ଟ ଏକ ଗୋଦାମ ଗୃହ ନିର୍ମାଣ କରିଥିଲେ। ୨୦୧୬ ଫେବୃୟାରୀ ୧୭ରେ ଏହି ଗୋଦାମଟି ତତ୍କାଳୀନ ଜିଲାପାଳଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ରାଜ୍ୟ ଯୋଗାଣ ନିଗମ ଏହି ଗୋଦାମକୁ ୧୦ ବର୍ଷ ପାଇଁ ଭଡାରେ ନେଇଥିଲା। ଭାରତୀ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କ ଚୁକ୍ତିନାମା କରିଥିଲେ। ସୁବର୍ଣ୍ଣପୁର ଜିଲାର ମିଲର୍ସଙ୍କ ନିକଟରୁ ସଂଗ୍ରହ ହେଉଥିବା ଚାଉଳ ଏହି ପ୍ରାଇଭେଟ୍ ଗୋଦାମରେ ଗଚ୍ଛିତ ରଖାଯାଉଥିଲା। ଆବଶ୍ୟକତା ଅନୁଯାୟୀ ଗୋଦାମରୁ ଚାଉଳ ଜିଲା ଓ ଜିଲା ବାହାରକୁ ଟ୍ରକ୍ ଏବଂ ରେକ୍ ଯୋଗେ ପଠାଯାଇଥାଏ । ଏ ବାବଦରେ ଗୋଦାମ ମାଲିକ ବିମଳିନୀ ଯୋଗାଣ ବିଭାଗ ନିକଟରୁ ମାସିକ ୩ଲକ୍ଷ ୩୧ହଜାର ୫୦୦ଟଙ୍କା ଭଡା ନିଅନ୍ତି। ଗୋଦାମ ପରିଚାଳନା ଦାୟିତ୍ୱ ଗୋଦାମ ମାଲିକଙ୍କ ହାତରେ ନ୍ୟସ୍ତ ଥିଲା। ତେବେ ଚାଉଳ ଷ୍ଟକ୍ ନିଅଣ୍ଟ ଥିବା ପ୍ରଘଟ ହେବା ପରେ ଗୋଦାମ ମାଲିକ ଗତ ଡିସେମ୍ବର ୩୧ରେ ଉକ୍ତ ଜମି ଓ ଗୋଦାମକୁ ୩ ଜଣ ବ୍ୟବସାୟୀଙ୍କୁ ବିକ୍ରି କରି ଦେଇଛନ୍ତି। ବିନିକା ସବ୍‌ରେଜିଷ୍ଟ୍ରାରଙ୍କ ଅଦାଲତରେ ଏହି ଜମି ବିକ୍ରି ହୋଇଛି। ରାଜ୍ୟ ଯୋଗାଣ ନିଗମ ବିମଳିନୀ ଭାରତୀଙ୍କ ସହ ଚୁକ୍ତିନାମା କରିଛନ୍ତି। ଏହି ସମୟରେ ସେ କିଭଳି ଜମି ବିକ୍ରି କଲେ ସେ ନେଇ ପ୍ରଶ୍ନ ଉଠିଛି। ସେହିପରି ବିମଳିନୀ ଖୋଲା ବଜାରରୁ କିଭଳି ୧୦ହଜାର ୩୪୪କୁଇଣ୍ଟାଲ କଷ୍ଟମ ମିଲିଂ ଚାଉଳ ସଂଗ୍ରହ କରିବାକୁ ସକ୍ଷମ ହେଲେ ଓ ଯୋଗାଣ ବିଭାଗକୁ ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । ଜିଲାରେ ଏବେ ଧାନ ସଂଗ୍ରହ ଚାଲିଛି। ସଂଗୃହିତ ଧାନକୁ ମିଲିଂ କରି ମିଲର୍ସ ମାନେ ସରକାରଙ୍କୁ କଷ୍ଟମ ମିଲିଂ ଚାଉଳ ପ୍ରଦାନ କରିବେ। ଏ କ୍ଷେତ୍ରରେ କେଉଁ ମିଲର୍ସ ଗୋଦାମ ମାଲିକଙ୍କୁ ବେଆଇନ ଭାବେ ଏତେ ପରିମାଣର ଚାଉଳ ବିକ୍ରି କଲେ ସେ ନେଇ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି। ଯୋଗାଣ ବିଭାଗର ତଥ୍ୟ ଅନୁଯାୟୀ ଗତ ଡିସେମ୍ବର ୧୨ରୁ ଜାନୁୟାରୀ ୪ ଭିତରେ ଗୋଦାମ ମାଲିକ ପ୍ରାୟ ୮୦ ଟ୍ରକ୍ ଚାଉଳ ପାଣିସିଆଲି ସ୍ଥିତ ଗୋଦାମରେ ଜମା ଦେଇଛନ୍ତି। ଏ କ୍ଷେତ୍ରରେ ଯୋଗାଣ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ଜ୍ଞାତସାରରେ ଆଇନ ଉଲ୍ଲଂଘନ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସେହିପରି କେତେକ ମିଲର୍ସ ସେମାନଙ୍କ ସମ୍ପର୍କୀୟଙ୍କ ନାମରେ ଉକ୍ତ ଗୋଦାମ ଓ ଜମି କିଣି ଚାଉଳ ଫେରସ୍ତ କରିବାରେ ପୂର୍ଣ୍ଣ ସହଯୋଗ କରିଥିବା ଚର୍ଚ୍ଚା ହେଉଛି।

# ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରେ ତିନି ଦୁର୍ଘଟଣା

ବୌଦ୍ଧ, ୯।୧(ସ୍ୱ.ପ୍ର.)


ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା ଯୋଗୁ ରାସ୍ତା ତଳକୁ ଖସି ପଡିଛି।

ବୌଦ୍ଧ ଜିଲା ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥରେ ଗୋଟିଏ ଦିନରେ ପୃଥକ୍ ପୃଥକ୍ ତିନି ଦୁର୍ଘଟଣା ଘଟିଥିବା ଜଣାପଡିଛି। ରବିବାର ରାତିରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର କିଛି ତୀର୍ଥ ଯାତ୍ରୀ ହରିଶଙ୍କରଠାରୁ ତୀର୍ଥ କରି କ୍ରିଷ୍ଣା ନାମକ ଏକ ବସ୍ ଯୋଗେ ନିଜ ଗାଁକୁ ଫେରୁଥିଲେ। ଜାତୀୟ ରାଜପଥର ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ରାସ୍ତା କଡକୁ ଭାରସାମ୍ୟ ହରାଇ ଖସି ପଡିଥିଲା। କିନ୍ତୁ ଦୁର୍ଘଟଣାରେ କାହାର କିଛି ହୋଇ ନ ଥିବା ଜଣାପଡିଛି। ଘଟଣାସ୍ଥଳରେ ସ୍ଥାନୀୟ ଲୋକ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ରହିବା, ଖାଇବାକୁ ଦେଇଥିବା ଜଣାପଡିଛି। ସୋମବାର ଭୋର ଦ୍ୱିତୀୟ ଦୁର୍ଘଟଣା ଜାତୀୟ ରାଜପଥର ପୁରୁଣାକଟକ ଥାନା ଅନ୍ତର୍ଗତ ସିଙ୍ଗାଣିବିଡାଠାରେ ହୋଇଥିବା ଜଣାପଡିଛି। ଖୋର୍ଦ୍ଧା ଜିଲା ଧଉଳି ଅଞ୍ଚଳର ଜଣେ ବ୍ୟକ୍ତି ଏକ ମୋଟର ସାଇକେଲରେ ବୌଦ୍ଧ ଆଡକୁ ଆସୁଥିବାବେଳେ ଭାରସାମ୍ୟ ହରାଇ ମୋଟର ସାଇକେଲ ଦୁର୍ଘଟଣା ହୋଇଥିଲା। ଫଳରେ ବ୍ୟକ୍ତି ଜଣକ ଗୁରୁତର ଆହତ ହୋଇଥିଲେ। ଖବରପାଇ ହରଭଙ୍ଗା ଦମକଳ ବାହିନୀ ଉଦ୍ଧାର କରି ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରିଥିଲେ। ପୁଣି ଅପରାହ୍ଣରେ ନୟାଗଡ ଜିଲାରୁ ବୌଦ୍ଧ ଆସୁଥିବାବେଳେ ଏକ ଧାନ ବୋଝେଇ ଟ୍ରକ ଆଡେଣୀଗଡ ଫାଣ୍ଡି ଅନ୍ତର୍ଗତ ରଙ୍ଗମାଟିଆଠାରେ ରାସ୍ତା କଡକୁ ଖସି ପଡିଥିଲା। ଉକ୍ତ ଦୁର୍ଘଟଣାରେ ଚାଳକ ଓ ହେଲପରର କିଛି ହୋଇ ନ ଥିବା ଜଣାପଡିଛି।

# ଜୟ ଜଗନ୍ନାଥ କ୍ରିକେଟ: ବାଗବର ଚାମ୍ପିୟନ

### ରାଜ କୁମାରଙ୍କୁ ମ୍ୟାନ ଅଫ ଦି ଫାଇନାଲ, ସିରିଜ

ଅମରପାଲି, ୯।୧(ଡି.ଏନ.ଏ.)



ଚାମ୍ପିୟନ ବାଗବର ଦଳକୁ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ବିଶାଳପାଲି, ପାତ୍ରପାଲି ଓ ଚିଙ୍ଗିରାନାଲିର ମିଳିତ ଆନୁକୂଲ୍ୟରେ ଚାଲିଥିବା ନବମ ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବାଗବର ଓ ଚମ୍ପାମାଳ ମଧ୍ୟରେ ହୋଇଥିଲା। ଏଥିରେ ବାଗବର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଦୁଇଟି ଫର୍ମାଟରେ ମ୍ୟାଚ ହୋଇଥିଲା। ପ୍ରଥମ ଫର୍ମାଟରେ ବାଗବର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୬ ଉଇକେଟ ହରାଇ ୧୦୫ରନ କରିଥିଲା। ଜବାବରେ ଚମ୍ପାମାଳ ଦଳ ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୯୧ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ବାଗବର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୨ ଉଇକେଟ ହରାଇ ୧୩୩ରନ କରିଥିଲା। ଚମ୍ପାମାଳ ୮ ଓଭରରେ ୬ ଉଇକେଟ ହରାଇ ୯୧ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ବାଗବର ଦଳ ଚାମ୍ପିୟନ ହୋଇଥିଲା। ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା ମୁଖ୍ୟ ଅତିଥି, ସମିତି ସଭ୍ୟା ସୁଗନ୍ଧା ଘିବିଲା, ବିଶାଳପାଲି ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ସାହୁ, ଗୋପାଳ ସେଠୀ, ଲଳିତ ପଧାନ, ଶିକ୍ଷକ ସୁରେନ୍ଦ୍ର ଭୋଇ, ମଧୁସୁଦନ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବାଗବରର ରାଜକୁମାର ପଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ସିରିଜ, ଶ୍ରେଷ୍ଠ ଅଲରାଉଣ୍ଡର, ଶ୍ରେଷ୍ଠ ବୋଲର ଏବଂ ଅରବିନ୍ଦଙ୍କୁ ଶ୍ରେଷ୍ଠ ବ୍ୟାଟସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଓ ରନସ ଅପ ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ସୁରେଶ ବିଶି ଓ ସୁଶାନ୍ତ ସେଠୀ ପରିଚାଳନା କରିଥିଲେ। ନେପାଳ ପଧାନ ସ୍କୋରିଂ, ସୁବ୍ରତ ଧଳ ଅନଲାଇନ ସ୍କୋରିଂ ଏବଂ ପ୍ରଦୀପ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଲଛିପୁର ଫାଣ୍ଡି ହେଲା ନୂତନ ଥାନା

ସୋନପୁର,୯।୧(ନି.ପ୍ର)

ସୁବର୍ଣ୍ଣପୁର ଜିଲା ଲଛିପୁରକୁ ନୂତନ ଥାନା ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନଫେରେନ୍ସିଂ ଜରିଆରେ ସୋମବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଲଛିପୁର ଥାନା ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍ପି ଅମରେଶ କୁମାର ପଣ୍ଡା, ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ, ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ, ଆଇଆଇସି ଚନ୍ଦ୍ର ମୋହନ ସିଂ, ସୋନପୁର ବ୍ଲକ ଅଧକ୍ଷ ପ୍ରହଲ୍ଲାଦ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଫାଣ୍ଡିର ଆୟତନ ଓ ଭୌଗଳିକ ସ୍ଥିତିକୁ ଦୃଷ୍ଟିରେ ରଖି ୨୦୧୯ରେ ଲଛିପୁରକୁ ନୂତନ ଥାନା କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ପଠା ଯାଇଥିଲା। ମୋଟ ୬ଟି ପଞ୍ଚାୟତର ୫୩ଟି ଗାଁ ଓ ୩୪୦୦୦ ଜନସାଧାରଣଙ୍କୁ ନେଇ ଏହି ଥାନା ପ୍ରତିଷ୍ଠା ହୋଇଛି। ସୋନପୁର ବ୍ଲକର ଲଛିପୁର, ଛକୋରମାଲ, ରେଙ୍ଗାଲି ଓ ଖଲିଆପାଲି ପଞ୍ଚାୟତ ଏବଂ ବିନିକା ବ୍ଲକର ଯୁଲୁଣ୍ଡା ଓ ମହଦା ପଞ୍ଚାୟତକୁ ନେଇ ଏହି ନୂତନ ଥାନା ଗଠନ କରାଯାଇଛି। ପୂର୍ବରୁ ଲଛିପୁର ଫାଣ୍ଡି ଡୁଙ୍ଗୁରିପାଲି ଥାନା ଅଧିନରେ ଥିଲା।

# ଜିଲାପାଳଙ୍କୁ ଫେରାଦ୍ ହେଲା ମତ୍ସ୍ୟଜୀବୀ ସଂଘ

### ମହାନଦୀରେ ବ୍ଲାଷ୍ଟିଂ, ବିଷ ଯୋଗୁ ମାଛ ବଂଶ ଲୋପ ଓ ପାଣି ବିଷାକ୍ତ ଅଭିଯୋଗ


ମତ୍ସ୍ୟଜୀବୀ ସୁରକ୍ଷା ସଂଘ କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଯାଉଛନ୍ତି।

ବୌଦ୍ଧ, ୯।୧(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଚିରସ୍ରୋତା ମହାନଦୀ ଦୀର୍ଘ ୧୧୦ କିମି ମନମୁଣ୍ଡା ଠାରୁ ଟୀରଡ ପର୍ଯ୍ୟନ୍ତ ପ୍ରବାହିତ। ମହାନଦୀ ଜଳରୁ ପ୍ରତିଦିନ ମାଛ, କଙ୍କଡା, ଚିଙ୍ଗୁଡି ଆଦି ମାରି ବଜାରରେ ବିକ୍ରି କରି ଜିଲାର ମତ୍ସ୍ୟଜୀବୀ ପରିବାର କାହିଁ କେତେ ବର୍ଷରୁ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ବର୍ତ୍ତମାନ ଚିରସ୍ରୋତା ମହାନଦୀରେ ଆଉ ଆଗ ପରି ପାଣି ପ୍ରବାହିତ ହେଉ ନାହିଁ। ଆଉ ଆଗ ଭଳିଆ ନଦୀରୁ ମାଛ ହେଉ ନାହିଁ। କାଭାଁ ମାଛ ମିଳୁଥିବାବେଳେ ବର୍ତ୍ତମାନ ମହାନଦୀରେ ବ୍ଲାଷ୍ଟିଂ ଓ ବିଷ ପକାଇ ମାଛ ମାରୁଥିବା ଯୋଗୁ ଦିନକୁ ଦିନ ମାଛ ବଂଶ ଲୋପ ପାଉଛି। ମହାନଦୀର ପାଣି ମଧ୍ୟ ବିଷାକ୍ତ ହେଉଥିବା ନେଇ ମତ୍ସ୍ୟଜୀବୀ ସୁରକ୍ଷା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ସୋମବାର ବାଉଁଶୁଣୀ ମତ୍ସ୍ୟଜୀବୀ ସୁରକ୍ଷା ସଂଘ ଏହା ଉପରେ ପଦକ୍ଷେପ ନେବାକୁ ଜିଲାପାଳଙ୍କ ପାଖରେ ଫେରାଦ ହେବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମତ୍ସ୍ୟଜୀବୀ ସୁରକ୍ଷା ସଂଘର ଦାବି ହେଲା ଅସଦ୍ ଉପାୟରେ ମାଛ ମାରୁଥିବା ଯୋଗୁ ମାଛ ବଂଶ ଲୋପ ହେବା ସହ ପାଣି ଦୂଷିତ ହେଉଥିବା ଯୋଗୁ ଗୋରୁ ଗାଈ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ମତ୍ସ୍ୟଜୀବୀ ପରିବାର ଦିନକୁ ଦିନ ଜୀବିକା ହରାଇବାକୁ ବସିଥିବା ଅଭିଯୋଗ କରିଛନ୍ତି। ଦାବିପତ୍ର ଦେବା ସମୟରେ ସଂଘର ସଭାପତି ରଙ୍ଗାଧର ଦଣ୍ଡିଆ, ପବିତ୍ର ନାଏକ, ବୃଷଭ ଦଣ୍ଡିଆ, ଦଳଗୋବିନ୍ଦ ବେହେରା, ଗଦାଧର ବେହେରା, ମଦନ ନାଏକ, ଦ୍ରୋଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ହରିଶ-ଦିନେଶ ଯୋଡ଼ି ଚାମ୍ପିୟନ

### ଦ୍ୱିତୀୟ ଗ୍ୟାଲେକ୍ସି କପ୍ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ

ଅମରପାଲି, ୯।୧(ଡି.ଏନ.ଏ.)



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସାମ୍ବାଦିକ ଭବନ ପରିସରରେ ଆୟୋଜିତ ଦ୍ୱିତୀୟ ଗ୍ୟାଲେକ୍ସି କପ୍ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୨୭ଟି ଟିମ ଅଂଶଗ୍ରହଣ କରିଥିଲେ।ପ୍ରଥମ ସେମିଫାଇନାଲ ସୋନପୁରର ଗଙ୍ଗାଧର ଥନାପତି -ପ୍ରଭାସ ଥନାପତି ଯୋଡି ଏବଂ ବୀରମହାରାଜପୁର ଗ୍ୟାଲେକ୍ସିର ଓମପ୍ରକାଶ ପଣ୍ଡା ଓ ରୁଦ୍ରପ୍ରକାଶ ପାଢୀ ଯୋଡିଙ୍କ ମଧ୍ୟରେ ହୋଇଥିଲା। ଏଥିରେ ଓମପ୍ରକାଶ-ରୁଦ୍ରପ୍ରକାଶ ଯୋଡି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ଆୟୋଜକ ଗ୍ୟାଲେକ୍ସି ବୀରମହାରାଜପୁର ସମ୍ପାଦକ ଗୋପିନାଥ କର୍ଣ୍ଣ-ସଭାପତି ରାଧାକାନ୍ତ ବାଘ ଯୋଡିଙ୍କ ସହ ତରଭାର ହର-ଦିନେଶ ଯୋଡି ମଧ୍ୟରେ ହୋଇଥିଲା। ଏଥିରେ ହରି-ଦିନେଶ ଯୋଡି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚ ଓମପ୍ରକାଶ-ରୁଦ୍ରପ୍ରକାଶ ଯୋଡିଙ୍କ ସହ ହରି-ଦିନେଶ ଯୋଡି ମଧ୍ୟରେ ହୋଇଥିଲା। ଏଥିରେ ହରିଶ-ଦିନେଶ ଯୋଡି ବିଜୟୀ ହୋଇ ୨ୟ ଗ୍ୟାଲେକ୍ସି କପ ଚାମ୍ପିୟନ ହୋଇଥିଲେ। ପୁରଷ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ କିଶୋର ହୋତା, ପୂର୍ବତନ ସରପଞ୍ଚ ପୀତାମ୍ବର ଭୋଇ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ।

# ବଜରଙ୍ଗ କ୍ଲବକୁ ହରାଇଲା ବିଏସ୍ଏ ଉଲୁଣ୍ଡା

ଉଲୁଣ୍ଡା, ୯।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା କ୍ରିକେଟ ଆସୋସିଏଶନ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଭିଜନ-୨୪ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରିକେଟ ଆସୋସିଏଶନ ସଭ୍ୟ ବିଶ୍ୱରଞ୍ଜନ ପୂଝାରୀଙ୍କ ସଂଯୋଜନାକ୍ରମେ ଉଲୁଣ୍ଡା କଲେଜ ପଡିଆଠାରେ ଅନୁଷ୍ଠିତ ଟୁର୍ନାମେଣ୍ଟକୁ ବିଏସଏ ଉଲୁଣ୍ଡାର ସଂଯୋଜକ ଉରୁକ୍ରମ ପାଣ୍ଡିଆ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ବିଏସଏ ଉଲୁଣ୍ଡା ଦଳ ବଜରଙ୍ଗ କ୍ଲବ ବୀରମହାରାଜପୁରକୁ ୬ ଉଇକେଟରେ ପରାସ୍ତ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ବଜରଙ୍ଗ କ୍ଲବ ୨୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୧୭ ରନ କରିଥିଲା। ଦଳ ପକ୍ଷରୁ ଯଦୁଲାଲ ନନ୍ଦ ୯୨ ଏବଂ ଆଶିଷ କୁମାର ମହାକୁର ୩୮ ରନ ସଂଗ୍ରହ କରିଥିଲେ। କୃଷ୍ଣ ପୁରୋହିତ ୪ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବିଏସଏ ଉଲୁଣ୍ଡା ଦଳ ୨୪.୩ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟ ହୋଇଥିଲା। ଦଳ ପକ୍ଷରୁ ପ୍ରଶାନ୍ତ କୁମାର ବିଶି ୭୯ ଓ ମାନଗୋବିନ୍ଦ ଆଚାର୍ଯ୍ୟ ୫୩ ରନ କରିଥିଲେ। ଖେଳକୁ ରଘୁବୀର ମିଶ୍ର ଓ ଆର୍ତ୍ତତ୍ରାଣ ପଣ୍ଡା ପରିଚାଳନା କରିଥିବା ବେଳେ ଓସିଏ ପକ୍ଷରୁ ବିଶ୍ୱନାଥ ନାଏକ ଅନଲାଇନ ସ୍କୋରିଂ କରିଥିଲେ।

# ଦିଗଶିରା ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପିତ

ଡୁଙ୍ଗୁରିପାଲି, ୯।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ରବିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ୭ଦିନ ଧରି ଦିଗଶିରା ଅଙ୍ଗନଦୀ କୈଳାସୀ ଯାତ୍ରା ପଡିଆରେ ଚାଲିଥିବା ଧନୁଯାତ୍ରାର ଉଦ୍‌ଯାପନୀ ଦିବସରେ ରାଜ ଅତିଥିଭାବେ ଯାତ୍ରା କମିଟିର ଲବ ମେହେର, ମନମୋହନ ଦାଶ, ଜିତୁ ପଧାନ, ରାଜେନ୍ଦ୍ର ପଧାନ, ଦୁଃଖୁ ରଣା, ପ୍ରଦୀପ ମହାନନ୍ଦ, ଦୀନବନ୍ଧୁ ସୁନା ପ୍ରମୁଖ ଯୋଗଦେଇ ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା କଳାକାରମାନଙ୍କୁ ସମର୍ଦ୍ଧିତ କରିଥିଲେ। ଅପରପକ୍ଷରେ ମହାରାଜା କଂସ ଭୂମିକାରେ ଅଭିନୟ କରୁଥିବା ଜଗଦାନନ୍ଦ ମିଶ୍ର କମିଟିର ସଦସ୍ୟମାନଙ୍କୁ ସମର୍ଦ୍ଧିତ କରିଥିଲେ। ପୌରାଣିକ କଥାବସ୍ତୁ ଆଧାରରେ ଅଭିନୀତ ଲୀଳା ନାଟକର ଉଦ୍‌ଯାପନୀ ସନ୍ଧ୍ୟାରେ କୃଷ୍ଣ-ବଳରାମଙ୍କ ହତରେ ମହାରାଜ କଂସଙ୍କ ବଧ ଦୃଶ୍ୟ ଅଭିନୀତ ହୋଇଥିଲା। କଂସ ବଧ ପରେ ଉଗ୍ରସନ ମହାରାଜାଙ୍କ ରାଜ୍ୟାଭିଷେକ ହୋଇଥିଲା।


କଂସ ଭୂମିକାରେ ଅଭିନୟ କରୁଥିବା ଜଗଦାନନ୍ଦ ମିଶ୍ରଙ୍କୁ ସମର୍ଦ୍ଧିତ କରାଯାଉଛି।

# 'ଶିକ୍ଷାନୁଷ୍ଠାନ ସମାଜର ଆଲୋକ ବର୍ତ୍ତିକା'

### ଜୟ ଜଗନ୍ନାଥ ହାଇସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହ

ସୋନପୁର,୯।୧(ନି. ପ୍ର )


ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ସ୍କୁଲର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ସୋନପୁର ବ୍ଲକ ଖରଝୁରା ଜୟ ଜଗନ୍ନାଥ ହାଇସ୍କୁଲର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ହାଇସ୍କୁଲର ପୂର୍ବତନ ସଭାପତି ଶକୁନ୍ତଳା ଦାଶ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ସରପଞ୍ଚ ସୁବାଷ ତାଣ୍ଡି, ସମିତି ସଭ୍ୟା କୌଶଲ୍ୟା ସୁନା, ହାଇସ୍କୁଲ ପରିଚାଳନା କମିଟି ସଭାପତି ଶେଷଦେବ ମେହେର, ମହୁଲେ ପାକ୍ସ ସମ୍ପାଦକ ରବି ମିଶ୍ର, ରୌପ୍ୟ ଜୟନ୍ତୀ ମହୋତ୍ସବ କମିଟି ସଭାପତି ବଂଶୀଧର ସୁନା, ହାଇସ୍କୁଲ ପ୍ରଧାନଶିକ୍ଷକ ଲୋକନାଥ ମିଶ୍ର ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ସୋନପୁର ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନାୟକ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ହାଇସ୍କୁଲ ପ୍ରତିଷ୍ଠାତା ସଭାପତି ଶଙ୍କର ଦାଶ, ସରପଞ୍ଚ ସୁବାଷ ତାଣ୍ଡି, ସମିତି ସଭ୍ୟା କୌଶଲ୍ୟା ସୁନା ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ସୁକାନ୍ତି ଇଣ୍ଟରନ୍ୟାଶନାଲ ସ୍କୁଲ ଅଧକ୍ଷ ସନ୍ତୋଷ ଦାଶ ଯୋଗ ଦେଇଥିଲେ। ଶିକ୍ଷକ ଗୋପୀନାଥ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଲୋକନାଥ ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମନ୍ତ୍ରୀ ପୂଜାରୀ ତାଙ୍କ ଅଭିଭାଷଣରେ ଶିକ୍ଷାନୁଷ୍ଠାନ ସମାଜର ଆଲୋକ ବର୍ତ୍ତିକା ବୋଲି କହିଥିଲେ। ହାଇସ୍କୁଲର ଉନ୍ନତି ଓ ବିକାଶ ପାଇଁ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥି ସହ ମୋ ସ୍କୁଲ ଯୋଜନାରେ ନିଜ ଦରମାରୁ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହିଅବସରରେ ଅତିଥିମାନଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ହାଇସ୍କୁଲର ପୂର୍ବତନ ପରିଚାଳନା କମିଟି ସଦସ୍ୟ, ପୂର୍ବତନ ଶିକ୍ଷୟିତ୍ରୀ ଶିକ୍ଷକ, ବର୍ତ୍ତମାନର ଶିକ୍ଷୟିତ୍ରୀ ଶିକ୍ଷକ, ରୌପ୍ୟ ଜୟନ୍ତୀ କମିଟି ସଭ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବୀରେନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଉନ୍ନୟନ କାର୍ଯ୍ୟକୁ ଭାଙ୍ଗିଲେ ବିଧାୟକଙ୍କ ସମର୍ଥକ

ଦେବଗଡ଼, ୯।୧(ଡି.ଏନ୍.ଏ.)

ଦେବଗଡ଼ର ଭାଜପା ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସମର୍ଥକମାନେ ମହିଳା ସଶକ୍ତିକରଣ କାର୍ଯ୍ୟକୁ ବିରୋଧ କରିଛନ୍ତି। ପୌର ପରିଷଦ ପକ୍ଷରୁ ମୁକ୍ତା ଯୋଜନାରେ ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଟାଉନ ହଲ ସମ୍ମୁଖ ପାଚେରୀକୁ ବିଧାୟକଙ୍କ ଉପସ୍ଥିତିରେ ସମର୍ଥକମାନେ ଭାଙ୍ଗି ଦେଇଛନ୍ତି। ପୌର ପରିଷଦ କାର୍ଯ୍ୟାଦେଶ ସଂଖ୍ୟା ୧୪/୫।୧।୨୩ରେ ହରି ଓମ ଏସ୍‌ଏଚ୍‌ଜିକୁ ମିଳିଥିଲା ୧୪ ଲକ୍ଷ ୬୫ ହଜାର ୩୦୦ ଟଙ୍କାର କାର୍ଯ୍ୟାଦେଶ। ବିଧାୟକଙ୍କ ଏଭଳି କାର୍ଯ୍ୟରେ କାନ୍ଦିପକାଇଛନ୍ତି ଏସଏଚଜି ଗୋଷ୍ଠୀର ମହିଳା। ବହୁ କଷ୍ଟରେ ଟଙ୍କା ଯୋଗାଡ଼ କରି ସ୍ୱାବଲମ୍ବୀ ହେବା ଉଦ୍ଦେଶ୍ୟରେ କରୁଥିଲେ ଉନ୍ନୟନ କାର୍ଯ୍ୟର ଠିକା କାମ। ବିଧାୟକଙ୍କ ଏଭଳି ବେଆଇନ କାର୍ଯ୍ୟ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୌର ପରିଷଦ ନିର୍ବାହୀ ଅଧିକାରୀ ତପନ ମହାପାତ୍ର ଓ ଏସ୍‌ଏଚଜି ଗୋଷ୍ଠୀ ସଭାନେତ୍ରୀ ଗୀତାଞ୍ଜଳି ପୃଷ୍ଟି ଓ ୩ ନମ୍ବର ୱାର୍ଡମେମ୍ବର ବାସନ୍ତୀମଣି ମାଝୀ ପ୍ରମୁଖ ଥାନାରେ ବିଧାୟକ ଓ କେତେକ ୱାର୍ଡମେମ୍ବରଙ୍କ ବିରୋଧରେ ଏତଲା ଦେଇଛନ୍ତି। ବିଧାୟକଙ୍କ ଉପସ୍ଥିତିରେ ମିଶନ ଶକ୍ତିର କାର୍ଯ୍ୟ ଭଙ୍ଗାଯିବା ଖବର ପାଇ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚିବା ପରେ ଖୋଦ ବିଧାୟକ ପାଣିଗ୍ରାହୀ ସେମାନଙ୍କୁ ଫଟୋ ଉଠାଇବାକୁ ବାରଣ କରିବା ସହ ଜାଗା ଛାଡି ଚାଲିଯିବାକୁ କହିବାରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଧାୟକ ମନା କରିବା ସତ୍ତ୍ୱେ ସାଧାରଣ ଜନତା ଭଙ୍ଗାରୁଜା ଘଟଣାର ଭିଡିଓ ବହୁମାତ୍ରାରେ ଭାଇରାଲ କରିଥିବାବେଳେ ବିଧାୟକଙ୍କ ଏତାଦୃଶ କାର୍ଯ୍ୟକୁ ବିଭିନ୍ନ ମହଲରେ ଦୃଢ ନିନ୍ଦା କରାଯାଇଛି। ଅନ୍ୟ ପକ୍ଷରେ ଭାଜପା ସାଂସଦ ନୀତେଶ ଗଙ୍ଗଦେବଙ୍କ ଧର୍ମପତ୍ନୀ ଅରୁନ୍ଧତୀ ଦେବୀ ମଧ୍ୟ ବିଧାୟକଙ୍କ ସ୍ୱଷ୍ଟ ଦିବାଲୋକରେ ଦାଦାଗିରିକୁ ନିନ୍ଦା କରିବାସହ ବିଧାୟକ ପାଣିଗ୍ରାହୀ ଜିଲାର ବିକାଶରେ ବାଧକ ସାଜିଥିବା ମତବ୍ୟକ୍ତ କରିଛନ୍ତି ଓ ନିଜ ସୋସିଆଲ ମିଡିଆ ଫେସବୁକରେ ଛାଡି ଥିବା ଦେଖିବାକୁ ମିଳିଛି। ତେବେ ବିଧାୟକ ସମର୍ଥନ ତଥା ଭାଜପା ପକ୍ଷରୁ କୁହାଯାଇଛି ଯେ, ମୁକ୍ତା ଯୋଜନାରେ ନିର୍ମାଣ କାର୍ଯ୍ୟ କରୁଥିଲା ପୌର ପ୍ରଶାସନ। ପ୍ରକଳ୍ପ ନିର୍ମାଣ ପାଇଁ ପୌରପରିଷଦରେ ଗୃହୀତ ହୋଇ ନ ଥିବା ଭାଜପା ତେନା ଅଭିଯୋଗ କରିଥିଲେ। ପୌର ନିର୍ବାହୀ ଅଧିକାରୀ, ଜିଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟିକୁ ଆଣିଥିଲେ ଭାଜପା କାଉନସିଲରମାନେ। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏମିତି କରାଯାଇଥିବା ଅଭିଯୋଗ କରିଛି ଭାଜପା। ତେବେ ଏହି ଘଟଣା ଜିଲାରେ ଚର୍ଚ୍ଚା ଜୋର ଧରିଛି।


ପାଚେରିକୁ ଭାଙ୍ଗି ଦିଆଯାଇଛି।

**ମୁକ୍ତା ଯୋଜନାରେ ମହିଳା ଏସ୍‌ଏଚ୍‌ଜିଙ୍କ ଦ୍ୱାରା ନିର୍ମାଣ ହୋଇଥିଲା**

## ସଂକ୍ଷେପରେ

### ବିରଳ ପେଚା ଉଦ୍ଧାର



**ଲହୁଣୀପଡ଼ା,୯।୧(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁରୁ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରୁ ଏକ ବିରଳ ପେଚାକୁ ଗ୍ରାମବାସୀ ଉଦ୍ଧାର କରି ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ସୋମବାର ସନ୍ଧ୍ୟା ପ୍ରାୟ ୫ଟାବେଳେ ତୁମକଳା ଗ୍ରାମ ପଟରୁ ଉକ୍ତ ବିରଳ ପେଚା ଉଡି ଆସି ଶରଧାପୁରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବସିଥିବା ଗ୍ରାମର ହରିହର ମାହାନ୍ତ, ଶକୁନ୍ତଳା ମାହାନ୍ତ, ଧବଳେଶ୍ୱର ମାହାନ୍ତ ଉଦ୍ଧାର କରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୈତାରି ମାହାନ୍ତଙ୍କୁ ଖବର ଦେବାରୁ ପ୍ରଧାନ ଶିକ୍ଷକ ବାଙ୍କି ରେଞ୍ଜ ରାଜାମୁଣ୍ଡା ସେକ୍‌ସନ ସହିତ ଯୋଗାଯୋଗ କରିଥିଲେ। ବନରକ୍ଷୀ ଦୀପକ କୁମାର ମଲ୍ଲିକ ସ୍କ୍ୱାଡ୍ ଦଳ ସହିତ ଗ୍ରାମରେ ପହଞ୍ଚି ବିରଳ ପେଚାକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡିଛି।

### ସେକ୍ଟର-୧୫ ଦଳ ଚାମ୍ପିୟନ

**ବିଜୁ ପ୍ରିମିୟର କ୍ରିକେଟ୍ ଲିଗ୍ ଉଦ୍‌ଯାପିତ**

**ରାଉରକେଲା ଅଫିସ,୯।୧:** ରାଉରକେଲା ସେକ୍ଟର-୨୦ ସ୍ଥିତ ରାଇଜିଂ ଖେଳ ପଡିଆରେ ରଘୁନାଥପାଲି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଚାଲିଥିବା ବିଜୁ ପ୍ରିମିୟର କ୍ରିକେଟ ଲିଗ୍ ସୋମବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି, ରଘୁନାଥପାଲି ବିଜେଡି ନଗର ସଭାପତି ଆର୍ତ୍ତ ମହାରଣା, ସୁଧୀର ସୁନ୍ଦର ରାୟ, ସାଗରିକା ୱେଲଫେୟାର ଟ୍ରଷ୍ଟର ସଭାପତି ଜୟନ୍ତୀ ଦାସ, ମିନତି ବିଶ୍ୱାଳ, ଚିତ୍ତ ଜେନା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ସେକ୍ଟର-୧୫ ଓ ସେକ୍ଟର ୨୦ ଦଳ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ସେକ୍ଟର-୨୦ ଦଳ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା। ଜବାବରେ ସେକ୍ଟର-୧୫ ଦଳ ମାତ୍ର ଏଗାର ଓଭରରେ ୩ ଉଇକେଟ ହରାଇ ସମସ୍ତ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସେକ୍ଟର-୧୫ ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଦଳକୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବିଟୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଶୁଭାଶିଷ ନାୟକ ଓ ରାଜେଶ ବାଗ ମ୍ୟାଚ୍ ପରିଚାଳନା କରିଥିଲେ। ବିଜୁ ଛାତ୍ର ଜନତା ଦଳ ସଭାପତି ରାକେଶ ସ୍ୱାଇଁ, ସୌମ୍ୟ ଜେନା, କ୍ରିତିଶ ଚନ୍ଦ୍ର ବାରିକ, ଅନମୋଲ ସେଠୀ, ବିଶାଲ ମହାଲିକ, ଶୁଭ୍ରାଂଶୁ ନାୟକ, ବିଜୟ ନାଗ ପ୍ରମୁଖ ସହଯୋଗ କରିଥିଲେ।

### ଯୋଗାଣ ବିଭାଗ ଚଢ଼ାଉ, ୨୮୧ ବସ୍ତା ଧାନ ଜବତ

**ଲୋଇସିଂହା, ୯।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା ଗ୍ରାମରେ ଯୋଗାଣ ବିଭାଗ ସୋମବାର ଚଢାଉ କରି ଜଣଙ୍କ ଦୋଦାମରୁ ବେଆଇନ ଗଚ୍ଛିତ ୨୮୧ ବସ୍ତା ଧାନ ଜବତ କରିଛି। ଡୁଡୁକା ଗ୍ରାମର ଧାନ ବେପାରୀ ଲକ୍ଷ୍ମୀକାନ୍ତ ପଟେଲଙ୍କ ଗୋଦାମରେ ବେଆଇନ ଗଚ୍ଛିତ ଧାନ ଚାଲାଣ ପାଇଁ ରଖା ଯାଇଥିବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା।

# ଦୁଇ ଭାଇ ବ୍ୟାଡ଼ମିଣ୍ଟନ ରନର୍ସଅପ୍

ରାଜଗାଙ୍ଗପୁର, ୯।୧(ଡି.ଏନ୍.ଏ.)

ରାଉରକେଲାରେ ବିଶ୍ୱ କପ୍ ହକି ପ୍ରତିଯୋଗିତା ଉପଲକ୍ଷେ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ବିଭାଗ ଦ୍ୱାରା ଜିଲାରେ ବିଭିନ୍ନ ସ୍ଥାନରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ଇନ୍‌ଡୋର ଷ୍ଟାଡିୟମଠାରେ ଗତ ୪ ତାରିଖଠାରୁ ବିଭିନ୍ନ ବର୍ଗର ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସମାପନ ହୋଇଛି। ୧୩ ବର୍ଷରୁ କମ ବୟସର ପୁରୁଷ ଡବଲ୍ସ ପ୍ରତିଯୋଗିତାରେ ରାଜଗାଙ୍ଗପୁରର ୧୩ ବର୍ଷରୁ କମ ବୟସର ଦୁଇ ଭାଇ କ୍ରିଶ୍ନେନ୍ଦୁ ହାଲଦାର ଓ ତନ୍ମୟ ହାଲଦାର ଯୋଗଦେଇ ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ରନର୍ସଅପ୍ ମେଡାଲ ପାଇ ରାଜଗାଙ୍ଗପୁରକୁ ଗୌରବାନ୍ୱିତ କରିଛନ୍ତି। ଏହି ଦୁଇ ଭାଇଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ଓ ପାନପୋସ ଉପଜିଲାପାଳ ଅଭିମନ୍ୟୁ ମାଝି ଦୁଇ ଭାଇଙ୍କୁ ମେଡାଲ ପ୍ରଦାନ କରିବା ସହ ୨୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।


ରନର୍ସଅପ୍ ଦୁଇ ଭାଇ।

# ଭଦ୍ରକର ସୂର୍ଯ୍ୟଶିଖା ଚାମ୍ପିୟନ

ଲହୁଣୀପଡା,୯।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ତୁମକଳା ଗ୍ରାମଠାରେ ଚାଲିଥିବା ଦୁଇ ଦିନିଆ ଜାତୀୟ ଭଲିବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଦୁଇ ଦିନିଆ ଭଲିବଲ ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, କୁମାର ଗୌତମ ବାରିକ ଓ ଅନ୍ୟ ଅତିଥିମାନେ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଆଞ୍ଚଳିକ ଦଳ ଭାବେ ସିହିଡିହା, ମହୁଲଡିହା, ମରଦଙ୍ଗ, କଲା, ବଂପରଡ଼ା, ନରେନ୍ଦ୍ର, ଜକେଇକଳା, କେନ୍ଦ୍ରିକଳା, ଆୟୋଜକ ତୁମକଳା ଦଳ ଯୋଗଦେଇ କ୍ରୀଡା ପ୍ରଦର୍ଶନ କରିଥିଲେ। ଏଥିରେ କଲା ଦଳକୁ ହରାଇ ତୁମକଳା ଦଳ ଚାମ୍ପିୟନ ହୋଇଥିଲା। ସେହିଭଳି ଦ୍ୱିତୀୟ ଦିନ ପ୍ରତିଯୋଗିତାରେ ଜାତୀୟ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଛତିଶଗଡର ରାୟଗଡ, ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ଭଦ୍ରକର ସୂର୍ଯ୍ୟଶିଖା, ଝାରସୁଗୁଡା, ଭୁବନେଶ୍ୱର ଓ ରାଉରକେଲାର ରାଇଜିଙ୍ଗ କ୍ଲବ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ରାଉରକେଲା ରାଇଜିଙ୍ଗ କ୍ଲବକୁ ହରାଇ ଭଦ୍ରକର ସୂର୍ଯ୍ୟଶିଖା ଦଳ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଏହି ଦୁଇ ଦିନିଆ ଜାତୀୟ ଭଲିବଲ ପ୍ରତିଯୋଗିତାକୁ ସଞ୍ଜୀବ କୁମାର ଚାନ୍ଦ, ସୁଶାନ୍ତ ଶେଖର ଗୌଡ଼, ଆଦିକାନ୍ତ ପରିଡା, ସଞ୍ଜୀବ କୁମାର ମହାନ୍ତି ଖେଳ ପରିଚାଳନା କରିଥିଲେ। ତପନ କୁମାର ସାହୁ, ମହେଶ୍ୱର କର, ଅଶୋକ ରଣା, ଆଶିଷ କର, ଗଣେଶ କର, ପ୍ରଶାନ୍ତ ଜିତ, ପପୁନ ପାଲ, ମାନସ ନାୟକ, ରାଜେଶ କରଙ୍କ ସମେତ ତୁମକଳା ଗ୍ରାମ୍ୟ ବିକାଶ କମିଟି କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭଲିବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

# ବନବିଭାଗ ପକ୍ଷରୁ ମାଙ୍କଡ ଧରା ଅଭିଯାନ

ଦେବଗଡ଼, ୯।୧(ଡି.ଏନ୍.ଏ.)

ମାଙ୍କଡ ଉପଦ୍ରବରେ ଦେବଗଡ଼ ପୌରାଞ୍ଚଳବାସୀ ଅତିଷ୍ଠ ହୋଇପଡିବା ସହ ଏହାର ସ୍ଥାୟୀ ପ୍ରତିକାର ପାଇଁ ଦେବଗଡ଼ ବନାଞ୍ଚଳ ଓ ବନଖଣ୍ଡ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଓ ଏପରିକି ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ। ମାତ୍ର ଏହା ସତ୍ତ୍ୱେ ମାଙ୍କଡ ଉପଦ୍ରବର ପ୍ରତିକାର ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବିଳମ୍ବରେ ହେଲେ ମଧ୍ୟ ଦେବଗଡ଼ ସହରବାସୀଙ୍କୁ ମାଙ୍କଡ ଉପଦ୍ରବରୁ ରକ୍ଷା କରିବା ପାଇଁ ବନବିଭାଗ ପକ୍ଷରୁ ସୋମବାର ଆନୁଷ୍ଠାନିକ ଭାବେ ଉଦ୍ୟମ ଆରମ୍ଭ ହୋଇଛି। ଏହି କ୍ରମରେ ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋଙ୍କ ନିର୍ଦ୍ଦେଶ ଓ ଦେବଗଡ଼ ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦଙ୍କ ତତ୍ତ୍ୱାବଧାନରେ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରୁ ମାଙ୍କଡଧରା ଅଭିଯାନ ଆରମ୍ଭ ହୋଇଛି। ଦେବଗଡ଼ ବନପାଳ ଭିମସେନ ଶତପଥିଙ୍କ ନେତୃତ୍ୱରେ ବନବିଭାଗ ଏବଂ ମଙ୍କି ସ୍କ୍ୱାଡ୍‌ର ବହୁ କର୍ମଚାରୀ ମାଙ୍କଡ ଧରା ଅଭିଯାନରେ ସାମିଲ ହୋଇଛନ୍ତି। ପଛପଟେ ସଟର ଗେଟ ଖଞ୍ଜା ଯାଇଥିବା ବନ ବିଭାଗର ମିନିଟ୍ରକରେ ଖାଦ୍ୟର ପ୍ରଲୋଭନ ଦେଖାଇ କୌଶଳ କ୍ରମେ ବହୁ ସଂଖ୍ୟକ ମାଙ୍କଡଙ୍କୁ କାବୁ କରାଯାଇଥିଲା। ସେହିପରି ଉକ୍ତ ମାଙ୍କଡଙ୍କୁ ଜନବସତିଠାରୁ ଦୂରରେ ଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ଛଡା ଯାଇଥିବା ଜଣାପଡ଼ିଛି। ସେହିପରି ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଅଭିଯାନ କେତେଦୂର ସଫଳ ହେଉଛି ସେଥିନେଇ ସାଧାରଣରେ ବେଶ୍ ଉତ୍ସୁକତା ପରିଲକ୍ଷିତ ହୋଇଛି।

# ଆତ୍ମସୁରକ୍ଷା ତାଲିମ ଶିବିର



ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

କୁତ୍ରା, ୯।୧(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାଠାରେ ଅବସ୍ଥିତ ଡାଲମିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପ୍ରିନସିପାଲ ଡକ୍ଟର ହିରନ ଲୁଗୁନଙ୍କ ଅଧ୍ୟକ୍ଷତାରେ ସରକାରଙ୍କ ବିଦ୍ୟାଳୟ ଏବଂ ଜନ ଶିକ୍ଷା ତରଫରୁ କଳା, ବିଜ୍ଞାନ, ବାଣିଜ୍ୟ ଛାତ୍ରୀମାନଙ୍କ ପାଇଁ ଆଠ ଦିନିଆ କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସରପଞ୍ଚ ଭିକ୍ଟୋରିଆ ଜୋଜୋ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ। ବାଳିକାଙ୍କ ସୁରକ୍ଷା ଏବଂ ଆତ୍ମବିଶ୍ୱାସକୁ ପ୍ରୋତ୍ସାହିତ କରିବା ବିଷୟରେ କହିଥିଲେ। କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଅଧ୍ୟାପିକା ଡକ୍ଟର ତବସୁମ ବାନୋ ଏହି କାର୍ଯ୍ୟକ୍ରମ ବିଷୟରେ ବାଳିକାଙ୍କୁ ସୂଚନା ଦେଇଥିଲେ। ପଙ୍କଜିନି ପଟେଲ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଡକ୍ଟର ଜିତେନ୍ଦ୍ର ପଟେଲ, ମମତା ମାଜି ସହଯୋଗ କରିଥିଲେ। ସମ୍ମାନିତ ଅତିଥି ଭାବେ କୈଳାସ ସାହୁ ଉପସ୍ଥିତି ରହି ବାଳିକାଙ୍କୁ ଉତ୍ସାହିତ କରିଥିଲେ। ଆସିମା କୁଜୁର, ମମତା ନାଜ, ଆସିଫା ଡଙ୍ଗଡୁଙ୍ଗ, ଅର୍ଚ୍ଚନା ଗଦାଟିଆ, ନିଶିତା ବାର୍ଲା ଏଥିରେ ପ୍ରଶିକ୍ଷକ ଭାବରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଗୋହିରା ଡ୍ୟାମ୍‌ରେ ଡଙ୍ଗା ବୁଡି ବୃଦ୍ଧ ନିଖୋଜ

ଦେବଗଡ଼,୯।୧:(ଡି.ଏନ୍.ଏ.)

ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ଗୋହିରା ଡ୍ୟାମରେ ରବିବାର ରାତିରେ ଯାଉଥିବାବେଳେ ପାଣିରେ ଡଙ୍ଗା ବୁଡି ଯିବା ଯୋଗୁ ଜଣେ ବୃଦ୍ଧ ନିଖୋଜ ହୋଇଥିବା ଜଣାପଡିଛି। ଖବରପାଇ ଦେବଗଡ ଅଗ୍ନିଶମ ବିଭାଗ ଓ କଂସର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିବାବେଳେ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ। ଖବର ମୁତାବକ ତିଲେଇବଣି ବ୍ଲକ ଅନ୍ତର୍ଗତ ବରଘାଟ ଗ୍ରାମର ନୀଳାମ୍ବର ସିଂ(୫୭) ରବିବାର ନିକଟସ୍ଥ ଖଳିନାଳୀ ଗ୍ରାମକୁ ଏକ ଘରୋଇ କାର୍ଯ୍ୟରେ ଡଙ୍ଗାରେ ଯାଇଥିଲେ। ତେବେ ସେ ରାତି ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ପରିବାର ଲୋକେ ଏଣେ ତେଣେ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ସନ୍ଧାନ ପାଇ ନ ଥିଲେ। ସୋମବାର ସକାଳେ ପରିବାର ଲୋକ ନିଖୋଜ ଘଟଣା ସମ୍ପର୍କରେ କଂସର ଫାଣ୍ଡି ପୋଲିସ ଓ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ଡ୍ୟାମରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜା ଖୋଜି କରିବା ପରେ ବୁଡିଥିବା ଡଙ୍ଗାର ସନ୍ଧାନ ପାଇଥିବାବେଳେ ନୀଳାମ୍ବରଙ୍କ କୌଣସି ପତ୍ତା ପାଇପାରି ନାହିଁ। ତେବେ ପାଣିରେ ଅଧିକ ସନ୍ଧାନ ପାଇଁ ଓଡ୍ରାଫର ସହାୟତା ନିଆଯାଇଛି।

# ଦୁର୍ବୃତ୍ତଙ୍କ ଏସିଡ୍ ଆକ୍ରମଣରେ ଯୁବକ ଗୁରୁତର : କାରଣ ଅସ୍ପଷ୍ଟ

ଦେବଗଡ଼, ୯।୧(ଡି.ଏନ୍.ଏ.)

ସୋମବାର ରାତିରେ ଦୁର୍ବୃତ୍ତଙ୍କ ଏସିଡ୍ ମାଡରେ ରଜାମୁଣ୍ଡା ଦେବଗଡ଼ ପୌରାଞ୍ଚଳ ୧୦ ନମ୍ବର ୱାର୍ଡ ମୁଣ୍ଡାସାହିର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଖବର ମୁତାବକ ରାତି ପ୍ରାୟ ୯ଟାରେ ମୁଣ୍ଡାସାହିର ସିକନ ପ୍ରଧାନ (୨୨) ସାହି ମୁଣ୍ଡରୁ ଚାଲିଚାଲି ନିଜ ଘରକୁ ଆସୁଥିବାବେଳେ ୩ ଜଣ ଅଜଣା ଯୁବକ ତାଙ୍କ ଉପରକୁ ଏସିଡ୍ ଫିଙ୍ଗି ଦୌଡି ପଳାଇଥିଲେ। ଫଳରେ ସିକନଙ୍କ ମୁଣ୍ଡ, ମୁହଁ ଏବଂ ପିଠି ସମେତ ଶରୀରର ବିଭିନ୍ନ ଅଂଶ ପୋଡିଯିବା ସହ ସେ ଗୁରୁତର ଆହତ ହୋଇଥିଲେ। ସୂଚନା ପାଇ ସେଚ୍ଛାସେବୀ ରାଜେନ୍ଦ୍ର ଆଚାର୍ଯ୍ୟ ଓ ବାପି ବିଶ୍ୱାଳ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ସହ ଏକ ବାଇକ୍ ଯୋଗେ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦେବଗଡ ଥାନା ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ ହେଁ ଏସିଡ ମାଡ ପଛର ପ୍ରକୃତ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଅନ୍ୟ ପକ୍ଷରେ ସିକନଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଛି।

# ବେକରେ ଦଉଡି ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ଲହୁଣୀପଡା,୯।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ବଡ଼ ପୁରୁଣାପଣି ପଞ୍ଚାୟତ ପଟାଝରଣ ଗ୍ରାମର ପିୟୁସ ମୁଣ୍ଡାଙ୍କ ପୁଅ ତ୍ରିଷ୍ଟ ପ୍ରସାଦ ମୁଣ୍ଡା (୧୯) ନିକଟସ୍ଥ ଗଛରେ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲେ ମଧ୍ୟ ଆତ୍ମହତ୍ୟା କରିଥିବାର ପ୍ରକୃତ କାରଣ ଜଣାପଡ଼ିନାହିଁ।

# କଂଗ୍ରେସ ଦଳର 'ଭାରତ ଯୋଡୋ' ଯାତ୍ରା

ଦେବଗଡ଼, ୯।୧(ଡି.ଏନ୍.ଏ.)

ଦେବଗଡ ଜିଲାରେ ସୋମବାର କଂଗ୍ରେସ ଦଳର 'ଭାରତ ଯୋଡୋ ଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଦେବଗଡ ଜିଲାରୁ 'ଭାରତ ଯୋଡୋ ଯାତ୍ରା' ଆରମ୍ଭ କରିଛି କଂଗ୍ରେସ। ସ୍ଥାନୀୟ ଝାଡେଶ୍ୱର ମନ୍ଦିର ନିକଟରୁ ଏହି ଯାତ୍ରା ଶୁଭାରମ୍ଭ ହୋଇଥିବା ବେଳେ ଏହା ବାରକୋଟ ବ୍ଲକ ପର୍ଯ୍ୟନ୍ତ ଯାତ୍ରା କରିଥିଲା। ଏହି ଯାତ୍ରାରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ସମେତ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଅଖିଳ ଭାରତୀୟ କଂଗ୍ରେସ କମିଟିର ମହିଳା ଉପ ସଭାନେତ୍ରୀ ସସ୍ମିତା ବେହେରା, ଭାରତ ଯୋଡୋ ଯାତ୍ରାର ରାଜ୍ୟ ମୁଖ୍ୟ ସଂଯୋଜକ ତଥା କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ଦେବଗଡ ଜିଲା କଂଗ୍ରେସ ପର୍ଯ୍ୟବେକ୍ଷକ ଦୁର୍ଗା ପାଢୀ, ରବି ରାୟ, ପ୍ରଦେଶ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମହାନ୍ତି, ଜ୍ଞାନରଞ୍ଜନ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଓ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକଙ୍କ ସମେତ ଜିଲା କଂଗ୍ରେସ ଓ ପ୍ରଦେଶ କଂଗ୍ରେସ କମିଟିର ବହୁ କଂଗ୍ରେସ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ। ଏହି ପଦଯାତ୍ରା ଦେବଗଡ ସହରର ଗୋପବନ୍ଧୁ ଛକଠାରେ ପହଞ୍ଚିବା ପରେ ସେଠାରେ କଂଗ୍ରେସ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉଦ୍‌ବୋଧନ ଦେଇଥିଲେ। ଏଥିସହ 'ଭାରତ ଯୋଡୋ ଯାତ୍ରା' କଂଗ୍ରେସ ସଙ୍ଗଠନକୁ ଅଧିକ ମଜଭୁତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ଗୋଲାବନ୍ଧ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ନିହାର ରଞ୍ଜନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ନାଗାର୍ଜ୍ଜୁନ ପ୍ରଧାନ, ଅବସରପ୍ରାପ୍ତ ଫରେଷ୍ଟର ଦେବାନନ୍ଦ ପ୍ରଧାନ, ଡିଲେଶ୍ୱର ବେହେରା, ଜୟକୃଷ୍ଣ ନାୟକ, ବଟକୃଷ୍ଣ ନାୟକ, ଭାଗ୍ୟରଥୀ ସାହୁ, ଡିଲେଶ୍ୱର ନାୟକ, ରଜନୀକାନ୍ତ ନାୟକ, ସୁଶୀଳ ବେହେରା, ପଥରୁ ବେହେରା, ସୁଦର୍ଶନ ସାହୁ, ସୁରେଶ ଶତପଥି ଓ ଅଶୋକ ଜ୍ୟୋତିଷ ପ୍ରମୁଖ କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ। ଏହି ଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବିନୋଦ କୁମାର ନାୟକ, ନଗର କଂଗ୍ରେସ ସଭାପତି ପ୍ରକାଶ ଦେବତା, ଜିଲା କଂଗ୍ରେସ ଉପସଭାପତି ସୁବାସ ଚନ୍ଦ୍ର ଭୋଇ, ବରିଷ୍ଠ ନେତା ନେତ୍ରାନନ୍ଦ ସାମଲ,ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ସ୍ୱାଇଁ, ଜିଲା କଂଗ୍ରେସ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ମଞ୍ଜୁଳ କୁମାର ନାଏକ , ସନ୍ତୋଷ କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଉପକୃତ ହେବେ ୬ ପଞ୍ଚାୟତର ୫୪ ଗ୍ରାମର ବାସିନ୍ଦା

ଦେବଗଡ଼, ୯।୧(ଡି.ଏନ୍.ଏ.)

ଦେବଗଡ ଜିଲାରେ ଆଉ ଏକ ଥାନା ତିଳେଇବଣି ବ୍ଲକ ଲଇମୁରାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମୋଡରେ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଦେବଗଡ଼ ଏସପି ପ୍ରମୋଦ କୁମାର ରଥ, ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ , ତିଲେଇବବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଦେବଗଡ ଜିଲାପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୁକାସ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଏସ୍‌ଡ଼ିପିଓ ଅନିଲ କୁମାର ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଲଇମୁରା ପୋଲିସ ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ କରାଯାଇଛି। ତିଲେଇବଣି ବ୍ଲକ ଅନ୍ତର୍ଗତ ୬ଟି ପଞ୍ଚାୟତ ଅନ୍ତର୍ଗତ ୫୪ ଟି ରାଜସ୍ୱ ଗ୍ରାମର ଗ୍ରାମବାସୀ ଏହାର ସୁବିଧା ପାଇ ପାରିବେ। କୌଣସି ଅଭିଯୋଗ ପାଇଁ ଏହି ଅଞ୍ଚଳର ଲୋକ ପୂର୍ବରୁ ୪୫ କିଲୋମିଟର ଦୂରବର୍ତ୍ତୀ ଦେବଗଡକୁ ଆସିବାକୁ ପଡୁଥିଲା। ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡି.ଏସ.ପି.(ଡିଆଇବି) ପ୍ରଦୀପ କୁମାର କେର୍କେଟ୍ଟା, ଦେବଗଡ ଥାନା ଅଧିକାରୀ ଇନ୍ସପେକ୍ଟର ସୁରେନ୍ଦ୍ର କୁମାର ନାୟକ , ଲଇମୁରା ଥାନା ଅଧିକାରୀ ସନ୍ତୋଷ କୁମାର ଶତପଥି, ଜିଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ପୁଷ୍ପାଞ୍ଜଳି ସାମଲ, ତିଲେଇବଣି ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ , ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଂଜିତ ପଟେଲ ଓ ପୂର୍ବତନ ଜିଲା ପରିଷଦ ସଦସ୍ୟ ଗଣେଶ ନାୟକଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।


ଥାନା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଲଇମୁରା ଥାନା ଉଦ୍‌ଘାଟିତ**


ହରିୟାଣାର ଶାହବାଦରେ 'ଭାରତ ଯୋଡ଼ ଯାତ୍ରା'ରେ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭାରତୀୟ କିଶାନ ୟୁନିୟନର ରାଷ୍ଟ୍ରୀୟ ପ୍ରବକ୍ତା ରାକେଶ ଟିକାୟତଙ୍କ ସମେତ କୃଷକ ନେତାମାନଙ୍କ ପ୍ରତିନିଧି ମଣ୍ଡଳୀ ସୋମବାର ସାକ୍ଷାତ୍ କରି କୃଷକମାନଙ୍କ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

# ଭାଜପା ପୁସ୍ତକ ପ୍ରକାଶନ ଉପରେ ସ୍ଥଗିତାଦେଶ

**ନୂଆଦିଲ୍ଲୀ,୯।୧**

କର୍ନାଟକ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ରାଜନୈତିକ ଟଣାଓଟରା ଆରମ୍ଭ ହୋଇଯାଇଛି। ଶାସକ ଭାଜପା ପ୍ରକାଶ କରିବାକୁ ଯାଉଥିବା ଏକ ପୁସ୍ତକର କଭରରେ କଂଗ୍ରେସ ନେତା ସିଦ୍ଧରମୈୟା ଟିପୁ ସୁଲ୍ତାନ ପୋଷାକ ପିନ୍ଧି ହାତରେ ଖଣ୍ଡା ଧରିଥିବା ପୋଷ୍ଟର ବିଭିନ୍ନ ସ୍ଥାନରେ ଲଗାଯାଇଥିଲା। ଏହାକୁ ନେଇ ବିବାଦ ଦେଖାଦେବା ସହ କଂଗ୍ରେସ ନେତା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ନିର୍ବାଚନ ପୂର୍ବରୁ ତାଙ୍କ ବଦ୍‌ନାମ କରିବା ପାଇଁ ଏଭଳି ପୁସ୍ତକ ଶାସକ ଦଳ ଛାପୁଥିବା ସିଦ୍ଧରମୈୟା ଅଭିଯୋଗ କରିଥିଲେ।

**ସିଦ୍ଧରମୈୟାଙ୍କୁ ପୁସ୍ତକରେ ଅପମାନିତ କରାଯାଇଥିଲା**

ମାନହାନିକାରୀ ଉକ୍ତ ପୁସ୍ତକର ପ୍ରକାଶନ ଉପରେ ବେଙ୍ଗାଲୁରୁର ଏକ ଅଦାଲତ ସୋମବାର ସ୍ଥଗିତାଦେଶ ଜାରି କରିଛନ୍ତି।

ଅଷ୍ଟାଦଶ ଶତାବ୍ଦୀର ମହୀଶୂର ଶାସକ ଟିପୁ ସୁଲ୍ତାନଙ୍କୁ ସିଦ୍ଧରମୈୟା କିଛିଦିନ ପୂର୍ବରୁ ପ୍ରଶଂସା କରିଥିଲେ। ଭାଜପା ସିଦ୍ଧରମୈୟାଙ୍କୁ ଉକ୍ତ ପୁସ୍ତକରେ ସିଦ୍ଧରମୁଲ୍ଲା ଖାନ୍ ବୋଲି ଲେଖିଛି। ପୁସ୍ତକର ନାମ ରଖାଯାଇଛି ସିଦ୍ଧୁ ନିଜାକାନାସୁଗାଲୁ (ସିଦ୍ଧୁଙ୍କ ପ୍ରକୃତ ସ୍ୱପ୍ନ)। ଏଥିରେ ବରିଷ୍ଠ କଂଗ୍ରେସ ନେତା ତଥା କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ଅପମାନିତ କରାଯାଇଥିଲା। ଏହା ବିରୋଧରେ ସିଦ୍ଧରମୈୟାଙ୍କ ପୁଅ କଂଗ୍ରେସ ବିଧାୟକ ଯଥିନ୍ଦ୍ର ସିଦ୍ଧରମୈୟା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୋମବାର ପୁସ୍ତକ ପ୍ରକାଶ ପାଇବାକୁ ଥିବାବେଳେ ବେଙ୍ଗାଲୁରୁର ସେସନ୍ସ କୋର୍ଟ ଏହା ଉପରେ ରୋକ୍ ଲଗାଇଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଉକ୍ତ ପୁସ୍ତକର ପ୍ରକାଶନ, ଉନ୍ମୋଚନ, ବିକ୍ରି କିମ୍ବା ପ୍ରଦର୍ଶନ କରାଯାଇପାରିବ ନାହିଁ ବୋଲି କୋର୍ଟ ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ସି.ଏନ୍. ଅଶ୍ୱଥ ନାରାୟଣ ଓ ଅନ୍ୟମାନଙ୍କୁ କହିଛନ୍ତି। ମନ୍ତ୍ରୀ ଅଶ୍ୱଥ ଉକ୍ତ ପୁସ୍ତକ ଉନ୍ମୋଚନ କରିବା କାର୍ଯ୍ୟକ୍ରମ ଥିଲା।

# କେନ୍ଦ୍ର ଯୋଜନାରୁ ବଞ୍ଚିତ ଓଡ଼ିଶା ଚାଷୀ: ଭାଜପା

**ଭୁବନେଶ୍ୱର,୯।୧(ବ୍ୟୁରୋ)**

ମୋଦି ସରକାର ପିଏମ୍ କିଷାନ ଯୋଜନାରେ ଓଡ଼ିଶାର ୪୫ ଲକ୍ଷ ଚାଷୀଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ବ୍ୟବସ୍ଥା କରିଥିଲେ ମଧ୍ୟ ରାଜ୍ୟ ସରକାର କେନ୍ଦ୍ରକୁ ଠିକ୍ ତାଲିକା ଦେଉନାହାନ୍ତି। ଫଳରେ ଓଡ଼ିଶାର ଚାଷୀକୁଳ କେନ୍ଦ୍ରର ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏବେ ସୁଦ୍ଧା ରାଜ୍ୟ ସରକାର କେନ୍ଦ୍ରକୁ ମାତ୍ର ୨୫ ଲକ୍ଷ ଚାଷୀଙ୍କ ଭୂଲେଖ ରେକର୍ଡ ଦେଇଥିବା ମୁଖ୍ୟ ଶାସନ ସଚିବ କହୁଛନ୍ତି। ରାଜ୍ୟ ସରକାର କାହିଁକି ଏପର୍ଯ୍ୟନ୍ତ ସେହି କାମକୁ ସମାପ୍ତ କରି ନାହାନ୍ତି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାଳିଆ ଯୋଜନାରେ ରାଜ୍ୟ ସରକାର ୫୯ ଲକ୍ଷ ଚାଷୀଙ୍କୁ ଅର୍ଥ ପ୍ରଦାନ କରୁଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି ତେବେ ରାଜ୍ୟ ଚାଷୀଙ୍କ ତଥ୍ୟ କେନ୍ଦ୍ର ସରକାରଙ୍କୁ ଦେବାରେ ତାଙ୍କ ହାତ କାହିଁକି ଥରୁଛି ବୋଲି ଭାଜପା ପ୍ରଶ୍ନ କରିଛି। ବାରମ୍ବାର କହିବା ସତ୍ତ୍ୱେ ରାଜ୍ୟ ସରକାର କାହିଁକି ଚାଷୀ ତାଲିକା କେନ୍ଦ୍ର ସରକାରଙ୍କୁ ଦେଉନାହାନ୍ତି, ତାହା ସାଧାରଣରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଶାସକ ବିଜେଡିର ଚାଷୀମାରଣ ନୀତି ସ୍ପଷ୍ଟ ହୋଇଛି। ଏନେଇ ସୋମବାର ଭାଜପା କୃଷକ ମୋର୍ଚ୍ଚାର ଏକ ପ୍ରତିନିଧିମଣ୍ଡଳୀ କୃଷି ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ରାଜ୍ୟ ଖବର

# ବ୍ୟାଙ୍କ ସମ୍ମୁଖରୁ ୧୫ ଲକ୍ଷ ଲୁଟ

- ବ୍ୟବସାୟୀଙ୍କ ମ୍ୟାନେଜରଙ୍କୁ ହାଣି ବ୍ୟାଗ ଛଡ଼ାଇନେଲେ
- ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କଲେ
- ବାଇକ୍‌ରେ ଆସିଥିବା ୩ ଦୁର୍ବୃତ୍ତ ଫେରାର

**ପରଜଙ୍ଗ,୯।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଲୋଧଣୀ ଗ୍ରାମରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରୁ ସୋମବାର ମଧ୍ୟାହ୍ନରେ ୧୫ ଲକ୍ଷ ଟଙ୍କା ଲୁଟ ହୋଇଛି। ବାଇକ୍‌ରେ ଆସିଥିବା ୩ ଜଣ ଦୁର୍ବୃତ୍ତ ରାଶନ ବ୍ୟବସାୟୀ କ୍ଷୀରୋଦ କୁମାର ସାହୁଙ୍କ ମ୍ୟାନେଜର ଜୟନ୍ତ କୁମାର ଆଚାର୍ଯ୍ୟଙ୍କୁ ଭୁଜାଲିରେ ଆକ୍ରମଣ କରି ତାଙ୍କଠାରୁ ୧୫ ଲକ୍ଷ ଟଙ୍କା ଥିବା ବ୍ୟାଗ ଲୁଟି ଫେରାର ହୋଇଯାଇଛନ୍ତି। ଗୁରୁତର ଜୟନ୍ତଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ରାଶନ ବ୍ୟବସାୟୀ କ୍ଷୀରୋଦଙ୍କ ଭାଲୁମୁଣ୍ଡାସ୍ଥିତ ଗୋଦାମରୁ ୧୫ ଲକ୍ଷ ଟଙ୍କା ଧରି ମ୍ୟାନେଜର ଜୟନ୍ତ କୁମାର ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଡ୍ରାଇଭର ବିରଞ୍ଚି ସାହୁଙ୍କ ସହିତ ଲୋଧଣୀ ଗ୍ରାମରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଡିପୋଜିଟ୍ ପାଇଁ ଆସିଥିଲେ। ବ୍ୟାଙ୍କ ସମ୍ମୁଖରେ ଚାଳକ ଗାଡ଼ି ରଖିବା ପରେ ମ୍ୟାନେଜର ଜୟନ୍ତ ଟଙ୍କା ବ୍ୟାଗ ନେଇ ଭିତରକୁ ଯାଉଥିଲେ। ଏହି ସମୟରେ ୩ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଏକ ବ୍ୟାଟରେ ଜୟନ୍ତଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଅନ୍ୟ ଜଣେ ଭୁଜାଲିରେ ଆକ୍ରମଣ କରି ଟଙ୍କା ବ୍ୟାଗ ଛଡ଼ାଇ ନେଇଥିଲେ। ଜୟନ୍ତଙ୍କ ସହ ଥିବା ପିକ୍‌ଅପ୍ ଚାଳକ ବିରଞ୍ଚି ଗାଡ଼ିରୁ ଓହ୍ଲାଇବା କ୍ଷଣି ଅନ୍ୟ ଜଣେ ଦୁର୍ବୃତ୍ତ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଆସିଥିବା ବାଇକ୍ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେଓ, ପରଜଙ୍ଗ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର, ଏସ୍‌ଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି। ଖବରଲେଖା ବେଳକୁ ଦୁର୍ବୃତ୍ତଙ୍କ କୌଣସି ପତ୍ତା ମିଳିପାରି ନାହିଁ। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ପରଜଙ୍ଗ ଗ୍ରାମର ରାଶନ ବ୍ୟବସାୟୀ ବିନୟ ସାହୁଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ସୁନାଗହଣା, ପରଜଙ୍ଗ ବଜାରରେ ଥିବା ଲଳିତା କ୍ଲଥ୍ ଷ୍ଟୋର ଏବଂ ଅନ୍ନପୂର୍ଣ୍ଣା ଫାଇନାନ୍ସ କର୍ମଚାରୀଙ୍କଠାରୁ ୪୦ ହଜାର ଟଙ୍କା ଲୁଟ୍ ହୋଇଥିଲା। ଏସବୁ ମାମଲାରେ ପୋଲିସକୁ ଏଯାଏ ସଫଳତା ମିଳିପାରି ନ ଥିବାବେଳେ ବ୍ୟାଙ୍କ ସମ୍ମୁଖରୁ ୧୫ ଲକ୍ଷ ଟଙ୍କା ଲୁଟ୍ ହେବା ସ୍ଥାନୀୟ ବ୍ୟବସାୟୀମାନଙ୍କୁ ଭୟଭୀତ କରିଦେଇଛି। ଏ ସମ୍ପର୍କରେ ଢେଙ୍କାନାଳ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଛନ୍ତି, ନୂତନ ଭାବେ ଯୋଗଦେଇଛି। ଏହି ଲୁଟ ଘଟଣା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପରଜଙ୍ଗ ଅଞ୍ଚଳରେ ବଢୁଥିବା ଆପରାଧିକ କାର୍ଯ୍ୟକଳାପ ଉପରେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯିବ। ପରଜଙ୍ଗ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି, ତଦନ୍ତ ଆରମ୍ଭ ହୋଇଛି। ଟଙ୍କା ଡିପୋଜିଟ୍ ପାଇଁ ନିଆଯାଉଥିବା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଦୁର୍ବୃତ୍ତମାନଙ୍କୁ ସୂଚନା ଦେଇଥିବା ସନ୍ଦେହ କରାଯାଉଛି। ଖୁବ୍‌ଶୀଘ୍ର ଏହାର ପର୍ଦ୍ଦାଫାଶ ହେବ।


ବ୍ୟବସାୟୀଙ୍କ ଗୋଦାମରେ ପହଞ୍ଚି ପୋଲିସ ତଦନ୍ତ କରୁଛି।

# ବ୍ଲକସ୍ତରୀୟ ଯାଦବ ମହାସଭା ସମ୍ମିଳନୀ

**ନୂଆପଡ଼ା ଅଫିସ,୯।୧**

ନୂଆପଡା ଜିଲା କୋମନା ବ୍ଲକ ଗନିଆରି ଗ୍ରାମ ପ୍ରାଥମିକ ବିଦ୍ୟାଳୟ ଆମ୍ବତୋଟା ମୂଳରେ ବ୍ଲକସ୍ତରୀୟ ଯାଦବ ମହାସଭା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ତାରାଚନ ଥପାଙ୍କ ଅଧ୍ୟକ୍ଷତାରେ ଜିଲା ଯାଦବ ସମାଜ କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ନାଗ, ଉପସଭାପତି ଚଞ୍ଚଳ ଶଗରିଆ, ପୂର୍ବତନ ଜିଲା ଯାଦବ ସମାଜ ସଭାପତି ହରେରାମ କଠାର, ବରିଷ୍ଠ ସଦସ୍ୟ ଘନଶ୍ୟାମ କରୁଆ, ଗଦାଧର ଗହିର, ପବିତ୍ର ପୋଡ, ପଦ୍ମରାମ ହଂସ, ରଜନା ସରପଞ୍ଚ କ୍ଷୀରସିନ୍ଧୁ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମିଳନୀରେ ବ୍ଲକର ପ୍ରତ୍ୟେକ ଯାଦବ କେନ୍ଦ୍ରର ସଭାପତି, ସମ୍ପାଦକ ଓ ମାନ୍ଦି ସଭ୍ୟମାନେ ଉପସ୍ଥିତ ଥିଲେ। ସମାଜର ଉନ୍ନତି, ନାରୀନିର୍ଯାତନା, ଅନ୍ଧବିଶ୍ୱାସ, କୁସଂସ୍କାର ଦୂରକରି ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି। ଯୁବପିଢୀମାନଙ୍କୁ ଆଗେଇ ଆସିବା ପାଇଁ ଆହ୍ୱାନ କରିବା ସହ ସାମାଜିକ ସଂସ୍କାର, ଯୁବ ଯାଦବ ସମାଜ ଗଠନର ଭୂମିକା, ମହିଳା ଯାଦବ ସମାଜ ଗଠନର ଭୂମିକା, ଆଗାମୀ ଦିନରେ ଓବିସିମାନେ ନିଜର ହକ ଅଧିକାର ପାଇଁ ଲଢେଇ କରିବା ପାଇଁ ସମାଜକୁ ମଜଭୁତ ହେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ସମ୍ପାଦକ ଯୋଗେନ୍ଦ୍ର ବାଗ ମଞ୍ଚ ପରିଚାଳନା କରିଥିବା ବେଳେ ଅର୍ଜୁନ କଠାର, ଖରତ ହଂସ, କେଶବ ହଂସ, ପୀତାମ୍ବର ଅଦା, ଯଶୋବନ୍ତ ହଂସ, ନବୀନ ନାଗ, ଚଉବନ ଥପା, କଳାକହ୍ନାଇ ଅଦା, ମୟ ପୁଞ୍ଜି, ପଦ୍ମ କେଶର ହଂସ ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଯାଦବ ବୃନ୍ଦ।

# ଆୟୁଷ ସ୍କୁଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

**ଲୋଇସିଂହା,୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୁଷ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଆଶୋକ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଜିଲା ହୋମିଓପ୍ୟାଥି ଚିକିତ୍ସା ଅଧିକାରୀ ଅଶୋକ କୁମାର ସେଠୀ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଡାକ୍ତର ପ୍ରତ୍ୟୁଷ କୁମାର ବେହେରା ଔଷଧୀୟ ବୃକ୍ଷ ଉପରେ ଆଲୋଚନା କରିଥିଲେ। ଡାକ୍ତର ଶୁଭାଶିଷ ତ୍ରିପାଠୀ ଉତ୍ତମ ସ୍ୱାସ୍ଥ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଡାକ୍ତର ଲକ୍ଷ୍ମୀପ୍ରିୟା ସେଠୀ ଛାତ୍ରୀଙ୍କୁ ସ୍ୱଚ୍ଛତା ଉପରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଯୋଗ ଶିକ୍ଷକ ସରୋଜ କୁମାର ବକୁଳ ଯୋଗଶିକ୍ଷା ଏବଂ ଉପକାରିତା ଉପରେ କହିଥିଲେ। ସଚେତନତା ସଭାପରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଡିଲେଶ୍ୱରୀ କୁଅଁର, ଶ୍ରବଣ ବାରିକ, ଭୁଜମଣୀ ପୁଟେଲ, ବାଳଗୋପାଳସିଂ ନିନା ସହଯୋଗ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା।

# ଯୁବକଙ୍କୁ ପୋଲିସର ମାଡ଼ ଅଭିଯୋଗ

**ଯୋଡ଼ା,୯।୧(ଡି.ଏନ୍.ଏ.)**–କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ବିଲେଇପଦା ଫାଣ୍ଡି ପୋଲିସ ରବିବାର ଜଣେ ଯୁବକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି।

**ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକେ**

ଚିକିତ୍ସା ପାଇଁ ତାଙ୍କୁ ଯୋଡ଼ାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଜଣଙ୍କ ହେଲେ ବିରକଳା ପଞ୍ଚାୟତ ଅନ୍ତର୍ଗତ ମୁଟୁଦା ଗ୍ରାମର ଅମିତ୍ ସେଠୀ। ଅମିତ୍‌ଙ୍କ ଶରୀରର ବିଭିନ୍ନ ସ୍ଥାନରେ ମାଡ଼ ଚିହ୍ନ ଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ଘଟଣାକୁ ନେଇ ପରିବାର ଲୋକେ ସୋମବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, ଅମିତ୍‌ଙ୍କ ସହ ସ୍ତ୍ରୀ ସୁପ୍ରିୟାଙ୍କ ଝଗଡ଼ା ହୋଇଥିଲା। ଅମିତ୍ ଉତ୍କ୍ଷିପ୍ତ ହୋଇ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ଏ ନେଇ ସୁପ୍ରିୟା ବିଲେଇପଦା ବିଟ୍ ହାଉସ୍‌ରେ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଘଟଣାରେ ପୋଲିସ ଅମିତ୍‌ଙ୍କୁ ଫାଣ୍ଡିକୁ ଡକାଇ ପ୍ରଥମେ ବୁଝାଶୁଝା କରିବା ପରେ ନିସ୍ତୁକ ମାଡ଼ ମାରିଥିଲେ ବୋଲି ଅମିତ୍ କହିଛନ୍ତି। ଏବେ ଅମିତ୍‌ଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କର ହାତ, ଗୋଡ଼ ଓ ଶରୀରର ଅନ୍ୟ ସ୍ଥାନରେ ଗଭୀର ଆଘାତ ଲାଗିଛି ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି। ମାଡ଼ ମାରିଥିବା ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ପରିବାର ଲୋକେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରେ ସମ୍ପୃକ୍ତ ପୋଲିସ କର୍ମଚାରୀ କିମ୍ବା ଯୋଡ଼ା ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ ଛତିଶଗଡ଼ ରାଜ୍ୟପାଳ

**କୋଣାର୍କ,୯।୧(ଡି.ଏନ୍.ଏ.):** ଛତିଶଗଡ଼ ରାଜ୍ୟପାଳ ଅନୁସୂୟା ଉକି ସୋମବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ଓ ଚନ୍ଦ୍ରଭାଗା ବେଳାଭୂମି ପରିଦର୍ଶନ କରିଛନ୍ତି। ପ୍ରଥମେ ସେ କୋଣାର୍କରେ ପହଞ୍ଚି ସୂର୍ଯ୍ୟମନ୍ଦିର ବୁଲି ଦେଖିବା ସହ ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ପ୍ରଶଂସା କରିଥିଲେ। କୋଣାର୍କ ମ୍ୟୁଜିୟମ ଅଧିକାରୀ ପ୍ରତାପ କୁମାର ନାୟକ ସୂର୍ଯ୍ୟମନ୍ଦିରର ଐତିହାସିକ ତଥ୍ୟ ବୁଝାଇ ଦେଖାଇଥିଲେ। ଏହାପରେ ଚନ୍ଦ୍ରଭାଗା ବେଳାଭୂମିକୁ ଯାଇଥିଲେ। ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ଦିଲୀପ ମହାପାତ୍ର, ତହସିଲଦାର ଶେଖ ସାଗିର, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ, କୋଣାର୍କ ଥାନା ଆଇଆଇସି ରଞ୍ଜନ ମଲ୍ଲିକ ପ୍ରମୁଖ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ନିଷିଦ୍ଧାଞ୍ଚଳରେ ଭୋଜି ଆସର

**ଚାନ୍ଦବାଲି/ଭଦ୍ରକ ଅଫିସ,୯।୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ଧାମରା ନିକଟ କନିକା ଦ୍ୱୀପଠାରୁ ୨ କି.ମି. ଦୂରରେ ଥିବା ଉଡ଼ାବାଲି ଦ୍ୱୀପ ନିଷିଦ୍ଧାଞ୍ଚଳ ହୋଇଥିବା ବେଳେ ଏଠାରେ ଭୋଜିର ଆସର ଜମୁଛି। ଏଠାରେ ପର୍ଯ୍ୟଟକମାନଙ୍କ ଭିଡ଼ ଜମୁଥିବାର ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ରବିବାର ଭଦ୍ରକ, ଭୁବନେଶ୍ୱର ଓ ଧାମରା ଅଞ୍ଚଳର ଏକ କମ୍ପାନୀର କର୍ମଚାରୀଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ଲୋକ ଏଠାରେ ଟେଣ୍ଟ ବାନ୍ଧି ଭୋଜିଭାତ କରିବା ସହ ମ୍ୟୁଜିକ୍ ବଜାଇଥିଲେ। ଖବରପାଇ ଏସବୁ ବନ୍ଦ କରିବା ପାଇଁ ବନ ବିଭାଗ କର୍ମଚାରୀମାନେ ଅପରାହ୍ନରେ ପହଞ୍ଚିବା ବେଳକୁ ଭୋଜିଭାତ ସରିଯାଇଥିଲା। ତେବେ ସେମାନଙ୍କ କହିବା ପରେ ସେଠାରୁ ଟେଣ୍ଟ ହଟାଯାଇଥିଲା।

**ସୋସିଆଲ ମିଡିଆରେ ଫଟୋ, ଭିଡିଓ ଭାଇରାଲ**

ତେବେ ନିଷିଦ୍ଧାଞ୍ଚଳ ସତ୍ତ୍ୱେ ଏଠାରେ ପର୍ଯ୍ୟଟକମାନଙ୍କର ଗହଳି କିପରି ହେଉଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାଇରାଲ ଫଟୋ ଏବଂ ଭିଡିଓ ଦେଖିବା ପରେ କଇଁଛଙ୍କ ଅଣ୍ଡାଦିଆ ସ୍ଥାନରେ ଭୋଜିଭାତ ଆସର ନେଇ ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର ଉଠିଥିଲା। ଏ ସମ୍ପର୍କରେ ଡିଏଫ୍‌ଓ ଅଧୀର କୁମାର ବେହେରା କହିଛନ୍ତି, ଉଡ଼ାବାଲି କଇଁଛଙ୍କ ଅଣ୍ଡାଦିଆ ସ୍ଥାନ ନୁହେଁ। କିନ୍ତୁ ଏହା ନିଷିଦ୍ଧାଞ୍ଚଳ ଭିତରେ ହୋଇଥିବାରୁ ଭୋଜିଭାତ ହେଉଥିବା ଖବରପାଇ କର୍ମଚାରୀମାନେ ପହଞ୍ଚି ବନ୍ଦ କରିଥିଲେ।


ଉଡ଼ାବାଲିଠାରେ ପର୍ଯ୍ୟଟକମାନେ।

# ଖଣି ଖାଦାନ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟର ସମ୍ଭାର

**ଅନାଲୋଚିତ ଝିଙ୍କ୍‌ରୀ ଜଳପ୍ରପାତ**

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୯।୧**

ବଣପାହାଡ଼ ଘେରା କେନ୍ଦୁଝର ଜିଲାରେ ଅଗଣିତ ଜଳପ୍ରପାତ ରହିଛି। ପ୍ରାକୃତିକ ପରିବେଶ ମଧ୍ୟରେ ଏହା ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଭଳି ଏକ ଜଳପ୍ରପାତ ହେଉଛି ଯୋଡ଼ା ବ୍ଲକ୍ ବଲାଣି ନିକଟରେ ଥିବା ଝିଙ୍କ୍‌ରୀ ଜଳପ୍ରପାତ। ଖଣି ଖାଦାନ ଯୋଗୁ ଏହାର ବିକାଶ ହୋଇପାରୁ ନ ଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇ ନ ଥିଲେ ହେଁ ଦୈନିକ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବଣଭୋଜି କରିବାକୁ ଆସିଥାନ୍ତି। ପର୍ଯ୍ୟଟକଙ୍କ ଆଗମନକୁ ଦେଖି ସ୍ଥାନୀୟ ବଲାଣି ଆଦିବାସୀ ବିକାଶ ସମିତି ଏହାର ବିକାଶ ଓ ସୁରକ୍ଷା କରୁଥିବା ମୁଖ୍ୟ ପରିଚାଳକ ଅଶୋକ ସୋରେନ କହିଛନ୍ତି।

ବଲାଣି ଖଣି ଲିଜ୍ ଅଞ୍ଚଳରେ ଥିବା ଉକ୍ତ ଝିଙ୍କ୍‌ରା ନାଳର ପାଣି ଦେଢ଼ଶହରୁ ଊର୍ଦ୍ଧ୍ୱ ଉଚ୍ଚ ପାହାଡ଼ ଉପରୁ ସିଧାସଳଖ ଖସି ମନୋରମ ପରିବେଶ ସୃଷ୍ଟି କରୁଛି। ପୂର୍ବାହ୍ନ ସମୟରେ ସୂର୍ଯ୍ୟାଲୋକ ପଡ଼ି ଭାସମାନ ଇନ୍ଦ୍ରଧନୁର ଦୃଶ୍ୟ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ବର୍ଷାଦିନରେ ପାଣିର ସ୍ରୋତ ପ୍ରଖର ହୋଇଥାଏ। ଉଚ୍ଚରୁ ପାଣି ପଡୁଥିବାରୁ ପାଖରୁ ଦେଖିଲେ କେଉଁଠୁ ପାଣି ପଡୁଛି ଦୃଶ୍ୟମାନ ହୋଇ ନ ଥାଏ। ଯେପରି ସ୍ୱର୍ଗରୁ ସିଧାସଳଖ ତଳକୁ ପାଣି ଖସୁଥିବା ଭ୍ରମ ସୃଷ୍ଟି ହୋଇଥାଏ। ଜଳପ୍ରପାତ ନିକଟକୁ ଯିବା ପାଇଁ ଆଦିବାସୀ ବିକାଶ ସମିତି ପକ୍ଷରୁ ପଥର ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଗାଡ଼ି ପାର୍କିଂ, ବଣଭୋଜିଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି। ଜିଲାର ସବୁଠାରୁ ଉଚ୍ଚ ଖଣ୍ଡାଧାର ଜଳପ୍ରପାତଠାରୁ ମଧ୍ୟ ଏହା ଉଚ୍ଚ ବୋଲି ପର୍ଯ୍ୟଟକ ତଥା ପରିବେଶବିତ୍ ଡ. ବିମ୍ବାଧର ବେହେରା କହିଛନ୍ତି। ତେଣୁ ଏହାର ବିକାଶ ଖଣି କମ୍ପାନୀ କିମ୍ବା ପର୍ଯ୍ୟଟନ ବିଭାଗ କରିବା ଜରୁରୀ ବୋଲି ସେ ମତ ରଖିଥିଲେ। ଖଣି ଖାଦନ ମଧ୍ୟରେ ରହିଯାଉଥିବାରୁ ଏହାର ବିକାଶ କରାଯିବା ସହ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ମିଳିଲେ ପର୍ଯ୍ୟଟକ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେଇପାରିବେ। ଏଥିସହ ଅଞ୍ଚଳର ବିକାଶ ହେବା ସହ ଅଧିବାସୀ ବିଶେଷକରି ଆଦିବାସୀମାନେ ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ପରିବେଶପ୍ରେମୀ ଶିବାଶିଷ ନନ୍ଦ କହିଛନ୍ତି।

ପୂର୍ବତନ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହି ସ୍ଥାନକୁ ଗସ୍ତକରି ଗୁରୁତ୍ୱ ଉପଲବ୍ଧି କରିଥିଲେ। ଏହା ବଲାଣି ଖଣି ଲିଜ୍ ଅଞ୍ଚଳରେ ରହିଥିବାରୁ ସେଲ୍ ଏହାର ବିକାଶ କରିବାକୁ ସେ ଦାବି କରିଥିଲେ। ନଚେତ୍ ସ୍ଥାନକୁ ଲିଜ୍ ଅଞ୍ଚଳରୁ ବାଦ୍ ଦେଇ ସରକାରଙ୍କୁ ହସ୍ତାନ୍ତର କଲେ ସରକାରଙ୍କ ପର୍ଯ୍ୟଟନ ବିଭାଗ ବିକାଶ କରିବ ବୋଲି ସେ ସମୟରେ କହିଥିଲେ। ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ କହିଛନ୍ତି, ଏହାକୁ ପୂର୍ବରୁ ସେ ପର୍ଯ୍ୟଟନ ମନ୍ତ୍ରୀଙ୍କ ସହ ଯାଇ ଅନୁଧ୍ୟାନ କରିଛନ୍ତି। ଏହାର ବିକାଶ ଓ ମାନ୍ୟତା ଦେବା ପାଇଁ ପଦକ୍ଷେପ ନିଆଯିବ।


ପର୍ଯ୍ୟଟକ ବଣଭୋଜିର ମଜା ନେଉଛନ୍ତି।

- ବଣଭୋଜି ପାଇଁ ଜମୁଛି ଭିଡ଼
- ଖଣ୍ଡାଧାରଠାରୁ ମଧ ଉଚ୍ଚ
- ପର୍ଯ୍ୟଟନ ସ୍ଥଳ ମାନ୍ୟତା ଦାବି


ଝରଣାରୁ ପାଣି ଖସୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ମାମାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଶ୍ୱେତପର୍ଣ୍ଣାଙ୍କୁ କ୍ୟାରିୟର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ୍

**ଭୁବନେଶ୍ୱର,୯।୧(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଜୁନିୟର ବ୍ୟାଡ୍‌ମିଣ୍ଟନ ଷ୍ଟାର ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ମିଳିଛି କ୍ୟାରିୟର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ୍। ପ୍ରଥମ ଓଡ଼ିଆ ଭାବେ ସେ ଜୁନିୟର ମହିଳା ସିଙ୍ଗଲ୍ସ ର‌୍ୟାଙ୍କିଙ୍ଗ୍‌ର ୯ମ ସ୍ଥାନ ଅଧିକାର କରିଛନ୍ତି। ଡବଲ୍ସରେ ତାଙ୍କର ର‌୍ୟାଙ୍କ ୨୨। ଏକମାତ୍ର ଭାରତୀୟ ଭାବେ ସେ ଟପ୍-୧୦ରେ ଅଛନ୍ତି।


CLASSIFIED DISPLAY
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

MIDDLE CLASS ELDERS LIVING ALONE ?
Between Bhubaneswar - Cuttack
ASHABAREE gives you AC rooms with all facilities & comfort on PAY & LIVE basis.
Contact:-
9437464945
7978810877

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ବିସିସିଆଇ ଆପେକ୍ସ କାଉନ୍ସିଲ ବୈଠକ**

## ୧୩୦ କୋଟିର ରିହାତି ମାଗିଲା ଷ୍ଟାର ଇଣ୍ଡିଆ

**ନୂଆଦିଲ୍ଲୀ,୯।୧(ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିକଟରୁ ୧୩୦ କୋଟିର ରିହାତି ଦାବି କରିଛି ଷ୍ଟାର ଇଣ୍ଡିଆ। ଏହାସହିତ ଭାରତୀୟ ଦଳର ଜର୍ସି ସ୍ପନ୍‌ସର ରହିଥିବା ବାଇଜୁସ୍ ମଧ୍ୟ ୧୪୦ କୋଟିର ଗ୍ୟାରେଣ୍ଟି ବଣ୍ଡ୍ ଫେରାଇବାକୁ ଦାବି କରିଛି। ଭର୍ଚୁଆଲ ମୋଡ୍‌ରେ ସୋମବାର ବିସିସିଆଇର ଆପେକ୍ସ କାଉନ୍‌ସିଲ ବୈଠକରେ ଏହି ଦୁଇ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଚଳିତ ନଭେମ୍ବର ମାସରେ ବାଇଜୁସ୍ ଓହରିବା ପାଇଁ ଦାବି କରିଥିଲେ ହେଁ ବିସିସିଆଇ ଅନୁରୋଧରେ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ଏହାର ଚୁକ୍ତିକୁ ବଳବତ୍ତର ରଖିବାକୁ କମ୍ପାନୀ ରାଜି ହୋଇଥିଲା। ୩୦୦ କୋଟି ଟଙ୍କାର ଏହି ଚୁକ୍ତି ହୋଇଥିବା ବେଳେ ଏହା ମଧ୍ୟରେ ସାମିଲ ଥିଲା ୧୪୦ କୋଟିର ବ୍ୟାଙ୍କ ଗ୍ୟାରେଣ୍ଟି ଓ ୧୬୦ କୋଟି ଟଙ୍କାର ଇନ୍‌ଷ୍ଟଲ୍‌ମେଣ୍ଟ। ତେବେ ଚୁକ୍ତି ଅଧାରୁ ବାତିଲ ହୋଇଥିବା ବେଳେ ୧୪୦ କୋଟିର ବ୍ୟାଙ୍କ ଗ୍ୟାରେଣ୍ଟି ଫେରସ୍ତ ପାଇଁ କମ୍ପାନୀ ଦାବି କରିଛି। ଫିଫା ବିଶ୍ୱକପ୍‌ର ଅନ୍ୟତମ ସ୍ପନ୍‌ସର ରହିଥିବା ବାଇଜୁସ୍ କ୍ଷତିରେ ଚାଲୁଥିବା ବେଳେ ଏହା ୨୫୦୦ କର୍ମଚାରୀଙ୍କୁ ଛଟେଇ କରିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଭାରତରେ କ୍ରିକେଟ ପ୍ରସାରଣ ଅଧିକାର ପାଇଥିବା ଷ୍ଟାର ଇଣ୍ଡିଆ ପକ୍ଷରୁ ମଧ୍ୟ ୧୩୦ କୋଟିର ରିହାତି ଦାବି କରାଯାଇଛି। କୋଭିଡ୍-୧୯ କାରଣରୁ କିଛି ମ୍ୟାଚ୍ ବାତିଲ ହୋଇଥିବା ବେଳେ କମ୍ପାନୀ କ୍ଷତିପୂରଣ ଦାବି କରିଛି।

## ଅନ୍ତର୍ଜାତୀୟ କ୍ରିକେଟରୁ ପ୍ରିଟୋରିଅସ୍‌ଙ୍କ ଅବସର

**କୋହାନ୍ସବର୍ଗ, ୯।୧:** ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର ଡ୍ୱେନ୍ ପ୍ରିଟୋରିଅସ୍ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ପ୍ରିଟୋରିଅସ୍ ଦକ୍ଷିଣ ଆଫ୍ରିକା ତରଫରୁ ୩୦ ଅନ୍ତର୍ଜାତୀୟ ଟି୨୦, ୨୭ ଅନ୍ତର୍ଜାତୀୟ ଦିନିକିଆ ଓ ତିନୋଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ସମସ୍ତ ତିନୋଟି ଫର୍ମାଟ୍‌ରେ ସେ ମୋଟ ୬୦ ଅନ୍ତର୍ଜାତୀୟ ମ୍ୟାଚ ଖେଳି ୧୮୯୫ ରନ୍ ସଂଗ୍ରହ କରିଥିବା ବେଳେ ୭୭ଟି ଉଇକେଟ ଅକ୍ତିଆର କରିଛନ୍ତି। ପ୍ରିଟୋରିଅସ୍ ୨୦୧୬ରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିବା ପରେ ଦକ୍ଷିଣ ଆଫ୍ରିକାର ସୀମିତ ଓଭର କ୍ରିକେଟ୍ ଦଳରେ ନିୟମିତ ଭାବେ ସ୍ଥାନ ପାଇଆସୁଥିଲେ। ସେ ୨୦୧୯ ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ଏବଂ ୨୦୨୧ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଅନ୍ୟତମ ସଦସ୍ୟ ଥିଲେ। ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ୫ ମ୍ୟାଚ୍ ଖେଳି ୯ଟି ଉଇକେଟ ହାସଲ କରିଥିଲେ।

## ଇଣ୍ଡିଆନ ଓପନ ଗେଟ୍‌ବଲ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଖେଳାଳିମାନେ।

**ଭୁବନେଶ୍ୱର, ୯।୧ (କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ଓପନ ଗେଟ୍‌ବଲ ଟୁର୍ନାମେଣ୍ଟର ନବମ ସଂସ୍କରଣ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଉଦ୍‌ଯାପିତ ହୋଇଛି। ଇଣ୍ଡିଆନ୍ ଗେଟ୍ ବଲ୍ ୟୁନିଅନ୍ (ଆଇଜିୟୁ) ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ଭାରତର ବିଭିନ୍ନ ରାଜ୍ୟରୁ ୧୪ଟି ଦଳରେ ମୋଟ ୯୦ ଖେଳାଳି ଅଂଶଗ୍ରହଣ କରିଥିଲେ। ସଫଳତାର ସହ ସମ୍ପନ୍ନ ହୋଇଥିବା ଏହି ପ୍ରତିଯୋଗିତାର ଡବଲ୍ସ ବିଭାଗରେ ସତୀଶ ପୃଷ୍ଟି ଓ ରଞ୍ଜନ ମିଶ୍ର ଟାଇଟଲ ଜିତିଥିଲେ। ସେହିପରି ୫ ଜଣିଆ ଟିମ୍ ଗେମ୍‌ରେ ଆଇଜିୟୁ ଦଳକୁ ହରାଇ ବନବାସୀ ଯୋଦ୍ଧା ଟିମ୍ ଚାମ୍ପିୟନ ହୋଇଛି। ରାଜ୍ୟ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଖେଳାଳି ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କାର୍ଯ୍ୟକାରୀ କମିଟି ସଭାପତି ଦ୍ୱିପାୟନ ପଟ୍ଟନାୟକ। କୋଭିଡ୍ ପାଇଁ ତିନି ବର୍ଷର ବ୍ୟବଧାନ ପରେ ଏହି ଟୁର୍ନାମେଣ୍ଟ ଆୟୋଜନ ହୋଇଥିବାରୁ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଥିଲା। ୭ଟି ଦକ୍ଷିଣ ଏସୀୟଦେଶ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ଚାଇନାରେ ସାମ୍ପ୍ରତିକ କୋଭିଡ୍‌ର ସ୍ଥିତି ଦେଖି ଶେଷ ମୁହୂର୍ତ୍ତରେ ଓହରି ଯାଇଥିଲେ। କେବଳ ଅଫିସିଆଲ୍ ପ୍ରତିନିଧି ଭାବେ ତାଇୱାନର ପେଇ ଚୁନ ଲିନ ଯୋଗଦେଇ ଖେଳାଳିମାନଙ୍କ ମନୋବଳ ବଢ଼ାଇବା ସହ ଭାରତରେ ଗେଟ୍‌ବଲ୍‌ର ପ୍ରଚାର ଏବଂ ପ୍ରସାର ଦିଗରେ ଇଣ୍ଡିଆନ୍ ଗେଟ୍ ବଲ୍ ୟୁନିଅନ୍ ନେଉଥିବା ପଦକ୍ଷେପ ଗୁଡ଼ିକୁ ପ୍ରଶଂସା କରିଥିଲେ।


**୨୦ତମ ଜନ୍ମଦିନ ଶୁଭେଚ୍ଛା**



**ମାମାଲି**
ଆଜି ତୋର ପବିତ୍ର ଜନ୍ମ ଦିବସରେ ମୁଁ ଏତିକି କାମନା କରେ, ପ୍ରଭୁ ତୁମ ଜୀବନକୁ ସରସ, ସୁନ୍ଦର ଓ ସୁଖମୟ କରନ୍ତୁ। ତୁମେ ଦୀର୍ଘାୟୁ ହୁଅ। ତୁମେ ଅନ୍ୟମାନଙ୍କ ପାଇଁ ଖୁସିର କାରଣ ହୁଅ। ତୁମ ପରି ବନ୍ଧୁ ଉପରବାଲାଙ୍କର ଏକ ଅମୂଲ୍ୟ ଉପହାର। ତାଙ୍କର ଆଶିଷ ଆଉ ପ୍ରେମ ତୁମ ଉପରେ ଥାଉ। ତୁମ ମନରେ ସର୍ବଦା ଖୁସି ଝଲସୁଥାଉ। ତୁମ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା କରେ (ଜିଗ୍ରୀ)।
ଧ-୨୪୪୫


## ହରିୟାଣାକୁ ୧୦ ଉଇକେଟରେ ହରାଇଲା ଓଡ଼ିଶା

**ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ**

**ଭୁବନେଶ୍ୱର, ୯।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ବେଙ୍ଗାଲୁରୁରେ ଅନୁଷ୍ଠିତ ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ୍‌ର ତୃତୀୟ ସଂସ୍କରଣରେ ବିଜୟ ସହିତ ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ସୋମବାର ପ୍ରଥମ ମ୍ୟାଚ୍‌ରେ ଦଳ ହରିୟାଣାକୁ ୧୦ ଉଇକେଟରେ ପରାସ୍ତ କରିଛି। ଘନ କୁହୁଡ଼ି କାରଣରୁ ମ୍ୟାଚ୍‌କୁ ୧୭ ଓଭରବିଶିଷ୍ଟ କରାଯାଇଥିବା ବେଳେ ହରିୟାଣା ୮ ଉଇକେଟରେ ମାତ୍ର ୪୫ ରନ୍ ସଂଗ୍ରହ କରିଥିଲା। ଓଡ଼ିଶା ପକ୍ଷରୁ ଅଧିନାୟିକା ଫୁଲ ସୋରେନ୍ ସର୍ବାଧିକ ଦୁଇ ଉଇକେଟ ନେଇଥିବା ବେଳେ ପଦ୍ମିନୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାର୍ବତୀଙ୍କ ୭ ଓ ଯମୁନାରାଣୀ ଟୁଡୁଙ୍କ ୧୩ ବଲ୍‌ରୁ ୨୮ ରନ୍ ବଳରେ ଓଡ଼ିଶା ୧୦ ଉଇକେଟରେ ମ୍ୟାଚ୍‌କୁ ଜିତିନେଇଥିଲା। ଦୁଇ ଉଇକେଟ ସହିତ ଦୁଇଟି ରନ୍‌ଆଉଟ କରିଥିବା ଫୁଲ ସୋରେନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ମଙ୍ଗଳବାର ଝାଡ଼ଖଣ୍ଡକୁ ଭେଟିବ।



ଫୁଲ ସୋରେନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।


# Classified Everyday
0674-2580101, 2549949



REAL ESTATE
**SALE**

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

**Well developed yellow zone plots availabe with electricity near AMRI Hospital, Khandagiri. 8249057398, 8456920764.** D-71667

ଭୁବନେଶ୍ୱର ଖଣ୍ଡଗିରି **AMRI Hospital** ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - **9348767829.** D-74173

**30ft. road, boundary, gharabari plot sale in Shreekhetra Vihar Phase-3 Pipili Chhaka NH side gated society with electricity, Park, Temple, Drange sqft. 980/-. 8117084862.** D-74177

ଝିଅ ବିଭାଘର ପାଇଁ ଦୁଇପଟେ 30' ଫୁଟ ରୋଡ୍ ଥାଇ ରେତଂଗରେ ୧୦ ଗୁଣ୍ଠ ଜମି ବିକ୍ରିହେବ-(ଗୁଣ୍ଠ- 5,25,000/-). 9938016295. D-74180

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**4 Bhk luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399.** 2421

Plot Sale at Nearby Sum Hospital, Mendhasala, Bhubaneswar. 30ft Road, Plantation, Electricity, NH-16 Side, Price Rs-1050/-, Rs-1250/-. 7749892855, 8144855184, 9556392667. D-2449

କଟକ-ଭୁବନେଶ୍ୱର ରୋଡ୍‌ରୁ **2.5.K.M.,** ନଖରା ଓ ପାହାଳରୁ **2.5.K.M.** ଘରବାରି **25'** ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। **9348152874, 9337317665.** D-74179

ଭୁବନେଶ୍ୱର ଜଟଣୀଗେଟ୍ **NH-5** ପାଖରେ ଘରବାରି ପ୍ଲଟ୍ **30'** ରାସ୍ତାଥାଇ **sqft.-400/-, 630/-. 9437607388, 8637269760.** D-74166



CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160



Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74623

**Full body massage by smart I expert therapist @999 only. 9078484455.** D-73670

Relax, Refresh your body, Mind at Saikrupa Spa with best therapies. 8984068077. D-2374

Fullbody massage relax body mind by traind lady therapist. 7008773793. D-73671

Newly open Spa positively health benefit with expert. Contact: 7749976301. D-74505

Newly open SPA positively health benefits with expert therapist. 7849011931. D-73674

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

ପରିବାର ନ୍ୟାୟାଧୀଶଙ୍କ ଅଦାଲତ, ବୌଦ୍ଧ
ସିଭିଲ୍ ପିଟିସନ୍ ନଂ.-୧୮/୨୦୨୨
ସୁବୋଧ କୁମାର ପାତ୍ର, ପି: ୰କୃପାସିନ୍ଧୁ ପାତ୍ର, ଗ୍ରା/ପୋ- ସରସରା, ଥା/ଜି- ବୌଦ୍ଧ .....ଅର୍ଜିଦାତା
ବନାମ୍
ମାମୁନୀ ସାହୁ, ସ୍ୱା- ସୁବୋଧ କୁମାର ପାତ୍ର, ଗ୍ରା/ପୋ- ସରସରା, ଥା/ଜି- ବୌଦ୍ଧ, ବର୍ତ୍ତମାନ ଠିକଣା- ପିତା- ଦେବେନ୍ଦ୍ର ସାହୁ, ଗ୍ରା/ପୋ- ବଡ଼କର୍ଲେ, ଥାନା- ରାମପୁର, ଜି- ସୋନପୁର ....ପ୍ରତିପକ୍ଷ

ପ୍ରାପ୍ତେଷୁ,
ମାମୁନୀ ସାହୁ ୩୧ବର୍ଷ, ପିତା- ଦେବେନ୍ଦ୍ର ସାହୁ, ଗ୍ରା/ପୋ- ବଡ଼କର୍ଲେ, ଥାନା- ରାମପୁର, ଜିଲ୍ଲା- ସୁବର୍ଣ୍ଣପୁର। ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ପରିବାର ଅଦାଲତ, ବୌଦ୍ଧଙ୍କଠାରେ ଚାଲିଥିବା ସିଭିଲ୍ ପିଟିସନ୍ କେସ୍ ନଂ.-୧୮/୨୦୨୨ରେ ଆପଣ ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତଙ୍କ ଠାରୁ ନୋଟିସ୍ ପ୍ରେରଣ କରାଗଲେ ମଧ୍ୟ ନୋଟିସ୍ ଜାରି ହୋଇପାରୁ ନାହିଁ। ଏଣୁ ଆପଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୨୪।୦୧।୨୩ରିଖ ଦିନ ୧୦ ଘଣ୍ଟା ସମୟରେ ଉକ୍ତ ପରିବାର ଅଦାଲତରେ ଉପସ୍ଥିତ ରହି ନିଜର ପକ୍ଷ ରଖିବେ, ନଚେତ୍ ଅଦାଲତରେ ଆପଣଙ୍କ ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ ହେବା ଏହାପରେ ଆପଣଙ୍କ କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ସ୍ୱାକ୍ଷର/.- ପରିବାର ନ୍ୟାୟାଧୀଶ ଅଦାଲତ, ବୌଦ୍ଧ
ଧ-୨୪୪୮

IN THE COURT OF FAMILY JUDGE, BARGARH
MAT Case No. 76/78 of 2020
Hanoka Shika ....Petitioner
Versus
Arpita Shika .... Respondent
SUMMON U/O.5, RULE-20 of C.P.C
To,
Arpita Shika, W/o. Hanoka Shika and D/o. Janmejaya Kumbhar, village- Sangamada, PO. Jurabandh, PS. Bangomunda, Dist. Bolangir .....Respondent.

Take summon that the petitioner has filed the above noted case U/s.10(1) of Indian Divorce Act. Hence you are hereby summoned to appear in this court in person or by your pleader duly instructed and able to answer all materials questions relating to the case on dated 30.01.2023. at 10.30 A.M. and directed to produce on that day all the documents upon which you intend to rely in support of your defence.

Take notice in default of your appearance on the day fixed, the case will be heard and determined in your absence.

Given under my hand the seal of court this 4th day of January 2023.
Sd./-Judge
D-2447


**ମନେ ପଡୁନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରଘୁନାଥ ଚୌଧୁରୀ**
ଶାଳେଶ୍ୱର, ପାହାଳ
ମାଘ କୃଷ୍ଣପକ୍ଷ ତୃତୀୟା
ଆପଣଙ୍କ ଅମର ଆତ୍ମା ଶାନ୍ତିଲାଭ କରୁ, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆମର ଏତିକି ପ୍ରାର୍ଥନା।
ଇତି ଆପଣଙ୍କର ପୁତ୍ର: ଅଶୋକ, ଅଜିତ୍, ବନ୍ଧୁ ଓ ପରିବାରବର୍ଗ।
ଧ-୨୪୪୦

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ବିଷ୍ଣୁ ଚରଣ ରଥ**
ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
Plot No.-489/4750
ଆବିର୍ଭାବ: ୦୩।୦୮।୧୯୩୮
ତିରୋଧାନ: ୦୧।୦୧।୨୦୨୩
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୪୪୪


## ଆଜିଠାରୁ ଅଖିଳ ଭାରତୀୟ ଡାକ ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୯।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ମଙ୍ଗଳବାରଠାରୁ ଅଖିଳ ଭାରତୀୟ ଡାକ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ହେବ। ଭାରତୀୟ ଡାକ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତା ଆସନ୍ତା ୧୪ ତାରିଖରେ ଶେଷ ହେବ। ଚଳିତବର୍ଷ ୯ଟି ବିଭାଗରେ ପ୍ରତିଯୋଗିତା ହେବ। ସେଗୁଡ଼ିକ ହେଲା ପୁରୁଷ ଦଳଗତ, ମହିଳା ଦଳଗତ ଇଭେଣ୍ଟ, ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ, ମିକ୍ସଡ ଡବଲ୍ସ, ଭେଟେରାନ ସିଙ୍ଗଲ୍ସ ଓ ଭେଟେରାନ ଡବଲ୍ସ। ଟୁର୍ନାମେଣ୍ଟରେ ସର୍ବଭାରତୀୟ ସ୍ତରରେ ୧୯ ଡାକମଣ୍ଡଳରୁ ଖେଳାଳି, ପ୍ରଶିକ୍ଷକ ଓ ପରିଚାଳକ ସମେତ ପ୍ରାୟ ୨୧୦ ଜଣ ପ୍ରତିଯୋଗିତା ଏଥିରେ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ପାରା ଅଲିମ୍ପିକ ବ୍ୟାଡ୍‌ମିଣ୍ଟନ ସ୍ୱର୍ଣ୍ଣ ବିଜେତା ପଦ୍ମଶ୍ରୀ ପ୍ରମୋଦ ଭଗତ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଡାକ ବିଭାଗ ସଚିବ ତଥା ଡାକସେବା ବୋର୍ଡ ଅଧ୍ୟକ୍ଷ ବିନୀତ ପାଣ୍ଡେଙ୍କ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଟୁର୍ନାମେଣ୍ଟ ସମୟରେ ସମ୍ବଲପୁରୀ ବସ୍ତ୍ରାଳୟ ଏଚ୍.ଏଲ୍. ସି.ଏସ୍ ଲିମିଟେଡ୍ ଦ୍ୱାରା ଏକ ବିକ୍ରୟ କେନ୍ଦ୍ର କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାଭୂମି ନିକଟରେ ଖୋଲାଯିବ।

## ନ୍ୟାଶନାଲ ହକି କନ୍‌କ୍ଲେଭ୍ ଆଜି

**ଭୁବନେଶ୍ୱର, ୯।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଦ୍ୱିତୀୟ ଥର ପାଇଁ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଏହା ଭୁବନେଶ୍ୱର ଓ ରାଉରକେଲାରେ ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହାକୁ ନେଇ ସମଗ୍ର ରାଜ୍ୟରେ ଲୋକଙ୍କ ମନରେ ଉତ୍ସାହ ଓ ଉଦ୍ଦିପନା ଦେଖିବାକୁ ମିଳିଲାଣି। ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଉରକେଲାରେ ୱାର୍ଲ୍ଡକପ୍ ଭିଲେଜ୍ ଏବଂ ବିର୍ସାମୁଣ୍ଡା ହକି ଷ୍ଟାଡିୟମ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ହକି ଆସୋସିଏଶନ ଅଫ୍ ଓଡ଼ିଶା ମିଳିତ ଭାବେ ମଙ୍ଗଳବାର ମିଳିତ ଭାବେ ନ୍ୟାଶନାଲ ହକି କନକ୍ଲେଭ ୨୦୨୩ ଇକୋ ରିଟ୍ରିଟ୍ କୋଣାର୍କଠାରେ ଆୟୋଜନ କରିଛନ୍ତି। ଏହା ଦେଶର ୨୦ରୁ ଅଧିକ ରାଜ୍ୟ ଓ କେନ୍ଦ୍ର ଶାହିତ ଅଞ୍ଚଳର ବିଭିନ୍ନ ଅଂଶୀଦାରଙ୍କ ଲାଗି ଏକ ପ୍ଲାଟଫର୍ମ। ଏଥିରେ ଖେଳାଳିଙ୍କ ପ୍ରଦର୍ଶନ, କୋଚିଂ, ତୃଣମୂଳ ପ୍ରତିଭା ଚିହ୍ନଟ, ପ୍ରଶାସନ ବ୍ୟତୀତ ଗ୍ଲୋବାଲ୍ ଇମର୍ଜିଂ ଟ୍ରେଣ୍ଡ୍, ସୁଯୋଗ ଓ ଚ୍ୟାଲେଞ୍ଜ ଏବଂ ଭାରତୀୟ ହକିର ବିକାଶ ଆଦି ପ୍ରସଙ୍ଗ ନେଇ ଆଲୋଚନା ହେବ। ଏହି ପରିପ୍ରେକ୍ଷୀରେ ହକି ଇଣ୍ଡିଆ ସଭାପତି ଦିଲ୍‌ୀପ ତିର୍କୀ କହିଛନ୍ତି, ହକି ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ ସରକାରଙ୍କ ସହଯୋଗ କ୍ରମେ ନ୍ୟାଶନାଲ ଜାତୀୟ ହକି କନକ୍ଲେଭ୍‌ର ଆୟୋଜନ କରାଯାଇଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ମାନ୍ୟଗଣ୍ୟ ପ୍ରତିନିଧି ଯୋଗଦେବେ। ସେମାନଙ୍କ ମଧ୍ୟରେ ବରିଷ୍ଠ ସରକାରୀ ଅଧିକାରୀ, ପୂର୍ବତନ ହକି କିମ୍ବଦନ୍ତୀ, ବିଭିନ୍ନ ରାଜ୍ୟ ଆସୋସିଏଶନର ସଭାପତି ଓ ସମ୍ପାଦକ ଅନ୍ୟତମ। ଏହି କନ୍‌କ୍ଲେଭରେ ଭାରତରେ ହକିର ବିକାଶ ନେଇ ଆଲୋଚନା ହେବ। ବର୍ଷ ବର୍ଷ ଧରି ଚାଲିଥିବା ଖେଳର ଷ୍ଟାଇଲ, ବର୍ତ୍ତମାନ ଏଥିରେ କି ପରିବର୍ତ୍ତନ ଘଟିଛି ଏବଂ ଖେଳରେ ମୋଟ ଉପରେ କ'ଣ ପରିବର୍ତ୍ତନ ଘଟିଛି ଆଦି ଅନ୍ୟ କେତେକ ପ୍ରସଙ୍ଗ ଆଲୋଚନା ହେବ। ଏହି ପରିପ୍ରେକ୍ଷୀରେ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଜେନା କହିଛନ୍ତି, ହକି ସମାଜକୁ ଏକାଠି କରିବା ଉଦ୍ଦେଶ୍ୟରେ କନକ୍ଲେଭର ଆୟୋଜନ କରାଯାଇଛି, ଓଡ଼ିଶାରେ ଏହା ପ୍ରଥମ।

**ଶେୟାର ବଜାର କାରବାରରେ ଉତ୍ସାହ**

**ନୂଆଦିଲ୍ଲୀ:** ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ସ୍ଥାନୀୟ ଭୌଗୋଳିକ ପରିସ୍ଥିତି ମଧ୍ୟରେ ଭାରତୀୟ ଷ୍ଟକ ମାର୍କେଟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକଙ୍କ ସମ୍ପତ୍ତି ପ୍ରାୟ ୧%ରୁ ଅଧିକ ବୃଦ୍ଧି ଘଟିଛି। ସୋମବାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୮୪୭ (୮୪୬.୯୪) ପଏଣ୍ଟ ବଢ଼ି ୬୦,୭୪୭(୬୦,୭୪୭.୩୧) ଅଙ୍କରେ ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୨୪୨(୨୪୧.୭୫) ପଏଣ୍ଟ ବୃଦ୍ଧି ଘଟି ୧୮,୧୦୧ (୧୮,୧୦୧.୭୦) ଅଙ୍କରେ ବଜାର ବନ୍ଦ ହୋଇଥିଲା।

# ୫୬,୦୦୦ ଉପରେ ସୁନା ଦର

ନୂଆଦିଲ୍ଲୀ,୯।୧



■ବୃଦ୍ଧି ପାଉଛି ସୁନା, ରୁପା ଓ ହୀରା ଭଳି ଅଳଙ୍କାରର ଦର
■ଆଗକୁ ବିବାହ ଋତୁ

ଗତ କିଛିଦିନ ହେଲା ସୁନାଜାତ ସାମଗ୍ରୀ ସାଙ୍ଗକୁ ରୁପା ଓ ହୀରାର ଦର ମଧ୍ୟ ବୃଦ୍ଧି ପାଇ ଚାଲିଛି। ଏପରିକି ସୋମବାର ସୁନା ଦର ୫୬,୦୦୦ଟଙ୍କା ଟପି ଯାଇଥିବା ସୂଚନା ମିଳିଛି। ଏ ନେଇ ମଧ୍ୟ ଇଣ୍ଡିଆ ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏଶନ(ଆଇବିଜେଏ)ର ୱେବସାଇଟ୍‌ରେ ମଧ୍ୟ ସୂଚିତ କରାଯାଇଛି। ଜାନୁୟାରୀ ୯ ତାରିଖରେ ଦିଲ୍ଲୀରେ ସୁନା ମୂଲ୍ୟ ପ୍ରାୟ ୮୦୦ ଟଙ୍କା ବଢ଼ିଥିବା ବେଳେ ଅନ୍ୟ ପ୍ରମୁଖ ସହରରେ ୫୦୦ରୁ ୭୦୦ ଟଙ୍କା ବୃଦ୍ଧି ଘଟିଛି। ଫଳରେ ସୁନାର ନୂଆ ମୂଲ୍ୟ ୫୬,୩୩୬ ଟଙ୍କା ହୋଇଯାଇଛି। ଏହା ପୂର୍ବରୁ ୨୦୨୦ରେ ସୁନା ସବୁଠାରୁ ୧୦ ଗ୍ରାମ୍ ପ୍ରତି ମୂଲ୍ୟ ୫୬, ୨୦୦ ଟଙ୍କା ରହିଥିଲା। ତେବେ ବିଶେଷଜ୍ଞଙ୍କ କହିବା ଅନୁସାରେ ଚଳିତ ବର୍ଷ ସୁନା ମୂଲ୍ୟ ୬୦ ହଜାର ଟଙ୍କା ପ୍ରତି ୧୦ ଗ୍ରାମ୍ ଯାଇପାରେ। ତେବେ କେବଳ ସୁନା ନୁହେଁ ଆଜି ରୁପା ମୂଲ୍ୟରେ ବି ଅହେତୁକ ବୃଦ୍ଧି ହୋଇଛି। ସୋମବାର ରୁପା ୧୧୮୬ ଟଙ୍କା ବଢ଼ି କେଜି ୬୯,୦୭୪ ଟଙ୍କା ହୋଇଛି। ଜାନୁୟାରୀ ୬ ତାରିଖରେ ରୁପା ମୂଲ୍ୟ ୬୭,୮୮୮ ଥିଲା। ୨୦୨୨ ସୁନା-ରୁପା ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଥିଲା। ଏପରିକି ସୁନା ଓ ରୁପା ମୂଲ୍ୟରେ ଜବରଦସ୍ତ ବୃଦ୍ଧି ଦେଖିବାକୁ ମିଳିଛି। ୨୦୨୨ରେ ସୁନା ମୂଲ୍ୟ ୬,୫୮୮ ଟଙ୍କା ବଢ଼ି ୧୦ ଗ୍ରାମ ପ୍ରତି ମୂଲ୍ୟ ୪୮,୨୭୯ରୁ ୫୪,୮୬୭ ହୋଇଛି। ସେହିଭଳି ରୁପା ମଲ୍ୟ କେଜି ପ୍ରତି ୬୨,୦୩୫ରୁ ବଢ଼ି ୬୮,୦୯୨ ହୋଇଛି। ଅର୍ଥାତ ବର୍ଷକ ଭିତରେ ରୁପା ମୂଲ୍ୟରେ ୬,୦୬୭ ଟଙ୍କା ବୃଦ୍ଧି ହୋଇଛି। ୨୦୨୩ରେ ସୁନା ମୂଲ୍ୟ ୬୪ ହଜାର ପର୍ଯ୍ୟନ୍ତ ଯିବ ବୋଲି ଏକ୍ସପର୍ଟମାନେ କହୁଛନ୍ତି। ଦେଶ ସ୍ୱାଧୀନ ପରଠାରୁ ୭୫ ବର୍ଷ ଭିତରେ ସୁନା ଦାମ ୬୩୧ ଗୁଣା ବଢ଼ିଛି। ବିଗତ ୭୫ ବର୍ଷ ଭିତରେ ସୁନା ଓ ରୁପା ମୂଲ୍ୟ ଦ୍ରୁତ ଗତିରେ ବଢ଼ିଛି। ୧୯୪୭ ମସିହାରେ ଯେବେ ଦେଶ ସ୍ୱାଧିନ ହେଲା ସେତେବେଳେ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୮୮.୬୨ ଟଙ୍କା ଥିଲା। ହେଲେ ଏବେ ସୁନା ମୂଲ୍ୟ ୫୬ ହଜାର ଅତିକ୍ରମ କରିଛି। ଅର୍ଥାତ ସେବେଠାରୁ ସୁନା ମୂଲ୍ୟ ୬୩୧ ଗୁଣା(୬୩୧୯୮ ପ୍ରତିଶତ) ବଢ଼ିଛି। ସେହିଭଳି ରୁପା ମୂଲ୍ୟରେ ବି ୬୪୪ ଗୁଣା ବୃଦ୍ଧି ହୋଇଛି। ୧୯୪୭ରେ ରୁପା ମୂଲ୍ୟ କେଜି ପ୍ରତି ୧୦୭ ଟଙ୍କା ଥିଲା। ହେଲେ ଏବେ ୬୯,୦୭୪ ହୋଇଛି।

## ରିଅଲ୍‌ମିର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୯।୧

ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମିର ନୂତନ ଉତ୍ପାଦ ନିକଟରେ ଉନ୍ମୋଚନ କରାଯାଇଛି। ଏପରିକି ଏହାର ୧୦ସିରିଜ୍‌ରେ ନୂଆ ସ୍ମାର୍ଟଫୋନ୍ ରିଅଲ୍‌ମି ୧୦ର ମଧ୍ୟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ରିଅଲ୍‌ମି ଇଣ୍ଡିଆର ସିଇଓ ମାଧବ ସେଠ୍ କହିଛନ୍ତି, ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ଟେକ୍ନୋଲୋଜି ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରାଇବା ପାଇଁ ଆମର ପ୍ରତିବଦ୍ଧତାକୁ ଜାରି ରଖି ଆମେ ରିଅଲ୍‌ମି ୧୦ର ଶୁଭାରମ୍ଭ କରିଛୁ, ଯାହା ସ୍ମାର୍ଟଫୋନ ସେଗ୍‌ମେଣ୍ଟର ସବୁଠାରୁ ପତଳା ଡିଜାଇନ୍, ବେଟେ-ଇନ୍-କ୍ଲାସ୍ ଫିଚର ପ୍ରଦାନ କରୁଛି। ଏପରିକି କମ୍ପାନୀର 'ଏପିକ୍ ପର୍‌ଫର୍ମାନ୍ସ ନ୍ୟୁ ଭିଜନ' ଆଭିମୁଖ୍ୟ ସହ ରିଅଲ୍‌ମି ୧୦ଯୁବପିଢ଼ିଙ୍କୁ ସେମାନଙ୍କର ଆଧୁନିକ ଦିନର ଅଭିଳାଷଗୁଡ଼ିକୁ ପୂରଣ କରିବା ପାଇଁ ଅଧିକ ବିକଳ୍ପ ପ୍ରଦାନ କରି ସଶକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି।

## କଲ୍ୟାଣକୁମାର ଜେଏସ୍‌ଏଲ୍‌ର ନୂଆ ସିଏସ୍‌ଓ

ନୂଆଦିଲ୍ଲୀ,୯।୧


କଲ୍ୟାଣ କୁମାର ଭଟ୍ଟାଚାର୍ଜୀ

ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସ୍‌ଏଲ୍)ର ନୂଆ ଚିଫ ସଷ୍ଟେନବିଲିଟି ଅଫିସର (ସିଏସଓ) ଭାବେ କଲ୍ୟାଣ କୁମାର ଭଟ୍ଟାଚାର୍ଜୀ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଜେଏସଏଲର ଶକ୍ତି ଏବଂ ଇଏସଜିର ଉପସଭାପତି ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଏପରିକି ଉପସଭାପତି ଭାବେ ସେ ଏଣ୍ଟରପ୍ରାଇଜ୍ ଇଏସଜି ରୂପାନ୍ତରୀକରଣ, ଇସ୍ପାତ ଉତ୍ପାଦନରେ ଅଙ୍ଗାରକାମ୍ଳ ନିରପେକ୍ଷତା, ଡି. କାର୍ବୋନାଇଜେଶନ୍ ପଥ ଏବଂ ସ୍ଥିରତା ପାଇଁ ଆବଶ୍ୟକ କାର୍ଯ୍ୟ ଓ ନେତୃତ୍ୱ ନେଇଛନ୍ତି। ବିଶେଷ କରି ଇସ୍ପାତ ଶିଳ୍ପରେ ଭଟ୍ଟାଚାର୍ଜୀଙ୍କର ପ୍ରାୟ ୩ ଦଶନ୍ଧିର ବଳିଷ୍ଠ ଅଭିଜ୍ଞତା ରହିଛି। ଅପରପକ୍ଷରେ ପରିବେଶ, ସାମାଜିକ ଓ ଶାସନ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ଦିଗରେ ଜେଏସଏଲ ପକ୍ଷରୁ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଉଲ୍ଲେଖଯୋଗ୍ୟ ଜେଏସଏଲର ପ୍ରଥମ ସିଏସଓ ଭାବେ କଲ୍ୟାଣ କୁମାର ଭଟ୍ଟାଚାର୍ଜୀ ନିଯୁକ୍ତ ହୋଇଛନ୍ତି। ସେହିଭଳି ଭଟ୍ଟାଚାର୍ଜୀ ଜିନ୍ଦଲ ଷ୍ଟେନଲେସର ସ୍ଥାୟିତ୍ୱ ପଦକ୍ଷେପ ପାଇଁ ଦାୟୀ ରହିବେ, ଯେଉଁଥିରେ ବର୍ତ୍ତମାନ ତଥା ଭବିଷ୍ୟତର କ୍ଷମତା ସମ୍ପ୍ରସାରଣ ଯୋଜନା ପାଇଁ ଡିକାର୍ବୋନାଇଜ୍ ପ୍ରୟାସ ଏବଂ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସକୁ ନେଇ ୨୦୫୦ସୁଦ୍ଧା କମ୍ପାନୀର ନେଟ୍ ଜିରୋ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜିନ୍ଦଲ ଷ୍ଟେନଲେସରେ ସିଏସଓ ପଦବୀ ବ୍ୟବସାୟ ତଥା ବାହାରେ ନିରନ୍ତର ଉତ୍କର୍ଷତା ପାଇଁ ଦିଗ ନିର୍ଦ୍ଧାରିତ କରିବା ସହ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବା। ଏକ ଦାୟିତ୍ୱପୂର୍ଣ୍ଣ କର୍ପୋରେଟ ସଂସ୍ଥା ଭାବେ ସ୍ଥାୟୀ ଉତ୍ପାଦନକୁ ସ୍ଥାନାନ୍ତର କରିବାକୁ ଆମେ ପ୍ରତିବଦ୍ଧ, ଆମେ ସଚେତନତା ସହ ଆମର କାର୍ବନ ଏମିସନକୁ ହ୍ରାସ କରିବାକୁ ପଦକ୍ଷେପ ନେଇଛୁ।

## ମେଟାରେ ନିଯୁକ୍ତ ହେଲେ ବିକାଶ ପୁରୋହିତ


ବିକାଶ ପୁରୋହିତ

ନୂଆଦିଲ୍ଲୀ,୯।୧

ଅନ୍ତଃରାଷ୍ଟ୍ରୀୟ ସୋସିଆଲ ମିଡିଆ ପ୍ଲାଟଫର୍ମ ମେଟାର ଗ୍ଲୋବାଲ ବିଜନେସ୍ ଗ୍ରୁପ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ଭାବେ ଅଭିଜ୍ଞ ବିକାଶ ପୁରୋହିତଙ୍କୁ ନିକଟରେ ନିଯୁକ୍ତ କରାଯାଇଛି। ଏ ସମ୍ପର୍କରେ ସୋମବାର ମେଟା ବିକାଶଙ୍କ କାର୍ଯ୍ୟକଳାପ ଓ ନିଯୁକ୍ତି କ୍ଷେତ୍ର ସମ୍ପର୍କରେ ଅବଗତ କରାଇଛି। ଏପରିକି ସେ ଭାରତୀୟ ବିଜ୍ଞାପନଦାତା କମ୍ପାନୀମାନଙ୍କ ସହ ମିଶି ମେଟା ପାଇଁ କାର୍ଯ୍ୟ କରିବେ। ବିଶେଷ କରି ପୁରୋହିତ ଭାରତର ବଡ଼ ବଡ଼ ବ୍ରାଣ୍ଡ୍ ଓ କମ୍ପାନୀ ସହ ମେଟାର ବ୍ୟବସାୟିକ କାର୍ଯ୍ୟକଳାପକୁ ଆଗକୁ ବଢାଇବେ ଏବଂ ବିଭିନ୍ନ କମ୍ପାନୀଗୁଡ଼ିକ ସହ ବିଜ୍ଞାପନ ସମ୍ବନ୍ଧିତ ବ୍ୟବସାୟିକ ଚୁକ୍ତି କରିବେ ବୋଲି ମେଟା ପକ୍ଷରୁ କୁହାଯାଇଛି। ସେହିଭଳି କମ୍ପାନୀର ମୁଖ୍ୟ ବ୍ୟବସାୟର ଭର୍ଟିକାଲ ଟିମ୍, ଏଜେନ୍ସି ଟିମ ଏବଂ ବିଜନେସ୍ ସଲ୍ୟୁଶନ ଟିମ୍ ପୁରୋହିତଙ୍କୁ ରିପୋର୍ଟ କରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ପୁରୋହିତ ମେଟାର ଭାରତ ବିଜ୍ଞାପନ ବ୍ୟବସାୟ ମୁଖ୍ୟ ଅରୁଣ ଶ୍ରୀନିବାସନଙ୍କୁ ମଧ୍ୟ ରିପୋର୍ଟ କରିବେ ବୋଲି ମେଟା ପକ୍ଷରୁ କୁହାଯାଇଛି। ଏପରିକି ନିକଟରେ ସନ୍ଧ୍ୟା ଦେବନାଥନଙ୍କୁ କମ୍ପାନୀ ଭାରତ ଶାଖାର ମୁଖ୍ୟ ଭାବେ ନିଯୁକ୍ତି ଦେଇଥିଲା।

## ବିଏମ୍‌ଡବ୍ଲ୍ୟୁ ଆଇ ୭ର ବଜାର ପ୍ରବେଶ




ନୂଆଦିଲ୍ଲୀ,୯।୧

ଅନ୍ତଃରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆ ୟୁନିଟ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍-ନ୍ୟୁ ବିଏମ୍‌ଡବ୍ଲ୍ୟୁ ଆଇ ୭ର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏପରିକି ବିଏମ୍‌ଡବ୍ଲ୍ୟୁ୭ ସିରିଜ୍‌ର ୭ମ ପିଢ଼ିକୁ ଫାର୍ଷ୍ଟ-ଏଭର୍ ଫୁଲି ଇଲେକ୍‌ଟ୍ରିକ୍ ବିଏମ୍‌ଡବ୍ଲ୍ୟୁ ଆଇ ୭ର ବଜାର ପ୍ରବେଶର ଶୁଭାରମ୍ଭ କରାଯାଇଛି।

## ଅମୁଲରୁ ଇସ୍ତଫା ଦେଲେ ସୋଢ଼ି

ନୂଆଦିଲ୍ଲୀ,୯।୧


ଆର.ଏସ. ସୋଢ଼ି

ଦେଶର ପ୍ରମୁଖ ଦୁଗ୍ଧଜାତ ସାମଗ୍ରୀ ଉତ୍ପାଦକ (ଡାଏରୀ କମ୍ପାନୀ) ଅମୂଲ ମ୍ୟାନେଜମେଣ୍ଟରୁ ଆର.ଏସ୍. ସୋଢ଼ି ଇସ୍ତଫା ଦେଇଥିବା ଜଣାପଡ଼ିଛି। ଏପରିକି ସୋମବାର ସୋଢ଼ି ଅମୂଲ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଥିବା ଅମୁଲ ପକ୍ଷରୁ କୁହାଯାଇଛି। ବିଶେଷକରି ଗୁଜରାଟ କୋଅପରେଟିଭ ମିଲ୍କ ମାର୍କେଟିଙ୍ଗ ଫେଡେରେଶନ (ଜିସିଏମ୍‌ଏମ୍‌ଏଫ)ର ସିଓଓ ଜୟନ ମେହେତାଙ୍କୁ ମଧ୍ୟବର୍ତ୍ତିକାଳୀନ ଏମ୍‌ଡି ଭାବେ ବୋର୍ଡରେ ନିଯୁକ୍ତି ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ୨୦୧୦ରୁ ସୋଢ଼ି ଅମୂଲର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ଜଣେ ଅଭିଜ୍ଞ ଓ ଦକ୍ଷ ପରିଚାଳନା ଅଧିକାରୀ ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ। ସୂଚନାଯୋଗ୍ୟ ୧୯୮୨ରେ ସୋଢ଼ି ଜଣେ ବରିଷ୍ଠ ସେଲ୍‌ସ ଅଧିକାରୀ ଭାବେ ଅମୂଲରେ ସାମିଲ ହୋଇଥିଲେ। ଏପରିକି ୨୦୦୦ରେ ସଂସ୍ଥାର ଜିଏମ୍ ଏବଂ ୨୦୧୦ରେ ସେ ଏହାର ଏମ୍‌ଡି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

**ଫୁରସତ୍**

## କାନ୍‌ପୁରରୁ ହିମାଳୟାନ୍ ଶାଗୁଣା ଉଦ୍ଧାର

ଲକ୍ଷ୍ନୌ



ପୃଥିବୀରେ ଅନେକ ପ୍ରାଣୀଙ୍କ ସଂଖ୍ୟା କମି କମି ବିଲୁପ୍ତପ୍ରାୟ। ସେଥିମଧ୍ୟରେ ଶାଗୁଣା ଅନ୍ୟତମ। ଉତ୍ତର ପ୍ରଦେଶର କାନ୍‌ପୁର ଅଞ୍ଚଳରୁ ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ହିମାଳୟର ବରଫ ଚୋଟିରେ ଶାଗୁଣା ଦେଖିବାକୁ ମିଳିଛି। କାନପୁରର କର୍ନଲଗଞ୍ଜ ଅଞ୍ଚଳର ଏକ ଶ୍ମଶାନରୁ ଏହି ଶାଗୁଣାକୁ ସ୍ଥାନୀୟ ଲୋକେ ରବିବାର ଧରିଛନ୍ତି। ଶାଗୁଣାଟି ସପ୍ତାହେ ହେବ ଶ୍ମଶାନରେ ବୁଲୁଥିବା ନଜରକୁ ଆସିଥିଲା। ଶାଗୁଣା ଡେଣାର ଲମ୍ବ ୬ ଫୁଟ ହୋଇଥିବାବେଳେ ତାକୁ ୫ ଜଣ ମିଶି ଧରିଥିଲେ। ଏବେ ସେହି ଶାଗୁଣାକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ବିଭାଗ ତାକୁ କ୍ୱାରାଣ୍ଟାଇନ୍‌ରେ ରଖିଛି। ଏପରି ଦୁର୍ଲଭ ଶାଗୁଣା ଏହି ଅଞ୍ଚଳକୁ କିପରି ଆସିଲା ତା' ଉପରେ ବନ ବିଭାଗ ନଜର ରଖିଛି। ରିପୋର୍ଟ ଅନୁସାରେ, ଏହି ହିମାଳୟାନ୍ ଶାଗୁଣା ପାହାଡ଼ ଅଞ୍ଚଳରେ ଦେଖିବାକୁ ମିଳିଥାନ୍ତି, ଯାହା ୧୨୦୦ରୁ ୫୫୦୦ ମିଟର ଉଚ୍ଚରେ ଅବସ୍ଥିତ। ଏପରି ଶାଗୁଣା ବିଶେଷକରି ପାକିସ୍ତାନ, ଉଜ୍‌ବେକିସ୍ତାନ, ତାଜାକସ୍ତାନ, ନେପାଳ, ଭୁଟାନ ଏବଂ ତିବ୍ବତରେ ଦେଖାଯାଆନ୍ତି। ସୂଚନା ଯେ, ୧୯୯୦ଠାରୁ ଏମାନଙ୍କ ସଂଖ୍ୟା ୯୯ ପ୍ରତିଶତ ହ୍ରାସ ପାଇଛି।

## ଶଙ୍ଖ ଫୁଙ୍କିବାକୁ ନେଇ ଟ୍ରୋଲ୍

ମୁମ୍ବାଇ




ବଲିଉଡ୍ ଅଭିନେତ୍ରୀ ସନ୍ନି ଲିଓନି ତାଙ୍କ ବୋଲ୍ଡ ଲୁକ୍ ପାଇଁ ସେ ବେଶ୍ ଜଣାଶୁଣା। ତାଙ୍କର ଏକ ଝଲକ ପାଇଁ ଫ୍ୟାନ୍ସମାନେ ଦିୱାନା ହୋଇଥାନ୍ତି। ଅଧିକାଂଶ ସମୟ ସେ ସୋସିଆଲ ମିଡିଆରେ ସକ୍ରିୟ ରୁହନ୍ତି। ସନ୍ନି ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ଶେୟାର କରି ଟ୍ରୋଲ୍ ହୋଇଛନ୍ତି। ଭିଡିଓରେ ସେ ଶଙ୍ଖ ଫୁଙ୍କୁଥିବାର ଦେଖିବାକୁ ମିଳିଛି। ଅନେକ ଚେଷ୍ଟା ପରେ ମଧ୍ୟ ସେ ଶଙ୍ଖ ଫୁଙ୍କିବାରେ ବିଫଳ ହେଉଛନ୍ତି। ଏଥିରେ ସେ ହସୁଥିବା ନଜରକୁ ଆସିଛନ୍ତି। ତାଙ୍କ ପଛରେ ଥିବା ଲୋକେ ମଧ୍ୟ ହସିବାକୁ ଲାଗୁଛନ୍ତି। ସନ୍ନି ଏପରି ଭିଡିଓ ଶେୟାର କରି କ୍ୟାପ୍ସନରେ ଲେଖିଛନ୍ତି, 'ମୁଁ ଯେପରି ଭାବିଥିଲି, ସେପରି ହେଲାନାହିଁ। ମୋତେ ଶିଖିବାକୁ ପଡ଼ିବ।' ଏହାକୁ ନେଇ ଅନେକ ୟୁଜର୍ସ ତିକ୍ତ ପ୍ରତିକ୍ରିୟା ରଖିଛନ୍ତି। ଜଣେ ୟୁଜର୍ସ ଲେଖିଛନ୍ତି, 'ଆମେ ଶଙ୍ଖକୁ ପୂଜା କରୁ। ତେଣୁ ଶ୍ରଦ୍ଧା ଓ ବିଶ୍ୱାସର ସହ ଏହାକୁ ବଜେଇବାକୁ ପଡ଼େ। ଏଥିରେ ହସିବା ଉଚିତ୍ ନୁହେଁ। ଏପରି କରିବା ଶଙ୍ଖ ପ୍ରତି ଅପମାନ।'

## ଭାବନା ପରିପ୍ରକାଶରେ ଭାଷା

**ବିଶ୍ୱ ହିନ୍ଦୀ ଦିବସ**

ସଭ୍ୟତାର ବିକାଶ ସହିତ ସମାଜରରେ ଭାଷା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଥିଲା। କାରଣ ଭାବନା ପରିପ୍ରକାଶ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଥିଲା। ଅଧିକ ସଂଖ୍ୟକ ଲୋକ ବୁଝି ପାରୁଥିବା ଭାଷା ଦ୍ୱାରା ଏବେ ସରକାର ବିଭିନ୍ନ ନୀତି ପ୍ରଣୟନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଯାହାଦ୍ୱାରା ଅଧିକ ଲୋକ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଅବଗତ ହୋଇପାରିବେ। ଭାରତରେ ରାଷ୍ଟ୍ରଭାଷା ଭାବେ ହିନ୍ଦୀକୁ ଗ୍ରହଣ କରାଯାଇଛି।

ହିନ୍ଦୀ ଭାଷା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୧୦ ଜାନୁୟାରୀରେ ବିଶ୍ୱ ହିନ୍ଦୀ ଦିବସ ପାଳନ କରାଯାଇଥାଏ। ଏହାର ଉଦ୍ଦେଶ୍ୟ ହେଉଛି ହିନ୍ଦୀକୁ ବିଶ୍ୱସ୍ତରରେ ପ୍ରୋତ୍ସାହିତ କରିବା ଏବଂ ଏହାକୁ ଏକ ଅନ୍ତର୍ଜାତୀୟ ଭାଷା ଭାବରେ ଉପସ୍ଥାପନ କରିବା ପାଇଁ ସଚେତନତା ସୃଷ୍ଟି କରିବା। ବିଶ୍ୱରେ ହିନ୍ଦୀର ବିକାଶ ଏବଂ ପ୍ରସାର ଲକ୍ଷ୍ୟରେ ବିଶ୍ୱ ହିନ୍ଦୀ ସମ୍ମିଳନୀ ଆରମ୍ଭ ହୋଇଥିଲା ଏବଂ ୧୯୭୫ ଜାନୁୟାରୀ ୧୦ରେ ନାଗପୁରରେ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ତେଣୁ ଏହି ଦିନଟିକୁ ସ୍ମରଣ କରି ପ୍ରତିବର୍ଷ ଜାନୁୟାରୀ ୧୦ରେ 'ବିଶ୍ୱ ହିନ୍ଦୀ ଦିବସ' ଭାବରେ ପାଳନ କରାଯାଇଥାଏ।

୧୪ ସେପ୍ଟେମ୍ବର ୧୯୪୯ରେ ଭାରତ ସରକାରଙ୍କ ପକ୍ଷରୁ ହିନ୍ଦୀକୁ ସରକାରୀ ଭାଷା ଭାବରେ ଘୋଷଣା କରାଯାଇଥିଲା। ୧୯୫୩ରେ ରାଷ୍ଟ୍ର ଭାଷା ପ୍ରସାର ସମିତିର ସୁପାରିସ କ୍ରମେ ଏହି ଦିନକୁ ହିନ୍ଦୀ ଦିବସ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ହେଲା। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୧୦ ଜାନୁୟାରୀ ୨୦୦୬ରେ ପ୍ରତିବର୍ଷ ବିଶ୍ୱ ହିନ୍ଦୀ ଦିବସ ପାଳନ କରିବାକୁ ଘୋଷଣା କରିଥିଲେ।

## ସଲ୍ଲୁଙ୍କୁ ନ ଭେଟିଲେ ବିବାହ କରିବେନି ଯୁବକ

**ଲକ୍ଷ୍ନୌ:** ଭାଇଜାନ୍ ଭାବେ ପରିଚିତ ବଲିଉଡ୍ ଅଭିନେତା ସଲ୍‌ମାନ୍ ଖାନ୍ ଦେଶ ବାହାରେ ବେଶ୍ ପ୍ରସିଦ୍ଧ। ତାଙ୍କର ଅନେକ ପ୍ରଶଂସକ ଜୀବନ ଦେବାକୁ ମଧ୍ୟ ପଛାନ୍ତି ନାହିଁ। ସେଥିମଧ୍ୟରୁ ଜଣେ ପ୍ରଶଂସକ ନିକଟରେ ଏକ ଅଜବ ଘୋଷଣା କରିଛନ୍ତି। ଉତ୍ତର ପ୍ରଦେଶର ମୋରଦାବାଦ୍‌ର ମହମ୍ମଦ ୟୁସୁଫ୍ ସଲମାନ୍‌ଙ୍କ ଜଣେ ଫ୍ୟାନ୍। ୟୁସୁଫ୍ ସଲ୍‌ମାନଙ୍କୁ ଥରେ ଭେଟି ତାଙ୍କୁ ଆଲିଙ୍ଗନ ନ କରିବା ପର୍ଯ୍ୟନ୍ତ ବିବାହ କରିବେନି ବୋଲି କହିଛନ୍ତି। ତେବେ ୟୁସୁଫ୍ ଗାଡ଼ି କିଣି ବିକ୍ରୟ କରିଥାନ୍ତି। ଦୀର୍ଘଦିନ ହେବ ସେ ସଲ୍‌ମାନଙ୍କୁ ଭେଟିବାକୁ ଚାହୁଁଛନ୍ତି। ତେବେ ଆସନ୍ତା ୨୧ରେ ମୁମ୍ବାଇ ଯାଇ ସଲ୍‌ମାନଙ୍କୁ ଭେଟିବା ଯୋଜନା ରଖିଛନ୍ତି। ତା'ପରେ ଯାଇ ସେ ବିବାହ କରିବେ। ସଲ୍‌ମାନଙ୍କ ସମସ୍ତ ଫିଲ୍ମକୁ ୟୁସୁଫ୍ କେବେ ଦେଖିବାକୁ ଭୁଲିନାହାନ୍ତି। ଏପରି କି ସେ ନିଜ ହାତରେ 'ଆଇ ଲଭ୍ ୟୁ ସଲ୍‌ମାନ୍' ବୋଲି ଲେଖିଛନ୍ତି।

## 'ବାପା ଜଲ୍‌ଦି ଫେରିଆସନ୍ତୁ'

ଥିରୁଭାନନ୍ତପୁରମ୍

**ଆଫଗାନିସ୍ତାନରେ ୨ ବର୍ଷ ହେଲା ଫସି ରହିଛନ୍ତି ଗବେଷକ**

'ଆମେ ତାଙ୍କୁ ବହୁତ ମନେପକାଉଛୁ। ଆମେ ଚାହୁଁଛୁ, ସେ ଆମମାନଙ୍କ ପାଖକୁ ଜଲ୍‌ଦି ଫେରିଆସନ୍ତୁ'। କିଛି ଏମିତି କହି ଆଫଗାନିସ୍ତାନରେ ଫସିଥିବା ବାପାଙ୍କୁ ଫେରାଇ ଆଣିବାକୁ ତାଙ୍କ କୁନି ଝିଅ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଆଫଗାନିସ୍ତାନର ଗୁଲାବମିର ରେହମାନି କେରଳ ୟୁନିଭର୍ସିଟିରେ ସୋସିଓଲୋଜି ବିଭାଗରେ ରିସର୍ଚ୍ଚ ଷ୍ଟାଫ୍ ଭାବେ କାର୍ଯ୍ୟ କରନ୍ତି । ଗବେଷଣା ସମ୍ବନ୍ଧୀୟ ତଥ୍ୟ ଯୋଗାଡ଼ ଏବଂ ଭିଜା ରିନୁଆଲ୍ କରିବା ସକାଶେ ଗୁଲାବମିର ୨୦୨୦ରେ ଆଫଗାନିସ୍ତାନ ଯାଇଥିଲେ। କିନ୍ତୁ ୨ ବର୍ଷରୁ ଅଧିକ ସମୟ ବିତି ଯାଇଥିବାବେଳେ ଭିଜା ନ ମିଳିବାରୁ ସେ କେରଳରେ ଥିବା ତାଙ୍କ ପରିବାର ନିକଟକୁ ଫେରିପାରୁ ନାହାନ୍ତି। ଭିଜା ନିୟମରେ ଭାରତ ପକ୍ଷରୁ କରାଯାଇଥିବା ବିଶେଷ ପ୍ରକାର ପରିବର୍ତ୍ତନ ପାଇଁ ଗୁଲାବମିରଙ୍କୁ ଭିଜା ମିଳିପାରୁ ନାହିଁ। ସେ ଇରାନ୍ ହୋଇ ଭାରତ ଆସିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଗୁଲାବମିର ସେଥିରେ ବିଫଳ ହୋଇଥିବା କହିଛନ୍ତି।

ଗୁଲାବମିରଙ୍କ ସ୍ତ୍ରୀ ଜାମଜମା କେରଳ ୟୁନିଭର୍ସିଟିରେ ପଦାର୍ଥ ବିଜ୍ଞାନରେ ପିଏଚ୍‌ଡି କରୁଥିବାବେଳେ ତିନି ପିଲାଙ୍କ ସହ ସେ କେରଳରେ ରହୁଛନ୍ତି। ଇଣ୍ଟରନେଟ୍‌ରେ ତ୍ରୁଟି କାରଣରୁ ଜାମଜମା ଓ ପିଲାମାନେ ଗୁଲାବମିରଙ୍କ ସହ କଥା ହେବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ରାଜ୍ୟ ସରକାର ଓ କେନ୍ଦ୍ରର ମିଳିତ ସହଯୋଗରେ ଗୁଲାବମିରଙ୍କୁ ଭିଜା ମିଳିପାରିବ ଏବଂ ସେ ପରିବାର ପାଖକୁ ଫେରିଆସିପାରିବେ ବୋଲି ଘର ଲୋକ ଆଶ ରଖିଛନ୍ତି। ପୂର୍ବରୁ ଏ ନେଇ ଜାମଜମା କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟାନଙ୍କୁ ଭେଟିଥିଲେ ସୁଦ୍ଧା ତାଙ୍କୁ କୌଣସି ପ୍ରକାର ସାହାଯ୍ୟ ମିଳି ନ ଥିବା ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୦ ଜାନୁୟାରୀ, ୨୦୨୩





ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ସୋମବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଅଭ୍ୟାସ ମ୍ୟାଚ।





ହକି ବିଶ୍ୱକପ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଜର୍ମାନୀ ଓ ଫ୍ରାନ୍ସ ଦଳର ଅଭ୍ୟାସ।

# ପୂର୍ବ ଅଭିଜ୍ଞତାରୁ ଫାଇଦା ଉଠାଇବ ଜାପାନ



ସୋମବାର ଭୁବନେଶ୍ୱରରେ ପହଞ୍ଚିଥିବା ଜାପାନ ଦଳ।

**ଭୁବନେଶ୍ୱର,୯।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ହକି ବିଶ୍ୱକପ ୨୦୨୩ ପାଇଁ ସୋମବାର ଓଡ଼ିଶାରେ ପହଞ୍ଚିଛି ଜାପାନ ହକି ଦଳ। ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଦଳ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଟୁର୍ନାମେଣ୍ଟରେ ଦଳ ନିଜର ଶତ ପ୍ରତିଶତ ଦେବ ବୋଲି କହିଛନ୍ତି ଜାପାନ ମୁଖ୍ୟ କୋଚ୍ ଆକିରା ଟାକାହାଶି। ଦଳ ଭାରତୀୟ ପରିବେଶରେ ପୂର୍ବରୁ ଖେଳିଛି। ଏହି ଅଭିଜ୍ଞତାରୁ ଦଳ ଫାଇଦା ଉଠାଇବାକୁ ଚେଷ୍ଟା କରିବ ବୋଲି କହିଛନ୍ତି କୋଚ୍। ଜାପାନ୍ ପୁଲ୍ ବିରେ ଡିଫେଣ୍ଡିଂ ଚାମ୍ପିୟନ୍ ବେଲଜିୟମ, ଜର୍ମାନୀ ଓ ଦକ୍ଷିଣ କୋରିଆ ସହିତ ସ୍ଥାନ ପାଇଛି। ଜର୍ମାନୀ ବିପକ୍ଷରୁ ଦଳ ଜାନୁୟାରୀ ୧୪ ତାରିଖରେ ଏହାର ଅଭିଯାନ ଆରମ୍ଭ କରିବ। ଆମ ଦଳରେ ଅନେକ ଭଲ ଖେଳାଳି ରହିଛନ୍ତି ଓ ଆମେ ବିଶ୍ୱର ଯେ କୌଣସି ଟପ୍ ଟିମ୍‌କୁ ଚ୍ୟାଲେଞ୍ଜ ଦେବାରେ ସମର୍ଥ ବୋଲି କହିଛନ୍ତି ଟାକାହାଶି। ଓଡ଼ିଶାର ଦର୍ଶକଙ୍କ ସମ୍ମୁଖରେ ଖେଳିବା ଆମକୁ ସର୍ବଦା ଖୁସି ଦେଇଥାଏ ବୋଲି ସେ କହିଛନ୍ତି। କଷ୍ଟସାଧ୍ୟ ଗ୍ରୁପରେ ସ୍ଥାନ ପାଇଥିଲେ ହେଁ ଆମେ ଅନ୍ୟ ଦଳକୁ କଡା ଚ୍ୟାଲେଞ୍ଜ ଦେବୁ ବୋଲି ସେ କହିଛନ୍ତି।

ଟୁର୍ନାମେଣ୍ଟ ପୂର୍ବରୁ ଦଳର ପ୍ରସ୍ତୁତି ଉଚ୍ଚକୋଟୀର ରହିଛି। ଡିଫେଣ୍ଡିଂ ଚାମ୍ପିୟନ ବେଲଜିୟମ ଓ ଜର୍ମାନୀ ପରି ଶକ୍ତିଶାଳୀ ଦଳ ବିପକ୍ଷରେ କଡା ଟକ୍କର ଦେବା ପାଇଁ ଖେଳାଳି ମାନେ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଖେଳାଳି ମାନଙ୍କ ନିଜ ଦକ୍ଷତା ଉପରେ ପୂର୍ଣ୍ଣ ଭରସା ରହିଛି ଏବଂ ଏହି ମ୍ୟାଚ ଗୁଡିକ ଜିତିବା ପାଇଁ ଦଳ ସମ୍ପୂର୍ଣ୍ଣ ପ୍ରୟାସ କରିବ। ଓଡ଼ିଶାରେ ହକି ବିଶ୍ୱକପ ଖେଳିବାକୁ ନେଇ ବେଶ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି ଦଳର ଅଧିନାୟକ ସେରେନ୍ ଟାନାକା। ବଡ ଟିମ୍ ଗୁଡିକୁ ଚ୍ୟାଲେଞ୍ଜ କରିବା ନେଇ ସମ୍ପୂର୍ଣ୍ଣ ଦଳ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଅନେକ ବୃହତ୍ତର ଲକ୍ଷ୍ୟ ସହିତ ଆମେ ଏହି ଟୁର୍ନାମେଣ୍ଟରେ ପ୍ରବେଶ କରିଛୁ। ଦଳଗତ ଭାବରେ ଆମେ ଶ୍ରେଷ୍ଠ ପ୍ରଦର୍ଶନର ପ୍ରୟାସ ସହିତ ଅଭିଜ୍ଞତା ହାସଲ କରିବୁ ବୋଲି ସେ କହିଛନ୍ତି।

## ଫ୍ରାନ୍ସ ଦଳର ଅଭ୍ୟାସ

ହକି ବିଶ୍ୱକପ ପାଇଁ ରବିବାର ଭୁବନେଶ୍ୱରରେ ପହଞ୍ଚିଥିବା ଫ୍ରାନ୍ସ ଦଳ ସୋମବାର କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରିଛି। ୨୦୧୮ ସଂସ୍କରଣରେ ନିଜ ପ୍ରଦର୍ଶନ ଜରିଆରେ କ୍ୱାର୍ଟର ଫାଇନାଲରେ ପହଞ୍ଚି ଏହି ଦଳ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଉକ୍ତ ମ୍ୟାଚରେ ଅଷ୍ଟ୍ରେଲିଆ ନିକଟରୁ ହାରିଥିବା ବେଳେ ଦଳ ଚଳିତ ବର୍ଷ ଅଷ୍ଟ୍ରେଲିଆ ବିପକ୍ଷରୁ ନିଜର ଅଭିଯାନ ଆରମ୍ଭ କରିବ। ପୁଲ୍ ଏରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା ଓ ଦକ୍ଷିଣ ଆଫ୍ରିକା ସହିତ ସ୍ଥାନ ପାଇଛି ଫ୍ରାନ୍ସ। ବର୍ତ୍ତମାନ ଦଳ ଟାଇଟଲ ଜିତିବା ଲକ୍ଷ୍ୟରେ ନାହିଁ ବୋଲି କୋଚ୍ ଫ୍ରେଡେରିକ୍ ସୋୟେଜ ପ୍ରକାଶ କରିଛନ୍ତି। ଦଳର ସମସ୍ତ ଫୋକସ୍ ପ୍ରଥମ ମ୍ୟାଚ ଉପରେ ରହିଛି। ଗତବର୍ଷ ତୁଳନାରେ ଭଲ ପ୍ରଦର୍ଶନ କରିବା ଆମର ଏକମାତ୍ର ଲକ୍ଷ୍ୟ ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ ଜୁନିୟର ବିଶ୍ୱକପର ହିରୋ ଟିମୋଥି କ୍ଲିମେଣ୍ଟଙ୍କ ଉପରେ ସଭିଙ୍କ ନଜର ରହିଛି। କ୍ଲିମେଣ୍ଟ ଦଳର ଷ୍ଟାର ଖେଳାଳି ମାତ୍ର ଦଳର ସମସ୍ତ ଖେଳାଳିଙ୍କ ପ୍ରଦର୍ଶନ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

**ହକି ବିଶ୍ୱକପ୍**




**ଆଉ ୩ ଦିନ**

ଦଳରେ ଏକାଧିକ ଦକ୍ଷ ଖେଳାଳି ଅଛନ୍ତି ଯେଉଁମାନେ ଓଡ଼ିଶାରେ ଶକ୍ତିଶାଳୀ ପ୍ରଦର୍ଶନ ପାଇଁ ବ୍ୟଗ୍ର। ଅଧିନାୟକ ଭିକ୍ଟର ଚାର୍ଲେଟ୍ କିନ୍ତୁ ଟ୍ରଫି ହାସଲ ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ଶକ୍ତି ଅନୁସାରେ ପ୍ରଦର୍ଶନ କରି ଇତିହାସ ସୃଷ୍ଟି କରିବା ତାଙ୍କ ଦଳର ଲକ୍ଷ୍ୟ ବୋଲି ସେ କହିଛନ୍ତି।

# ଭାରତର ସଫଳତା ନେଇ ଆଶାବାଦୀ ଅଭିଷେକ

**ଭୁବନେଶ୍ୱର,୯।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ବିଶ୍ୱକପରେ ଭାରତର ସଫଳତା ନେଇ ଆଶାବାଦୀ ଅଛନ୍ତି ଏହି ୨୩ ବର୍ଷୀୟ ଫରୱାର୍ଡ। ବିଶ୍ୱକପକୁ ନେଇ ଉତ୍ସାହିତ ରହିଥିବା ବେଳେ ସମାନ ସମୟରେ ସାମାନ୍ୟ ନର୍ଭସ ମଧ୍ୟ ରହିଛନ୍ତି। ଘରୋଇ ମାଟିରେ ବିଶ୍ୱକପ ଖେଳିବା ମୋ ପାଇଁ ସର୍ବଦା ସ୍ୱପ୍ନ ରହିଥିଲା। ଏକ ବୃହତ୍ତର ଦର୍ଶକଙ୍କ ଆଗରେ ଖେଳିବାର ଏହା ମୋର ପ୍ରଥମ ଅଭିଜ୍ଞତା। ଅଭିଷେକ ଭାରତୀୟ ଦଳ ପାଇଁ ୨୮ ଅନ୍ତର୍ଜାତୀୟ ମୁକାବିଲାରେ ୧୧ ଗୋଲ ସ୍କୋର କରିଛନ୍ତି। ବିଗତ ବର୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ପାଇଁ ପଦାର୍ପଣ କରିଥିଲେ ଫରୱାର୍ଡ ଖେଳାଳି ଅଭିଷେକ। ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ସୁଖଜିତ ସିଂଙ୍କ ସହିତ ଭାରତୀୟ ଫରୱାର୍ଡର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଥିବା ବେଳେ ଚଳିତ ବିଶ୍ୱକପରେ ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସାମିଲ ଅଛନ୍ତି। ହରିୟାଣାର ସୋନେପତରେ ୧୧ ବର୍ଷ ବୟସରେ ସାଙ୍ଗ ଦ୍ୱାରା ଅନୁପ୍ରାଣିତ ହୋଇ ଅଭିଷେକ ହକି ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ। ପରବର୍ତ୍ତୀ ସମୟରେ ସାଙ୍ଗ ହକି ଖେଳିବା ଛାଡି ଦେଇଥିଲେ ମଧ୍ୟ ଅଭିଷେକଙ୍କ ଖେଳ ପ୍ରତି ଥିବା ଭଲପାଇବା ତାଙ୍କୁ ଆଗକୁ ବଢିବାରେ ସାହାଯ୍ୟ କରିଥିଲା। ପିଲାଦିନେ ଅଭିଷେକ ଅତ୍ୟନ୍ତ ଦୁଷ୍ଟ ସ୍ୱଭାବର ଥିଲେ। ଥରେ ହକି କୋଚ ନଥିବା ବେଳେ ଜାମୁ କୋଳି ଗଛ ଉପରୁ ପଡି ନିଜ ହାତ ଭାଙ୍ଗି ଦେଇଥିଲେ। ଏହା ପରେ ପରିବାର ଲୋକଙ୍କ ପକ୍ଷରୁ ହକି ଛାଡିବା ପାଇଁ ଅଭିଷେକଙ୍କ ଉପରେ ରହିଥିଲା ପ୍ରବଳ ଚାପ। ତେବେ କୋଚ୍ ସମଶେରଙ୍କ ହସ୍ତକ୍ଷେପ ପରେ ପରିବାର ଲୋକ ହକି ଖେଳିବାକୁ ଅନୁମତି ଦେଇଥିଲେ ଯାହା ପରବର୍ତ୍ତୀ ସମୟରେ ପାଲଟିଥିଲା ଇତିହାସ। ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨ରେ ରୌପ୍ୟ ପଦକ ପ୍ରାପ୍ତ ଭାରତୀୟ ଦଳର ସଦସ୍ୟ ରହିଥିବା ଅଭିଷେକ ଚଳିତ ବିଶ୍ୱକପରେ ଭଲ ପ୍ରଦର୍ଶନ କରିବା ନେଇ ସମ୍‌ଶେର ଆଶାବାଦୀ ଅଛନ୍ତି। ସିନିୟର ଦଳରେ ସ୍ଥାନ ପାଇବା ପୂର୍ବରୁ ଅଭିଷେକ ୧୮ ବର୍ଷରୁ କମ୍ ଏସିଆନ୍ କପ ଦଳରେ ସାମିଲ ଥିଲେ। ୩ ବର୍ଷ ଧରି ଜାତୀୟ ଦଳରୁ ଦୂରେଇ ରହିଥିଲେ ମଧ୍ୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଟିମ୍ ପକ୍ଷରୁ ନେହେରୁ କପରେ ଭଲ ଖେଳିଥିଲେ।



ହକି ବିଶ୍ୱକପର ଉଦ୍‌ଘାଟନୀ ସମାରୋହ ପାଇଁ କଳାକାରଙ୍କ ଅଭ୍ୟାସ ଅବସରରେ ସୋମବାର ଆଲୋକରେ ଉଦ୍‌ଭାସିତ କଟକର ବାରବାଟୀ ଷ୍ଟାଡିୟମ। (ଫଟୋ: ରାଜକିଶୋର ମହାନ୍ତି)।

# ଆଜି ପ୍ରଥମ ଦିନିକିଆ: ଦଳକୁ ଫେରିଲେ କୋହଲି, ରୋହିତ

**ଗୁଆହାଟୀ,୯।୧(ପି.ଟି.)**

ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ଭାରତୀୟ ଦଳକୁ ଲାଗିଛି ବଡ଼ ଝଟକା। ମଙ୍ଗଳବାର ବର୍ଷାପଡ଼ା କ୍ରିକେଟ ଷ୍ଟାଡିୟମରେ ଉଭୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳିବେ। ଏହି ମ୍ୟାଚ୍ ପାଇଁ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ଭାରତୀୟ ଦଳକୁ ଫେରିଥିବା ବେଳେ ପୁଣି ଥରେ ପଡ଼ିଆରୁ ଦୂରେଇ ରହିବେ ପେସ୍ ବୋଲର ଯଶ୍‌ପ୍ରୀତ ବୁମ୍‌ରା। ପୂର୍ବରୁ ବୁମ୍‌ରାଙ୍କୁ ଦିନିକିଆ ଦଳ ପାଇଁ ଫିଟ୍ ଘୋଷଣା କରାଯାଇଥିବା ବେଳେ ସେ ସମ୍ପୂର୍ଣ୍ଣ ଫିଟ୍ ନ ଥିବା କାରଣରୁ ବାଦ୍ ପଡ଼ିଛନ୍ତି। ଏହାସହିତ ସେ ଜାନୁୟାରୀ ୧୮ରୁ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ସିରିଜ ପାଇଁ ଉପଲବ୍ଧ ହେବେ କି ନା ତାହା ସ୍ପଷ୍ଟ ହୋଇନାହିଁ। ଦିନିକିଆ ବିଶ୍ୱକପ୍ ଭାରତୀୟ ଦଳର ପ୍ରାଥମିକତା ରହିଥିବା ବେଳେ ରୋହିତ ଓ କୋହଲିଙ୍କ ବ୍ୟତୀତ ଶ୍ରେୟାସ ଆୟର ଓ ଲୋକେଶ ରାହୁଲଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ଦିନିକିଆ ବିଶ୍ୱକପ୍‌କୁ ୯ରୁ ୧୦ ମାସ ବାକି ରହିଥିବା ବେଳେ ଏହି ସମୟରେ ଭାରତ ଏସିଆ କପ୍‌କୁ ବାଦ୍ ଦେଇ ୧୫ଟି ଦିନିକିଆ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ଗୁଡ଼ିକ ମାଧ୍ୟମରେ ନିଜର ଶ୍ରେଷ୍ଠ ଏକାଦଶ ଚୟନ କରିବା ସହିତ ଖେଳାଳିଙ୍କ ଉପରେ କାର୍ଯ୍ୟଭାରକୁ ମଧ୍ୟ ଧ୍ୟାନରେ ରଖିବ ବିସିସିଆଇ। ରୋହିତ ଶର୍ମା ଓପନର ଭାବେ ଫେରିଥିବା ବେଳେ ଶୁବମନ ଗିଲ୍ ଏବଂ ଇଶାନ କିଶନଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ନିକଟରେ ବାଂଲାଦେଶ ସିରିଜରେ ଦ୍ୱିଶତକ ହାସଲ କରିଥିବା ଇଶାନ କିଶନଙ୍କୁ ସୁଯୋଗ ମିଳିବାର ସମ୍ଭାବନା ଅଧିକ। ୩ ନମ୍ବରରେ କୋହଲି ଖେଳିବା ନିଶ୍ଚିତ ଥିବା ବେଳେ ୪ର୍ଥ ଓ ୫ମ ସ୍ଥାନକୁ ନେଇ ଭାରତୀୟ ମ୍ୟାନେଜ୍‌ମେଣ୍ଟର ଚିନ୍ତା ବଢ଼ିଛି। ବିଗତ ୧୫ ଇନିଂସ୍‌ରେ ୫୫ ଆଭରେଜ୍ ସହିତ ୭୨୪ ରନ୍ କରିଥିବା ଶ୍ରେୟସ୍ ଆୟାର ଏବଂ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ସୁଯୋଗ ମିଳିଲେ ରାହୁଲ ଦଳରୁ ବାଦ୍ ପଡ଼ିପାରନ୍ତି। ଭାରତୀୟ ଦଳର ଉପଅଧିନାୟକ ହାର୍ଦ୍ଦିକ୍ ପାଣ୍ଡ୍ୟା ୬ ନମ୍ବର ସ୍ଥାନରେ ଖେଳିବେ। ସେହିପରି ଟି୨୦ ସିରିଜ୍‌ର ପ୍ଲେୟର ଅଫ୍ ଦ ସିରିଜ୍ ରହିଥିବା ଅକ୍ଷର ପଟେଲଙ୍କୁ ମଧ୍ୟ ଆଉ ଏକ ସୁଯୋଗ ମିଳିବ। ଦ୍ୱିତୀୟ ସ୍ପିନର ଭାବେ କୁଲ୍‌ଦୀପ ଯାଦବ ଏବଂ ୟୁଜ୍‌ବେନ୍ଦ୍ର ଚହଲଙ୍କ ମଧ୍ୟରୁ ଜଣେ ଖେଳିପାରନ୍ତି। ଅଭିଜ୍ଞ ପେସ୍ ବୋଲର ମହମ୍ମଦ ଶାମି ଦଳକୁ ଫେରିଥିବା ବେଳେ ସେ ପେସ୍ ବୋଲିଂର ନେତୃତ୍ୱ ନେବେ। ଅନ୍ୟ ଦୁଇ ସ୍ଥାନରେ ମହମ୍ମଦ ସିରାଜ, ଅର୍ଶଦୀପ ସିଂ ଓ ଉମ୍ରାନ୍ ମଲିକଙ୍କୁ ସୁଯୋଗ ମିଳିବ। ଅପରପକ୍ଷରେ ଶ୍ରୀଲଙ୍କା ଦଳ ଅଧିନାୟକ ଦାସୁନ ସନକାଙ୍କ ଉପରେ ଅଧିକ ନିର୍ଭର କରିବ। ଏହା ବ୍ୟତୀତ ଟପ୍ ଅର୍ଡର ବ୍ୟାଟର ପାଥୁମ ନିଶଙ୍କା ଓ ଚରିଥ ଅସଲଙ୍କାଙ୍କଠାରୁ ଏକ ଭଲ ଇନିଂସ୍ ଆଶା କରିବ। ଭାରତୀୟ ପିଚ୍‌କୁ ଦୃଷ୍ଟିରେ ରଖି ଦ୍ୱିତୀୟ ସ୍ପିନର ଭାବେ ଜେଫେରୀ ଭାଣ୍ଡରସେଙ୍କୁ ଦଳ ଖେଳାଇପାରେ।

**ମ୍ୟାଚ୍ : ବର୍ଷାପଡ଼ା ଷ୍ଟାଡିୟମ**
**ସମୟ : ଅପରାହ୍ଣ ୧.୩୦**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ**

# ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଲେ ବୁମ୍‌ରା

**ଗୁଆହାଟୀ,୯।୧(ପି.ଟି.)**

ଭାରତୀୟ ପେସ୍ ବୋଲର ଯଶ୍‌ପ୍ରୀତ ବୁମ୍‌ରା ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜରୁ ବାଦ୍ ପଡିଛନ୍ତି। ଲୋୟର ବ୍ୟାକ୍ ଷ୍ଟ୍ରେସ୍ ଫ୍ରାକ୍ଟରରୁ ବୁମ୍‌ରା ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିବା ବେଳେ ପ୍ରତିଷେଧକ ବ୍ୟବସ୍ଥାସ୍ୱରୂପ ତାଙ୍କୁ ଦିନିକିଆ ସିରିଜରୁ ବାଦ୍ ଦିଆଯାଇଛି। ପୂର୍ବରୁ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍ ପାଇଁ ବୁମ୍‌ରାଙ୍କ ନାମ ଘୋଷଣା କରାଯାଇଥିଲା। ଫେବୃୟାରୀରେ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର ଗାଭାସ୍କର ଟ୍ରଫି ଆରମ୍ଭ ହେବାକୁ ଥିବାରୁ ଏହା ପୂର୍ବରୁ ଭାରତୀୟ ମ୍ୟାନେଜ୍‌ମେଣ୍ଟ କୌଣସି ରିସ୍କ ନେଇନାହିଁ। ଏସିଆ କପ୍ ପୂର୍ବରୁ ବୁମ୍‌ରା ଆହତ ହୋଇଥିଲେ। ବିସିସିଆଇ ପକ୍ଷରୁ ତରବରିଆ ଭାବେ ବୁମ୍‌ରାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ ପାଇଁ ଦଳରେ ସାମିଲ କରାଯାଇଥଲା। ତେବେ ମାତ୍ର ଗୋଟିଏ ଟି୨୦ ମ୍ୟାଚ ଖେଳି ସେ ପୁନର୍ବାର ଆହତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍ ସହିତ ଦିନିକିଆ ବିଶ୍ୱକପ୍‌କୁ ମାତ୍ର ୯ ମାସ ସମୟ ରହିଥିବା ବେଳେ ବୁମ୍‌ରାଙ୍କୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଛି ସର୍ବଭାରତୀୟ ଚୟନ କମିଟି। ବୁମ୍‌ରାଙ୍କ ବଦଳ ଖେଳାଳି ଘୋଷଣା କରାଯାଇ ନ ଥିବା ବେଳେ ଜାନୁୟାରୀ ୧୮ରୁ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ସିରିଜ ପାଇଁ ସେ ଉପଲବ୍ଧ ହେବେ କି ନା ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ଏମ୍‌ଏସ୍‌କେ ପ୍ରସାଦଙ୍କ ନେତୃତ୍ୱାଧୀନ ଚୟନ କମିଟି ଆଘାତ ସମସ୍ୟାରୁ ଫେରିଥିବା ଖେଳାଳିଙ୍କ ପାଇଁ ୧-୨ ଘରୋଇ ମ୍ୟାଚ୍ ବାଧ୍ୟତାମୂଳକ କରିଥିଲା। ବୁମ୍‌ରା ମଧ୍ୟ ଫେରିବା ପାଇଁ କିଛି ଘରୋଇ ମ୍ୟାଚ୍ ଖେଳିପାରନ୍ତି। ଅନ୍ୟପକ୍ଷରେ ବର୍ଡର ଗାଭାସ୍କର ଟ୍ରଫିର ସମସ୍ତ ମ୍ୟାଚ୍ ଖେଳି ନ ପାରନ୍ତି ବୁମ୍‌ରା।

# ସୁପର ମମ୍‌ଙ୍କ ସ୍ୱପ୍ନ

**ପଢାଲେଖା, ନାଚଗୀତ, ଖେଳକୁଦ ସବୁଥିରେ ପିଲାଙ୍କୁ ନମ୍ବର ୱାନ୍ କରିବାକୁ ସ୍ୱପ୍ନ ଦେଖନ୍ତି ଆଜିର ସୁପର ମମ୍। ଯେଉଁଥିପାଇଁ ସମୟ ପୂର୍ବରୁ ସବୁ ସୁଯୋଗ ଦେବା ନାଁରେ ଅଜାଣତରେ ପିଲାଙ୍କ ଉପରେ ଲଦି ଦିଅନ୍ତି ବୋଝ। ଯାହାଫଳରେ ଅନେକ ସମୟରେ ଦିଅଁ ଗଢୁ ଗଢୁ ମାଙ୍କଡ ଭଳି ଦିଗହରା ହୋଇଯାଏ ସେମାନଙ୍କ ଭବିଷ୍ୟତ...**



ଖେଳ ହେଉ କି ନାଚ, ଗୀତ ଅବା ପାଠ ହେଉ ଅଭିଭାବକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ନିଜ ଆଉ ଅନ୍ୟ ପିଲାଙ୍କୁ ନେଇ। ତା' ପିଲା ପାଠରେ ଭଲ କଲା, ମୋ ପିଲା କାହିଁକି ନୁହେଁ। ତା' ପିଲା ଚିତ୍ରକଳାରେ ଅଗ୍ରଣୀ ମୋ ପିଲା କାହିଁକି ନୁହେଁ। ଯଦି କେଉଁଠି ପ୍ରତିଦ୍ୱନ୍ଦ୍ୱିତା ନାହିଁ ତେବେ ବି ପର୍‌ଫେକ୍ଟ ବା ଅଲରାଉଣ୍ଡର ହେବା ଦରକାର। ଅଭିଭାବକଙ୍କ ଏଭଳି ମାନସିକତା ପାଇଁ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି ପିଲାମାନେ। ସକାଳୁ ଟାଏକୋଣ୍ଡୋ କ୍ଲାସ୍‌ରୁ ଆରମ୍ଭ କରି ସ୍କୁଲ, ଟ୍ୟୁଶନ, ବ୍ୟାଡ୍‌ମିଣ୍ଟନ, ନାଚ, ଗୀତ, ବାଦ୍ୟ ଇତ୍ୟାଦି ପୁଣି ସବୁ ବିଷୟରେ ଅଲଗା ଟ୍ୟୁଶନ, ସ୍କୁଲ ହୋମ୍‌ୱର୍କ, ଟ୍ୟୁଶନ ଟାସ୍କ, ଅଲିମ୍ପିଆଡ୍ ଆଉ କମ୍ପିଟେଟିଭ, ଏସବୁ ଭିତରେ ପିଲାଟି ଭାରାକ୍ରାନ୍ତ ହୋଇପଡୁଛି।

**ଆବଶ୍ୟକତାରୁ ଅଧିକ:** ପୁଅର ପରୀକ୍ଷା ଅଛି ବୋଲି ଏବେ ଅପରେଶନ ହେବନାହିଁ କି କୁଆଡ଼େ କାହା ଘରକୁ ଯାଇ ହେବନାହିଁ। ଅନେକ ସମୟରେ ମା'ମାନେ ଏମିତି କୁହନ୍ତି। ଏମିତିକି ପିଲାଙ୍କ ପରୀକ୍ଷା ପାଇଁ ସେମାନଙ୍କୁ ଘରକାମ କରିବାକୁ ବି ସମୟ ହେଉନାହିଁ। କିନ୍ତୁ ଭିନ୍ନ କଥା ହେଉଛି, ପିଲାଙ୍କର ମାସିକ ପରୀକ୍ଷା ପାଇଁ ବି ଅନେକେ ଏପରି ଅତ୍ୟଧିକ ଚିନ୍ତାଶୀଳ ହୋଇପଡୁଛନ୍ତି। ଏମିତିକି ନମ୍ବର ୱାନ୍ କରାଇବା ପାଇଁ ଆଜିକାଲି ମା'ମାନେ ଅହେତୁକଭାବେ ଚିନ୍ତାଶୀଳ ହୋଇପଡୁଛନ୍ତି। ଏଥିପାଇଁ କେହି କେହି ପାଠ ବି ପଢୁଛନ୍ତି ତ କିଏ ନାଚ ଶିଖୁଛନ୍ତି। ଏହାର ଏକମାତ୍ର କାରଣ ହେଉଛି ସେମାନେ ଠିକ୍ ଭାବେ ପିଲାଙ୍କୁ ଗାଇଡ୍ କରିପାରିବେ।

**ସ୍କୁଲ ଯିବା ଆଗରୁ:** ଏପରି ମାଆ ଅଛନ୍ତି ଯେଉଁମାନେ ସ୍କୁଲ ଯିବା ଆଗରୁ ପିଲାଙ୍କୁ ପ୍ରସ୍ତୁତ କରୁଛନ୍ତି। ସେମାନେ କେମିତି ଭଲ ଇଂଲିଶ କି ହିନ୍ଦୀ ଭାଷା କହିବେ ଆଉ ନାଚଗୀତରେ ବି ସ୍ମାର୍ଟ ଲାଗିବେ, ସେଥିପାଇଁ ସେମାନଙ୍କୁ ଅଭ୍ୟାସ କରାଇବାରେ ଢେର୍ ସମୟ ଦେଉଛନ୍ତି। ଘଣ୍ଟା ଘଣ୍ଟା ୟୁଟ୍ୟୁବ୍ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଦେଖାଉଛନ୍ତି। ଫଳରେ ଚପଳାମି ବୟସରୁ ପିଲାଟି ଭାରାକ୍ରାନ୍ତ ହୋଇ ନିଜର ସୃଜନାତ୍ମକ ଶକ୍ତି ହରାଇ ବସୁଛି।

## ଏମାନେ କଣ କରନ୍ତି

**ବାଧହୋଇ ଟ୍ୟୁଶନ ଦେଉଛି:** ପ୍ରଚଳିତ ଶିକ୍ଷାବ୍ୟବସ୍ଥା ଦ୍ୱାରା ଯେ ଜଣେ ଠିକ୍ ଅର୍ଥରେ ଶିକ୍ଷିତ ହୋଇପାରିବ ସେ କଥାକୁ ମୁଁ ବିଶ୍ୱାସ କରେନାହିଁ। ପିଲାର ସ୍କୁଲ ଶିକ୍ଷାଠାରୁ ନେଇ ତା'ର ବୌଦ୍ଧିକ ଓ ଶାରୀରିକ ବିକାଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଆଜିର ପ୍ରତିଯୋଗିତାପୂର୍ଣ୍ଣ ପାଠ୍ୟକ୍ରମ ପାଇଁ ବାଧହୋଇ ବିଭିନ୍ନ ଟ୍ୟୁଶନ ଦେଉଛି। ନିରୁପାୟ ମା' ପାଖରେ ଓଧ ପଛରେ ଭୁଆଁ ବିଲେଇ ବାଇ ପରି ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ଶଗଡ଼ଗୁଳାର ଅବାଞ୍ଛିତ ଦୌଡ଼ର ମୂକସାକ୍ଷୀ ହେବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ।

*– ବବିତା ସାହୁ, ଅଭିଭାବକ, କଟକ*



ବବିତା

**ଶିକ୍ଷାବ୍ୟବସ୍ଥା ସେମିତି:** ଆଜିକାଲିକା ପାଠ ଯାହା ନିଜେ ସେତିକି ନ ପଢ଼ିଥିଲେ ପିଲାଙ୍କୁ ପଢ଼େଇ ହେବନାହିଁ। ଯଦି ସ୍କୁଲରେ ଭଲ ପଢ଼ା ହେଉଥାନ୍ତା ଆମେ ପୁଣି ଅଧିକ ପଇସା ଖର୍ଚ୍ଚ କରି ଟ୍ୟୁଶନ ଖୋଜନ୍ତୁ କାହିଁକି? ପିଲା ନିଜେ କହୁଛି ତା'ର କେଉଁ କେଉଁ ବିଷୟ ହେଉନାହିଁ। ଆମକୁ କ'ଣ ଭଲ ଲାଗୁଛି ନିଜ ଛୁଆ ସ୍କୁଲ ଟ୍ୟୁଶନ ହୋଇ ଆମ ପାଖରୁ ଦୂରେଇ ରହୁ! କିନ୍ତୁ ଆମେ ବାଧ ହେଉଛୁ।

*– ଲକ୍ଷ୍ମୀପ୍ରିୟା ମହାପାତ୍ର, ଅଭିଭାବକ, ବ୍ରାହ୍ମଣପଡ଼ା, ସାକ୍ଷିଗୋପାଳ*



ଲକ୍ଷ୍ମୀପ୍ରିୟା

**ସଚେତନ ହୁଅନ୍ତୁ:** ଆଜିର ସମୟ କେବଳ ପ୍ରତିଯୋଗିତାର ବେଳ। ଛାତ୍ରୀଛାତ୍ର ଅଧିକ ଜ୍ଞାନ ଆହରଣ ପାଇଁ ଟ୍ୟୁଶନ ହେଉଛନ୍ତି। ପିତାମାତା ତତୋଧିକ ଉତ୍ସୁକ। ଏଥିପାଇଁ ସ୍କୁଲରୁ ଫେରିବା ପରେ ପିଲାଙ୍କ ପାଖରେ ସମୟ ନଥାଏ। ତେଣୁ ସାମଗ୍ରିକ ଭାବେ ଅଭିଭାବକ ଓ ଶିକ୍ଷକ ସଚେତନ ହେବା ଉଚିତ୍।

*– ବନ୍ଦିତା ଦାଶ, ଅଭିଭାବକ, ରାଉରକେଲା*



ବନ୍ଦିତା



**ଉତ୍ସାହିତ କରନ୍ତୁ:** ପିଲାଙ୍କ ଲାଗି ଶୃଙ୍ଖଳା ଦରକାର, ତା'ମାନେ ନୁହେଁ ଯେ ତାଙ୍କୁ ଚାପଗ୍ରସ୍ତକରି କୌଣସି କାର୍ଯ୍ୟ ପାଇଁ ବାଧ କରିବା। ଏହାଦ୍ୱାରା ପିଲାଙ୍କ ଭିତରେ ଥିବା ସ୍ୱାଭାବିକତା ଏବଂ ସ୍ୱାଧୀନତା ବ୍ୟାହତ ହୁଏ। ପିଲାଟିଏ ଭଲ ମଣିଷ ହେବା ଲାଗି ତା'ର ଚାରିପାଖକୁ ଦେଖିବା ଲାଗି, ଜାଣିବା ଲାଗି ତାକୁ ଅଭିଭାବକ ଏବଂ ଶିକ୍ଷକ ପରିବେଶ ଯୋଗାଇଦେବା ଉଚିତ। ନିର୍ଘଣ୍ଟ ଅନୁଯାୟୀ ବିଭିନ୍ନ ଟ୍ୟୁଶନ ତା' ସାମଗ୍ରିକ ବିକାଶ ପାଇଁ କେବେ ହେଁ ସହାୟକ ହୁଏନାହିଁ। ଆମେ ସବୁବେଳେ ଚାହୁଁ ପିଲାଟି ସମ୍ବେଦନଶୀଳ ହେଉ। ତେଣୁ ତା' ଭିତରେ ମାନବୀୟ ମୂଲ୍ୟବୋଧ ତିଆରି କରିବା ପାଇଁ ତାକୁ ପରିବାର, ସମାଜର ଛୋଟ ବଡ଼ କାର୍ଯ୍ୟରେ ସାମିଲ କରାଯାଉ। ବରଂ ତା' ଭିତରେ ସେହି ସବୁ ପାଠ ପାଇଁ ଆଗ୍ରହ ତିଆରି କରାଯାଉ। ସେ ପାଠପଢ଼ା ହେଉ କି ନାଚ, ଗୀତ, ଚିତ୍ର ଅବା କ୍ରୀଡ଼ା ସବୁ କାମ ପାଇଁ ଉତ୍ସାହିତ କରାଯାଉ, କିନ୍ତୁ ବାଧ କରା ନ ଯାଉ।



*– ଶୁଭ୍ରା ନାୟକ, ପ୍ରାଧ୍ୟାପିକା, ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ, ଜଲ୍‌ଦା, ରାଉରକେଲା*

**ଆମେ ସବୁ ବଗିଚାର ମାଳି:** ବନ୍ଦ ପିଞ୍ଜରାରୁ ପକ୍ଷୀ ମୁକୁଳିଗଲା ପରେ ଆକାଶର ପରିସୀମା ବି ଛୋଟ ପଡ଼େ। ଠିକ୍ ସେମିତି ସୃଜନାତ୍ମକ ଶକ୍ତି ବଳରେ ପିଲାଟିଏ ବହୁତ କିଛି କରିପାରିବ। କିନ୍ତୁ ଛୋଟବେଳରୁ ପିଲାଙ୍କ ଉପରେ ସବୁ କରିବାର ବୋଝ ଲଦିଦେଲେ ସେ ଦିଗହରା ହୋଇଯାଏ ନଚେତ୍ ମାନସିକ ଚାପର ଶିକାର ହୁଏ। ଫଳରେ ବଡ଼ ହେବା ପରେ ପିଲାଟି କିଛି କରିବାର ସାମର୍ଥ୍ୟ ହରାଇଥାଏ। କିଛି ପିଲାଙ୍କ ଭିତରେ ସାମର୍ଥ୍ୟ ଅଭାବ ଯୋଗୁ ଚେଷ୍ଟା କରି ବି ସବୁ ଚ୍ୟାଲେଞ୍ଜକୁ ସାମ୍ନା କରିପାରନ୍ତି ନାହିଁ ଅବା ପ୍ରତ୍ୟେକ ଦିନ ଏମିତି ଟାଇଟ୍ ସିଡ୍ୟୁଲକୁ ସାମ୍ନା କରି କରି ଚିଡ଼ି ଚିଡ଼ା, ପ୍ରତିକ୍ରିୟାଶୀଳ ଓ ଗୁମ୍‌ସୁମ୍ ଆଉ ଛାନିଆ ବି ହୋଇଯାଆନ୍ତି। ଅନେକ ସମୟରେ ମାନସିକ ଚାପ ଶାରୀରିକ ଅସୁସ୍ଥତାର କାରଣ ବି ହୋଇଯାଏ। ତେଣୁ ସମସ୍ୟାର ସମାଧାନ ପାଇଁ ପିଲାର ଶକ୍ତି, ସାମର୍ଥ୍ୟ, ଆଗ୍ରହ, ଖୁସି ଓ ଆବଶ୍ୟକତାକୁ ଜାଣିବା ଦରକାର। ନିଜ ଇଚ୍ଛାକୁ ନ ଲଦି ତାକୁ ତା'ର ଲକ୍ଷ୍ୟ ନିଜେ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରନ୍ତୁ। କିଛି ସମୟ ପ୍ରକୃତି ଓ ପରିବାର ସହ ବିତେଇବା ନିହାତି ଦରକାର। ଘରର କାମ ବା ଛୋଟ ଛୋଟ ଦାୟିତ୍ୱରେ ପିଲାକୁ ସାମିଲ କରିବା ଦ୍ୱାରା ସେମାନଙ୍କର ଆତ୍ମବିଶ୍ୱାସ ଓ ଦକ୍ଷତା ବୃଦ୍ଧି ହେବ। ପିଲା କୌଣସି ସକାରାତ୍ମକ କାମ କରୁଥିଲେ ପ୍ରୋତ୍ସାହନ ଦିଅନ୍ତୁ। ବଗିଚାର ମାଳୀ ଭଳି ପିଲାର ଅଭିବୃଦ୍ଧିରେ ସାହାଯ୍ୟ କରିବା ଆମ କାମ, କିନ୍ତୁ ସମୟୋପଯୋଗୀ ହେବାପାଇଁ ତାକୁ ବୋନ୍‌ସାଇ କରି ଦେବା ଠିକ୍ ନୁହେଁ।



*–ଡ. ବିଜୟଲକ୍ଷ୍ମୀ ଦାଶ, ମନସ୍ତତ୍ତ୍ୱବିତ୍, ମାନସିକ ସ୍ୱାସ୍ଥ୍ୟ ବିଭାଗ, ଯାଜପୁର ସରକାରୀ ହସ୍ପିଟାଲ*





ଫ୍ୟାଶନ

# ଷ୍ଟାଇଲିଶ୍ ଗ୍ଲୋଭ୍ସ

**ଶୀତଦିନେ ଷ୍ଟାଇଲିଶ୍ ଓ ଟ୍ରେଣ୍ଡି ଦେଖାଯିବା ପାଇଁ ସେହି ଅନୁସାରେ ହିଁ ପୋଷାକ ପିନ୍ଧିବାକୁ ହୁଏ। ଏଥିପାଇଁ ଫ୍ୟାଶନ ଦୁନିଆରେ ଅପ୍‌ଡେଟ୍ ରହିବାକୁ ହେବ। ଶୀତରୁ ରକ୍ଷା ପାଇବା ପାଇଁ ଆପଣ ଯଦି ଗ୍ଲୋଭ୍ସ ପିନ୍ଧୁଥାନ୍ତି ତେବେ ଫ୍ୟାଶନ ଟ୍ରେଣ୍ଡ୍ସ ସମ୍ପର୍କରେ ଜାଣିରଖନ୍ତୁ...**

– ହାତକୁ ଅଧିକ ଆକର୍ଷଣୀୟ କରିବା ସହ ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ଫିଙ୍ଗରଲେସ୍ ଗ୍ଲୋଭ୍ସ ବ୍ୟବହାର କରନ୍ତୁ। ଏହି ଗ୍ଲୋଭ୍ସରେ ଆଙ୍ଗୁଳି ସବୁ ଖୋଲା ରହିବ କିନ୍ତୁ ହାତର ଅନ୍ୟ ସବୁ ଅଂଶ ଘୋଡ଼ାଇ ହୋଇ ରହିବ। ଏଭଳି ଗ୍ଲୋଭ୍ସ ପିନ୍ଧିଲେ ଶୀତରୁ ରକ୍ଷା ମିଳିବା ସହ ଗାଡ଼ି ଚଲାଇବା, ମୋବାଇଲ ଚଲାଇବା କିମ୍ବା ଲେଖାଲେଖି କରିବାରେ କୌଣସି ଅସୁବିଧା ହୋଇ ନ ଥାଏ।

– ଶୀତ ଅଧିକ ଥିଲେ ପ୍ରିଣ୍ଟେଡ୍ ଉଲେନ୍ ଗ୍ଲୋଭ୍ସ ପିନ୍ଧନ୍ତୁ। ଉଲ୍‌ରେ ତିଆରି ଗ୍ଲୋଭ୍ସ ହାତକୁ ପୂରା ଘୋଡ଼ାଇ ରଖିବା ସହ ସୁନ୍ଦର ଦେଖାଯିବ। ଏବେ ବଜାରରେ ବେଶ୍ ସୁନ୍ଦର ପ୍ରିଣ୍ଟେଡ୍ ଗ୍ଲୋଭ୍ସ ମିଳୁଛି। ତେଣୁ ନିଜ ପସନ୍ଦର ଯେକୌଣସି ରଙ୍ଗର ପୋଷାକକୁ ମ୍ୟାଚ୍ କଲାଭଳି ପିନ୍ଧିପାରିବେ।

– ଲେଦର ଗ୍ଲୋଭ୍ସ ମଧ୍ୟ ବେଶ୍ ଆକର୍ଷଣୀୟ ଦେଖାଯାଏ। ତେଣୁ ଏହାକୁ ମଧ୍ୟ ଆପଣ ପିନ୍ଧିପାରିବେ। ଷ୍ଟାଇଲିଶ୍ ଦେଖାଯିବା ପାଇଁ ଲେଦର ଗ୍ଲୋଭ୍ସ ଯେମିତି ଆକର୍ଷଣୀୟ ଲାଗିବ ସେମିତି ମଧ୍ୟ ଆରାମଦାୟକ।

– କୌଣସି ପାର୍ଟି କିମ୍ବା ବିଶେଷ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ ବିଭିନ୍ନ କାମ ହୋଇଥିବା ଗ୍ଲୋଭ୍ସ ପିନ୍ଧିପାରିବେ। ଷ୍ଟାଇଲିଶ୍ ଲୁକ୍ ଦେବା ପାଇଁ ଗ୍ଲୋଭ୍ସରେ ଏମ୍ବ୍ରୋଡୋରି କାମ କିମ୍ବା ଷ୍ଟୋନ୍ ଲଗାଯାଉଛି।



# ପୋଟଲି ମସାଜ୍ ଥେରାପି

**ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ପୋଟଲି ମସାଜ୍ ଥେରାପିର ଢେର୍ ଗୁରୁତ୍ୱ ଅଛି। ମାଂସପେଶୀ ଦରଜ କିମ୍ବା ଅନ୍ୟାନ୍ୟ ସମସ୍ୟା ପାଇଁ ଏହାର ଅନେକ ଫାଇଦା ରହିଛି...**

ପୋଟଲି ମସାଜ୍ ପାଇଁ ପ୍ରଥମେ ଏକ ସୂତା କପଡ଼ା ମଧ୍ୟରେ ଗରମ କରି କିଛି ଲୁଣ କିମ୍ବା ବାଲିକୁ ଭଲଭାବେ ଗୁଡ଼ାଇ ରଖାଯାଏ। ଏହାପରେ ତାକୁ ଶରୀରର ବିଭିନ୍ନ ଅଙ୍ଗ ଉପରେ ଧୀରେ ଧୀରେ ମସାଜ୍ କରାଯାଏ।

➤ଗୋଡ଼ ହାତ ମୋଡ଼ି ହୋଇଗଲେ କିମ୍ବା କୌଣସି ସ୍ଥାନରେ ପବନ ଅଟକିବା ଭଳି ଅନୁଭବ କଲେ ସେହି ସ୍ଥାନରେ ପୋଟଲି ମସାଜ୍ ବେଶ୍ ଫଳପ୍ରଦ ହୋଇଥାଏ।

➤ଆର୍ଥ୍ରାଇଟିସ୍, ସାଇଟିକା ଆଦି ଯୋଗୁ ଦରଜ ସମସ୍ୟା ହେଉଥିଲେ ଏହି ମସାଜ୍ ଦ୍ୱାରା ଅନେକାଂଶରେ ଆରାମ ମିଳିଥାଏ।

➤ବେକ, କାନ୍ଧ, ଅଣ୍ଟା ଆଦି ବିଭିନ୍ନ ସ୍ଥାନରେ ମାଂସପେଶୀ ଦରଜ ହେଉଥିଲେ ପୋଟଲି ମସାଜ୍ ଆରାମ ଅନୁଭବ କରାଇଥାଏ।

➤ଶରୀରର କୌଣସି ସ୍ଥାନରେ ଅତ୍ୟଧିକ ପାଣି ଜମା ହୋଇଥିଲେ ବି ପୋଟଲି ମସାଜ୍ କରିପାରିବେ।



ଖାଦ୍ୟରୁଚି

# ସୋୟା କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ:** ସୋୟାବିନ୍– ୫୦ ଗ୍ରାମ୍, ଆଳୁ– ୫୦ ଗ୍ରାମ୍ (ସିଝା), ଗରମ ମସଲା– ଅଧା ଚାମଚ, ଧନିଆପତ୍ର– ଅଳ୍ପ, ଗୋଲମରିଚ ଗୁଣ୍ଡ– ଅଳ୍ପ, ଗାଜର– ୨ ବଡ଼ ଚାମଚ (କଟା), ବ୍ରେଡ୍ ଗୁଣ୍ଡ– ଅଳ୍ପ, ବେସନ– ୨ ବଡ ଚାମଚ, ରସୁଣ– ୧ ଚାମଚ (କଟା), ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଓ ତେଲ।



**ପ୍ରଣାଳୀ:** ପ୍ରଥମେ ସୋୟାବିନ୍‌କୁ ଗରମପାଣିରେ କିଛି ସମୟ ଭିଜାଇ କାଢ଼ି ରଖନ୍ତୁ। ଆଳୁକୁ ସିଝାଇ ସେଥିରୁ ଚୋପା ବାହାର କରନ୍ତୁ। ଗାଜରକୁ ଛୋଟ ଛୋଟ କାଟି ରଖନ୍ତୁ। ଏକ ପାତ୍ରରେ ପ୍ରଥମେ ବେସନରେ ଲୁଣ ଓ ପାଣି ମିଶାଇ ଏକ ଗାଢ଼ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ସିଝା ଆଳୁ ସହ କଟା ଗାଜର ଓ ଅନ୍ୟ ସମସ୍ତ ମସଲାଗୁଣ୍ଡ, ଲୁଣ, ହଳଦୀ ଆଦି ପକାନ୍ତୁ। ସୋୟାବିନ୍‌କୁ ଛୋଟ ଛୋଟ କରି ଏଥିରେ ପକାଇ ଭଲଭାବେ ଚକଟି ନିଅନ୍ତୁ। ଏହି ମିଶ୍ରଣକୁ ହାତରେ ଛୋଟ ଛୋଟ ଗୋଲ କରି ରଖନ୍ତୁ। ଏହାପରେ ଛାଣିବା ପାଇଁ କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଭଲଭାବେ ଗରମ ହୋଇଗଲେ ପ୍ରସ୍ତୁତ ହୋଇଥିବା ମିଶ୍ରଣକୁ ପ୍ରଥମେ ବେସନ ଘୋଳରେ ବୁଡ଼ାଇ ତା'ପରେ ବ୍ରେଡ୍ ଗୁଣ୍ଡରେ ଗଡ଼ାଇ ଛାଣି ନିଅନ୍ତୁ। ଏବେ ଏହି କଟ୍‌ଲେଟ୍‌ଗୁଡ଼ିକୁ ଚଟଣି କିମ୍ବା ସସ୍ ସହ ଖାଆନ୍ତୁ।

ସୌନ୍ଦର୍ଯ୍ୟ



# କେଶ ପାଇଁ ଅଁଳା

**କେଶର ପ୍ରାୟ ସବୁ ସମସ୍ୟା ଦୂରକରିଥାଏ ଅଁଳା ଓ ଫିଟିକିରି। ଅଁଳାରେ ଭିଟାମିନ୍ ସି ଏବଂ ଫିଟିକିରିରେ କେଶକୁ ରଙ୍ଗ କରିବାର ଗୁଣ ରହିଛି। ତେଣୁ ଏହାର ବ୍ୟବହାର କରିବା ଫଳରେ କେଶ ମଜଭୁତ ହେବା ସହ ଘନ ଓ କଳା ହୋଇଥାଏ...**

❖କେଶକୁ ସୁନ୍ଦର ଓ ମଜଭୁତ କରିବା ପାଇଁ ଅଁଳା ଓ ଫିଟିକିରିର ଏକ ପ୍ୟାକ୍ ତିଆରି କରନ୍ତୁ। ଏଥିପାଇଁ ପ୍ରଥମେ କିଛି ଅଁଳା ଗୁଣ୍ଡ ସହ ଫିଟିକିରି ପାଣି ମିଶାଇ ପ୍ୟାକ୍ ତିଆରି କରନ୍ତୁ। ଅଁଳାଗୁଣ୍ଡ ବଦଳରେ କଞ୍ଚା ଅଁଳା ମଧ୍ୟ ବ୍ୟବହାର କରିପାରିବେ। ଏଥିପାଇଁ ଅଁଳାରୁ ମଞ୍ଜି ବାହାରକରି ଭଲଭାବେ ଗ୍ରାଇଣ୍ଡିଂ କରି ସେଥିରେ ଫିଟିକିରି ପାଣି ମିଶାନ୍ତୁ। ଏହି ମିଶ୍ରଣକୁ କେଶରେ ଲଗାଇ କିଛି ସମୟ ରଖିବା ପରେ ଧୋଇ ଦିଅନ୍ତୁ।

❖ଅଁଳା ଓ ଫିଟିକିରିର ଏହି ପେଷ୍ଟ ଧଳା କେଶ ସମସ୍ୟା ଦୂର କରିବା ପାଇଁ ଅତ୍ୟନ୍ତ ଫାଇଦା ଆଣିଥାଏ। ଫିଟିକିରି କେଶମୂଳର ରକ୍ତ ସଞ୍ଚାଳନକୁ ଅଧିକ କରିଥାଏ। ଅଁଳାରେ ଭିଟାମିନ୍ ସି ଓ ଜିଙ୍କ୍‌ର ଗୁଣ ଥିବାରୁ ଏହା କେଶକୁ ମଜଭୁତ କରିଥାଏ। ତେଣୁ କେଶ ଝଡ଼ିବା କମ୍ ହୋଇଥାଏ ଓ କେଶ ମଧ୍ୟ କଳା ହୋଇଥାଏ।

❖କେଶ ଝଡ଼ିବାର ସମସ୍ୟା ଥିଲେ ଏହି ହେୟାର ପ୍ୟାକ୍ ଲଗାନ୍ତୁ। ନିୟମିତ ବ୍ୟବଧାନରେ ଏହି ପ୍ୟାକ୍ ଲଗାଇଲେ ଧୀରେ ଧୀରେ କେଶ ଝଡ଼ିବା ସମସ୍ୟା ଦୂର ହେବା ସହ କେଶ ଅଧିକ ମଜଭୁତ ହେବ।

❖କେଶରେ ଯଦି ରୁପି ସମସ୍ୟା ଥାଏ ତେବେ ଅଁଳା ଓ ଫିଟିକିରିର ପେଷ୍ଟ ବହୁତ ଫଳପ୍ରଦ ହୋଇପାରିବ। ଫିଟିକିରିରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥିବାରୁ ରୁପି ସମସ୍ୟା ଦୂର ହୋଇଥାଏ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

DSPL-407

FIH ODISHA HOCKEY MEN'S WORLD CUP 2023
BHUBANESWAR - ROURKELA
13 - 29 JANUARY 2023




# ଉଲ୍ଲାସ...ଉତ୍ସାହ...ଉତ୍ସବ ର ମହାପର୍ବ

## ଓଲି ରାଇଜକୁ ଆସନ୍ତୁ
## ପୁରୁଷ ହକି ବିଶ୍ୱକପ୍ ର ମଜା ନିଅନ୍ତୁ

**କଳିଙ୍ଗ ଷ୍ଟାଡ଼ିୟମ୍, ଭୁବନେଶ୍ୱର**
୧୦-୨୯ ଜାନୁଆରୀ,୨୦୨୩
ଅପରାହ୍ଣ ୩ଟା ରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ

**ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ୍, ରାଉରକେଲା**
୧୩-୨୯ ଜାନୁଆରୀ,୨୦୨୩
ଅପରାହ୍ଣ ୩ଟା ରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ

ହକି ମ୍ୟାଚ୍ ଦିବସ: କେବଳ ଟିକେଟଧାରୀଙ୍କ ପାଇଁ | ଅନ୍ୟ ଦିବସ ମାନଙ୍କରେ: ସର୍ବସାଧାରଣ ପ୍ରବେଶ

**ପୁରୀ ବେଳାଭୂମି**
୧୩-୨୯ ଜାନୁଆରୀ,୨୦୨୩
ଅପରାହ୍ଣ ୩ଟା ରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ

ସର୍ବସାଧାରଣ ପ୍ରବେଶ

ସ୍ୱାଦିଷ୍ଟ ଖାଦ୍ୟ ମେଳା
ଭରପୂର ମନୋରଞ୍ଜନ
ଚିତ୍ତାକର୍ଷକ ଆଲୋକ ସଜ୍ଜା
ଏବଂ ଅନେକ ଅଭୁଲା ଅନୁଭୂତି!









ଶ୍ରୀ ନବୀନ ପଟ୍ଟନାୟକ
ମାନନୀୟ ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-29001/13/0045/2223

**ଅନ୍ୟ ଦିବସ ମାନଙ୍କରେ: ଭୁବନେଶ୍ୱର**
୧୦ | ୧୨ | ୧୫ | ୧୮ | ୨୦ | ୨୧ | ୨୬ | ୨୮ |
ଜାନୁଆରୀ,୨୦୨୩

**ଅନ୍ୟ ଦିବସ ମାନଙ୍କରେ: ରାଉରକେଲା**
୧୭ | ୧୯ | ୨୧ | ୨୫ | ୨୭ | ୨୯
ଜାନୁଆରୀ,୨୦୨୩